R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୭୯
ତିଥି : ନବମୀ
୨୪ ଡିସେମ୍ବର ୨୦୨୪, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 79
24 Dec 2024, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### କେନ୍ଦ୍ର ଶିକ୍ଷା ନୀତିରେ ପରିବର୍ତ୍ତନ

# ପଞ୍ଚମ, ଅଷ୍ଟମରେ ଏଣିକି ପାସ୍-ଫେଲ୍



ନୂଆଦିଲ୍ଲୀ, ୨୩।୧୨ : କେନ୍ଦ୍ର ସରକାର ଶିକ୍ଷା ନୀତିରେ ପରିବର୍ତ୍ତନ କରିଛନ୍ତି । ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ରହିଥିବା ଫେଲ୍ ନହେବା କଟକଣାକୁ ଉଠାଇ ଦେଇଛନ୍ତି । ଯେଉଁ ପିଲାମାନେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ପାସ୍ କରିପାରିବେ ନାହିଁ ସେମାନଙ୍କୁ ସ୍କୁଲ ପକ୍ଷରୁ ଫେଲ୍ ଘୋଷଣା କରାଯିବ । ତାଙ୍କୁ ପରବର୍ତ୍ତୀ ଶ୍ରେଣୀକୁ ଉନ୍ନିତ କରାଯିବନାହିଁ । ତେବେ ସେମାନଙ୍କୁ ଦୁଇମାସ ମଧ୍ୟରେ ପୁଣି ଏକ ପରୀକ୍ଷା ଦେବାକୁ ସୁଯୋଗ ମିଳିବ ।

କେନ୍ଦ୍ର ଗଣଶିକ୍ଷା ଓ ସ୍ୱାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର କହିଛନ୍ତି ଯେ କୌଣସି ଛାତ୍ରକୁ ଅଟକା ଯିବନି । ଯେଉଁ ପିଲାମାନେ ପାସ୍ କରିପାରିବେ ନାହିଁ ସେମାନଙ୍କ ଲାଗି ପୁନଃ ପରୀକ୍ଷା ଦୁଇ ମାସରେ କରାଯିବ । ଶିକ୍ଷକମାନେ ତାଙ୍କପାଇଁ ସ୍ୱତନ୍ତ୍ର କୋଚିଂ ବ୍ୟବସ୍ଥା କରିବେ । ପରୀକ୍ଷାରେ ଯେଭଳି ସେ ଉତୀର୍ଣ୍ଣ ହେବେ ସେଥିପାଇଁ ସେମାନେ ଚେଷ୍ଟା କରିବେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ପିଲାମାନଙ୍କ ମଧ୍ୟରେ ଶିକ୍ଷା ପାରଦର୍ଶିତା ବୃଦ୍ଧି କରିବା ପାଇଁ ଏହି ନିଷ୍ପତ୍ତି ହୋଇଛି । ଦେଶରେ ଥିବା କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ୩ ହଜାର ସ୍କୁଲ ଯଥା କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ଶୈନିକ ସ୍କୁଲରେ ଏହା ଲାଗୁ ହେବ ।

### ଫେଲ୍ ଛାତ୍ରଙ୍କୁ ୨ ମାସ ପରେ ପରୀକ୍ଷା ସୁଯୋଗ

୨୦୧୯ରେ ଶିକ୍ଷା ଅଧିକାର ଆଇନ୍‌ରେ ହୋଇଥିବା ସଂଶୋଧନକୁ ଏଥିରେ ସଂଶୋଧନ କରାଯାଇଛି । ସଂଶୋଧନ ଅନୁଯାୟୀ ୧୬ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ସ୍କୁଲଗୁଡ଼ିକରେ ଫେଲ ନହେବା କଟକଣାକୁ ହଟାଇ ଦିଆଯାଇଛି । ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏହି ନିୟମ ଲାଗୁ ହେବ । ଶିକ୍ଷା ବ୍ୟାପାର ରାଜ୍ୟ ସରକାରଙ୍କ ବିଭାଗ ହୋଇଥିବାରୁ ସେମାନେ ତାଙ୍କ ନୀତି ଅନୁଯାୟୀ ନିୟମ କରିପାରିବେ ।

# ଶ୍ୟାମ ବେନ୍‌ଗଲଙ୍କ ଦେହାନ୍ତ



ନୂଆଦିଲ୍ଲୀ, ୨୩।୧୨ : ପ୍ରତିଷ୍ଠିତ ଚଳଚ୍ଚିତ୍ର ନିର୍ମାତା ଶ୍ୟାମ ବେନ୍‌ଗଲଙ୍କର ମୁମ୍ବାଇରେ ପରଲୋକ ହୋଇଯାଇଛି । ସେ କିଡ୍‌ନୀ ସଂକ୍ରାନ୍ତୀୟ ରୋଗରେ ଦୀର୍ଘଦିନ ହେବ ଆକ୍ରାନ୍ତ ହୋଇଥିଲେ । ୯୦ ବର୍ଷୀୟ ଶ୍ୟାମ ବେନ୍‌ଗଲ ମୁମ୍ବାଇର ଏକ ହସ୍ପିଟାଲରେ ସନ୍ଧ୍ୟା ୬.୩୦ ସୁଦ୍ଧା ପ୍ରାଣତ୍ୟାଗ କରିଥିବା ଜଣାପଡିଛି ।

ଅଙ୍କୁର, ମଣ୍ଡି, ମନ୍ଥନ ଭଳି ଲୋକପ୍ରିୟ ଫିଲ୍ମ ସେ ନିର୍ମାଣ କରିଥିଲେ । ତାଙ୍କର ଅଧିକାଂଶ ଫିଲ୍ମ ୭୦ ରୁ ୮୦ ଦଶକର ମଧ୍ୟଭାଗରେ ନିର୍ମାଣ ହୋଇଥିଲା । ସମାନ୍ତରାଳ ଭାରତୀୟ ସିନେମା ଚଳାଇବା ଭାବରେ ସେ ଜଣାଶୁଣା । ଗତ ଡିସେମ୍ବର ୧୪ରେ ସେ ତାଙ୍କ ଜନ୍ମଦିନ ବନ୍ଧୁ ଓ ପରିବାରବର୍ଗଙ୍କ ସହ ପାଳନ କରିଥିଲେ । ୧୯୩୪ ମସିହା ଡିସେମ୍ବର ୧୪ରେ ସେ ହାଇଦ୍ରାବାଦରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପା ଶ୍ରୀଧର ବି ବିନ୍‌ଗଲ୍ କର୍ଣ୍ଣାଟକର (୯ ପୃଷ୍ଠାରେ)

# ଗୋଦାମରେ ଭୟାବହ ଅଗ୍ନିକାଣ୍ଡ



ଭୁବନେଶ୍ୱର, ୨୩।୧୨ (ସବ୍ୟୁ) : ସତ୍ୟନଗରସ୍ଥିତ ଏକ ଇଲୋକ୍ଟ୍ରୋନିକ୍ସ ଓ ଖାଦ୍ୟ ସାମଗ୍ରୀ ଗୋଦାମରେ ସୋମବାର ସନ୍ଧ୍ୟାରେ ନିଆଁ ଲାଗି ବହୁ ପରିମାଣର ଜିନିଷ ପୋଡି ପାଉଁଶ ହୋଇଯାଇଛି । ୬ଟି ଅଗ୍ନିଶମ ଗାଡି ସହ କମାଣ୍ଡୋମାନେ ଦୁଇଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରିବା ପରେ ମଧ୍ୟ ନିଆଁ ଆୟତ୍ତ ହେଉନାହିଁ । ନିଆଁ ଲିଭାରେ ଅଗ୍ନିଶମ ବାହିନୀ ରୋବଟ୍ ବ୍ୟବହାର କରିଛନ୍ତି ।

### ନିଆଁ ଲିଭାଉଛି ରୋବଟ୍

ଗୋଦାମରେ ନିତ୍ୟବ୍ୟବହାର୍ଯ୍ୟ କୋଟି କୋଟି ଟଙ୍କାର ସାମଗ୍ରୀ ଗଚ୍ଛିତ ଥିବାବେଳେ ନିଆଁ ଲାଗିଲା । ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇନଥିବା ବେଳେ ଅଗ୍ନିଶମ ବାହିନୀ ଖବର ପାଇ ଅତ୍ୟାଧୁନିକ ନିଆଁଲିଭା ଯନ୍ତ୍ରପଟା ଓ ୬ଟି ଗାଡି ସହ ଘଟଣାସ୍ଥଳରେ ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରଖିଛନ୍ତି । ନିଆଁ ହୁହୁ ହୋଇ ଜଳିବା ସହ ବହୁ ଧୂଆଁ ବାହାରି ପରିବେଶକୁ ଅନ୍ଧକାରମୟ କରିଦେଇଛି । ଗୋଦାମରେ ଥିବା କେତେକ ସାମଗ୍ରୀ ଠୋଠା ହୋଇ ଫୁଟିବା ଫଳରେ (୯ ପୃଷ୍ଠାରେ)

# ହାସିନାଙ୍କୁ ଫେରାଇବା ଲାଗି ଚିଠି ଲେଖିଲା ବାଂଲାଦେଶ



ନୂଆଦିଲ୍ଲୀ, ୨୩।୧୨ : ବାଂଲାଦେଶର ଅନ୍ତରୀଣ ସରକାର ଭାରତକୁ ଏକ କୂଟନୀତିକ ଚିଠି ଲେଖି ବାଂଲାଦେଶର ପୂର୍ବ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଢ଼ାକା ଫେରାଇ ଦେବାଲାଗି ଦାବି କରିଛି । ୭୭ ବର୍ଷୀୟ ଶେଖ୍ ହାସିନା ଅଗଷ୍ଟ ୫ରେ ବାଂଲାଦେଶରେ ହୋଇଥିବା ବ୍ୟାପକ ବିକ୍ଷୋଭ ଓ ପ୍ରତିବାଦକୁ ଦେଖି ଦେଶଛାଡି ଭାରତ ପଳାଇ ଆସିଥିଲେ । ୧୬ ବର୍ଷ ଧରି ସେ କ୍ଷମତାରେ ଥିଲେ । ଅଗଷ୍ଟ ୫ରୁ ସେ ଭାରତରେ ଆତ୍ମଗୋପନ କରିଛନ୍ତି । ତାଙ୍କ ପରେ ବାଂଲାଦେଶରେ ଗଠନ ହୋଇଥିବା ଅନ୍ତରୀଣ ସରକାର ଏବେ ଶେଖ୍ ହାସିନାଙ୍କୁ ଫେରାଇ ଦେବାଲାଗି ଭାରତ ଉପରେ କୂଟନୈତିକ ସ୍ତରରେ ଚାପ ପକାଉଛନ୍ତି ।

ଢ଼ାକା ସ୍ଥିତ ଅନ୍ତଃରାଷ୍ଟ୍ରୀୟ ଅପରାଧିକ (୯ ପୃଷ୍ଠାରେ)

## ୪ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଲେ, ଜଣେ ମୃତ

ବାଲେଶ୍ୱର, ୨୩।୧୨ (ସବ୍ୟୁ) : ଚୋରି ସନ୍ଦେହରେ ବାପପୁଅ ପାଲଟିଗଲେ ଜହ୍ଲାଦ । ଘଟାଇଲେ ତାଲବାନୀ ବର୍ବରତା ।ଗାଁର କିଛି ଯୁବକଙ୍କୁ ଉଠାଇ ଆଣି ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଲେ। ଏପରି ଅତ୍ୟାଚାର ଅସହ୍ୟ ହେବାରୁ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ୩ ଜଣ ଏବେ ମେଡିକାଲ ବେଡରେ ଜୀବନମରଣ ସହ ସଂଘର୍ଷ କରୁଛନ୍ତି । ଏପରି ଏକ ସାଂଘାତିକ ଘଟଣା ରବିବାର ଦିନ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସାର୍ଥା ଗ୍ରାମରେ ଘଟିଛି ।

ସୂଚନା ଅନୁସାରେ ସିଂଲା ଥାନା ଅଧୀନ ସାର୍ଥା ଗାଁ'ର ଅଜୟ ଦାସ ସାର୍ଥା ଛକରେ ଏକ ଲୁଗା ଦୋକାନ କରିଛନ୍ତି। ଶନିବାର ରାତି ତାଙ୍କ ଦୋକାନର ତାଲା ଭାଙ୍ଗି ଲୁଗା ଓ ଟଙ୍କା ଚୋରି ହୋଇଥିଲା। ଫଳରେ ରବିବାର ସକାଳେ ଅଜୟ ସଂଦେହରେ ତାଙ୍କ ପରିବାର ଲୋକ, ସଂପର୍କୀୟ ଓ କିଛି ଗାଁ ଲୋକଙ୍କ ସହ ଯାଇ ସାର୍ଥା ଗାଁ'ର ତ୍ରିଲୋଚନ ପ୍ରଧାନ (୩୨)ଙ୍କ ସହ ସତୀଶ ସିଂ (୩୫), ତପୁଆ ମହାନ୍ତି (୩୨) ଓ ତପନ ପ୍ରଧାନ (୧୯)ଙ୍କୁ ଧରି ଆଣି ଓଡ଼ିଶାଳ ଛକସ୍ଥିତ ଏକ ବିଦ୍ୟୁତ୍ ଖୁଣ୍ଟରେ (୯ ପୃଷ୍ଠାରେ)

## ଆଜିଠୁ ପୁଣି ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୩।୧୨ (ସବ୍ୟୁ) : ଅଦିନିଆ ବର୍ଷାକୁ ନେଇ ସତର୍କ କରିଛନ୍ତି ଆଇଏମଡି ଡ଼ିଜି । ଆସନ୍ତାକାଲି(ମଙ୍ଗଳବାର)ଠୁ ରାଜ୍ୟରେ ପୁଣି ବର୍ଷା ହେବ । ବଙ୍ଗୋପସାଗରରେ ଥିବା ଲଘୁଚାପ ସୃଷ୍ଟି ହୋଇଥିବା ଯୋଗୁଁ ବର୍ଷା ହେବ । ଆଗାମୀ ୩ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ କମିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ 'ଏକ୍ସ' ଉଲ୍ଲେଖ କରିଛନ୍ତି ଯେ ପଶ୍ଚିମକେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ତତସଂଲଗ୍ନ ସମୁଦ୍ର ମଧ୍ୟରେ ଦକ୍ଷିଣ ଆନ୍ଧ୍ର-ଉତ୍ତର ତାମିଲନାଡୁ ଉପକୂଳ ଅଞ୍ଚଳରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ୨୪ତାରିଖ ବେଳକୁ ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ତାମିଲନାଡୁ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୁଳ ପାଖାପାଖି ପହଞ୍ଚିବାର ସମ୍ଭାବନା ରହିଛି । ଏହାର ବାହ୍ୟ ବଳୟ ସହ ଜଡିତ ମେଘ ସମୂହ ପ୍ରଭାବରେ ଦକ୍ଷିଣଉପକୂଳ ଓଡିଶା ସମେତ ପାର୍ଶ୍ୱବର୍ତ୍ତୀ ଉତ୍ତରଉପକୂଳ ଓଡ଼ିଶାର କିଛି ଜିଲ୍ଲାରେ ବାଦଲ ଆଚ୍ଛାଦନରେ ବୃଦ୍ଧି ଘଟିଛି । (୯ ପୃଷ୍ଠାରେ)

# ଇସିଙ୍କୁ ନିର୍ବାଚନ ଅନିୟମିତତା ନେଇ ବିଜେଡିର ଫେରାଦ

ଭୁବନେଶ୍ୱର, ୨୩।୧୨ (ସବ୍ୟୁ) : ସାଧାରଣ ନିର୍ବାଚନ ସରିବାର ୬ ମାସ ପରେ ନିର୍ବାଚନ ଆୟୋଗ (ଇସି)କୁ ବିଜେଡ଼ି ଟିମ୍ ଭେଟିଛନ୍ତି । ଗତ ସାଧାରଣ ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ନୂଆଦିଲ୍ଲୀରେ ଭାରତୀୟ ନିର୍ବାଚନ କମିଶନଙ୍କୁ ଭେଟି ଏକ ସ୍ମାରକପତ୍ର ଦେବାପରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଅନିୟମିତତା ଅଭିଯୋଗ ସମ୍ପର୍କରେ ସୂଚନା ଦିଆଯାଇଛି ।

ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ କହିଛନ୍ତି ଯେ ଗତ ଲୋକସଭା ଓ ବିଧାନସଭା ନିର୍ବାଚନରେ କିଛି ଆସନରେ ଭୋଟ୍ ତାରତମ୍ୟ ଦେଖିବାକୁ ମିଳିଛି । ଇଭିଏମ୍‌ରେ ପଡ଼ିଥିବା ଭୋଟ୍ ଓ ଗଣତି ଭୋଟିଂରେ ତାରତମ୍ୟ ଦେଖାଦେଇଛି । ସନ୍ଧ୍ୟା ୫ଟା ଓ ରାତି ୧୧.୪୫ର ଭୋଟ୍ ଗଣତିରେ ମଧ୍ୟ ପାର୍ଥକ୍ୟ ଦେଖିବାକୁ ମିଳିଛି । ୨୦୦୦ ମସିହାରୁ ଏକାଠି ଭୋଟ୍ ହୋଇଥିଲେ ମଧ୍ୟ ଏଭଳି ତାରତମ୍ୟ ଦେଖିବାକୁ ମିଳିନଥିଲା । ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ତଥ୍ୟ ମାଗିଲେ ମିଳୁନାହିଁ । କେତେକ ନିର୍ବାଚନମଣ୍ଡଳୀରେ ୩୦%ରୁ ଅଧିକ ଭୋଟ୍‌ର ତାରତମ୍ୟ ଦେଖିବାକୁ ମିଳୁଛି । ଏହା ଏକ ବଡ ଧରଣର ଜାଲିଆତି ହୋଇଥିବା ସନ୍ଦେହ ସୃଷ୍ଟି କରୁଛି । କିଛି ବୁଥ୍‌ର ଏହି ଭୋଟ୍ ତାରତମ୍ୟକୁ ଉଦାହରଣ ଭାବେ ବିଜେଡି ଦର୍ଶାଇଛି । ଫର୍ମ ୧୭(ସି) ଓ ଫର୍ମ ୨୦ ମଧ୍ୟରେ ତାରତମ୍ୟ ରହୁଛି । ଏଥିରେ ୬୬୦ ଓ ୭୮୪ ଭୋଟ୍ ରହୁଛି । ଟିଟିଲାଗଡ, ଏକାମ୍ର, ସମ୍ବଲପୁର, ବାଲେଶ୍ୱରରେ ମଧ୍ୟ ତାରତମ୍ୟ ଦେଖିବାକୁ ମିଳିଛି । ମତଦାନ ହାରର ମଧ୍ୟ ତାରତମ୍ୟ ୧୫ରୁ ୩୦୫ ରହିଛି ବୋଲି ଏମାନେ ଅଭିଯୋଗ କରିଛନ୍ତି ।

### ଲୋକଲୋଚନରେ ରହିବା ପାଇଁ ବିଜେଡିର ବ୍ୟର୍ଥ ପ୍ରୟାସ : ବିଜେପି

ଭୁବନେଶ୍ୱର, ୨୩।୧୨ (ସବ୍ୟୁ) : ଭୋଟ ପରିଚାଳନା ଗୋଟିଏ ନୀତି ନିୟମ ଅନୁସାରେ ହୁଏ । ଏହାର ବିସ୍ତୃତ ବିବରଣୀ ପୁସ୍ତିକା ଅନୁସାରେ ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗ ଜାରି କରିଥାନ୍ତି । ବିଜେଡି ସମେତ ଅନ୍ୟାନ୍ୟ ରାଜନୈତିକ ଦଳଗୁଡିକ ମଧ୍ୟ ଏହି ପୁସ୍ତିକା ପାଇଛନ୍ତି । ଏହି ନିୟମ ବାହାରେ ଯଦି କିଛି ନିର୍ବାଚନ ପରିଚାଳନା ହୋଇଥାଏ ତାହାହେଲେ ଅନିୟମିତତା ହୋଇଛି ବୋଲି ଅଭିଯୋଗ ଆଣିପାରିବେ। ବିନା ତଥ୍ୟ ଆଧାରରେ ଅଭିଯୋଗ କରିବା ବିଜେଡିର ଚିରାଚରିତ ଅଭ୍ୟାସ ଏବଂ ଆଜି ମଧ୍ୟ ସେହିଭଳି ଅଭିଯୋଗ କରିଛି । ଏଭଳି ଅଭିଯୋଗ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ସାଂସଦ ବଳଭଦ୍ର ମାଝୀ କହିଛନ୍ତି ।

ଗତ ସାଧାରଣ ନିର୍ବାଚନରେ କୌଣସି ଅନିୟମିତତା ହେବାର ସ୍ପଷ୍ଟ ପ୍ରମାଣ ବିଜେଡି ପାଖରେ ନାହିଁ । ଭୋଟ ଦେବା ସମୟ ସଂଧ୍ୟା ୬ଘଟିକା ଯାଏ ଥିଲା ଏବଂ ସମ୍ବେଦନଶୀଳ ବୁଥମାନଙ୍କରେ ୫ଘଟିକା ପର୍ଯ୍ୟନ୍ତ ଥିଲା । ଏହି ସମୟସୀମା ବାହାରେ କୌଣସି ବୁଥରେ ଭୋଟ ହୋଇନାହିଁ, ଯାହାର ସାକ୍ଷୀ ଭାବେ ବିଜେଡିର ଏଜେଣ୍ଟମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ ବୋଲି ସାଂସଦ (୯ ପୃଷ୍ଠାରେ)



## ଇତିହାସ

୧୫୨୪– ୟୁରୋପରୁ ଭାରତ ଆସିବା ପାଇଁ ସମୁଦ୍ର ମାର୍ଗର ଠାବ କରିଥିବା ଭାସ୍କୋଡ଼ାଗାମାଙ୍କ କୋଚିରେ ଦେହାନ୍ତ ।

୧୮୯୪– କୋଲକାତାରେ ପ୍ରଥମ ମେଡ଼ିକାଲ୍ କନ୍‌ଫରେନ୍ସ ଆୟୋଜିତ ।

୧୯୮୬– ସର୍ବସାଧାରଣଙ୍କ ପାଇଁ ଲୋଟସ୍ ଟେମ୍ପଲ୍ ଖୋଲାଗଲା ।

୧୯୮୬– ଭାରତୀୟ ସଂସଦ ଭବନରେ ଉପଭୋକ୍ତା ସଂରକ୍ଷଣ ଅଧିନିୟମ ପାରିତ । ଏହାରି ସ୍ମୃତିରେ ପ୍ରତିବର୍ଷ ଆଜିର ଦିନକୁ ରାଷ୍ଟ୍ରୀୟ ଉପଭୋକ୍ତା ଦିବସ ରୂପେ ପାଳନ କରାଯାଇଥାଏ ।

୧୯୮୯– ଦେଶର ପ୍ରଥମ ଆମ୍ୟୁଜ୍‌ମେଣ୍ଟ ପାର୍କ ଏସେଲ୍ ୱାର୍ଲ୍ଡ ମୁମ୍ବାଇରେ ଖୋଲାଗଲା ।

୨୦୦୦– ବିଶ୍ୱନାଥନ୍ ଆନନ୍ଦଙ୍କୁ ବିଶ୍ୱ ଚେସ୍ ଚାମ୍ପିଅନ୍ ଟାଇଟଲ୍ ।

୨୦୦୨– ଦିଲ୍ଲୀ ମେଟ୍ରୋର ଶୁଭାରମ୍ଭ ।

୨୦୦୭– ମଙ୍ଗଳ ଗ୍ରହ ରହସ୍ୟର ସନ୍ଧାନ କରିବା ଲାଗି ୟୁରୋପୀୟ ମହାକାଶ ଏଜେନ୍ସିର ମାର୍ସ ନାମକ ଯାନ ମଙ୍ଗଳ କକ୍ଷରେ ୪ହଜାର ପରିକ୍ରମା ପୂରା କଲା ।

୨୦୧୪– ଅଟଳବିହାରୀ ବାଜପେୟୀ ଏବଂ ମଦନ ମୋହନ ମାଳବୀୟଙ୍କୁ ଭାରତରତ୍ନ ପ୍ରଦାନ କରିବା ଲାଗି ଘୋଷଣା ।

## ହାର୍ଟ ହେଲ୍‌ଥ

**ଶରୀରର ବିଭିନ୍ନ ଅଙ୍ଗ ଭିତରେ ହୃତପିଣ୍ଡ ଖୁବ ଗୁରୁତ୍ୱପୂର୍ଣ୍ଣ । ଏହାର ସ୍ୱାସ୍ଥ୍ୟ ପ୍ରତି ଆମକୁ ଅଧିକ ଯତ୍ନବାନ ହେବାକୁ ପଡିଥାଏ । ତେଣୁ ସବୁବେଳେ ଚେଷ୍ଟା କରନ୍ତୁ ହୃତପିଣ୍ଡ ସମ୍ବନ୍ଧିତ ସମସ୍ତ ତଥ୍ୟ ଜାଣିବାକୁ । ହୃତପିଣ୍ଡ ବା ହାର୍ଟ ଆମକୁ ଜୀବନ୍ତ ରଖିବାରେ ସବୁଠାରୁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ତେଣୁ ଏହାକୁ ସୁସ୍ଥ ରଖିବା ସବୁଠାରୁ ଜରୁରୀ । ତେବେ ହୃତପିଣ୍ଡ ସମ୍ବନ୍ଧିତ ଅନେକ ସ୍ୱାସ୍ଥ୍ୟ ସମସ୍ୟା ରହିଛି ଯାହା ବିଷୟରେ ଅନେକ ଲୋକ ଜାଣନ୍ତି ନାହିଁ । ଆସନ୍ତୁ ସେହିଭଳି କିଛି ସମସ୍ୟା ବିଷୟରେ ଜାଣିବା ।**





**କୋରୋନାରୀ ଆର୍ଟେରୀ ଡିଜିଜ୍ (ସିଏଡି)–** ସିଏଡି ହେଉଛି ସବୁଠାରୁ କମନ୍ ହାର୍ଟରୋଗ । ଏହି ସମସ୍ୟାରେ ଆପଣଙ୍କର କରୋନାରୀ ଆର୍ଟେରୀରେ ବ୍ଲକେଜ ଥିବାର ଭୟ ରହିଥାଏ । ଯାହା ଫଳରେ ଆପଣଙ୍କ ହୃତପିଣ୍ଡରେ ରକ୍ତ ଓ ଅମ୍ଳଜାନ ପହଞ୍ଚିବାରେ ସମସ୍ୟା ହୋଇପାରେ । ଏହି ସମସ୍ୟା ଅଧିକ ଦିନ ରହିଲେ ହୃଦଘାତର ରୂପ ନେଇପାରେ ।

**ହାର୍ଟ ଆର୍ଥ୍ରିମିଆସିସ୍–** ଏହି ସମସ୍ୟା ଥିଲେ ଆମ ହାର୍ଟ ବିଟ୍‌ରେ ସମସ୍ୟା ଦେଖିବାକୁ ମିଳିଥାଏ । ଏହାଦ୍ୱାରା ହାର୍ଟ ବିଟ୍ ଇର୍‌ରେଗୁଲାର ହୋଇଥାଏ । ଏହି ସମସ୍ୟା ଯାହାର ଥାଏ ସେମାନଙ୍କର ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହୁଏ, ହାର୍ଟ ବିଟ୍‌ର ସମୟ ଠିକ୍ ରହିନଥାଏ ।

**ହାର୍ଟ ଫେଲ୍ୟୁଅର–** ଏହା ହେଲେ ଆମ ହୃତପିଣ୍ଡ ଆଉ ରକ୍ତକୁ ଆମର ଅନ୍ୟ ଅଙ୍ଗ ଗୁଡିକରେ ପହଞ୍ଚାଇ ପାରି ନଥାଏ । ଯାହାଫଳରେ ଆମ ଶରୀରରେ ଥିବା ବିଭିନ୍ନ ଅଙ୍ଗକୁ ରକ୍ତ ପହଞ୍ଚିବା ବନ୍ଦ ହୋଇଯାଏ । ଏହାର କାରଣ ଅନେକ କିଛି ହୋଇପାରେ ।

**ହାର୍ଟ ଭାଲ୍ଭ ଡିଜିଜ୍–** ଆମ ହାର୍ଟରେ ଚାରୋଟି ଭାଲ୍ଭ ରହିଛି ଯାହା ହାର୍ଟର ରକ୍ତ ସଞ୍ଚାଳନକୁ ନିୟନ୍ତ୍ରଣ କରିଥାଏ । ଏହି ସମସ୍ୟା ହେଲେ ରକ୍ତ ସଞ୍ଚାଳନରେ ସମସ୍ୟା ଆସିପାରେ । ଏହାଦ୍ୱାରା ଆମର ବ୍ଲଡ ଫ୍ଲୋ ବ୍ଲକ୍ କିମ୍ବା ଲିକ୍ ହୋଇପାରେ, ଯାହା ଫଳରେ ରକ୍ତ ସଞ୍ଚାଳନ ବନ୍ଦ ହୋଇପାରେ ।

## ରହସ୍ୟମୟୀ ଝରଣା

ପୃଥିବୀ ଅନେକ ରହସ୍ୟରେ ଭରି ରହିଛି, ଯାହାକୁ ଉନ୍ମୋଚନ କରିବାକୁ ବୈଜ୍ଞାନିକମାନେ ଯଥା ସମ୍ଭବ ଚେଷ୍ଟା ଚଳାଇଛନ୍ତି । ତେବେ ଏଭଳି କିଛି ରହସ୍ୟ ରହିଛି ଯାହା ବିଷୟରେ ଏବେ ଯାଏଁ ବୈଜ୍ଞାନିକମାନେ ମଧ୍ୟ ଜାଣିପାରି ନାହାନ୍ତି । ସେହିଭଳି ଏକ ରହସ୍ୟ ରହିଛି ଫ୍ରାନ୍ସର ବୁରଗୁଣ୍ଡି ପ୍ରଦେଶରେ । ଏଠାରେ ଥିବା ଚୋନେର ସହରରେ ଏକ ସ୍ଥାନରେ ମାଟିରୁ ସର୍ବଦା ପାଣି ବାହାରୁଛି । ଏଠାରେ ପ୍ରତି ସେକେଣ୍ଡରେ ପାଖାପାଖି ୩୦୦ ଲିଟର ପାଣି ମାଟିରୁ ବାହାରୁଛି । ହଜାରେ ବର୍ଷ ହେବ ବାହାରୁଥିବା ଏହି ପାଣିର ରହସ୍ୟ ଆଜିଯାଏଁ ଜଣାପଡିନାହିଁ । ବୈଜ୍ଞାନିକମାନେ ଆଜି ପର୍ଯ୍ୟନ୍ତ ଏହାର ସ୍ରୋତ କେଉଁଠି ତାହା ଜାଣି ନାହାନ୍ତି । ଫ୍ରାନ୍ସର ଏହି ରହସ୍ୟମୟୀ ଝରଣାକୁ କେତେକ ଲୋକ ଚମତ୍କାର ବୋଲି ମାନିଥାଆନ୍ତି । ତେବେ ଅନେକ ବର୍ଷ ପୂର୍ବରୁ ଏଠାରେ ଲୋକମାନେ ସ୍ନାନ ମଧ୍ୟ କରୁଥିଲେ । ଝରଣାର ସ୍ରୋତ ଖୋଜିବାକୁ ପ୍ରଶାସନିକ ଅଧିକାରୀଙ୍କ ସହ ବୈଜ୍ଞାନିକମାନେ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି ।





## କୋକରୀ କବାବ୍

**ସାମଗ୍ରୀ–** ୨କପ୍ ବୋନ୍‌ଲେସ୍ ମଟନ, ଏକ ଚାମଚ ଅଦା ରସୁଣ ପେଷ୍ଟ, ଅଧା ଚାମଚ ମରିଚ ଗୁଣ୍ଡ, ଧନିଆ ପତ୍ର, ୩ଟି କଞ୍ଚାଲଙ୍କା, ୨ଚାମଚ କଞ୍ଚା ଅମୃତଭଣ୍ଡା (କଟା ହୋଇଥିବା), ୪ଟି ଲବଙ୍ଗ, ଗୋଟିଏ ଅଳେଇଚ, ଅଧା ଚାମଚ ଡାଲଚିନି ଗୁଣ୍ଡା, ଏକ ଚାମଚ ଜୀରା, ଗୋଟିଏ ଜାବିତ୍ରୀ, ଏଚ ଚାମଚ ଚାଟ ମସଲା, ଘିଅରେ ଭଜା ହୋଇଥିବା ପିଆଜ ଏକ କପ୍, ଗୋଟିଏ ଅଣ୍ଡା ।

**ପ୍ରଣାଳୀ–** ଘିଅ ଛଡା ସମସ୍ତ ସାମଗ୍ରୀକୁ ଏକାଠି ଗୋଳାଇ କିଛି ଘଣ୍ଟା ପାଇଁ ରଖି ନିଅନ୍ତୁ । ୩ରୁ ୪ ଘଣ୍ଟା ଏହାକୁ ରଖିବା ପରେ ଗ୍ରାଣ୍ଡରରେ ବାଟି ନିଅନ୍ତୁ । ଏହାପରେ ଏଥିରେ ଭଜା ଚଣାର ପାଉଡର ଅଣ୍ଡା ମିଶାଇ ଏକ ଘଣ୍ଟା ପାଇଁ ଫ୍ରିଜ୍‌ରେ ରଖିନିଅନ୍ତୁ । ଏହାପରେ ଏହାକୁ ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଗ୍ରୀଲ କରନ୍ତୁ । ଏହାକୁ ଘିଅ ଲଗାଇ ପୁଣି ଥରେ କିଛି ସମୟ ପାଇଁ ଗ୍ରୀଲ କରନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା କୋକରୀ କବାବ୍ । ଉପରେ ଚାଟ ମସଲା ପକାଇ ଚଟଣି ସହିତ ପରଷନ୍ତୁ ।

## ସୋସିଆଲ କୋଟ୍ସ



ଯଦି ଆମ ମ୍ୟୁଜିକ୍ ଡାଇରେକ୍ଟରମାନେ ବର୍ତ୍ତମାନ ପାଶ୍ଚାତ୍ୟ ମ୍ୟୁଜିକ୍ ଶୈଳୀ ଉପରେ କମ ଧ୍ୟାନଦେବେ ତେବେ ଭଲ ସଙ୍ଗୀତ ପ୍ରସ୍ତୁତ ହୋଇପାରିବ । ଆମ ପାଖରେ କଳାର ଅଭାବ ନାହିଁ ।

**ସୋନୁ ନିଗମ, ସିଙ୍ଗର**



ସମସ୍ତେ ଛୋଟଦିନୁ ବଲିଉଡ ସିନେମା ଦେଖିଦେଖି ବଡ ହୋଇଥାଆନ୍ତି । ମୁଁ ମଧ୍ୟ ସେହିଭଳି ସାହାରୁଖ ସାରଙ୍କ ଫିଲ୍ମ ଦେଖିଦେଖି ବଡ ହୋଇଛି । ତାଙ୍କୁ ଦେଖିଦେଖି ମୁଁ ଅଭିନୟ ଶିଖିଛି ।

**ବସିର୍ ଅଲ୍ଲୀ ବାଗ, ଅଭିନେତା**



ବର୍ତ୍ତମାନ ଆମ ଦେଶରେ ଆର୍ଗାନିକ୍, ହୋମ ମେଡ୍, ଫାର୍ମ ଗ୍ରୋନ୍, ଇଣ୍ଡିଆନ ଷ୍ଟାର୍ଟଅପ୍, ଅଥେଣ୍ଟିକ ଆଦି ବେଶି ଶୁଣିବାକୁ ମିଳୁଛି । ଯାହା ଇମ୍ପୋଟେଡ୍ ଠାରୁ ବେଶି ବିଶ୍ୱାସଯୋଗ୍ୟ ମଧ୍ୟ ଲାଗୁଛି ।

**କଙ୍ଗନା ରାଣାୱତ, ଅଭିନେତ୍ରୀ**

## ହାଃ...ହାଃ...



୧ . ଦୁଇସାଙ୍ଗ କଥା ହେଉଥିଲେ

ପ୍ରଥମ ସାଙ୍ଗ – ତୁ ଚୀନ୍‌ର ଭାଷା ପଢିପାରିବୁ ?

ଦ୍ୱିତୀୟ ସାଙ୍ଗ – ହଁ । ପଢିପାରିବି ।

ପ୍ରଥମ ସାଙ୍ଗ – କେମିତି ?

ଦ୍ୱିତୀୟ ସାଙ୍ଗ – ଯଦି ତାହା ଇଂରାଜୀ, ହିନ୍ଦୀ କିମ୍ବା ଓଡିଆରେ ଲେଖାହୋଇଥିବ ।




## ଫ୍ୟାନ କରିଛନ୍ତି ହଇରାଣ

ବରୁଣ ଧୱନ ନିକଟରେ ନିଜ ଫ୍ୟାନଙ୍କୁ ନେଇ ଏକ ଅନୁଭୂତି ବଖାଣିଛନ୍ତି, ଯାହା ତାଙ୍କର ଆଜି ବି ମନେ ଅଛି । ଏହା ଖୁବ ଖରାପ ଅନୁଭୂତି ଥିଲା, ଏକଦା ଜଣେ ଫ୍ୟାନ୍ ତାଙ୍କୁ ଘର ପର୍ଯ୍ୟନ୍ତ ପିଛା କରିଥିଲେ । ପରିସ୍ଥିତି ଏତେ ଖରାପ ଥିଲା କି ବରୁଣଙ୍କୁ ପୋଲିସକୁ ଡାକିବାକୁ ପଡିଥିଲା । ଯେଉଁ ଫ୍ୟାନ୍ ତାଙ୍କର ପିଛା କରିଥିଲେ ସେ ଜଣେ ପାୱାରଫୁଲ୍ ବ୍ୟକ୍ତିଙ୍କର ପତ୍ନୀ ଥିଲେ ବୋଲି ବରୁଣ ସୂଚନା ଦେଇଛନ୍ତି । କେବଳ ଏତିକି ନୁହେଁ ଜଣେ ଫ୍ୟାନ ତାଙ୍କୁ ଜୋରଜବରଦସ୍ତ କିସ୍ ମଧ୍ୟ କରିଥିଲେ । ତେବେ ବରୁଣ ନିଜ ସହିତ ଯେତେବେଳେ ଏଭଳି ଘଟଣା ଘଟିଥିଲା ସେତେବେଳେ ସମାଜର ମହିଳାଙ୍କ କଥା ଭାବିଥିଲେ । ଅନେକ ସମୟରେ ମହିଳାଙ୍କ ସହିତ ବିଭିନ୍ନ ନିନ୍ଦନୀୟ ଘଟଣା ଘଟୁଛି, ତାହା ସେମାନଙ୍କୁ ମାନସିକ ସ୍ତରରେ ଖୁବ କଷ୍ଟ ଦେଉଥିବ ବୋଲି ବରୁଣ ମତ ଦେଇଛନ୍ତି । ସମାଜରେ ଏଭଳି ଅପରାଧକୁ କମାଇବା ପାଇଁ ଲୋକଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଛନ୍ତି । ସେହିଭଳି ସେଲିବ୍ରିଟିମାନଙ୍କୁ ମଧ୍ୟ ଅନେକ ସମୟରେ ଫ୍ୟାନଙ୍କର ଏଭଳି ବ୍ୟବହାର ପାଇଁ ଅନେକ ସମସ୍ୟାରେ ପଡିଥାଆନ୍ତି । ଲୋକଙ୍କୁ ବୁଝିବାର ଅଛି ସମସ୍ତଙ୍କ ପାଇଁ ନିଜର ପ୍ରାଇଭେସି ବଡ ହୋଇଥାଏ । ସେଲିବ୍ରିଟି ହେଲେ ବି ସେମାନଙ୍କର ବ୍ୟକ୍ତିଗତ ସମୟର ଆବଶ୍ୟକତା ରହିଛି ।

## ବାଲ୍‌କୋନିକୁ ଦିଅନ୍ତୁ ନୂଆ ଲୁକ୍

**ଘରର ବାଲକୋନି ଘରସଜ୍ଜାରେ ଏକ ପ୍ରମୁଖ ଭୂମିକା ନିଭାଇଥାଏ । ଘରର ସାଜସଜ୍ଜା ଯେତେ ଉଚ୍ଚକୋଟିର ହେଲେ ମଧ୍ୟ ବାଲକୋନି ଯଦି ସଜାହୋଇନଥାଏ ତେବେ ଏହା ଅସୁନ୍ଦର ଦେଖାଯାଇଥାଏ । ତେବେ କିଛିଟା ଟ୍ରିକ୍ ଆପଣାଇ ବାଲକୋନିକୁ ଦିଅନ୍ତୁ ନୂଆ ଲୁକ୍ । ଯାହା ଆପଣଙ୍କ ଘରକୁ ଏକ ହଟକେ ଲୁକ୍ ଦେବ ।**



**ସଜାନ୍ତୁ ଭିନ୍ନ ଆଲୋକରେ–** କୌଣସି ପର୍ବ ଆସିଲେ ବାଲକୋନିରେ କେବଳ ଲିଟୁମାଳ ଲଗାନ୍ତୁ ନାହିଁ । ବାଲକୋନିରେ ବିଭିନ୍ନ ପ୍ରକାର ଗଛ ରଖି ଏଥିରେ ଏହି ଲିଟୁକୁ ଗୁଡାନ୍ତୁ । ଯାହା ବାଲକୋନିକୁ ଏକ ସ୍ୱତନ୍ତ୍ର ଲୁକ୍ ଦେଇଥାଏ । ସେହିଭଳି ବାଲକୋନିରେ ଟଙ୍ଗାଯାଇଥିବା ଗଛରେ ମଧ୍ୟ ଲାଇଟ୍ ଲଗାଇପାରିବେ । ତେବେ ସାବଧାନତା ସହିତ ଏହାକୁ କରନ୍ତୁ ।

**କରନ୍ତୁ ରଙ୍ଗର ବ୍ୟବହାର–** ସେହିଭଳି ବାଲକୋନିରେ ପକାଉଥିବା ଆସବାବ ପତ୍ରରେ ରଙ୍ଗର ଅଧିକ ବ୍ୟବହାର କରନ୍ତୁ । ଏଠାରେ ପଡିଥିବା ଆସବାବରେ ରଙ୍ଗବେରଙ୍ଗ କଭର କିମ୍ବା ଗଦି ପକାନ୍ତୁ । ଏହା ବାଲକୋନିକୁ ଏକ ନୂଆ ଲୁକ୍ ଦେଇଥାଏ । ଏହି ରଙ୍ଗ କାରଣରୁ ବାଲକୋନିରେ ବସିବାକୁ ମଧ୍ୟ ଭଲ ଲାଗିଥାଏ ।

**ପ୍ରାକୃତିକ ସାଜସଜ୍ଜା–** ସର୍ବଦା ଯେ ବାଲକୋନିକୁ କୃତ୍ରିମ ସାମଗ୍ରୀରେ ସଜାଇବେ ତାହା ନୁହେଁ । ଏଥିରେ ପ୍ରାକୃତିକ ସାମଗ୍ରୀ ମଧ୍ୟ ବ୍ୟବହାର କରିହେବ । ପ୍ରାକୃତିକ ସାମଗ୍ରୀରେ ଫୁଲ, ଗଛ, ଘାସର କାରପେଟ୍ ଆଦିକୁ ବ୍ୟବହାର କରିପାରିବେ । ଏପରି କରିବା ଦ୍ୱାରା ବାଲକୋନିରେ ଏକ ଶାନ୍ତ ପରିବେଶ ସୃଷ୍ଟି ହେବ ।

## ମାର୍ଜରାସନ



ଏହି ଆସନଟିକୁ କରିବା ପାଇଁ ସର୍ବପ୍ରଥମେ ଆଣ୍ଠୁ ସାହାଯ୍ୟରେ ବସି ହାତ ଦୁଇଟିକୁ ଫଟୋରେ ଥିବା ଭଳି ଆଗକୁ କରି ଭୂମି ଉପରେ ରଖନ୍ତୁ । ଏହାପରେ ଅଙ୍ଗୁଳିକୁ ଭୂମି ଉପରେ ରଖି ଶରୀରକୁ ଉପରକୁ ଉଠାଇବାକୁ ଚେଷ୍ଟା କରନ୍ତୁ ।

**ଉପକାର**

- ଶରୀରର ମୋବିଲିଟି ବଢ଼ାଇବ ।
- ବେକ ଓ ପିଠିକୁ ପ୍ରସାରିତ କରିବ ।
- ଅବସାଦ ଦୂର କରିବ ।
- ଶରୀରକୁ ଫ୍ଲେକ୍‌ଜିବଲ୍ କରିବ ।
- ପିଠି ଯନ୍ତ୍ରଣା ସହିତ ସାଇଟିକାକୁ ଦୂର କରିବ ।
- ଶରୀରର ବାଲାନ୍ସକୁ ସୁଦୃଢ଼ କରିବ ।
- ଋତୁସ୍ରାବଜନିତ କ୍ରାମ୍ପକୁ ଦୂରେଇବ ।



ନୂଆଦିଲ୍ଲୀଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଆଗାମୀ ପ୍ରବାସୀ ଭାରତୀୟ ଦିବସ ଏବଂ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଛନ୍ତି ।

## ଚଣ୍ଡୀ ମନ୍ଦିର ଉନ୍ନତିକରଣ ପ୍ରକଳ୍ପ ର ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

କଟକ, (ସବ୍ୟୁ): ଚଣ୍ଡୀ ମନ୍ଦିର ଉନ୍ନତୀକରଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି ପୂର୍ତ୍ତ ଓ ଆଇନ୍ ବିଭାଗ ମନ୍ତ୍ରୀ ପୃଥିରାଜ୍ ହରିଚନ୍ଦନ । ମନ୍ଦିରର କାର୍ଯ୍ୟ କେତେଦୂର ଆଗେଇଛି, କାର୍ଯ୍ୟରେ କେଉଁଠି ଅସୁବିଧା ଦେଖାଦେଉଛି କି , ଆସିଥିବା ଅନୁଦାନ ଠିକ୍ ବିନିଯୋଗ ହେଉଛି କି ନାହିଁ ସେ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ, କଟକ ସାଂସଦଙ୍କ ସମେତ ସମସ୍ତ ବିଧାୟକ ଓ ସଂପୃକ୍ତ ଅଧିକାରୀ ମଧ ଉପସ୍ଥିତ ଥିଲେ ।

### ପାରାଦୀପରେ ‘ପ୍ଲାଷ୍ଟିକ ବ୍ୟାଗ ଉତ୍ପାଦନ କାରଖାନା’ ଉଦ୍‌ଘାଟିତ

# ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନରେ ଓଡ଼ିଶା ହେବ ଆତ୍ମନିର୍ଭର : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ‘ପୂର୍ବୋଦୟ’ ମିଶନରେ ଓଡ଼ିଶାର ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସୋମବାର ପାରାଦୀପ ପ୍ଲାଷ୍ଟିକ ପାର୍କ ପରିସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ‘ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନ କାରଖାନା’ ଉଦଘାଟିତ ହୋଇଯାଇଛି । ଏହି ପଦକ୍ଷେପ ଦ୍ୱାରା ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭର ହେବ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପାରାଦୀପ ପ୍ଲାଷ୍ଟିକ ପାର୍କ ଧୀରେ ଧୀରେ ସମ୍ପ୍ରସାରିତ ହେଉଛି । ପାରାଦୀପ ଅଏଲ ରିଫାଇନାରୀରେ ଏକ ଆନ୍ସିଲାରୀ କ୍ଲଷ୍ଟର ତିଆରି କରିବାର ପୂର୍ବରୁ ମୂଳ ଉଦ୍ଦେଶ୍ୟ ରହିଥିଲା । ସେ ଦିଗରେ ପ୍ଲାଷ୍ଟିକ ପାର୍କରେ ପ୍ରାୟ ୧୬ଟି କାରଖାନା ଇଣ୍ଡକୋ ଓ ଇଣ୍ଡିଆନ ଅଏଲର ପ୍ଲାଷ୍ଟିକ ପାର୍କ କର୍ପୋରେସନରୁ ଜମି ନେଇଛନ୍ତି । ଏଥିମଧ୍ୟରୁ ୩ଟି କାରଖାନା କାର୍ଯ୍ୟକ୍ଷମ ହୋଇଛି । ତନ୍ମଧ୍ୟରୁ ଆଜି ଲୋକାର୍ପିତ ହୋଇଥିବା ଏହି ପ୍ଲାଷ୍ଟିକ ବ୍ୟାଗ ଉତ୍ପାଦନ କାରଖାନା ଏନରଗନ୍ ପଲିମାଟିକ୍ସ କମ୍ପାନୀ ଦ୍ୱାରା ସ୍ଥାପିତ ହୋଇଛି । ଏଠାରେ ପଲିପ୍ରପିଲିନ କାରଖାନାର କଞ୍ଚାମାଲକୁ ନେଇ ଏନରଗନ ପ୍ଲାଷ୍ଟିକ ବ୍ୟାଗ୍ ତିଆରି କରିବାର ଏକ ପ୍ରଡକ୍ଟ ଲାଇନ ତିଆରି କରିପାରିଥିବାରୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏହି ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ପ୍ଲାଷ୍ଟିକ ବ୍ୟାଗ୍ ଉତ୍ପାଦନରେ ଓଡ଼ିଶା ଅଧିକ ଆତ୍ମନିର୍ଭର ହେବ । ପାରାଦୀପ ପ୍ଲାଷ୍ଟିକ ପାର୍କରେ ପ୍ଲାଷ୍ଟିକ ବ୍ୟାଗ ଉତ୍ପାଦନ କାରଖାନାର ପ୍ରକ୍ରିୟାକରଣ କ୍ଷମତା ରହିଛି ମାସିକ ୫୦୦ ମେଟ୍ରିକ୍ ଟନ । ଏହି ସ୍ୱୟଂଚାଳିତ ପ୍ଲାଣ୍ଟରେ ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ବ୍ୟାଗ୍ ତିଆରି ହେବ । ଏହି ବ୍ୟାଗ ତିଆରି ପାଇଁ ସିମେଣ୍ଟ, ଫର୍ଟିଲାଇଜର ଏବଂ



ପେଟ୍ରୋକେମିକାଲ୍ସ ଶିଳ୍ପ ସହ ଆନୁସଙ୍ଗିକ ସୁବିଧା ରହିଛି । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ସବୁପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ । ଏହି ୟୁନିଟ୍ ଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଲୋକମାନେ ନିଯୁକ୍ତି ପାଇବା ସହ ସ୍ଥାନୀୟ ଓ ଓଡ଼ିଶାର ଅର୍ଥନୀତି ସୁଦୃଢ଼ ହେବ । ବର୍ତ୍ତମାନ ସମୟରେ ଆମ ଯୁବବର୍ଗଙ୍କୁ ଚାକିରି କରିବା ପାଇଁ ନୁହେଁ ବରଂ ଚାକିରି ଦେବା ପାଇଁ ପ୍ରୋତ୍ସାହିତ କରିବା ଦରକାର । ଓଡ଼ିଶାର ଅର୍ଥନୀତିକୁ ମଜଭୁତ କରିବା ପାଇଁ ହେଲେ ଆମ ପାଖରେ ଥିବା ସମ୍ଭାବନାକୁ ସ୍ଥାନୀୟ ଲୋକଙ୍କ ସହ ଯୋଡିବାକୁ ପଡିବ । ଏହି ସମାରୋହରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ ।

# ଗୋବିନ୍ଦପୁର ମହାବିଦ୍ୟାଳୟରେ ନାକ୍ ଟିମ୍‌ର ପରିଦର୍ଶନ

ଭୁବନେଶ୍ୱର (ସବ୍ୟୁ): ଗୋବିନ୍ଦପୁର ମହାବିଦ୍ୟାଳୟରେ ଏକ ଦୁଇଦିନିଆ ନ୍ୟାକ ପ୍ରଦର୍ଶନ ମଣ୍ଡଳୀର ମାନ୍ୟତା ଯାଞ୍ଚ ଓ ପ୍ରଦାନ ପ୍ରକ୍ରିୟା ୨୦ ଓ ୨୧ ତାରିଖରେ ସମାପ୍ତ ହୋଇଯାଇଛି । ଏହି ଦୁଇଦିନ ବ୍ୟାପୀ ଯାଞ୍ଚ ଓ ତନଖି କାର୍ଯ୍ୟର ମୂଲ୍ୟାୟନ କମିଟି ମୁଖ୍ୟ ଅଧକ୍ଷ ଭାବରେ କେ.ସବୁକେତନ, ମହାତ୍ମାଗାନ୍ଧି ବିଶ୍ୱବିଦ୍ୟାଳୟ କେରଳ, ସଦସ୍ୟ ସଂଯୋଜକ ଭାବେ ଡ. ନଙ୍ଗୋମୟୀଥେମ, ରାଜେନ୍ଦ୍ର ସିଂ କାର୍ଯ୍ୟରତ ପ୍ରାଧ୍ୟାପକ, ମିଜୋରାମ ବିଶ୍ୱବିଦ୍ୟାଳୟ ଏବଂ ଡ. ସୁବାଷ ଭଡଙ୍ଗେ ମୂଲ୍ୟାଙ୍କନ ଦଳର ସଦସ୍ୟ ଭାବରେ ମହାବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ । ସେମାନଙ୍କୁ ମହାବିଦ୍ୟାଳୟ ଅଧକ୍ଷ କୈଳାସ ଚନ୍ଦ୍ର ଦାସ, ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡ. ଗଗନ ବେଉରା, ଅନ୍ତର୍ନିହିତ ଗୁଣ ନିଶ୍ଚିତ କରଣ ସେଲ୍‌ର ସଂଯୋଜକ ସୁଭଙ୍କର ମହାନ୍ତି, ସହସଂଯୋଜକ ପ୍ରଦୀପ୍ତ କୁମାର ପଣ୍ଡାଙ୍କ ସହିତ ସମସ୍ତ ଅଧାପକ/ଅଧାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପରେ ସେମାନେ ନ୍ୟାକ୍ ମାନ୍ୟତା ପ୍ରଦାନ ନିମନ୍ତେ ପ୍ରତ୍ୟେକ ପରିକ୍ଷଣ କାର୍ଯ୍ୟ ଆରମ୍ଭ କରିଥିଲେ । ମହାବିଦ୍ୟାଳୟର ଭିତ୍ତିଭୂମି ଠାରୁ ଆରମ୍ଭ କରି ପ୍ରଶାସନିକ, ଆର୍ଥିକ ଅବସ୍ଥା, ପରିଚାଳନା ସହ ଶିକ୍ଷାର ମାନବୃଦ୍ଧି, ପାଠ୍ୟକ୍ରମ, ଶିକ୍ଷା ପ୍ରଣାଳୀର ଉନ୍ନତିକରଣ, କର୍ମନିଯୁକ୍ତିର ସମ୍ଭାବନା ସହ ସାମାଜିକ ଦାୟିତ୍ୱବୋଧର ପରିକ୍ଷଣ ଓ ପ୍ରତ୍ୟେକ ବାର୍ତ୍ତାଳପ କରି ସନ୍ତୋଷ ପ୍ରକାଶ କରିଥିଲେ । ଶେଷ ଦିନ ଏକ ପ୍ରସ୍ତାନ ସହ ମାଧ୍ୟମରେ କମିଟି ମହାବିଦ୍ୟାଳୟକୁ ମାନ୍ୟତା ପ୍ରଦାନ ସୁନିଶ୍ଚିତ କରି ସମୂହ ଜାତୀୟ ସଙ୍ଗୀତ ଗାନ ପରମ୍ପରାର ସୂଚନା ଦେଇଥିଲେ ଓ ଏହା ଗାନ କରାଯାଇଥିଲା ।

## ଆଲମଣ୍ଡ ସହ ଆଗାମୀ ଖ୍ରୀଷ୍ଟମାସକୁ କରନ୍ତୁ ଆହୁରି ସ୍ୱାସ୍ଥ୍ୟବାନ ଏବଂ ଆନନ୍ଦଭରା

ଭୁବନେଶ୍ୱର (ସବ୍ୟୁ): ଖ୍ରୀଷ୍ଟମାସ ସମୟରେ ସଭିଏଁ ନିଜ ପ୍ରିୟଜନମାନଙ୍କ ଗହଣରେ ବିଭିନ୍ନ ପ୍ରକାର ଉପହାର, କେକ, ମିଠା ଭଳି ଆହୁରି ଅନେକ ସୁସ୍ୱାଦୁ ବ୍ୟଞ୍ଜନ ସହିତ ଏହି ଉତ୍ସବକୁ ଖୁବ ଉତ୍ସାହର ସହ ପାଳନ କରନ୍ତି । ଯେବେକି ଏହି ଉତ୍ସବ ପାଳନ ମଧ୍ୟରେ ସେମାନେ ନିଜ ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତି ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ସେବନ କରନ୍ତି । ତେଣୁ ଚଳିତବର୍ଷ କାଲିଫର୍ଣ୍ଣିଆ ଆଲମଣ୍ଡର ଉତମତା ସହିତ ଖ୍ରୀଷ୍ଟମାସର ଭରପୂର ଆନନ୍ଦ ନିଅନ୍ତୁ । ଆଲମଣ୍ଡ ଏକ ବହୁମୁଖୀ ଉପାଦାନ ଅଟେ ଯାହା ଆପଣଙ୍କ ଏହି ପର୍ବର ବ୍ୟଞ୍ଜନଗୁଡ଼ିକୁ ଅଧିକ ସ୍ୱାଦିଷ୍ଟ ଏବଂ ଅଧିକ ପୋଷଣଯୁକ୍ତ କରିପାରିବ। ଏହି ଲୋକପ୍ରିୟ କାଲିଫର୍ଣ୍ଣିଆ ଆଲମଣ୍ଡ ହେଉଛି ୧୫ଟି ଅତିଆବଶ୍ୟକୀୟ ପୋଷକତତ୍ତ୍ୱରେ ଭରି ରହିଥିବା ଏକ ଶକ୍ତିଭଣ୍ଡାର ଯେଉଁଥିରେ ପ୍ରୋଟିନ, ସ୍ୱାସ୍ଥ୍ୟକର ଚର୍ବି, ଜିଙ୍କ, ମ୍ୟାଗନେସିୟମ ଏବଂ ଫସଫରସ ରହିଛି। କେକ୍‌ରୁ ନେଇ କୁକି ପର୍ଯ୍ୟନ୍ତ ଏହି ଆଲମଣ୍ଡ ସମସ୍ତ ପ୍ରକାର ଡ୍ରାୟଫୁଡ୍‌ର ରାଜା ଭାବରେ ପରିଚିତ କେବଳ ଖାଦ୍ୟରେ ସ୍ୱାଦ ନୁହେଁ ଏହା ଖାଦ୍ୟର ପୌଷ୍ଟିକତାର ମୂଲ୍ୟକୁ ଆହୁରି ଅଧିକ ପାର୍ବଣୀୟ ଉପଯୋଗୀ କରିଥାଏ। ବିଭିନ୍ନ ପ୍ରକାର ବୈଜ୍ଞାନିକ ପତ୍ରପତ୍ରିକାରେ ପ୍ରକାଶିତ ୨୦୦ରୁ ଅଧିକ ଅଧ୍ୟୟନରେ ଜଣାପଡ଼ିଛି ଯେ ଦୈନିକ ଏକ ମୁଠା ଆଲମଣ୍ଡର ସେବନ କରିବା ଦ୍ୱାରା ଏହା ରକ୍ତସର୍କରା, ନିମ୍ନ ଏଲଡ଼ିଏଲ କୋଲେଷ୍ଟରାଲ ତଥା ସ୍ୱାସ୍ଥ୍ୟକର ହୃଦୟକୁ ଅଧିକ ସହାୟତା କରିବାରେ ସାହାଯ୍ୟ କରିଥାଏ। ଏହା କ୍ଷୁଧା ନିୟନ୍ତ୍ରଣ ଏବଂ ଓଜନ ପରିଚାଳନାରେ ମଧ ସହାୟକ ହୋଇଥାଏ। ଅତିରିକ୍ତ ଭାବରେ ସଦ୍ୟ ପ୍ରକାଶିତ ଆଇସିଏମଆର – ଏନଆଇଏନ ଖାଦ୍ୟପେୟ ନିର୍ଦ୍ଦେଶାବଳୀ ଅନୁଯାୟୀ ଭାରତୀୟ ମାନଙ୍କୁ ଆଲମଣ୍ଡ ଗ୍ରହଣ ପାଇଁ ସୁପାରିଶ କରାଯାଇଛି ।

# ଘରେ ପଶି ନେଇଗଲେ ନଗଦ ୩୦ଲକ୍ଷର ସୁନା ଅଳଙ୍କାର

ଭୁବନେଶ୍ୱର, (ସବ୍ୟୁ) : ଲୁଟେରା ଘରେ ପଶି ୩୦ଲକ୍ଷର ସୁନା ଅଳଙ୍କାର ଓ ନଗଦ କିଛି ଟଙ୍କା ଲୁଟିନେଇଛନ୍ତି । ନୂଆପଲ୍ଲୀ ଥାନାରେ ଅଭିଯୋଗ ହେବା ପରେ ସନ୍ଧାନୀ କୁକୁର ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଦେଢଶହ ପୋଲିସଙ୍କୁ ନେଇ ଗଠନ ହୋଇଥିବା ଆଣ୍ଟି ବର୍ଗ୍ଲାରୀ ସ୍କ୍ୱାର୍ଡ କେଉଁଆଡେ କିପରି କାମ କରୁଛନ୍ତି ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ନୂଆପଲ୍ଲୀ ଥାନା ଅନ୍ତର୍ଗତ ପାଇକନଗରର ଗୋଟିଏ ଘରେ କେହି ନଥିବା ବେଳେ ଲୁଟେରାମାନେ କବାଟ କାଟି ଘରେ ପଶିଥିଲେ । ଘର ମାଲିକାଣୀ ସିରିଡ୍ ଯାଇଥିବା ବେଳେ ପରିବାରର ଅନ୍ୟ ସଦସ୍ୟମାନେ ଦୁବାଇ ବୁଲିବାକୁ ଯାଇଛନ୍ତି । ଘରେ ଏକୁଟିଆ ରହୁଥିବା ବୋହୂ ରାତିରେ ଡରମାଡେ ବୋଲି ସେ ଜଣେ ସମ୍ପର୍କୀୟଙ୍କ ଘରକୁ ଶୋଇବାକୁ ଯାଇଥାନ୍ତି । ଲୁଟେରାମାନେ ରେକି କରିବା ପରେ ସେହି ଘର ସଦସ୍ୟଙ୍କ ଗତିବିଧି ସମ୍ପର୍କରେ ଜାଣି ଅପରେସନ କରିଥିଲେ । ଘରୁ ୩୦ଲକ୍ଷର ସୁନା ଅଳଙ୍କାର, ନଗଦ କିଛି ଟଙ୍କା ନେଇଯାଇଥିବା ବେଳେ ଇମିଟେସନ ଗହଣା ଗୁଡିଏ ଛାଡି ଯାଇଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯେ, ସାଙ୍ଗରେ ବଣିଆ ଆଣିଥିଲେ ନା ସେମାନେ ବହୁତ ଇମିଟେସନ ଗ୍ରହଣାକୁ ଚିହ୍ନି ଛାଡିଯାଇଥିବା ଦେଖିବାକୁ ମିଳିଥିଲ । ଘରେ ପଶିବା ପରେ ଗଦରେଜ, ସୁଟ୍‌କେସ୍ ଓ ଅନ୍ୟାନ୍ୟ ସମସ୍ତ ଜିନିଷକୁ ଛିନ୍‌ଛତର କରି ଖୋଜଖବର କରିବା ପରେ ଗହଣା ଓ ଟଙ୍କା ଲୁଟିଛନ୍ତି । ଘର ଭିତର ପରିସ୍ଥିତି ଏକରିକି ହୋଇଛି ଯେ, ନଦେଖିଲେ ବର୍ଣ୍ଣନା କରିହେବନାହିଁ । ସୋମବାର ସକାଳେ ସମ୍ପର୍କୀୟଙ୍କ ଘରୁ ବୋହୂ ଆସି କବାଟ ପ୍ରଭୃତି ଖୋଲାଥିବା ଦେଖିବା ପରେ ସମ୍ପର୍କୀୟଙ୍କୁ ଜଣାଇଥିଲେ । ପରେ ଥାନାକୁ ଜଣାଇବାରୁ ପୋଲିସ ସନ୍ଧାନୀ କୁକୁର ସହ ପହଞ୍ଚି ପାରମ୍ପରିକ ଶୈଳୀରେ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଥିଲେ ମଧ ଲୁଟେରା ଗ୍ୟାଙ୍ଗ୍‌ର ସନ୍ଧାନ ମିଳିନାହିଁ।

### ନୂଆ ବଜାରରୁ ପ୍ରେସ୍ ଛକ ସଂଯୋଗ କରୁଥିବା ନୂଆ ରେଳ ଓଭର ବ୍ରିଜ ଉଦ୍‌ଘାଟିତ

# କଟକ ସହର ସମେତ ଜଗତସିଂହପୁର ଜିଲ୍ଲାବାସୀଙ୍କ ଟ୍ରାଫିକ୍ ସମସ୍ୟା ଦୂରହେବ



କଟକ, (ସ୍ୱ.ପ୍ର)(ସବ୍ୟୁ):କଟକ ଓ ଜଗତସିଂହପୁର ଜିଲ୍ଲାର ଯୋଗାଯୋଗକୁ ଅଧିକ ସୁଦୃଢ଼ କରିବା ସହ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ନିର୍ମିତ ନୂଆ ରେଲୱେ ଓଭର ବ୍ରିଜକୁ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିଛନ୍ତି । ୬୦ କୋଟି ୯୩ ଲକ୍ଷ ୬୫ ହଜାର ବ୍ୟୟରେ ନିର୍ମିତ ଏହି ସେତୁ କଟକ ସହର ଓ ଜଗତସିଂହପୁର ଜିଲ୍ଲା ମଧ୍ୟରେ ଯାତାୟତ ସମୟକୁ କମ୍ କରିବା ସହ ଟ୍ରାଫିକ୍ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ନୂଆବଜାର ଛକରୁ ପ୍ରେସ୍ ଛକକୁ ସଂଯୋଗ କରୁଥିବା ୫୧୧ମିଟର ଦୈର୍ଘ୍ୟବିଶିଷ୍ଟ ଏହି ସେତୁ ଦ୍ୱାରା ବିଭିନ୍ନ ଅଞ୍ଚଳରେ ଛାତ୍ରଛାତ୍ରୀ, କର୍ମଜୀବୀ, ରୋଗୀ, ବରିଷ୍ଠ ନାଗରିକଙ୍କ ଗମନାଗମନ ସୁଗମ କରିବା ସହ ବ୍ୟବସାୟିକ କାରବାରକୁ ସହଜ କରିବ । ଏହି ସେତୁ ଦ୍ୱାରା ଦୈନିକ ପ୍ରାୟ ୧ ଲକ୍ଷ ଲୋକ ଉପକୃତ ହେବେ । ସେତୁର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଉଚ୍ଚ ମାନର ଓ ଦୀର୍ଘସ୍ଥାୟୀ ଭିତ୍ତିଭୂମି ନିର୍ମାଣ ଜରିଆରେ ରାଜ୍ୟର ବିକାଶକୁ ଆଗେଇ ନେବାଲାଗି ରାଜ୍ୟ ସରକାର ସଂକଳ୍ପବଦ୍ଧ । ବର୍ତ୍ତମାନ ଓଡ଼ିଶା ସମଗ୍ର ଦେଶରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିବାବେଳେ ଏହିଭଳି ସୁଦୃଢ଼ ଯୋଗାଯୋଗ ବ୍ୟବସ୍ଥା ପ୍ରତ୍ୟେକ କୋଣର ଲୋକଙ୍କୁ ପରସ୍ପର ସହ ଯୋଡ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଉଦ୍‌ଘାଟନ ଉତ୍ସବରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ–ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ବାରବାଟି ବିଧାୟିକା ସୋଫିୟା ଫିରଦୋସ୍, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ବାହୁସାହେବ ସିନ୍ଦେ, ଚୌଦ୍ୱାର – କଟକ ବିଜେପି ନେତା ନୟନ ମହାନ୍ତି, ଅଭିନେତା ଶ୍ରୀତମ୍ ଦାସ, କର୍ପୋରେଟର ଅରବିନ୍ଦ ଜେନା, ସନ୍ତୋଷ ଭୋଳ, ରାକେଶ ସ୍ୱାଇଁ, ପୂର୍ତ୍ତ ବିଭାଗ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଜ୍ୟୋତି ରଞ୍ଜନ ପତିଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପ୍ରଚାର ସମିତି ପକ୍ଷରୁ ଆଲୋଚନାଚକ୍ର

ଭୁବନେଶ୍ୱର, (ସବ୍ୟୁ) : ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ପକ୍ଷରୁ ହେବାକୁ ଥିବା ଅଯୋଧ୍ୟା ଶ୍ରୀଜଗନ୍ନାଥ ପଞ୍ଚରାତ୍ର କାର୍ଯ୍ୟକ୍ରମ ଓ ସପ୍ତମ ବାର୍ଷିକୀ ପାଳନ ନିମନ୍ତେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ରାଧା ବଲ୍ଲଭ ମଠ ପୁରୀ, କାର୍ଯ୍ୟକାରୀ ଅଧକ୍ଷ ପୂଜ୍ୟ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ମାର୍ଗଦର୍ଶନରେ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ସଭା ଫେବୃଆରୀ ୮ ଆରସିଏମ କଲେଜ, ଚନ୍ଦ୍ରଶେଖରପୁରରେ କରିବା ପାଇଁ ସ୍ଥିର ହୋଇଛି । ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସମ୍ପାଦକ ନିରଞ୍ଜନ ଦାଶ, ସଙ୍ଗଠନ ସମ୍ପାଦକ ଡ.ନାରାୟଣ ମହାପାତ୍ର, ଉପଦେଷ୍ଟା ଛତିଶା ନିଯୋଗର ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ସଭାପତି ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ ମହାରାଜ ଆଲୋଚନାରେ ଭାଗ ନେଇଥିଲେ ।




ଓଡ଼ିଶା ସରକାର

ଜାତୀୟ ଉପଭୋକ୍ତା ଦିବସ-୨୦୨୪ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଆମ ରାଜ୍ୟରେ ଡିସେମ୍ବର ୨୪ ତାରିଖ ଦିନ ଜାତୀୟ ଉପଭୋକ୍ତା ଦିବସ–୨୦୨୪ ପାଳନ କରାଯାଉଛି । ଉପଭୋକ୍ତାମାନଙ୍କୁ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ କରି ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାରୀକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ର ପ୍ରବର୍ତ୍ତନ କରାଯାଇଅଛି । ଉପଭୋକ୍ତାମାନଙ୍କୁ ସଚେତନ କରିବା ନିମନ୍ତେ ସରକାରଙ୍କ ତରଫରୁ ନିଜସ୍ୱ ମାଧ୍ୟମ, ସ୍ୱେଚ୍ଛାସେବୀ ସଂଗଠନ ତଥା ଖାଉଟି କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ସହାୟତାରେ ରାଜ୍ୟ ଓ ଜିଲ୍ଲାସ୍ତରରେ ଉପଭୋକ୍ତାଙ୍କ ଅଧିକାର ଓ କର୍ତ୍ତବ୍ୟ ଉପରେ କର୍ମଶାଳା ଓ ଆଲୋଚନାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଅଛି । ସେହିପରି ଉପଭୋକ୍ତାଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ଜିଲ୍ଲା ଉପଭୋକ୍ତା ପରାମର୍ଶ କେନ୍ଦ୍ରଗୁଡ଼ିକୁ ଲୋକାଭିମୁଖୀ କରାଇବା ପାଇଁ ମଧ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି ।

ଚଳିତ ବର୍ଷ ଜାତୀୟ ଉପଭୋକ୍ତା ଦିବସ–୨୦୨୪ର ବିଷୟବସ୍ତୁ ହେଉଛି ଉପଭୋକ୍ତା ନ୍ୟାୟ ପାଇଁ ଭର୍ଚୁଆଲ ଶୁଣାଣି ଏବଂ ଡିଜିଟାଲ ଅଧିଗମନ (Virtual Hearing & Digital Access to Consumer Justice) ।

ଏହି ଦିବସର ଯଥାର୍ଥ ପ୍ରତିପାଳନ ଉପଭୋକ୍ତାମାନଙ୍କୁ ସଚେତନ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାର୍ଥକୁ ସୁରକ୍ଷିତ କରିବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ । ଖାଉଟି ସୁରକ୍ଷା ଆନ୍ଦୋଳନକୁ ଅଧିକ ସକ୍ରୟ କରିବା ପାଇଁ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି ।

**ବନ୍ଦେ ଉତ୍କଳ ଜନନୀ ।**

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 07001/13/0015/2425 DSPL-272


### ଓଡ଼ିଶା ସୌରଶକ୍ତି ନିବେଶକ ସମ୍ମିଳନୀ

# ୨୦୩୦ ସୁଦ୍ଧା ୭.୫ ଗିଗାୱାଟ ଶକ୍ତି ଉତ୍ପାଦନ ଲକ୍ଷ୍ୟ

ଭୁବନେଶ୍ୱର(ସବ୍ୟୁ): ଗ୍ରିଡକୋ ଏବଂ ଆଇଫରେଷ୍ଟର ମିଳିତ ଆନୁକୂଲ୍ୟରେ ସୋମବାର ଓଡ଼ିଶା ସୌରଶକ୍ତି ନିବେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ୨୦୩୦ ସୁଦ୍ଧା ୭.୫ ଗିଗା ୱାଟ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ହାସଲ




ନିମନ୍ତେ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଇଛି । ଏହା ରାଜ୍ୟର ୧୦.୯୫ ଗିଗା ୱାଟ ଭଳି ବୃହତ ଲକ୍ଷ୍ୟ ପୂରଣରେ ସହାୟକ ହେବ । ଏହି ନିବେଶକ ସମ୍ମିଳନୀରେ ୧୫୦ରୁ ଉର୍ଦ୍ଧ୍ୱ ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରୁ ଉପଭୋକ୍ତା, ୧୦୦ରୁ ଅଧିକ ସୌରଶକ୍ତି ଉତ୍ପାଦନକାରୀ ସଂସ୍ଥା ଓ ପ୍ରାୟ ୪୦୦ ଜଣ ଅଂଶଗ୍ରହଣ କରି ଓଡ଼ିଶାକୁ ସୌରଶକ୍ତିର ହବ୍‌ରେ ପରିଣତ କରିବା ପାଇଁ ସଙ୍କଳ୍ପବଦ୍ଧ ହୋଇଥିଲେ ।

ସମ୍ମିଳନୀରେ ମୁଖ୍ୟ ଅତିଥିରୂପେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଥିଲେ ଯେ, ଓଡ଼ିଶା ସରକାର ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଦୃଢ ପ୍ରତିଶ୍ରୁତିବଦ୍ଧ । ଅକ୍ଷୟ ଶକ୍ତିରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହେବ । ନିବେଶକଙ୍କ ପାଇଁ ଓଡ଼ିଶାର ଜଳବାୟୁ ମଧ ଅନୁକୂଳ ଏବଂ ଆବଶ୍ୟକୀୟ ସହାୟତା ମଧ ଆମେ ଯୋଗାଇଦେବା ପାଇଁ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀ ମଧ ୨୦୭୦ ସୁଦ୍ଧା ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ ଦିଗରେ ପ୍ରେରିତ କରିଛନ୍ତି ।

ମୋଟ ୨୯୩୮ ମେଗା ୱାଟର ଅକ୍ଷୟ ଶକ୍ତିରୁ ୨୧% କେବଳ ସୌର ଶକ୍ତିରୁ ରହିଛି । ଏଥିରେ ୫୦୮ ମେଗା ୱାଟ ଗ୍ରାଉଣ୍ଡ–ମାଉଣ୍ଟେଡ, ୫୮ ମେଗା ୱାଟ ରୁଫଟପ୍ ଏବଂ ୪୨ ମେଗା ୱାଟ କ୍ଷମତା ବିଶିଷ୍ଟ ଅଫ୍ ଗ୍ରୀଡ ସୌର ଶକ୍ତି ଅନ୍ତର୍ଭୁକ୍ତ । ୧୩୪୩ ମେଗା ୱାଟ ଅକ୍ଷୟ ଶକ୍ତିରୁ ୨୮% କାର୍ଯ୍ୟର ଅଗ୍ରଗତି ଜାରି ରହିଛି । ଶ୍ରେଷ୍ଠ ଜିଲ୍ଲା ମଧ୍ୟରେ ସୁନ୍ଦରଗଡ଼, ଅନୁଗୁଳ, ବଲାଙ୍ଗିର, ଝାରସୁଗୁଡ଼ା,ଓ ଢେଙ୍କାନାଳ ପ୍ରମୁଖ ରହିଛି ।

ଆଜିର ସମ୍ମିଳନୀ ୨୦୨୫ରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା ସମ୍ମିଳନୀର ପୂର୍ବ ଅଧ୍ୟାୟ ଅଟେ । ବର୍ତ୍ତମାନ ରାଜ୍ୟରେ ୨୦୦ ଗିଗା ୱାଟର ସମ୍ଭାବନା ରହିଥିବାବେଳେ ଆଗାମୀ ଦିନରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଆହୁରି ଅଭିବୃଦ୍ଧି ଘଟିବ ବୋଲି ଗ୍ରୀଡକୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା କହିଛନ୍ତି । ଏକ ସବୁଜ ଅର୍ଥନୀତି ଗଠନ ସକାଶେ ସବୁଜ ପରିବେଶର ଆବଶ୍ୟକ ଏବଂ ସ୍ୱଚ୍ଛ ଶକ୍ତି ହେଉଛି ଏହାର ପ୍ରମୁଖ ସ୍ରୋତ । ବର୍ତ୍ତମାନଠାରୁ ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଅକ୍ଷୟ ଶକ୍ତିର ଚାହିଦା ବୃଦ୍ଧି ହେବ ବୋଲି ଆଇଫରେଷ୍ଟର ସିଇଓ ଏବଂ ସଭାପତି ଡ଼ ଚନ୍ଦ୍ରଭୂଷଣ ଉଲ୍ଲେଖ କରିଥିଲେ । ଆଗାମୀ ଦିନରେ ଓଡ଼ିଶାକୁ ଅକ୍ଷୟ ଶକ୍ତିର ଭଣ୍ଡାର କରିବା ଦିଗରେ ଏହି ସମ୍ମିଳନୀ ଓଡ଼ିଶା ପାଇଁ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରିବ ଏବଂ ପୁଞ୍ଜିବିନିଯୋଗକୁ ପ୍ରୋତ୍ସାହିତ କରିବ ବୋଲି ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି ।

### ପାରାଦୀପ ନିର୍ବାଚନମଣ୍ଡଳୀରେ 'କାର୍ଯ୍ୟକର୍ତ୍ତା ସମ୍ମିଳନୀ'

# 'ପୂର୍ବୋଦୟ ମିଶନ'ରେ ପାରାଦୀପ ହେବ 'ବିକାଶ ଦ୍ୱୀପ' : ଧର୍ମେନ୍ଦ୍ର



ଭୁବନେଶ୍ୱର/ପାରାଦୀପ (ସବ୍ୟୁ): ଶିଳ୍ପାଞ୍ଚଳ ପାରାଦୀପରେ ଯେଉଁ ସମ୍ଭାବନା ଅଛି, ତାହା ଆଗାମୀ ଦିନରେ ଓଡ଼ିଶାର ଆବଶ୍ୟକତାକୁ ପୂରଣ କରିବ । 'ପୂର୍ବୋଦୟ ମିଶନ'ରେ ପାରାଦୀପ 'ବିକାଶ ଦ୍ୱୀପ' ହେବ ବୋଲି ସୋମବାର ପାରଦୀପ ନିର୍ବାଚନମଣ୍ଡଳୀରେ ଆୟୋଜିତ 'କାର୍ଯ୍ୟକର୍ତ୍ତା ସମ୍ମିଳନୀ' କୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜଗତସିଂହପୁର ଜିଲ୍ଲାର ପାରାଦୀପ ସମଗ୍ର ଦେଶରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ପୂର୍ବ-ଭାରତର ଦ୍ରୁତ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ହେଉଛି 'ପୂର୍ବୋଦୟ । ଏହାର ପ୍ରମୁଖ ବିନ୍ଦୁ ହେଉଛି ଓଡ଼ିଶାର ବିକାଶ । ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ 'ପୂର୍ବୋଦୟ'ରେ ପାରାଦ୍ୱୀପ ହେଉଛି ଏକ 'ବିକାଶ ଦ୍ୱୀପ' । ବିନା ପାରାଦୀପର ବିକାଶରେ ଓଡ଼ିଶା ଓ ଭାରତ ବିକଶିତ ହେବ ନାହିଁ । ପାରାଦୀପ ବନ୍ଦର କ୍ରମାଗତ ଭାବେ ୧୦୦ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରି ବୃହତ୍ତମ ବନ୍ଦର ଭାବେ ପରିଚୟ ପାଇବା ଆମ ଓଡ଼ିଶାର ଶିଳ୍ପ ଜଗତ ପାଇଁ ବଡ ଉପଲବ୍ଧି । ସେ ଆହୁରି କହିଛନ୍ତି ଯେ ଦେଶରେ ଇଣ୍ଡିଆନ ଅଏଲର ଏକ ବଡ଼ ପୁଞ୍ଜିନିବେଶ ପାରାଦୀପ ତୈଳ ବିଶୋଧନାଗାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଓଡ଼ିଶା ପାଇଁ ଅବଦାନ । ଏହାକୁ ବାଜପେୟୀ ଜୀ ଶୁଭ ଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଥିଲେ । ଏହି ପ୍ରକଳ୍ପରେ ଜଣେ ସାଧାରଣ ଓଡ଼ିଆ ଭାବରେ ଧର୍ମପଦ ଭାବରେ ଯୋଗଦାନ ଦେବା ସମୟରେ ମୁଁ ଅଟଳଜୀଙ୍କର ମହାନ ଦୂରଦୃଷ୍ଟିକୁ କଳ୍ପନା କରିପାରିଥିଲି । ପାରାଦୀପରେ ଶିଳ୍ପାୟନର ବିକାଶ ପାଇଁ ପ୍ରାୟ ୬୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନିବେଶ ହୋଇଛି । ଆଗାମୀ ଦିନରେ ପାରାଦୀପରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ସହ ଏଠାରେ ଭାଇଚାରା, ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ତିଆରି ହେବ । ଡବଲ ଇଞ୍ଜିନ ସରକାରରେ ପାରାଦୀପ 'ପୂର୍ବୋଦୟ ମିଶନ' ଓ ଗରିବ କଲ୍ୟାଣର ପ୍ରୟୋଗଶାଳା ହେବ । ରାଜ୍ୟର ଅର୍ଥନୀତି ମଜଭୁତ୍ ହେବା ସହ ଯୁବକ ଯୁବତୀଙ୍କ ପାଇଁ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏଥିପାଇଁ ପୂର୍ବ ସରକାର ସହଯୋଗ କରିନଥିଲେ । ମାତ୍ର ଏବେ ଡବଲ ଇଞ୍ଜିନ ସରକାରରେ ଓଡ଼ିଆ ଯୁବକମାନେ ବଡ ବଡ ଶିଳ୍ପ କାରଖାନାର ମାଲିକ ହେବେ । ଏଠାରେ ଆଗାମୀ ଦିନରେ ପେଟ୍ରୋକେମିକାଲ କମ୍ପଲେକ୍ସ ତିଆରି ହେବ । ଶ୍ରୀ ପ୍ରଧାନ କାର୍ଯ୍ୟକର୍ତ୍ତାଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ସରକାରୀ ସୁବିଧା କେବଳ ସରକାରୀ ଦଳର ନେତା ଏବଂ ସେମାନଙ୍କର ସମର୍ଥକଙ୍କୁ ମିଳିବାର ସମୟ ଶେଷ ହୋଇଛି । ଆମ ସରକାରରେ ସବୁ ବର୍ଗର ଲୋକଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ପ୍ରାଥମିକତା ଦିଆଯାଇଛି ବୋଲି ସେ କହିଛନ୍ତି ।

ପାରମ୍ଭରେ ପାରାଦୀପ ଥାନା ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀ ପ୍ରଧାନଙ୍କୁ ବିଜେପି କର୍ମୀମାନେ ପାଛୋଟି ଆଣିଥିଲେ । ଜୟଦେବସଦନ ପ୍ରାଙ୍ଗଣରେ ଆୟୋଜିତ କର୍ମକର୍ତ୍ତା ସମ୍ମିଳନୀରେ ଶ୍ରୀ ପ୍ରଧାନଙ୍କ ସମେତ ଶିଳ୍ପମନ୍ତ୍ରୀ ସଂପଦ ସ୍ୱାଇଁ, ସାଂସଦ ବିଭୂ ପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ, ରାଜ କିଶୋର ବେହେରା, ସତ୍ୟସାରଥି ମହାନ୍ତିଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ ।

### କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ

# ଫାଙ୍କା ପଡିଥିବା ୬ ହଜାର ପଦବୀରେ ନିଯୁକ୍ତି ପାଇବେ ମେଧା ତାଲିକାଭୁକ୍ତ ଶିକ୍ଷକ : ହାଇକୋର୍ଟ

କଟକ, (ସବ୍ୟୁ): ୨୦ ହଜାର କନିଷ୍ଠ ଶିକ୍ଷକ ପଦ ମଧ୍ୟରୁ ପ୍ରାୟ ୧୪ ହଜାର ପଦରେ ନିଯୁକ୍ତି ଶେଷ ହୋଇଥିଲାବେଳେ ଆହୁରି ୬ହଜାର ପଦବି ଫାଙ୍କା ପଡ଼ିଥିଲା । ଏହି ୬ହଜାର ପଦରେ ୨୦ହଜାର ଶିକ୍ଷକଙ୍କ ପାଇଁ ପ୍ରସ୍ତୁତ ମେଧା ତାଲିକାରୁ ଆଶାୟୀଙ୍କୁ ନିଯୁକ୍ତି ଦେବାକୁ ହାଇକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ମେଧା ତାଲିକାରେ ଥିବା ଆଶାୟୀଙ୍କ ମଧରେ ନିଯୁକ୍ତି ପାଇଁ ବାଟ ଫିଟିଛି । ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ପ୍ରକାଶ କରି ଏହି ନିର୍ଦ୍ଦେଶ ଦେଇଛନ୍ତି ।

ଓସେପା ପକ୍ଷରୁ ୨୦ ହଜାର କନିଷ୍ଠ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ୨୦୨୩ ସେପ୍ଟେମ୍ବରରେ ଆଶାୟୀ ପ୍ରାର୍ଥୀଙ୍କ ଠାରୁ ଆବେଦନପତ୍ର ଆହ୍ୱାନ କରାଯାଇଥିଲା । ଏହି ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ବିଜ୍ଞପ୍ତିରେ ଜିଲ୍ଲାୱାରୀ ମେଧା ତାଲିକା ଚୂଡ଼ାନ୍ତ କରାଯିବାକୁ ନିଷ୍ପତ୍ତି ହୋଇଥିଲାବେଳେ ଓସେପା ରାଜ୍ୟ ଆଧାରରେ ମେଧା ତାଲିକା ଚୟନ କରିଥିଲା । ଫଳରେ ଏହାକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ହାଇକୋର୍ଟର ଜଣିକିଆ ବିଚାରପତି ଏହି ମାମଲାରେ ରାୟ ପ୍ରକାଶ କରି ପୁରା ରାଜ୍ୟ ଆଧାରରେ କନିଷ୍ଠ ଶିକ୍ଷକ ନିଯୁକ୍ତିକୁ ନେଇ ପ୍ରକାଶ ପାଇଥିବା ମେଧା ତାଲିକାକୁ ରଦ୍ଦ କରି ଦେଇଥିଲେଛ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଯେଉଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ସେହି ବିଜ୍ଞପ୍ତି ଆଧାରରେ ଜିଲ୍ଲାୱାରୀ ସାନି ମେଧା ତାଲକା ପ୍ରକାଶ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ ବିରୋଧରେ ଆବେଦନକାରୀ ଏବଂ ରାଜ୍ୟ ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଜଣିକିଆ ବିଚାରପତିଙ୍କ ଆଦେଶକୁ ରଦ୍ଦ କରିବା ସହ ଏହି ନିଯୁକ୍ତି ପ୍ରକ୍ରିୟା କିପରି ହେବ ତାହା ସ୍ପଷ୍ଟ କରିଥିଲେଛ କଟ୍ଅଫ୍ ମାର୍କ ପରେ ଯଦି ଖାଲି ପଦବି ରହିଯାଏ ତାହାକୁ ମେଧା ତାଲିକା ମଧ୍ୟରୁ ଆଶାୟୀଙ୍କୁ ନେଇ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ କଟ୍ଅଫ୍ ମାର୍କରେ କୋହଳ ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ରାଜ୍ୟ ସରକାର ଏହି ଆଦେଶ ବଳରେ କିଛି ପଦବି ପୂରଣ କରିବା ପରେ ଆହୁରି ୬ହଜାର ପଦ ଫାଙ୍କା ରହିଯାଇଥିଲା । ଏହି ପଦରେ ରାଜ୍ୟ ସରକାର ସାନି ବିଜ୍ଞପ୍ତି ଜରିଆରେ ପୂରଣ ପାଇଁ ନିଷ୍ପତ୍ତି ନେଇଥିଲେ । ଫଳରେ ଏହି ବିଜ୍ଞପ୍ତିକୁ ଚାଲେଞ୍ଜ କରି ପୁଣି କିଛି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

### ଭାରତ ପାଣିପାଗ ବିଭାଗର ୧୫୦ ବର୍ଷ ପୂର୍ତ୍ତି

# ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱରେ ଓଡ଼ିଶା ଏକ ମଡେଲ

ଭୁବନେଶ୍ୱର(ସବ୍ୟୁ): ବିପର୍ଯ୍ୟୟ ପରିଚାଳନାରେ ସାରା ବିଶ୍ୱରେ ଓଡ଼ିଶା ଆଜି ଏକ ମଡେଲ ରୂପେ ପରିଗଣିତ ହେଉଛି । ଏହାର ପ୍ରମୁଖ ଶ୍ରେୟ ଭାରତ ପାଣିପାଗ ବିଜ୍ଞାନ ବିଭାଗକୁ ଦିଆଯାଏ । ପ୍ରମୁଖ ବୈଜ୍ଞାନିକ ଓ ପାଣିପାଗ ବିଶେଷଜ୍ଞଙ୍କ ଆକଳନକୁ ପାଥେୟ କରି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଆଜିର ସମୟରେ ବହୁ ପରିମାଣରେ ଧନଜୀବନ ହାନିରୁ ରକ୍ଷା କରାଯାଇପାରୁଛ । ୧୫୦ ବର୍ଷ ଏକ ଲମ୍ବା ଯାତ୍ରା ଅଟେ । ଏହି ସମୟରେ ଓଡ଼ିଶା ବହୁତ ବଡ ବଡ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇ ଆସିଛି । ଗତ ଅକ୍ଟୋବର ମାସରେ ବାତ୍ୟା 'ଦାନା'ର ସୁପରିଚାଳନା ମଧ ପ୍ରାରମ୍ଭିକ ଚେତାବନୀ ଦ୍ୱାରା ସମ୍ଭବ ହୋଇପାରିଛି । ଧନଜୀବନ ହାନି, ଫସଲହାନି ଅପେକ୍ଷାକୃତ କମ୍ ହୋଇପାରିଛି ।

ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ ଓ ଭାରତ ପାଣିପାଗ ବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଭାରତ ପାଣିପାଗ ବିଭାଗର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି କହିଛନ୍ତି । ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଏକ ଦିବସୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାର ବିଷୟବସ୍ତୁ ଓଡ଼ିଶା ଉପରେ ଅତ୍ୟନ୍ତ ଭୀଷଣ ପାଣିପାଗ ଜନିତ ଘଟଣାସମୂହ ରହିଥିଲା । ଓଡ଼ିଶା କେବଳ ଏକମାତ୍ର ରାଜ୍ୟ ଯେଉଁଠି ସମସ୍ତ ୩୦ ଟି ଜିଲ୍ଲାରେ ପର୍ଯ୍ୟବେକ୍ଷଣ କେନ୍ଦ୍ର ରହିଛି । ଏଥିସହିତ, ଗୋପାଳପୁର ଓ ପାରାଦ୍ୱୀପରେ ୨ଟି ରାଡ଼ାର ରହିଛି । ଆଉ ୩ଟି ରାଡ଼ାର ରାଜ୍ୟକୁ ଯୋଗାଇଦେବା ପାଇଁ ପ୍ରସ୍ତୁତି ଚାଲିଛି । ମୌସମ ମୋବାଇଲ୍ ଆପ୍ ଜରିଆରେ ଯେକୌଣସି ସ୍ଥାନର ପାଣିପାଗ ବିଷୟରେ ଜାଣି ହେଉଛି ବୋଲି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଥିଲେ ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ କହିଥିଲେ, ଓଡ଼ିଶା ହେଉଛି ପ୍ରାକୃତିକ ବିପର୍ଯ୍ୟୟର ଘର । ପ୍ରତିବର୍ଷ ଏଠି ବନ୍ୟା, ବାତ୍ୟା, ମରୁଡ଼ି ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡେ । ଏଗୁଡିକର ସୁପରିଚାଳନା ନିମନ୍ତେ ଆମେ ପାଣିପାଗ ବିଭାଗର ଆକଳନ ଉପରେ ନିର୍ଭର କରୁ । ଆମର ପାଣିପାଗ ବିଶେଷଜ୍ଞଙ୍କ ଯୋଗୁଁ ବିପର୍ଯ୍ୟୟର ପରିଚାଳନା ସହିତ ଆସନ୍ତାକାଲିର ପାଣିପାଗ କେଉଁଭଳି ରହିବ ତାହାର ପୂର୍ବାନୁମାନ ଆଜିର ସମୟରେ ସହଜରେ ଉପଲବ୍ଧ ହୋଇପାରୁଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ । ପ୍ରାକୃତିକ ବିପର୍ଯ୍ୟୟବେଳେ ସର୍ବଦା ସାଥିରେ ରହି ସମୟକୁ ସମୟ ସଠିକ ଅନୁମାନ ଯୋଗାଇ ଦେଉଥିବାରୁ ପାଣିପାଗ ବିଭାଗକୁ ସ୍ୱତନ୍ତ୍ର ରିଲିଫ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ ସିଂହ ଧନ୍ୟବାଦ ଜଣାଇଥିଲେ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମନୋରମା ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସଞ୍ଜୀବ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଶାଳାରେ ବହୁ ବିଶିଷ୍ଟ ବ୍ୟକ୍ତି, ବିଶେଷଜ୍ଞ ଏବଂ ବରିଷ୍ଠ ଅଧିକାରୀବୃନ୍ଦ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ୧୫୦ ବର୍ଷର ଉଲ୍ଲେଖନୀୟ ଯାତ୍ରା ଉପରେ ପର୍ଯ୍ୟବସିତ ଏକ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା ।

### ଓଡ଼ିଶା କୃଷକ ସଭାର ଦାବିପତ୍ର ପ୍ରଦାନ

ଦଶପଲ୍ଲା,(ସବ୍ୟୁ) : ଅଦିନିଆ ବର୍ଷା ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ବିଲରେ ଚାଲିଗଲା ପାଚିଲା ଧାନ । ଅମଳ ପୂର୍ବରୁ ଦାଉ ସାଜିଲା ଅଦିନିଆ ଲଘୁଚାପ ଜନିତ ବର୍ଷା । ଅନ୍ୟ ପାର୍ଶ୍ୱରେ ଦଶପଲ୍ଲା ରେ ମଣ୍ଡି ଖୋଲା ଯାଇ ନଥିବା ବେଳେ ଖଳାରେ ଧାନରଖି ଚାଷୀ ଚିନ୍ତାରେ । ଏହାକୁ ନେଇ ସୋମବାର ଦିନ ଓଡିଶା କୃଷକ ସଭା ଦଶପଲ୍ଲା ଶାଖା ପକ୍ଷରୁ ଚାରି ଦଫା ଦାବି ନେଇ ରାଜ୍ୟ ସରକାର ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଅତିରିକ୍ତ ତହସିଲ ଦାର ଚନ୍ଦ୍ର ଶେଖର ବାରିକଙ୍କୁ ପ୍ରଦାନ କରିଛନ୍ତି । ଏହି ଦାବି ଗୁଡିକ ମଧ୍ୟରେ ଯଥା ଶୀଘ୍ର ମଣ୍ଡି ଖୋଲା ଯିବା,ଧାନର ମାନ କୋହଳ କରି ଚାଷୀଙ୍କ ଠାରୁ ଧାନ କ୍ରୟ କରିବା,ବର୍ଷା ରେ କ୍ଷତି ଗ୍ରସ୍ତ ଚାଷୀ ଙ୍କୁ ଚିହ୍ନଟ କରି କ୍ଷତି ହୋଇଥିବା ଧାନ ଓ ରବି ଫସଲ କ୍ଷତିପୂରଣ ପ୍ରଦାନ କରିବା । କ୍ଷତିଗ୍ରସ୍ତ ଚାଷୀ ଙ୍କୁ କୃଷିଋଣ ଛାଡ଼ କରିବା ଓ ଭାଗ ଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କୁ କ୍ଷତି ପୂରଣ ପ୍ରଦାନ କରିବା ଆଦି ଦାବି କରିଛନ୍ତି । ଓଡିଶା କୃଷକ ସଭା ଦଶପଲ୍ଲା ଶାଖା ସମ୍ପାଦକ ଗଣେଶ୍ୱର ନାୟକ ସଭାପତି ବ୍ରଜ ବନ୍ଧୁ ପ୍ରଧାନ ଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି ।

### ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

# ବିଜେପିରେ ଯୋଗଦେଲେ ଧର୍ମଶାଳା ନିର୍ବାଚନମଣ୍ଡଳୀର ନିର୍ବାଚିତ ଜନପ୍ରତିନିଧି



ଭୁବନେଶ୍ୱର, (ସବ୍ୟୁ): ବିଜେପିର ନୂଆ ସରକାରକୁ ନେଇ ଓଡ଼ିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି । ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି । ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ବିଜେଡି ଉପରୁ ଆସ୍ଥା ହରାଇ ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ସରପଂଚ ନାଜବୁନ୍ ବେଗମ୍, ସୁନାକର ବେହେରା, ନିମାଇଁ ମଲ୍ଲିକ, ସୁରେନ୍ଦ୍ର ଥିଆଡ଼ି, ଚନ୍ଦନ କୁମାର ରାଉତ, ଜିତେନ୍ଦ୍ର କୁମାର ପାତ୍ର, ସୁମିତ୍ରା ସ୍ୱାଇଁ, ସରୋଜିନୀ ନାୟକ, ପ୍ରଶାନ୍ତ କୁମାର ରାଉତ, ଲତା ସେଠୀ, ସଫଳ ବେହେରା, ଫକୀର ନାରାୟଣ ମିଶ୍ର, ସୁଦାମ ଚରଣ ବେହେରା, ନର୍ମଳ କୁମାର ଦାସ, ବିକ୍ରମ ବିଶ୍ୱାଳ, ପ୍ରମୋଦ କୁମାର ଜେନା, ସୁରେଶ ଚନ୍ଦ୍ର ତରାଇ, ହୃଦାନନ୍ଦ ସାହୁଙ୍କ ସମେତ ପଂଚାୟତ ସମିତି ସଦସ୍ୟ ସବନମ୍ ପରୱିନ୍, ଝିଲ୍ଲିରାଣୀ ମଲ୍ଲିକ, ଦୋଳଗୋବିନ୍ଦ ମଲ୍ଲିକ, ପୁରୁଷୋତମ ପରିଡା, ସୌଦାବିନୀ ସ୍ୱାଇଁ, ସସ୍ମିତା ନାୟକ, ସୌମ୍ୟରଞ୍ଜନ ସାହୁ, ସୁନୀତା ସ୍ୱାଇଁ, ବିଦ୍ୟାଧର ମଲ୍ଲିକ, ପବିତ୍ର ବେହେରା, ସୁଚିସ୍ମିତା ଦାସ, ସରୋଜିନୀ ମହାନ୍ତି, ଅନ୍ନପୂର୍ଣ୍ଣା ସାହୁ, ମିତା ବେହେରା, ନିତ୍ୟାନନ୍ଦ ବିଶ୍ୱାଳ, ଅନନ୍ତ ତରାଇ, ସବିତା ସାମଲ ଆଜି ବିଜେଡି ଦଳ ତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ସେହିପରି ଯାଜପୁର ଜିଲ୍ଲା ବିଜୁ ଯୁବଜନତା ଦଳର ସାଧାରଣ ସମ୍ପାଦକ ଗୌତମ ସାହୁ, ସମ୍ପାଦକ ମଦନ ମୋହନ ନାୟକ, ଧର୍ମଶାଳା ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି କୋଟାପୁର ପଂଚାୟତର ବିଜେଡି ବରିଷ୍ଠ କାର୍ଯ୍ୟକର୍ତା ଅନୁଜ କୁମାର ଜେନା, ସମରେନ୍ଦ୍ର ଜେନା, କେଦାର ରାୟ, ଭୁବନ ଗ୍ରାମ ପଂଚାୟତର ବିଜେଡି ଯୁବ ସଭାପତି ରାଜେଶ ତ୍ରିପାଠୀଙ୍କ ସମେତ ଉତରପ୍ରତାପ ଓ ଚୋରାମୁହାଣ ପଂଚାୟତର ୱାର୍ଡ ମେମ୍ବରଙ୍କ ସମେତ ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହି ମିଶ୍ରଣ ପର୍ବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବିଧାୟକ ହିମାଂଶୁ ଶେଖର ସାହୁ, ରାଜ୍ୟ ମୁଖପାତ୍ର ସଜନ ଶର୍ମା, ଜିଲ୍ଲା ସଭାପତି ଗୌତମ ରାୟ, ବରିଷ୍ଠ ନେତା ଅଶୋକ ମିଶ୍ର, ସବିତା ନନ୍ଦ, ବବିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

### ପରିବହନ ପ୍ରାଧିକରଣ ଓ ଆଇଆଇଟି ମାଡ୍ରାସ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

# ବିକଶିତ ଓଡ଼ିଶା ପାଇଁ ନିରାପଦ ଯାତ୍ରା ଓ ସଡ଼କ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ : ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ସଡ଼କ ସୁରକ୍ଷା ଓ ଦୁର୍ଘଟଣା ହ୍ରାସ ଦିଗରେ ସରକାର ପ୍ରତିବଦ୍ଧ ଥିବାବେଳେ ସବୁପ୍ରକାର ପ୍ରତିରୋଧୀ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତିଭୂଷଣ ଜେନା ଉଲ୍ଲେଖ କରିଛନ୍ତି । ରାଜ୍ୟ ପରିବହନ ପ୍ରାଧିକରଣ ଓ ଆଇଆଇଟି-ମାଡ୍ରାସ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଜେନା ଏହି ମର୍ମରେ ସଡ଼କ ସୁରକ୍ଷାକୁ ଦୃଢ଼ କରିବା ସହିତ ଯାନଚାଳନା ସତର୍କତା ଏବଂ ସଚେତନତା ଅଭିଯାନକୁ ଏପରି ପ୍ରୟାସ ସାହାଯ୍ୟ କରିବ ବୋଲି କହିଛନ୍ତି । ଖାରବେଳ ଭବନସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗର ସମ୍ମିଳନୀ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ଏହି ବୁଝାମଣାପତ୍ର ବଳରେ ରାଜ୍ୟବ୍ୟାପୀ ସୂଚନା, ଶିକ୍ଷା ଓ ସଂଚାର ଅଭିଯାନକୁ ପ୍ରଭାବୀ କରାଯିବ । ବିକଶିତ ଓଡ଼ିଶା ନିମନ୍ତେ ସଡ଼କ ସୁରକ୍ଷାର ଚାରୋଟି ମଡେଲ ଯଥା- ଇଂଜିନିୟରିଂ, ତଦାରଖ ଓ କାର୍ଯ୍ୟାନୁଷ୍ଠାନ, ଜରୁରୀକାଳୀନ ପ୍ରଯନ୍ ଓ ମାନବିକ ଦିଗକୁ ପ୍ରାଧାନ୍ୟ ଦିଆଯିବ । ସଡ଼କ ସୁରକ୍ଷା କ୍ଷେତ୍ରରେ ଗାଡ଼ିଚାଳନାର ନିୟନ୍ତ୍ରଣ ଓ ତଦାରଖ, ଚାଳକମାନଙ୍କ ବ୍ୟବହାର ପରିବର୍ତ୍ତନ ସାଙ୍ଗକୁ ଦୁର୍ଘଟଣା ହ୍ରାସ ଦିଗରେ ଏହି ପ୍ରୟାସ ଫଳପ୍ରଦ ହେବ । ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁର ଏକ ପରିସଂଖ୍ୟାନ ଦେଇ ମନ୍ତ୍ରୀ ଶ୍ରୀ ଜେନା ସେ ଦିଗରେ ସବୁମହଲର ସହଯୋଗ ଲୋଡ଼ିଛନ୍ତି । ତୃଣମୂଳ ସ୍ତରରୁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉପରେ ମନ୍ତ୍ରୀ ଶ୍ରୀ ଜେନା ଗୁରୁତ୍ୱ ଆରୋପ କରିଛନ୍ତି । କାର୍ଯ୍ୟକ୍ରମ ଆରମ୍ଭରେ ପରିବହନ କମିଶନର ଅମିତାଭ ଠାକୁର ପ୍ରାରମ୍ଭିକ ସୂଚନା ଦେବା ସହିତ ବୁଝାମଣାପତ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ବୁଝାମଣାପତ୍ର ସ୍ୱାକ୍ଷର ବଳରେ ରାଜ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସଶକ୍ତ କରାଯାଇ ପାରିବ ବୋଲି ଆଶା ପ୍ରକାଶ କରିଥିଲେ ।




### ସୂର୍ଯ୍ୟକାନ୍ତ ମିଶ୍ରଙ୍କ ଗୀତିକବିତା '୧୦୮ ଭକ୍ତିପଦ୍ମ' ଉନ୍ମୋଚିତ

କଟକ, (ସବ୍ୟୁ): ପୁଣ୍ୟଭୂମି ପକ୍ଷରୁ ୨୩ ତାରିଖ ସନ୍ଧ୍ୟାରେ ଗୀତିକବି ସୂର୍ଯ୍ୟକାନ୍ତ ମିଶ୍ରଙ୍କ ଗୀତିକବିତା '୧୦୮ ଭକ୍ତିପଦ୍ମ' ପୁସ୍ତକ ନାଟ୍ୟକାର ସଂଜୁ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ କଟକ ଗୋପାଳଜୀଉ ମଠଠାରେ ଉନ୍ମୋଚିତ ହୋଇଯାଇଛି । ଏହି ଉତ୍ସବରେ ଉଦ୍ଘାଟକ ଭାବେ ବରିଷ୍ଠ ଗୀତିକବି ଗୌର ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ଲେଖକ ଉମା ଶଙ୍କର ମିଶ୍ର, ମୁଖ୍ୟ ବକ୍ତା ଭାବେ ଗୀତିକବି ପ୍ରେମଚାନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ କଣ୍ଠଶିଳ୍ପୀ ଅଶୋକ କୁମାର ବଳ ଓ ଆଧ୍ୟାତ୍ମିକବିଦ୍ ଡକ୍ଟର ଜ୍ଞାନଗୁରୁ ଦାସ ପ୍ରମୁଖ ଯୋଗଦେଇ ଭଜନ, ଜଣାଣ ପ୍ରଭୁଙ୍କ ନିକଟରେ ସମର୍ପଣ ପାଇଁ ଆଧ୍ୟାତ୍ମିକ ଭାବଧାରାର ଆବଶ୍ୟକତା ରହିଛି । ସଂଗୀତ ଯଦି ଆତ୍ମାକୁ ଛୁଇଁପାରେ ତେବେ ତାହା ଈଶ୍ୱରଙ୍କ ନିକଟରେ ସମର୍ପିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ସଭାପତି ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ଭାବ, ସମର୍ପଣ ଭକ୍ତିସଂଗୀତକୁ ବଳିଷ୍ଠ କରିଥାଏ। ସୂର୍ଯ୍ୟକାନ୍ତଙ୍କ ସଂଗୀତଗୁଡ଼ିକ ଭାବ ଡୋରିରେ ଗୁନ୍ଥା ହୋଇଛି । ଲେଖକ ସୂର୍ଯ୍ୟକାନ୍ତ ମିଶ୍ର ଲେଖକୀୟ ଅଭିବ୍ୟକ୍ତ ପ୍ରଦାନ କରିଥିବାବେଳେ,କୃଷ୍ଣ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କଣ୍ଠଶିଳ୍ପୀ ଅଶୋକ ବଳ, ହେମଲତା ସିଂଙ୍କ ସହିତ ବହୁ ବିଶିଷ୍ଟ କଣ୍ଠଶିଳ୍ପୀ '୧୦୮ ଭକ୍ତିପଦ୍ମ'ର ସଂଗୀତଗୁଡ଼ିକୁ ଗାଇଥିଲେ ।

# ସୁଶାସନ ସପ୍ତାହ ଓ ଅଭିଯୋଗ ଶୁଣାଣି

ପୁରୀ, (ସବ୍ୟୁ) : ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହ ଠାରେ ଗୁଡ଼ ଗଭର୍ଣ୍ଣାନ୍ସ ବା ସୁଶାସନ ସପ୍ତାହ ଓ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧକ୍ଷତା କରିବା ସହ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଯେମିତି ଲୋକ ମାନଙ୍କ ନିକଟରେ ସହଜ ରେ ଉପଲବ୍ଧ ହେବ ଓ ଲୋକ ମାନଙ୍କ ମୌଳିକ ଆବଶ୍ୟକତା, ସମସ୍ୟା ଓ ତାହାର ସମାଧାନ କ୍ଷେତ୍ରରେ ବିଭାଗ ଓ ବିଭାଗୀୟ ଅଧିକାରୀ ମାନଙ୍କ ଦାୟିତ୍ୱ ବୋଧର ସହ କାର୍ଯ୍ୟ କରିବେ ତାହା ହିଁ ସୁଶାସନ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟଛସେଥିପାଇଁ ଅଭିଯୋଗ ଶୁଣାଣି କୁ ଗୁରୁତ୍ୱ ଦିଆଯାଇ ସକ୍ରିୟ କରାଯାଉଛି ବୋଲି ସେ ମତ ଦେବା ସହ ଜନ ସାଧାରଣ ଯେତେ ସଚେତନ ହେବେ ସେମାନଙ୍କ ସମସ୍ୟା ସମାଧାନ ସେତେ ସହଜ ହୋଇ ପାରିବ ବୋଲି କହିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତ ସେମାନଙ୍କ ଲୋକାଭିମୁଖୀ ଯୋଜନାର ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମ ରେ ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମଓ ଡା ରୂପଭାନୁ ମିଶ୍ର, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ବିବେକାନନ୍ଦ ସାହୁ, ସହଦେ ସାହୁ, ସହକାରୀ ଜିଲ୍ଲାପାଳ ଆଶୁତୋଷ ଦେ, ତନ୍ମୟ ଦାସ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୬୫ ଗୋଟି ଅଭିଯୋଗ ମିଳିଥିଲା । ସେଥିରୁ ବ୍ୟକ୍ତିଗତ ୫୮ ଟି,ଗ୍ରାମ୍ୟ ସମସ୍ୟା ୬ ଗୋଟି,ରେଡକ୍ରସରୁ ସହାୟତା ୧ ଗୋଟି ଅଭିଯୋଗ ମିଳିଥିଲା । ସେଥିରୁ ତତ୍କାଳୀନ ୮ ଟି ର ସମାଧାନ ହୋଇଥିଲା । ଅନ୍ୟ ଗୁଡିକୁ ଆଇନ ଅନୁଯାୟୀ ସମାଧାନ ପାଇଁ ବିଭିନ୍ନ ବିଭାଗ କୁ ପ୍ରେରଣ କରା ଯାଇଥିଲା । ଏହି ଅବସରରେ ସଦଭାବନା ସଭାଗୃହ ଠାରେ ମିଶନ ଶକ୍ତି ମା ମାନଙ୍କ ଦ୍ୱାରା ଏକ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଓ ସେମାନେ ପ୍ରସ୍ତୁତ କରିଥିବା ବିବିଧ ଉପକରଣ ର ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା । ଏହାକୁ ଜିଲ୍ଲାପାଳ, ଅନ୍ୟ ବରିଷ୍ଠ ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ପରିଦର୍ଶନ କରିଥିଲେ ।

# ଗିଫ୍ଟ ସ୍ୱୟଂ ଶାସିତ କଲେଜରେ ଆଲୁମିନି ମିଟ୍





ଭୁବନେଶ୍ୱର, (ସବ୍ୟୁ): ଗିଫ୍ଟ ସ୍ୱୟଂ ଶାସିତ କଲେଜରେ ୧୪ତମ ଆଲୁମିନି ମିଟ୍ ଗାମେକ୍ସ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବେଙ୍ଗାଲୁର, ଦିଲ୍ଲୀ, ମୁମ୍ବାଇ, ନାଗପୁର, ହାଇଦ୍ରାବାଦ, କୋଲକାତା, ଚେନ୍ନାଇ ଓ ଭୁବନେଶ୍ୱରର ବିଭିନ୍ନ ସେକ୍ଟରରେ ନିଯୁକ୍ତି ପାଇଥିବା ଗିଫ୍ଟୟାନମାନେ ଯୋଗ ଦେଇଥିଲେ। ଏହି ସମାରୋହରେ ଗିଫ୍ଟର ଭାଇସ ଚେୟାରମ୍ୟାନ ଡଃ. ପତିତପାବନ ପଣ୍ଡା, ଅଧକ୍ଷ ଡଃ ତ୍ରିଲୋଚନ ସାହୁ, ଓଏସ୍‌ଡ଼ି ଇଂ ସମୀର ରଞ୍ଜନ ପଣ୍ଡା, ରେଜିଷ୍ଟ୍ରାର ପ୍ରଫେସର ତରୁଣ କୁମାର, କାର୍ଯ୍ୟକ୍ରମର ଉପଦେଷ୍ଟା ପ୍ରଫେସର ମିନତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଜଗନ୍ନାଥ ରାୟ ପରିଚାଳନା କରିଥିବା ବେଳେ ପ୍ରଫେସର ମିନତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବଏଫ୍ରେଣ୍ଡକୁ ଚୋଟ, ଗାର୍ଲଫ୍ରେଣ୍ଡଙ୍କୁ ଅପହରଣ

ଭୁବନେଶ୍ୱର, (ସବ୍ୟୁ) : ମୈତ୍ରୀବିହାର ଥାନା ଅଧୀନ ଲୁମ୍ବିନୀବିହାରରେ ରାତି ସାଢେ ୧୨ଟା ବେଳେ ବଏଫ୍ରେଣ୍ଡ୍ଙ୍କ ସହ ଗାର୍ଲଫ୍ରେଣ୍ଡ୍ ଘରକୁ ଫେରୁଥିଲେ । ତାଙ୍କୁ ପିଛା କରିଆସୁଥିବା ଏକ କାର୍ ପାଖରେ ପହଞ୍ଚିବା ପରେ ବଏଫ୍ରେଣ୍ଡ୍ ଆକାଶ ସିଂଙ୍କୁ ଭୁଜାଲିରେ ଚୋଟ ମାରି ଗାର୍ଲଫ୍ରେଣ୍ଡ୍‌କୁ ଅପହରଣ କରିନେଇଥିଲେ ।

ଆକାଶ ସିଂ ମୈତ୍ରୀବିହାର ଥାନାରେ ଏତଲା କରିବା ପରେ ପୋଲିସ ନାକାବନ୍ଦୀ କରି ଗାର୍ଲଫ୍ରେଣ୍ଡ୍ଙ୍କୁ ଉଦ୍ଧାର କରିଥିବା ବେଳେ ଅପହର୍ତ୍ତା ଯୁବକମାନଙ୍କ ପତ୍ତା ମିଳିନାହିଁ । ଏତେ ରାତିରେ ଏତଲାକାରୀ ଓ ପୀଡିତା କାହିଁକି ରାସ୍ତାରେ ବୁଲୁଥିଲେ । ସେ ଘରକୁ ଫେରୁଥିଲେ ନା ବୁଲାବୁଲି କରୁଥିଲେ ତାହା ସ୍ପଷ୍ଟ ଜଣାପଡିନାହିଁ । ମନ୍ଦ ଉଦ୍ଦେଶ୍ୟ ରଖି ଅପହରଣ କରିଥିଲେ କିମ୍ବା ପୀଡିତାଙ୍କ ବଏଫ୍ରେଣ୍ଡ୍ ଉପରେ ଶତ୍ରୁତା ଥିବାରୁ ଅପହରଣ କଲେ ତାହା ଜଣାପଡିନାହିଁ । ନା ପିଡିତା ଯୁବତୀଙ୍କର ଅପହର୍ତ୍ତାଙ୍କ ମଧ୍ୟରୁ କାହା ସହ ସମ୍ପର୍କ ଥିବାରୁ ଏପରି କରାଯାଇଥିଲା ତାହା ଜଣାପଡିନାହିଁ । ଯୁବତୀଙ୍କୁ ପୋଲିସ ନାକାବନ୍ଦୀ କରି ଉଦ୍ଧାର କରିଥିବା କହୁଥିବା ବେଳେ ସେଥିନେଇ ସନ୍ଦେହ ସୃଷ୍ଟି ହୋଇଛି ।

# ଖ୍ରୀଷ୍ଟମାସରେ ନେକ୍ସସ୍ ଏସ୍ପ୍ଲାନେଡ ଭୁବନେଶ୍ୱରରେ ଉତ୍ସବର ମାହୋଲ



ଭୁବନେଶ୍ୱର (ସବ୍ୟୁ): ଚଳିତ ଖ୍ରୀଷ୍ଟମାସ ଋତୁରେ ନେକ୍ସସ୍ ଏସ୍ପ୍ଲାନେଡ୍ ଭୁବନେଶ୍ୱର ଗ୍ରାହକମାନଙ୍କୁ ଏକ ଅଭୂତପୂର୍ବ ଅନୁଭୂତି ସହିତ ଉତ୍ସବକୁ ଉପଭୋଗ କରିବାକୁ ସ୍ୱାଗତ କରୁଛି । ଚିତ୍ତାକର୍ଷକ ସଙ୍ଗୀତ ରାତି ଠାରୁ ଆରମ୍ଭ କରି ଅପୂରଣୀୟ ସପିଂ ପୁରସ୍କାର ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଏକ ଯାଦୁକରି ଉତ୍ସବ ହେବ ବୋଲି ଆଶା କରାଯାଉଛି । ମଲ୍‌ର ଗ୍ରାଣ୍ଡ ଖ୍ରୀଷ୍ଟମାସ ସେଟପ୍ ସହିତ ଛୁଟିଦିନ ଯାଦୁରେ ନିଜକୁ ସାମିଲ କରନ୍ତୁ ଯାହା ଚମତ୍କାର ସାଜସଜ୍ଜା ଏବଂ ଚିତ୍ତାକର୍ଷକ ପ୍ରଦର୍ଶନରେ ସୁସଜ୍ଜିତ । ଗ୍ରାହକମାନଙ୍କ ପ୍ରୀୟଜନଙ୍କ ସହିତ ଏହି ମୂହୂର୍ତ୍ତ ଗୁଡ଼ିକ ସ୍ମରଣୀୟ କରିବା ପାଇଁ ଉପଯୁକ୍ତ । ଖ୍ରୀଷ୍ଟମାସ ସେଟପ୍, ଲନ୍‌ରେ ସଙ୍ଗୀତ ଭିତ୍ତିକ ରାତି, ଛୁଟିଦିନର ମନୋରଞ୍ଜନକାରୀ ମେଲୋଡୀ, ବ୍ୟାଣ୍ଡ ପ୍ରଦର୍ଶନ ଇତ୍ୟାଦି ଖ୍ରୀଷ୍ଟମାସ ଦିନର ସର୍ବୋତ୍ତମ ଆକର୍ଷଣ ଓ ଅନୁଭବ । ଏହା ଚଳିତମାସ ୨୫ତାରିଖ ଠାରୁ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମ ଓ ଆୟୋଜନ ପାଇଁ ପ୍ରବେଷ ଶୁଳ୍କ ନାହିଁ । ସମସ୍ତେ ଆସି ଏହାକୁ ଉପଭୋଗ କରିବା ପାଇଁ ଏସ୍ପ୍ଲାନେଡ୍ ମଲ୍ ପକ୍ଷରୁ ଅନୁରୋଧ କରାଯାଇଛି ।

## ଚାଷୀଙ୍କୁ କ୍ଷତିପୂରଣ ଦାବି
# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ବିଜେଡି ପକ୍ଷରୁ ଦାବିପତ୍ର



ଛତ୍ରପୁର, (ସବ୍ୟୁ): ଅଦିନିଆ ବର୍ଷାର ପ୍ରକୋପରେ ଗଞ୍ଜାମ ଜିଲ୍ଲାର ୨୨ଟ୍ଲକର ପାଖାପାଖି ୩, ୩୧, ୫୦୦ରୁ ଅଧିକ ଧାନ ଚାଷୀ ପରିବାର ସହ ସମସ୍ତ ବର୍ଗର କୃଷକ ପ୍ରଭାବିତ ହୋଇଛନ୍ତି । ଚାଷୀମାନଙ୍କ ଫସଲ ନଷ୍ଟ ହୋଇଛି । ଏନେଇ ବିଜୁ ଜନତା ଦଳ ଗଞ୍ଜାମ ଜିଲ୍ଲା ପକ୍ଷରୁ କ୍ଷତି ପୂରଣ ଓ ବିଭିନ୍ନ ଦାବୀ ନେଇ ସୋମବାର ଗଞ୍ଜାମ ଜିଲ୍ଲାପାଳ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଜିଲ୍ଲାର ବିଜେଡ଼ିର ପୂର୍ବତନ ବିଧାୟକ ଓ ବିଧାୟିକା ଏବଂ ନେତୃ ବୃନ୍ଦ ମାନେ । ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଡ଼ଃ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ନେତୃତ୍ୱରେ ସମସ୍ତେ ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳ ବିଦ୍ୟ ଜ୍ୟୋତି ପରିଡ଼ାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ପୂର୍ବତନ ବିଧାୟକ ଓ ବିଧାୟିକା ମାନେ । ପୂର୍ବ ସରକାର ତଥା ବିଜେଡ଼ି ସରକାରଙ୍କ ସମୟରେ ଯଦି ବର୍ଷା, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟେ ସେହି ସମୟ ପୂର୍ବରୁ ହିଁ ଚାଷୀ ମାନଙ୍କୁ ସଚେତନ କରାଯାଉଥିଲା । ଯାହାଫଳରେ ଚାଷୀ ମାନେ ନିଜର ଫସଲକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ଦ୍ୱାରା କୌଣସି କ୍ଷୟକ୍ଷତି ହେଉନଥିଲା । କିନ୍ତୁ ବର୍ତ୍ତମାନର ବିଜେପି ସରକାର ଚାଷୀ ମାନଙ୍କୁ ନେଇ ଚିନ୍ତିତ ନାହାନ୍ତି । ତିନି ଦିନ ଧରି ବର୍ଷା ହେବ ବୋଲି ପାଣିପାଗ ପକ୍ଷରୁ ପୂର୍ବରୁ ସୂଚନା ପ୍ରଦାନ କରାଯାଇଥିବା ବେଳେ ସରକାର ଏନେଇ ତତ୍ପରତା ଦେଖାଇ ନଥିଲେ । ଅଦିନିଆ ବର୍ଷା ପୂର୍ବରୁ ନା ଚାଷୀ ମାନଙ୍କୁ ସଚେତନ କରାଯାଇଥିଲା ନା କୌଣସି କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ ନେଇଥିଲେ ସରକାର । ଯାହାଫଳରେ ତିନି ଦିନର ଅଦିନିଆ ବର୍ଷାରେ ହେକ୍ଟର ହେକ୍ଟର ଚାଷ ଜମି ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଛି । କେବଳ ଧାନ ନୁହେଁ ବରଂ ପନିପରିବା ଫସଲ ମଧ ନଷ୍ଟ ହୋଇଛି । ସରକାର ଏଫଏକ୍ୟୁ ମାନର ଧାନ ଚାଷୀଙ୍କ ଠାରୁ ନେବା ନିମନ୍ତେ ଘୋଷଣା କରିଥିବା ବେଳେ ବର୍ଷାରେ ଭିଜିବା ଦ୍ୱାରା ଧାନର ମାନ କମିବ । ତେଣୁ ଏହି ଏଫଏକ୍ୟୁ ମାନକୁ ସମ୍ପୂର୍ଣ୍ଣ ରୂପେ ହଟାଇ ଚାଷୀ ମାନଙ୍କର ଧାନକୁ କୌଣସି ଅସୁବିଧା ନ ସୃଷ୍ଟି କରି ସରକାର ଗ୍ରହଣ କରନ୍ତୁ ବୋଲି ଦାବି କରିଛନ୍ତି । ଏହାଛଡ଼ା ଚାଷୀର ବର୍ଷକର ପରିଶ୍ରମ ଅଦିନିଆ ବର୍ଷା ନଷ୍ଟ କରିଥିବା ଯୋଗୁଁ ଚାଷୀଙ୍କ ଋଣଛାଡ଼, ଜଳକର ଛାଡ଼ ସହ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ମଧ ପୂର୍ବତନ ବିଧାୟକ ଓ ବିଧାୟିକା ମାନେ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ବିଜେଡ଼ି ସଭାପତି ଡ଼ଃ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ବିଜେଡିର ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ର, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ସୂର୍ଯ୍ୟ ମଣି ବୈଦ୍ୟ, ସୁଲକ୍ଷଣା ଦେବୀ, ସୁବାଷ ମହାରଣା, କୈଳାଶ ରଣା, ଆର. ମୁରଲୀ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ , ଡେପୁଟି ମେୟର ବିବେକ ରେଡ୍ଡୀ, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ଯୁବ ନେତା ବିମଳ କୁମାର ପଣ୍ଡା, ବିପ୍ଳବ ପାତ୍ରଙ୍କ ସମେତ ବହୁ ବିଜେଡ଼ି ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ ।

# ୧୬ ଏମଭିଏ ଟ୍ରାନ୍ସଫର୍ମର ସ୍ଥାପନ ଓ ଭିତ୍ତିଭୂମି ସୁଦୃଢ଼ କଲା ଟିପିଏସ୍ଓଡିଏଲ୍

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ବ୍ରହ୍ମପୁରର ନିମଖଣ୍ଡି ସ୍ଥିତ ପ୍ରାଇମେରୀ ସବ ଷ୍ଟେସନରେ ପ୍ରଥମଥର ପାଇଁ ୧୬ ଏମଭିଏ ପାଓ୍ୱାର ଟ୍ରାନ୍ସଫର୍ମର ସ୍ଥାପନ କରିଛି । ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଫଳରେ ଏହି ଅଞ୍ଚଳର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ଏବଂ ଭରସାଯୋଗ୍ୟ ବିଜୁଳି ସେବା ମିଳିପାରିବ। ଏହି ୧୬ ଏମଭିଏ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମରରେ ବର୍ତ୍ତମାନ ୧୨.୫ ଏମଭିଏ କାର୍ଯ୍ୟକ୍ଷମ ହୋଇଛି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିଜୁଳି ଚାହିଦା ପୂରଣ ହୋଇପାରୁଛି ଏବଂ ଭବିଷ୍ୟତରେ ଏହାର କ୍ଷମତା ବୃଦ୍ଧି ମଧ କରାଯାଇପାରିବ। ନୂତନ ଟ୍ରାନ୍ସଫର୍ମର ସ୍ଥାପନ ହେବା ପୂର୍ବରୁ ଏହି ଅଞ୍ଚଳର ଉପଭୋକ୍ତାମାନେ ଏକ ୮ ଏମଭିଏ ପିଟିଆର ଉପରେ ନିର୍ଭର କରୁଥିଲେ। ଯାହା ଫଳରେ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ କରିବାରେ ସମସ୍ୟା ହେଉଥିଲା। ନୂତନ ପାଓ୍ୱାର ଟ୍ରାନ୍ସଫର୍ମର ସ୍ଥାପନ ହେବା ପରେ ଦୀର୍ଘ ଦିନ ଧରି ଲୋକେ ସାମ୍ନା କରୁଥିବା ଓଭର ଲୋଡ୍ ସମସ୍ୟା ଦୂର ହୋଇଛି । ଏହାସହ ଜଗଦଳପୁର, ଶ୍ରୀକ୍ଷେତ୍ର ବିହାର, ଲୋଚାପଡା ବଜାର, ଗୋବିନ୍ଦ ବିହାର, ଶକ୍ତି ନଗର, ରୁବୀ ଚକ୍ଷୁ ଡାକ୍ତରଖାନା ଏବଂ ଆଖ ପାଖ ଅଞ୍ଚଳରେ ରହୁଥିବା ୭ ହଜାରରୁ ଅଧିକ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଣ ହୋଇପାରିବ। ଏହି ସବୁ ସ୍ଥାନ ହେଉଛି ବ୍ରହ୍ମପୁର ସହର ଏବଂ ଆଖ ପାଖରେ ଥିବା ସବୁଠାରୁ ଜନ ଗହଳିପୂର୍ଣ୍ଣ ଏବଂ ବ୍ୟାବସାୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, କ୍ରମ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ କରିବା ଉପରେ



ଆମର ପ୍ରାଥମିକତା ରହି ଆସିଛି। ଭିତ୍ତିଭୂମି ଉନ୍ନତ କରିବା ସହ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ସମୟ ଅନୁଯାୟୀ ଆମେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଅଛୁ। ଏହି ନୂତନ ପାଓ୍ୱାର ଟ୍ରାନ୍ସଫର୍ମର ସ୍ଥାପନା ଲୋକଙ୍କ ଚାହିଦା ମେଣ୍ଟାଇବା ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ଟ୍ରାନ୍ସଫର୍ମରର ଏକ ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଏଥିରେ ଥିବା ଅତ୍ୟାଧୁନିକ ନାଇଟ୍ରୋଜେନ ଇଞ୍ଜେକ୍ଟେଡ୍ ଫାୟାର ପ୍ରୋଟେକ୍ସନ୍ ସିଷ୍ଟମ (ଏନଆଇଏଫପିଏସ) ପ୍ରଯୁକ୍ତି ବିଦ୍ୟା। କୌଣସି ତ୍ରୁଟି ଯୋଗୁଁ ବିସ୍ଫୋରଣ ଘଟି ନିଆଁ ଲାଗିବା ଭଳି ଦୁର୍ଘଟଣାକୁ ରୋକିବା ପାଇଁ ଏହି ସ୍ୱତନ୍ତ୍ର ବ୍ୟବସ୍ଥା ଡିଜାଇନ୍ କରାଯାଇଛି। ଅତ୍ୟଧିକ ଉତ୍ତାପ ନିୟନ୍ତ୍ରଣ କରିବା ପାଇଁ ଏନଆଇଏଫପିଏସ ସିଷ୍ଟମ ସ୍ୱତଃ ଭାବେ ନାଇଟ୍ରୋଜେନ ନିର୍ଗତ କରେ, ତଥା ଭିତ୍ତିଭୂମି ସୁରକ୍ଷା ଓ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ଉନ୍ନତ କରେ। ଏହି ଅତ୍ୟାଧୁନିକ ପଦକ୍ଷେପ ବ୍ରହ୍ମପୁର ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ଆହୁରି ଅଧିକ ସୁଦୃଢ଼ କରିଛି। ଯାହା ଫଳରେ ଏକ ଅଭିନବ ଓ ଗ୍ରାହକ କୈନ୍ଦ୍ରିକ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାରେ ଟିପିଏସଓଡିଏଲ ଅଗ୍ରଣୀ ସଂସ୍ଥା ଭାବେ ପରିଣତ ହୋଇପାରିଛି ।

# ଏଫଏକ୍ୟୁ ମାନ କୋହଳ ଦାବି
# ପୂର୍ବ ଭଳି ଧାନ କ୍ରୟ କରାଯାଉ

ଛତ୍ରପୁର, (ସବ୍ୟୁ): ଲଗାଣ ବର୍ଷା ହେତୁ ଖରିଫ ଧାନ ଫସଲ କ୍ଷୟକ୍ଷତିର ଭରଣା, ଧାନର ଏଫଏକ୍ୟୁ ମାନ କୋହଳ, ଟୋକେନ ଅବଧି ବର୍ଦ୍ଧିତ ଦାବୀ ନେଇ ସୋମବାର ଛତ୍ରପୁର ବ୍ଲକ ଅନ୍ତର୍ଗତ ପୋଟଲାମପୁର ଗ୍ରାମ ପଂଚାୟତର ବହୁ ଚାଷୀ ଏବଂ ଜନ ପ୍ରତିନିଧି ମାନେ ଗଞ୍ଜାମ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଏକ ସମ୍ମିଳିତ ଦାବିପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କୁ ଭେଟି ପ୍ରଦାନ କରିଛନ୍ତି । ଏହା ସହିତ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଧାନ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଉ, ରବି ଫସଲ ଯଥା –ମୁଗ, ବିରି ଇତ୍ୟାଦି ନଷ୍ଟ ହେତୁ ପର୍ଯ୍ୟାପ୍ତ ବିହନ ଯୋଗାଇବା, ଧାନ କ୍ଷେତ୍ରରେ ପାଣି ଜମିଥିବା ହେତୁ ଅମଳ ବିଳମ୍ବ ସକାଶେ ଟୋକେନ ଅବଧି ବୃଦ୍ଧି କରିବା, ଫସଲ ନଷ୍ଟ ହେତୁ ଧାନର ଏଫଏକ୍ୟୁ ମାନ କୋହଳ କରିବା ଏବଂ ଚଳିତବର୍ଷ ଧାନ ମଣ୍ଡିର ସୁବ୍ୟବସ୍ଥା ନଥିବା ଯୋଗୁଁ ପୂର୍ବବର୍ଷ ଭଳି ଧାନ କ୍ରୟ କରିବା ନେଇ ଉକ୍ତ ଦାବୀପତ୍ରରେ ଦର୍ଶାଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ଚାଷୀ ନେତା ସିମାଞ୍ଚଳ ନାହାକ, ରାଜେନ୍ଦ୍ର ନାହାକ, କେ. ରାମାୟା, ଶତ୍ରୁଘନ ବିଶ୍ୱାଳ, ଗୋପାଳ ନାହାକ ଓ ଭାସ୍କର ସ୍ୱାଇଁଙ୍କ ସମେତ ବହୁ ଚାଷୀ ମାନେ ଉପସ୍ଥିତ ଥିଲେ ।

# କରଚୁଲି ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ବୁଗୁଡା, (ସବ୍ୟୁ): ବୁଗୁଡା ବ୍ଲକ କରଚୁଲି ଗ୍ରାମସ୍ଥ ସରସ୍ୱତୀ ଶିଶୁ ମନ୍ଦିରର ୨୮ତମ ବାର୍ଷିକ ଉତ୍ସବ ସ୍ୱପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ହିମାଂଶୁ ଶେଖର ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଖଲିକୋଟ କଲେଜର ପ୍ରାକ୍ତନ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବୁଗୁଡା ବିଇଓ ଚିନ୍ମୟ ମହାପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥି ସହ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ ଉତ୍ସବର ପ୍ରାରମ୍ଭରେ ପରିଚାଳନା ସମିତି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ସୁଶାନ୍ତ ପ୍ରଧାନ ବାର୍ଷିକ ବିବରଣୀ ପଠନ ଏବଂ ପରିଶେଷରେ ସମିତି ଉପସଭାପତି ବାବାଜୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଗୁଡ଼ା ବ୍ଲକ ଅଙ୍ଗନଓ୍ୱାଡି କର୍ମୀ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ

ବୁଗୁଡ଼ା, (ସବ୍ୟୁ): ଅଲ ଓଡିଶା ଅଙ୍ଗନଓ୍ୱାଡି ଲେଡିଜ୍ ଓ୍ୱାର୍କସ ଆସୋସିଏସନ ସଂଲଗ୍ନ ଭାରତୀୟ ମଜଦୁର ସଂଘ ବୁଗୁଡା ବ୍ଲକର ଏକ ସମ୍ମିଳନୀ ସ୍ଥାନୀୟ ବଳଦେବ ସ୍ୱାମୀ କଲ୍ୟାଣୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୁଗୁଡା ବ୍ଲକ ସଭାନେତ୍ରୀ ସୁଶ୍ରୀ ବାସନ୍ତୀ କୁମାରୀ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ, ଗଞ୍ଜାମ ଜିଲ୍ଲା ପ୍ରଭାରୀ ଅଞ୍ଜଳୀ ନାୟକ ଓ ସଂଯୋଜିକା ଅମିତା ରାଉତ, ଭାରତୀୟ ମଜଦୁର ସଂଘ ଗଞ୍ଜାମ ଜିଲ୍ଲା ସଭାପତି ଭବାନୀ ଶଙ୍କର ଦାଶ ପ୍ରମୁଖ ଯୋଗଦେଇ ଉପସ୍ଥିତ ଅଙ୍ଗନଓ୍ୱାଡି କର୍ମୀଙ୍କୁ ମାର୍ଗ ଦର୍ଶନ କରିବା ସହ ଅଙ୍ଗନଓ୍ୱାଡି କର୍ମୀଙ୍କ ବିଭିନ୍ନ ଦାବୀ ସମ୍ପର୍କରେ ଆଲୋଚନା କରିଥିଲେ। ଏଥି ସହ ପରବର୍ତ୍ତୀ ପର୍ଯ୍ୟାୟରେ ଭାରତୀୟ ମଜଦୁର ସଂଘ ଗଞ୍ଜାମ ଜିଲ୍ଲା ସମ୍ପାଦକ ଅର୍ଜୁନ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ସାହୁଙ୍କ ସମେତ ଗଞ୍ଜାମ ଜିଲ୍ଲା ସଂଘର ଅନ୍ୟାନ୍ୟ ସଦସ୍ୟବୃନ୍ଦ ଏବଂ ବିଭିନ୍ନ ବ୍ଲକର ସଭାନେତ୍ରୀଙ୍କ ଉପସ୍ଥିତିରେ ବୁଗୁଡା ବ୍ଲକ ଅଙ୍ଗନଓ୍ୱାଡି କର୍ମୀ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ବାସନ୍ତୀ କୁମାରୀ ପ୍ରଧାନ–ସଭାନେତ୍ରୀ, ପ୍ରମୋଦିନୀ ସ୍ୱାଇଁ – ଉପସଭାନେତ୍ରୀ, ଅନିତା କୁମାରୀ ମିଶ୍ର – ସମ୍ପାଦିକା, ଆରତୀ ବେହେରା– ସହସମ୍ପାଦିକା, ଭାଗ୍ୟଲତା ସ୍ୱାଇଁ–କୋଷାଧ୍ୟକ୍ଷା ଭାବେ ମନୋନୀତ ହୋଇଥିଲେ ।

# ଯୁବକଙ୍କୁ ଦାଦାବଟି ମାଗିବା ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଶ୍ରୀରାମନଗରର ଯୁବକ କବିର ପାତ୍ରଙ୍କ ଘରେ ପଶି ତାଙ୍କୁ ୩୦ ଲକ୍ଷ ଟଙ୍କା ଦାଦାବଟି ମାଗିବା ସହ ମାରଣାସ୍ତ୍ର ଦେଖଇ ଭୟଭୀତ କରିବା ଘଟଣାରେ ବଡବଜାର ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲା ଶ୍ରୀରାମନଗରର ଭାଲୁ ସାମଲ(୪୪) । ପୂର୍ବରୁ ଏହି ଘଟଣାରେ ଭାଲୁ ସାମଲର ପୁତୁରା ଶ୍ରୀରାମନଗରର ଲିଙ୍ଗରାଜ ସାମଲ ଓରଫ ରିଙ୍କୁ(୨୩) ଓ ସଞ୍ଜୟ ମହାପାତ୍ର ଓରଫ ବିକି(୨୭)ଙ୍କୁ ଗିରଫ କରିଥିଲା । ଶ୍ରୀରାମନଗରର କବିର ପାତ୍ରଙ୍କ ନିକଟରେ ବିପୁଳ ଟଙ୍କା ଥିବା ଜାଣିବା ପରେ ୧୯ ତାରିଖ ସକାଳରେ ମୁଖ୍ୟ ଅଭିଯୁକ୍ତ ଭାଲୁ ସାମଲ ଓ ତାଙ୍କର ପୁତୁରା ସମେତ ଗ୍ୟାଙ୍ଗର ମୋଟ ୮ଜଣ ସଦସ୍ୟ କବିରଙ୍କ ଘରକୁ ଯାଇଥିଲେ । ଅଭିଯୁକ୍ତମାନେ କବିରଙ୍କୁ ୩୦ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ହେଲେ କବିର ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ମାରାଣସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଦାଦାବଟି ନଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଘଟଣାକୁ ନେଇ କବିର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ପରେ ପ୍ରାଥମିକ ପର୍ଯ୍ୟାୟରେ ଲିଙ୍ଗରାଜ ଓ ସଞ୍ଜୟଙ୍କୁ ଗିରଫ କରାଯାଇଥିଲା । ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ହୋଇଥିବା ଦୁଇଟି ବାଇକ ଜବତ କରିଥିଲା । ହେଲେ ମୁଖ୍ୟ ଅଭିଯୁକ୍ତ ଭାଲୁ ସହ ଅନ୍ୟମାନେ ବର୍ତ୍ତମାନ ସୁଧା ଫେରାର ରହିଥିଲେ । ଆଜି ଭାଲୁ ସାମଲକୁ ଗିରଫ କରାଯାଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି ।

# ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଣତି ପଟ୍ଟନାୟକ ଜଣେ ବଳାତ୍କାରିଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ସେ ହେଲା ପାଟପୁର ଥାନା ଅନ୍ତର୍ଗତ ଗଙ୍ଗାପୁର ଗ୍ରାମର ଅନିଲ କୁମାର ସାହୁ(୨୭)। ଜେଲ ଦଣ୍ଡ ସହ ଅଭିଯୁକ୍ତଙ୍କୁ ୯ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ମାମଲାର ବିବରଣୀରୁ ପ୍ରକାଶ ଯେ ଯେ, ଆସ୍କା ଥାନା ଅଞ୍ଚଳର ଜନୈକା ୧୬ ବର୍ଷର ନାବାଳିକାଙ୍କ ସହ ଜଣେ ଯୁବକ ପ୍ରେମ କରିବା ଆରମ୍ଭ କରିଥିଲା। ବିବାହ କରିବାକୁ ପ୍ରତିଶୃତି ଦେଇଥିଲା। ଯୁବକ ଜଣଙ୍କ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ୨୦୨୧ ମସିହାରେ ଉକ୍ତ ଯୁବକ ଅନିଲ କୁମାର ସାହୁ ନାବାଳିକାଙ୍କୁ ଏକ ଗାଡିରେ ଅପହରଣ କରି ହାଇଦ୍ରାବାଦ ନେଇ ଏକ ଆପ୍ପାର୍ଟମେଣ୍ଟରେ ରଖିଥିଲେ। ଅନିଲ ଉକ୍ତ ନାବାଳିକାଙ୍କୁ ସେଠାରେ ଏକ ମନ୍ଦିରରେ ବିବାହ କରି କିଛିମାସ ରଖିଥିଲେ। ନାବାଳିକା ଜଣଙ୍କ ଦୁଇମାସର ଗର୍ଭବତୀ ହେବା ଜାଣିବା ପରେ ସେଠାରୁ କୌଶଳକ୍ରମେ ଅନିଲ ତାଙ୍କୁ ଗାଡିରେ ଆଣି ଛାଡି ଦେଇ ଚାଲିଯାଇଥିଲେ। ପରେ ପିଡ଼ିତା ଜଣଙ୍କ ନିଜ ବାପାଙ୍କ ସହ ଗାଁକୁ ଫେରି ଆସ୍କା ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୧୦୩/୨୧ ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅନିଲ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ସେମାନେ ଜାମିନ ପାଇଥିଲେ। ସୋମବାର ରାୟ ପ୍ରକାଶ ବେଳେ ଉକ୍ତ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଅଟର ( ପିପି) ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ଏମ୍‌କେସି–୮୫ ମ୍ୟାଟ୍ରିକ୍ ବ୍ୟାଚ ବନ୍ଧୁମିଳନ

ବାରିପଦା, (ସବ୍ୟୁ) : ଏମ୍‌କେସି–୮୫ ମାଟ୍ରିକ ବ୍ୟାଚର ଏକ ବନ୍ଧୁ ମିଳନ ସ୍ଥାନୀୟ ତଖତପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବନ୍ଧୁମାନେ ପୁରାତନ ଛାତ୍ରଙ୍କ ସହ ମିଶି ହାଇସ୍କୁଲ ପ୍ରାଙ୍ଗଣରେ ସର୍ବପ୍ରଥମେ ବୃକ୍ଷରୋପଣ କରିଥିଲେ । ପରେ ବନ୍ଧୁମିଳନର ଆୟୋଜନ ହୋଇଥିଲା । ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ବନ୍ଧୁମାନେ ଆସି ଏହି ମିଳନରେ ଯୋଗଦାନ କରିଥିଲେ । ଏଥିରେ ବନ୍ଧୁମିଳନର ଆଭିମୁଖ୍ୟ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଏବଂ ଆସନ୍ତା ବର୍ଷ ପାଇଁ ଏକ ଖସଡ଼ା ମଧ ପ୍ରସ୍ତୁତ ହୋଇଥିଲା । ଶେଷରେ ପ୍ରକୃତି ସଂରକ୍ଷଣ ପାଇଁ ପ୍ରତ୍ୟେକ ସଦସ୍ୟ ଶପଥ ପାଠ କରିବା ସହ ପ୍ରତି ସଦସ୍ୟଙ୍କୁ ବୃକ୍ଷ ଚାରା ଉପହାର ପ୍ରଦାନ କରାଯାଇଥିଲା । ଏଥିରେ ଚିତ୍ତ ବାରିକ, ସୁବ୍ରତ ପଟ୍ଟନାୟକ, ଅକ୍ଷୟ ଅଗ୍ରଓ୍ୱାଲ, ପ୍ରଭାତ ନାୟକ, ବୈକୁଣ୍ଠ ଭୁଜବଳ, ସଂଜୀବ ପରିଡା ଓ ସଂଜୀବ ପତି ଇତ୍ୟାଦି ପରିଚାଳନା ଓ ସହଯୋଗ କରିଥିଲେ ।

# ବିଜ୍ଞାନ ପ୍ରଚାର ସମିତିର ପାକ୍ଷିକ ଅଧିବେଶନ

କଟକ, (ସ୍ୱପ୍ର): ବିଜ୍ଞାନ ପ୍ରଚାର ସମିତିର ପାକ୍ଷିକ ଅଧିବେଶନ ଦୋଳମୁଣ୍ଡାଇ ସ୍ଥିତ ସମିତି କାର୍ଯ୍ୟାଳୟ ପରିସରରେ ଡଃ. ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଜ୍ଞାନ ପ୍ରଚାର ସମିତିର ଆଜୀବନ ସଭ୍ୟ ତଥା ପୂର୍ବତନ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ପ୍ରଫେସର ଡ଼ଃ ବୈଷ୍ଣବ ଚରଣ ସିଂହଙ୍କ ଅକାଳ ବିୟୋଗରେ ଏକ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲା। ସଭାପତି ସ୍ମୃତି ଚାରଣ କରି କହିଥିଲେ, ପ୍ରଫେସର ବୈଷ୍ଣବ ଚରଣ ସିଂହଙ୍କ ଅସମୟରେ ମୃତ୍ୟୁ ବିଜ୍ଞାନ ପ୍ରଚାର ସମିତିର ସଭ୍ୟମାନଙ୍କୁ ଗଭୀର ମର୍ମାହତ କରିଛି । ସମିତିର ଉତ୍‌ଥାନରେ ତାଙ୍କର ଯଥେଷ୍ଟ ଅବଦାନ ରହିଥିଲା। ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ସେ ଶିକ୍ଷାର୍ଥୀମାନଙ୍କ ମହଲରେ ସୁପରିଚିତ ଥିଲେ। ସେ ଥିଲେ ଜଣେ ଜନପ୍ରିୟ ବିଜ୍ଞାନ ଲେଖକ ଏବଂ ସୁବକ୍ତା। ସେ ଥିଲେ ବଡ଼ ବନ୍ଧୁପ୍ରେମୀ ଓ ସୁଗବେଷକ। ତାଙ୍କର ଆତ୍ମା ସଦଗତି କାମନା କରାଯାଇଥିଲା । ଏହି ଅଧିବେଶନରେ ଡଃ ଆଶୁତୋଷ ଦେବତାଙ୍କ ଲିଖିତ ପୁସ୍ତକ 'ବିଜ୍ଞାନ ଓ ପରିବେଶ' ଉନ୍ମୋଚିତ ହୋଇଥିଲା। ଆସନ୍ତା ଜାନୁୟାରୀ ପାଞ୍ଚ ତାରିଖରେ ପାଳନ ହେବାକୁ ଥିବା ସମିତିର ବାର୍ଷିକ ଉତ୍ସବ ସମ୍ପର୍କିତ କେତେକ ଆଲୋଚନା କରାଯାଇଥିଲା। ଆଲୋଚନାରେ ସହଯୋଗ କରିଥିଲେ ଡଃ ଭାରତୀ ବେହେରା, ଡାକ୍ତର ସଚ୍ଚିଦାନନ୍ଦ ଶତପଥୀ, ଡଃ ସୁବାସିନୀ ଲେଙ୍କା, ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳ, ସୁକାନ୍ତ କିଶୋର ମହାନ୍ତି, ଡଃ ହେମନ୍ତ କୁମାର ପରିଡ଼ା, ବ୍ରଜବନ୍ଧୁ ପୃଷ୍ଟି, ଡଃ ଦେବେନ୍ଦ୍ରନାଥ ସାହୁ, ଡଃ ଶିବ ଶଙ୍କର ନାୟକ, ଡଃ ଅକ୍ଷୟ କୁମାର ଦାଶ । ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ ଯୁଗ୍ମ ସମ୍ପାଦିକା କବିତା ପାଟ୍ଟଶାଣୀ । ଅରବିନ୍ଦ କର ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୃହମନ୍ତ୍ରୀ ଓ ବାଲେଶ୍ୱର ସାଂସଦଙ୍କ କୁଶ ପୁତ୍ତଳିକା ଦାହ

ଭଞ୍ଜନଗର, (ସବ୍ୟୁ): ଦେଶର ପବିତ୍ର ଗୃହରେ ଖୋଦ୍ ଗୃହ ମନ୍ତ୍ରୀ ଯେଉଁଭଳି ଭାବରେ ସମ୍ବିଧାନ ପ୍ରଣେତା ବାବା ସେହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତି ଅପମାନ ସୂଚକ ଅରୁଚି ମନ୍ତବ୍ୟ ପ୍ରଦାନ କଲେ ଏଥରୁ ବିଜେପିର ଦଳିତ ବିରୋଧୀ ଅସଲ ମୁଖା ଖୋଲିଯାଇଛି। ଏଣୁ ଗୃହମନ୍ତ୍ରୀ ଏଥିପାଇଁ ଦେଶବାସୀଙ୍କ ପାଖରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ। ସେହିପରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଉପରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଦେଇଥିବା ମିଥ୍ୟା ମାମଲା ତୁରନ୍ତ ପ୍ରତ୍ୟାହାର କରନ୍ତୁ ଆଦି ଦାବିରେ ଜାତୀୟ କଂଗ୍ରେସ ପକ୍ଷରୁ ଭଞ୍ଜନଗର ଠାରେ ସୋମବାର ସଭା, ଶୋଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ କଂଗ୍ରେସ ନେତା ପ୍ରଶାନ୍ତ ବିଷୋୟୀଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଷ୍ଟେଟବ୍ୟାଙ୍କ ଛକ ଠାରେ ଏକାଠି ହୋଇଥିଲେ । ସେଠାରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ତଳେ ବିଜେପି ବିରୋଧୀ ନାରାବାଜି ଦେଇ ଗୃହମନ୍ତ୍ରୀ ଅମିତ ଶାହା ଓ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ସେଠାରୁ ଶୋଭାଯାତ୍ରା ପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଏଆଇକେଏମକେଏସ୍ ନେତା ନିରାକାର ନାୟକ ଓ ତାଙ୍କ ସମର୍ଥକ ମାନେ ମିଶି ବିଜେପି ଦେଶରେ ଜାଣିଶୁଣି ଅରାଜକତା ସୃଷ୍ଟି କରୁଛି ବୋଲି ଉଲ୍ଲେଖ କରିଥିଲେ। ସେଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କଂଗ୍ରେସ ସଂପାଦକ ସୁକାନ୍ତ ଦିଗାଲ, ଆସିକା ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା, ସୋରଡାରୁ ହରି କୃଷ୍ଣ ରଥ ପ୍ରମୁଖ ଉଦବୋଧନ ଦେଇଥିଲେ। ପରେ ଏକ ପ୍ରତନିଧି ମଣ୍ଡଳ ଉପଜିଲ୍ଲାପାଳ ଅନୀଲ କୁମାର ସେଠୀଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାକୁ ରଙ୍କ ଗୌଡ, ଲୋକନାଥ ସେଠୀ, ବାଲ୍ୟ ବେହେରା ଓ ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ସଞ୍ଚାଳନ କରିଥିଲେ।

# ଖବର କାଗଜ ବିତରକ ଗୁରୁତର

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ସଦରମହାକୁମା ଛତ୍ରପୁରରେ ମାଙ୍କଡ଼ ମାନଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି । ଏନେଇ ଜଣେ ଖବର କାଗଜ ବିତରକ ଏହାର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସ୍ଥାନୀୟ ବଡ଼ ଷ୍ଟେସନ ନିକଟ ରାସ୍ତାରେ କେ. ପୁରୁଷୋତ୍ତମ ପାତ୍ର ନାମକ ଜଣେ ଖବର କାଗଜ ବିତରକ, ଖବର କାଗଜ ନିମନ୍ତେ ଯାଉଥିବା ବେଳେ ହଠାତ ଏକ ମାଙ୍କଡ ତାଙ୍କ ଉପରେ ଡେଇଁ ଆକ୍ରମଣ କରିଥିଲେ । ଫଳରେ ସେ ଦୁର୍ଘଟଣା ଗ୍ରସ୍ତ ହୋଇ ଗୁରୁତର ଅବସ୍ଥାରେ ଛତ୍ରପୁର ମେଡିକାଲ ରେ ଭର୍ତି ହୋଇଥିଲେ । ପରବର୍ତୀ ସମୟରେ ଘରକୁ ଫେରିଥିଲେ, ସେ ନିହାତି ଗରିବ ଶ୍ରେଣୀ ହୋଇଥିବାରୁ ତାଙ୍କୁ ସହାୟତା ପ୍ରଦାନ ନିମନ୍ତେ ଛତ୍ରପୁର ଖବର କାଗଜ ବିତରକ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି । ସୂଚନାଯୋଗ୍ୟ ମାଙ୍କଡ଼ ମାନଙ୍କ ଉପଦ୍ରବ ଯୋଗୁଁ ପୂର୍ବରୁ ବହୁ ଲୋକ ଆହାତ ହେବା ସହିତ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏନେଇ ବହୁ ସଂଗଠନ ପକ୍ଷରୁ ବିଭିନ୍ନ ଅଧିକାରୀ ମାନଙ୍କୁ ଭେଟି ସମସ୍ୟା ସମ୍ପର୍କରେ କୁହାଯାଇଥିଲେ ମଧ କୋଣସି କାର୍ଯ୍ୟକାରି ହୋଇନାହିଁ ।

# ସୋରିଷମୁଳିରେ ପାଣି ପଞ୍ଚାୟତ ପକ୍ଷ ପାଳିତ

ଭଞ୍ଜନଗର, (ସବ୍ୟୁ): ଜଳ ସଂପଦ ବିଭାଗ ପକ୍ଷରୁ ରବିବାର ଭଞ୍ଜନଗର ଜଳସେଚନ ବିଭାଜନ ଅଧିନ ସୋରିଷମୂଳୀ ବ୍ୟାରେଜ୍ ନିକଟରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ଏହା ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିକ୍ଷଣ ଯନ୍ତ୍ରୀ ଇଂ.ରବିନ୍ଦ୍ରନାଥ ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ପକ୍ଷରୁ ଚାଷୀ ମାନଙ୍କ ପାଇଁ ନିଆଯାଉଥିବା ବିଭିନ୍ନ ଯୋଜନା ବାବଦରେ କହିଥିଲେ। ଏହା ସହ ଭଞ୍ଜନଗର ଉପଖଣ୍ଡ ଅଧିନ ସମସ୍ତ ବ୍ଲକର ଚାଷୀ ଜମି ଆଗାମୀ ଦିନରେ କିଭଳି ଜଳସେଚିତ ହୋଇ ପାରିବ ସେନେଇ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କହିଥିଲେ। ମେଗା ଜଳସେଚିତ ପ୍ରକଳ୍ପ ଗୁଡିକୁ ସଜଡାଯିବ। ନଦୀରେ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇ ସବୁ ଜମିକୁ ଜଳସେଚିତ କରାଯିବ ବୋଲି ଶ୍ରୀ ନାୟକ କହିଛନ୍ତି। ସରକାରଙ୍କ ବହୁ ଜନହିତକର ଯୋଜନା ସହ ଚାଷୀଙ୍କ ଉନ୍ନତି ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବାବଦରେ ସୋରଡା ବିଧାୟକ ନିଳମଣୀ ବିଷୋୟୀ କହିଥିଲେ। ବିଭିନ୍ନ ସମସ୍ୟା ବାବଦରେ ଇଂ ଶ୍ରୀ ସେଠି ଦୁଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅନିତା ମହାପାତ୍ର,ବାଘୁଆ ପାଣି ପଞ୍ଚାୟତ ସଭାପତି ଗଙ୍ଗାଧର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀଙ୍କ ସମେତ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଓ ଜଳସଂପଦ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।


# ଯକ୍ଷ୍ମା ଡାକ୍ତରଖାନା ସଭାଗୃହରେ ଓଡିଶା ମେଡିକାଲ କର୍ମଚାରୀ ସଂଘର ଜିଲ୍ଲାସ୍ତରୀୟ ସମ୍ମିଳନୀ

ବାରିପଦା, (ସବ୍ୟୁ) : ଓଡିଶା ମେଡିକାଲ କର୍ମଚାରୀ ସଂଘ ମୟୂରଭଞ୍ଜ ଶାଖାର ଜିଲ୍ଲାସ୍ତରୀୟ ସମ୍ମିଳନୀ ଯକ୍ଷ୍ମା ଡାକ୍ତରଖାନାର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଭାକର ପଲେଇଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା । ଉକ୍ତ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ମୁଖ୍ୟଅତିଥି ଭାବେ ମେଡିକାଲ ଏଡିଏମଓ ଡାଃ ବିଜୟ କୁମାର ଦାଶ ଉପସ୍ଥିତ ଥିଲେ, ଏବଂ ଜିଲ୍ଲା ଡାକ୍ତରଖାନର ସମସ୍ତ କର୍ମକର୍ତ୍ତା ଏବଂ ସଭ୍ୟ, ସଭ୍ୟା ବୃନ୍ଦ ସମ୍ମିଳନୀରେ ଉପସ୍ଥିତ ଥିଲେ । ମୟୂରଭଞ୍ଜ ଜିଲ୍ଲାର ୨୬ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ରାଇରଙ୍ଗପୁର, କରଞ୍ଜିଆ ଏବଂ ଉଦଳା ତିନିଗୋଟି ଉପଖଣ୍ଡ ଚିକିତ୍ସାଳୟର ସମସ୍ତ କର୍ମକର୍ତ୍ତା ତଥା କର୍ମଚାରୀ, ସଭ୍ୟ ସଭ୍ୟା ବୃନ୍ଦ ସମ୍ମିଳନୀରେ ଯୋଗଦେଇ ଆଗାମୀ ଦୁଇ ବର୍ଷ ନିମନ୍ତେ ଉକ୍ତ ସଂଘର କର୍ମକର୍ତ୍ତା ନିର୍ବାଚିତ କରାଯାଇଥିଲା। ନୂତନ କର୍ମକର୍ତ୍ତା ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତୋରୀ ଦେଇ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ସମ୍ବର୍ଦ୍ଧନା କରିଥିଲେ। କର୍ମଚାରୀ ସୁଶିଲ କୁମାର ପ୍ରଧାନଙ୍କ ବିୟୋଗରେ ୧ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିସହିତ ସଭାପତି ଭାବେ ଶ୍ୟାମସୁନ୍ଦର ଦେଓ, ଉପ–ସଭାପତି ହରେକୃଷ୍ଣ ଦାଶ, ସନ୍ତୋଷ କୁମାର ଧଳ, ଦିଲ୍ଲୀପ କୁମାର ମିଶ୍ର, ସନ୍ତୋଷ କୁମାର ନାୟକ, ବିଶ୍ୱ ଶଙ୍କର କଲିଆ, ସରୋଜ କୁମାର ସେଠୀ, ସମ୍ପାଦକ ସୁଶିଲ କୁମାର ସାହୁ, ଯୁଗ୍ମ ସମ୍ପାଦକ କୁମାରୀ ଫୁଲକୁଲି ମୁଖୀ, ପ୍ରଭାସ କୁମାର ମହାଭୋଇ, ସୁଚିସ୍ମିତା ମହାକୁଡ, ଲକ୍ଷ୍ମୀପ୍ରିୟା ମହାନ୍ତ, କୁମାରୀ ଅଜନ୍ତା ସାଠିଆ, ସାଙ୍ଗଠାନିକ ସମ୍ପାଦକ ପ୍ରଭାଶ କୁମାର ଦେ, କୋଷାଧ୍ୟକ୍ଷ ସୁବୋଧ କୁମାର ଜେନା, ମୁଖ୍ୟ ଉପଦେଷ୍ଟା ବାରିପଦା ବିଧାୟକ ପ୍ରକାଶ ସୋରେନ, ଉପଦେଷ୍ଟା ସୁନୀଲ କୁମାର ନାୟକ, ବିବେକାନନ୍ଦ ନାୟକ, କାର୍ଯ୍ୟକାରୀ ସଭ୍ୟ/ସଭ୍ୟା ଭାରତୀ ଆଚାର୍ଯ୍ୟ, ସୀତା ମୁର୍ମୁ, ରୀନା ପାଣି, ବବିତା ମହାନ୍ତ, ପ୍ରଜ୍ଞାରାଣୀ ସାମନ୍ତରାୟ, ଭବାନି ଶଙ୍କର ସାହୁ, ଅକ୍ରର ଖାଁନ୍, ଦେବାଶିଷ ବେହେରା, ସୁଜିତ ପାତ୍ର, ବିଶ୍ୱ ରଞ୍ଜନ ଧିର, ସତ୍ୟାନନ୍ଦ ମଙ୍ଗଲ, ଅନିଲ ମୁଖି ଏବଂ ମେଡିକାଲ କଲେଜର କର୍ମକର୍ତ୍ତାର ସଭାପତି ଶ୍ୟାମସୁନ୍ଦର ଦେଓ, ସମ୍ପାଦକ ମହେନ୍ଦ୍ର ପଲେଇ, ଯୁଗ୍ମ ସମ୍ପାଦକ ଆଲୋକ ପୁଟି, ପୋମା ସୋରେନ, କୋଷାଧ୍ୟକ୍ଷ ବିଜୟ ଲକ୍ଷ୍ମୀ ମହାନ୍ତ, ସସ୍ମିତା ମହାନ୍ତ, ରାହୁଲ ମହାନ୍ତଙ୍କ ସହିତ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭ୍ୟସଭ୍ୟା ଯଥା ବେତନଟୀର ହରିଶ ମହାନ୍ତ, ରାସଗୋବିନ୍ଦପୁରର ମନୋରଞ୍ଜନ ସେଠୀ, ବଡସାହିର ରବୀନ୍ଦ୍ର କୁମାର ରାଉଳ, କୁଳିଅଣାର ଅନନ୍ତ ନାୟକ, ଡୁକୁରାର ରଞ୍ଜନ କୁମାର



ନାଏକ, ଖୁଣ୍ଟାର ଟୁନି ସିଂ, କେସିପୁରର ମନୋଜ କୁମାର ବେହେରା, ଏ.ସି.ପୁରର ସୁମିତ୍ରା ଓଝା, କପ୍ତିପଦାର ସୁନ୍ଦର ମୋହନ ପାଢୀ, ରଙ୍ଗାମାଟିଆର ମକରନ୍ଦ ପୃଷ୍ଟି, କୋଷ୍ଟାର ଚିନ୍ତାମଣୀ ଦାସ, ଶୀର୍ଷାର ସୁଶିଲ କୁମାର ମହାରଣା, ବାଙ୍ଗିରିପୋଷିର ତପନ କୁମାର ଦାସ, ମଣଦାର ଚନ୍ଦନା ବେହେରା, ବିଶୋଇର ସତ୍ୟ ବେହେରା, ଠାକୁରମୁଣ୍ଡାର ତପନ କୁମାର ଦାସ, ଗୋରୁମହିଷାଣିର ଜୟନ୍ତ ବେହେରା, ଯଶିପୁରର ଦେବେନ୍ଦ୍ର ମହାନ୍ତ, ବହଳଦାର ଭୁଟା ସିଂ ଏବଂ କିଶାନତାଣ୍ଡିର ପ୍ରମୋଦ କୁମାର ଦାସବାବୁ, ବିଜାତଳାର ହୁଜାର ମୁର୍ମୁ ଓ ତିରିଂର ବିକ୍ରମ କେଶରୀ ସି ପ୍ରମୁଖ ଉପସ୍ଥିତ ଥିବା ସହିତ ସଂଘର ଦାବୀଗୁଡିକୁ ଉପସ୍ଥାପନା କରାଯାଇଥିଲା। ଦାବିଗୁଡିକ ଯଥାକ୍ରମେ ମୟୂରଭଞ୍ଜ ଜିଲ୍ଲା ମେଡିକାଲ କର୍ମଚାରୀ ସଂଘ ଗୃହର ନବୀକରଣ, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ କର୍ମଚାରୀ ସଂଘ ପାଇଁ କାର୍ଯ୍ୟାଳୟ ସ୍ଥାପନ, ମେଡିକାଲ କଲେଜ ଓ ହସ୍ପିଟାଲ କ୍ୟାମ୍ପସ୍‌ରେ କ୍ୟାଣ୍ଟିନ୍ ବ୍ୟବସ୍ଥା କରାଯାଉ, ମୟୂରଭଞ୍ଜ ଜିଲ୍ଲାର ରୋଗୀ ସଂଖ୍ୟା ବୃଦ୍ଧିପାଉଥିବା ଓ ସମସ୍ତ ଶ୍ରେଣୀର କର୍ମଚାରୀ ନିଯୁକ୍ତି ପାଉଥିବା ବେଳେ ଗୃପ୍–ଡି କର୍ମଚାରୀ ଏଠାରେ ନିଯୁକ୍ତି କରାଯାଉ ନାହିଁ ପ୍ରକାଶଯୋଗ୍ୟ ଯେ ଗୃପ–ଡି କର୍ମଚଥରୀ ଅବସର ନେବା ପରେ ଉକ୍ତ ପଦବୀରେ ନିଯୁକ୍ତି ପ୍ରଦାନ କରାଯାଉ ନାହିଁ ଏଣୁ ପଦବୀ ଖାଲି ଥିବା ସ୍ଥାନରେ ଏଜେନ୍ସି ଦ୍ୱାରା କାର୍ଯ୍ୟରତ ପିଲାଙ୍କୁ ନିଯୁକ୍ତି ଦିଆଯାଉ, ସରକାରଙ୍କ ଥଇଥାନ ଯୋଜନା ମୁତାବକ ଗୃପ–ଡି କର୍ମଚାରୀର ମୃତବରଣ ପରେ ତାର ପରିବାରର ସଦସ୍ୟଙ୍କୁ କୌଣସି ସର୍ତମୂଳକ ନିର୍ଦ୍ଦେଶ ବିନା ସ୍ଥାୟୀ ନିଯୁକ୍ତି କରାଯାଉ, ୪୪ଦିନରୁ ଅଧିକ ସାରଭିସ୍ ପ୍ରଭାଇଡରରେ ଅସ୍ଥାୟୀ ଭାବେ ଦୀର୍ଘ ଦିନ କାର୍ଯ୍ୟ କରୁଥିବା ଗୃପ–ଡି କର୍ମଚାରୀ ମାନଙ୍କୁ ୬ବର୍ଷ ପରେ ସ୍ଥାୟୀ ନିଯୁକ୍ତି ଦିଆଯାଉ ଓ ମୟୂରଭଞ୍ଜ ଜିଲ୍ଲାରେ ବହୁଦିନ ଧରି କାର୍ଯ୍ୟ କରୁଥିବା କେତେକ ଅସ୍ଥାୟୀ ଗୃପ–ଡି କର୍ମଚାରୀ ସ୍ଥାୟୀ ନିଯୁକ୍ତି ଦିଆଯାଉ, ମୟୂରଭଞ୍ଜ ଜିଲ୍ଲାରେ ଯୋଗ୍ୟତା ଅନୁଯାୟୀ ଗୃପ–ଡି କର୍ମଚାରୀଙ୍କୁ ଡିସିପି ବସାଇ ପଦନ୍ନୋତି କରାଯାଉ, ସମସ୍ତ ଗୃପ–ଡି କର୍ମଚାରୀଙ୍କୁ ସରକାରୀ ବାସଗୃହ ଯୋଗାଇ ଦିଆଯାଉ, ସମସ୍ତ ଗୃପ–ଡି କର୍ମଚାରୀ ମାନଙ୍କର ଅବସର ଗ୍ରହଣ ୬୦ବର୍ଷ ଅବଧି ପରିବର୍ତେ ୬୨ବର୍ଷ କରାଯାଉ, ମୟୂରଭଞ୍ଜ ଜିଲ୍ଲାରେ ମୁଖ୍ୟ ଚିକିତ୍ସାଧିକାରୀଙ୍କ ଯେଉଁ ବିଜ୍ଞପ୍ତି ପେପର ମାଧ୍ୟମରେ ଜାରି କରାଯାଇଥିବା ୪୬ଜଣ ଗୃପ–ଡି ପଦବୀ ଏବଂ ମେଡିକାଲ କଲେଜର ୪୪ପଦବୀ ଏଜେନ୍ସି ପିଲାଙ୍କୁ ସେହି ପଦବୀରେ ନିୟୋଜିତ କରାଯାଉ, ସଦର ଡାକ୍ତରଖାନାରେ ଅଧିକ ନିଯୁକ୍ତି ଦିଆଯାଉ ଭଳି ୧୨ଗୋଟି ଦାବିକୁ ଉପସ୍ଥାପନା କରାଯାଇଥିଲା। ସର୍ବଶେଷରେ ସୋରଜ କୁମାର ସେଠୀ ସଭାର ସଭାପତି ମଞ୍ଚାସିନ ଅତିଥୀ ବୃନ୍ଦ, ନୂତନ କର୍ମକର୍ତ୍ତା ସଭ୍ୟସଭ୍ୟାଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ।

## ଆମ୍ବେଦକରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ପ୍ରତିବାଦରେ
# କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହାଙ୍କ କୁଶପୁତ୍ତଳିକା ଦାହ



ବାରିପଦା, (ସବ୍ୟୁ) : ଭାରତର ସଂସଦ ଭବନରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ସମ୍ବିଧାନ ପ୍ରଣେତା ଡଃ ବାବାସାହେବ ଆମ୍ବେଦକର ପ୍ରତି ଅଶାଳୀନ ଓ ଅପମାନ ସୁଚକ ମନ୍ତବ୍ୟ ଦେବା ପ୍ରସଙ୍ଗରେ ଆଜି ମିଳିତ ଭାବେ କଂଗ୍ରେସ, ସିପିଆଇ, ସିପିଏମ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ବାରିପଦା ଟାଉନ କଂଗ୍ରେସ ସଭାପତି ଶାନ୍ତନୁ ପାଲ ଓ ସିପିଆଇ ଜିଲ୍ଲା ସଂପାଦକ ଜଗବନ୍ଧୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଗଣତନ୍ତ୍ରର ମନ୍ଦିର ସଂସଦ ଭବନରେ ସମ୍ବିଧାନ ପ୍ରଣେତା ଆମ୍ବେଦକର ପ୍ରତି ଅଶାଳୀନ ମନ୍ତବ୍ୟ 'ଅଭି ଏକ ଫେସନ ହୋ ଗେୟା ହେ, ଆମ୍ବେଦକର ଆମ୍ବେଦକର ଆମ୍ବେଦକର....ଇତନା ନାମ ଅଗର ଭଗବାନ କା ଲେତେ ତୋ ସାତ ଜନ୍ମୋ ତକ ସ୍ୱର୍ଗ ମିଲତା ଏପରି ଅପମାନଜନକ ଟିପ୍ପଣୀକୁ ସମସ୍ତ ଦେଶବାସୀଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଛି। କେନ୍ଦ୍ରଗୃହମନ୍ତ୍ରୀଙ୍କ ଏପରି ମନ୍ତବ୍ୟକୁ ମୟୂରଭଞ୍ଜ ଜିଲ୍ଲା ମେଣ୍ଟ ତରଫରୁ ଦୃଢ ନିନ୍ଦା କରିବା ସହ ତାଙ୍କର ଇସ୍ତଫା ଦାବି କରାଯାଇ ତାଙ୍କର କୁଶପୁତ୍ତଳିକା ଦାହ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ବରିଷ୍ଠ ନେତା ଜ୍ୟୋତି ପ୍ରକାଶ ରଥ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ଇତିଶ୍ରୀ ମିଶ୍ର, ରଶ୍ମିତା ମିଶ୍ର, ପ୍ରଦୀପ ମିଶ୍ର, ଓ୍ୱାହିଦା ଅହମ୍ମଦ, ମୁରଲୀ ନାଏକ, ସିପିଆଇ ପକ୍ଷରୁ ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ହୃଷିକେଶ ସାହୁ, ସିପିଏମ ପକ୍ଷରୁ ଜିଲ୍ଲା ସମ୍ପାଦକ ରବି ଗୋସ୍ୱାମୀ, ଅମଲ ଦେ, ରଘୁନାଥ ପଣ୍ଡା, ସେକ୍ ରିଜୁଆନ, କ୍ଷିତିଶ ସାସମଲ, ଅଶୋକ ଭଞ୍ଜଦେଓ, ସୁବାସ ତ୍ରିପାଠୀ, ଗଙ୍ଗାଧର ସାମଲ ଓ ଫାଗୁ ହେମ୍ବ୍ରମ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଚୋରା ବନ୍ଧୁକ କାରିଗର ଗିରଫ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦରଥାନା ଅନ୍ତର୍ଗତ ଭାଗିରଥୀପୁର ଗ୍ରାମରେ ଚୋରା ବନ୍ଧୁକ କାରିଗରଙ୍କୁ ଗିରଫ କରିବା ସହିତ ତାଙ୍କ ଠାରୁ ବନ୍ଧୁ ବନ୍ଧୁକ ତିଆରି ସାମଗ୍ରୀ ଜବତ କରାଯାଇଛି। ଗତ କାଲି ପାଟ୍ରୋଲିଂ ଚାଲିଥିବା ବେଳେ ଏଏସ୍ଆଇ ରେବତୀ ବେହେରା ଏକ ବିଶ୍ବସ୍ତ ସୂତ୍ରରୁ ଖବରପାଇ ବନ୍ଧୁକ କାରଖାନା ଚାଲିଥିବାର ଖବର ପାଇଥିଲେ। ସଙ୍ଗେ ସଙ୍ଗେ ପୋଲିସ ସଦଳବଳେ ଭାଗିରଥୀପୁର ଗ୍ରାମରେ ଚଢାଉ କରି ବିନା ଲାଇସେନ୍ସରେ ଚାଲିଥିବା ଜଣାପଡିଥିଲା। ଅକୁର ବେହେରାଙ୍କ ଘରପଛପଟେ ବନ୍ଧୁକ କାରଖାନା ଚାଲିଥିବା ବେଳେ ତାଙ୍କ ନିକଟରୁ ତିନୋଟି ଅଧାଗଢା ବନ୍ଧୁକ ଗୋଟିଏ ହାମର,ଫାର୍ସା, ଟେଷ୍ଟର,କଟର ,ବ୍ଲେଡ,ଟେପ, ଶିଶା କାଡ କଟା ମେସିନ ଜବତ କରାଯାଇଛି। ଘଟଣାରେ ୯୭୩/୨୪ରେ ଏକ ମାମଲା ରୁଜୁ କରାଯିବା ସହିତ ତାଙ୍କୁ ଗିରଫ କରାଯାଇଛି।



# ଓଡାପଡା ୟୁକୋ ବ୍ୟାଙ୍କରୁ ଡକାୟତି ଉଦ୍ୟମ ବିଫଳ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବଜାର ମଧ୍ୟରେ ଥିବା ୟୁକୋ ବ୍ୟାଙ୍କ ଶାଖାରୁ ଡକାୟତି ଉଦ୍ୟମ କରିବାରେ ଡକାୟତ ମାନେ ବିଫଳ ହୋଇଛନ୍ତି। ଗତ ସୋମବାର ୨୦ ତାରିଖ ବିଳମ୍ବିତ ରାତିରେ ୫୫ ନଂ ଜାତୀୟ ରାଜପଥ କଡ଼ରେ ଥିବା ନିମଦାହାଳି ଷ୍ଟେଟବ୍ୟାଙ୍କ ଏଟିଏମ୍‌ରୁ ପ୍ରାୟ ୪୫ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଘଟଣାରେ ପୋଲିସ ଧରିବାରେ ଅଭିଯୁକ୍ତଙ୍କୁ ସଫଳ ହୋଇନଥିବା ବେଳେ ଗତକାଲି ହିନ୍ଦୋଳ ରୋଡ ବଜାର ମଧ୍ୟରେ ଏବଂ ହିନ୍ଦୋଳ ରୋଡ ଫାଣ୍ଡି ନିକଟରେ ଥିବା ଓଡ଼ାପଡ଼ା ୟୁକୋ ବ୍ୟାଙ୍କ ଶାଖାରୁ କିଛି ଦୁବୃତ୍ତ ଡକାୟତି ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡିଛି। ଡକାୟତ ମାନେ ବ୍ୟାଙ୍କ ଶାଖା ପରିଚାଳକଙ୍କ ଚାମ୍ବରର ଲୁହା ଝରକାର ରଡକୁ କଟର ମେସିନ ରେ କାଟି ବ୍ୟାଙ୍କ ଭିତରକୁ ପଶି ଥିଲେ ମଧ୍ୟ କୌଣସି ଟଙ୍କା ନେଇ ପାରି ନାହାନ୍ତି। ବ୍ୟାଙ୍କ ଶାଖାରେ ଲାଗିଥିବା ସିସିଟିଭି ର ଏସିର ଷ୍ଟାବ୍‌ଲାଇଜର ଗୁଡିକ ନେଇ ପଳାଇଯାଇଥିବା ଦେଖିବାକୁ ମିଳିଛି। ମୋଟଙ୍ଗା ଥାନା ଆଇ ଆଇ ସି ଜିତେନ୍ଦ୍ର କୁମାର ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରି ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ କୁ ଯାଞ୍ଚ କରି ଲୁଟେରାଙ୍କୁ ଧରିବା ପାଇଁ ଉଦ୍ୟମ କରୁଥିବା ଜଣାପଡିଛି।ହିନ୍ଦୋଳ ରୋଡ ଫାଣ୍ଡି ଠାରୁ ମାତ୍ର ଏକଶହ ମିଟର ଦୂରରେ ଥିବା ୟୁକୋ ବ୍ୟାଙ୍କରେ ଡକାୟତି ଉଦ୍ୟମ କରିବା ଅତିତରେ ଡକାୟତ ମାନେ ସେହି ୟୁକୋ ବ୍ୟାଙ୍କ ଶାଖା ଏଟିଏମ୍ ରୁ ଟଙ୍କା ଲୁଟ କରିବା ଉଦ୍ୟମ ଘଟଣା ରେ ଅଭିଯୁକ୍ତ ମାନଙ୍କୁ ପୋଲିସ ଧରିବାରେ ବିଫଳ ହୋଇଥିବା ବେଳେ ଆଜିର ଏହି ଡକାୟତି ଘଟଣାରେ ଡକାୟତ ମାନଙ୍କୁ ପୋଲିସ ଧରିବାରେ କେତେ ସକ୍ଷମ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଲୋକାର୍ପିତ ହେଲା ଦଣ୍ଡାଧର ପର୍ଯ୍ୟଟନସ୍ଥଳୀ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ଠାରେ ଥିବା ଦଣ୍ଡାଧର ପର୍ଯ୍ୟଟନ ସ୍ଥଳୀ ଲୋକାର୍ପିତ ହୋଇଯାଇଛି। କଙ୍କଡ଼ାହାଡ଼ ବ୍ଲକ୍ ଅନ୍ତର୍ଗତ ଦଣ୍ଡାଧାର ପର୍ଯ୍ୟଟନ ସ୍ଥଳୀକୁ ଓଡ଼ିଶାର ଉପ-ମୁଖ୍ୟ ମନ୍ତ୍ରୀ ପ୍ରଭାତି ପରିଡ଼ା ଲୋକାର୍ପିତ କରିଛନ୍ତି।ଏହି ପର୍ଯ୍ୟଟନ ସ୍ଥଳୀରେ ପ୍ରାୟ ୫ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ପାର୍କିଂ ବ୍ୟବସ୍ଥା, ଶିଶୁ କ୍ରୀଡ଼ା କ୍ଷେତ୍ର, ଭୋଜି ପିଣ୍ଡି, ଚଲାରାସ୍ତା,ଶୌଚାଳୟ, ଫୁଡ୍ ପ୍ଲାଜା ନିର୍ମାଣ ଆଦି ଉନ୍ନତିକରଣ କାର୍ଯ୍ୟ କରା ଯାଇଛି। ଆବଶ୍ୟକ ପଡିଲେ ଅଧିକ ୧୦ କୋଟି ଟଙ୍କା ମଂଜୁର କରାଯିବ ବୋଲି ସେ କହିଥିଲେ। ଓଡ଼ିଶାକୁ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ବିକଶିତ କରିବାକୁ ରାଜ୍ୟ ଏବଂ କେନ୍ଦ୍ର ସରକାର ସମସ୍ତ ପ୍ରକାରର ଉଦ୍ୟମ କରୁଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ଢେଙ୍କାନାଳ ଜିଲ୍ଲାକୁ ଅଗ୍ରାଧିକାର ଦିଆ ଯାଇଛି ବୋଲି କହିଥିଲେ। ଦଣ୍ଡାଧାର ପର୍ଯ୍ୟଟନ ସ୍ଥଳୀର ବିକାଶ ଯୋଗୁଁ ଆଦିବାସୀ ଅଧ୍ୟୁଷିତ ଅଂଚଳର ଲୋକମାନଙ୍କର ଆର୍ଥିକ ବିକାଶ ଘଟିବ ବୋଲି କହିଥିଲେ ।ମହିଳାମାନଙ୍କ ବିକାଶ, ସୁରକ୍ଷା, ଏବଂ ସ୍ୱାର୍ଥରକ୍ଷା ସରକାରଙ୍କ ଦାୟୀତ୍ୱ ବୋଲି ସେ ପ୍ରକାଶ କରିଥିଲେ । ସୁଭଦ୍ରା ଯୋଜନାରୁ ଜଣେ ହେଲେ ହିତାଧିକାରୀଙ୍କୁ ବଞ୍ଚିତ କରାଯିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ମହିଳା ସଶକ୍ତ କରଣ ଦ୍ୱାରା ଓଡ଼ିଶାର ହୃତ ବିକାଶ ସମ୍ଭବ ହେବାକୁ ଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ଯୋଗଦେଇ ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗ ଦେଇଥିଲେ। ଏହି ପର୍ଯ୍ୟଟନ ସ୍ଥଳୀର ବିକାଶ ଯୋଗୁଁ ଢେଙ୍କାନାଳ ଜିଲ୍ଲାର ଆକର୍ଷଣ ବୃଦ୍ଧି ପାଇବ, ଏଥି ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ଲୋକାର୍ପଣ ଉତ୍ସବରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ଉପସ୍ଥିତ ଥିଲେ। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ, ବିଡ଼ିଓ ଯଶୋବନ୍ତ ଦେହୁରୀ, ପରଜଙ୍ଗ ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, କଙ୍କଡ଼ାହାଡ ବ୍ଲକ୍ ଉପାଧକ୍ଷା ଦୀପା ସାହୁ, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଶତାୟୁ ଧର୍ମପରାୟଣଙ୍କ ପରଲୋକ

ବନ୍ତଳା,(ସବ୍ୟୁ) : ଅନୁଗୋଳ ବ୍ଲକ ଅନ୍ତର୍ଗତ ଇଙ୍କରବନ୍ଧ ଗ୍ରାମପଂଚାୟତର ସାରଙ୍ଗପୁର ଗ୍ରାମର ଗଣେଶ୍ବର ସାହୁଙ୍କ ନିଜ ବାସ ଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୬ ବର୍ଷ ହୋଇଥିଲା । ସେ ବାଲ୍ୟରୁ ଅଲେଖ ଧର୍ମରେ ଦୀକ୍ଷିତ ଥିଲେ । କିଛି ଦିନ ପୂର୍ବରୁ ବାର୍ଦ୍ଧକ୍ୟ ଜନିତ ଶଯ୍ୟାଶାୟୀ ଥିଲେ । ମୃତ୍ୟୁ ସମୟରେ ତାଙ୍କର ଦୁଇ ପୁଅ, ବୋହୁ, ନାତି, ନାତୁଣୀ ବୋହୁ ସମେତ ସାହି ପଡୋଶୀ ଉପସ୍ଥିତ ଥିଲେ । ତାଙ୍କର ଶେଷକୃତ୍ୟ ଇତି ମଧ୍ୟରେ ସମ୍ପୂର୍ଣ ହୋଇଯାଇଛି । ବଡ ପୁଅ ବିପିନ ବିହାରୀ ସାହୁ ମୁଖାଗ୍ନି ଦେଇଥିଲେ । ତାଙ୍କର ମୃତ୍ୟୁ ଖବର ଶୁଣି ଆଖପାଖ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## କିଶୋରନଗରରେ ଜନଶୁଣାଣି ଶିବିର

ବଇଣ୍ଡା, (ସବ୍ୟୁ) : କିଶୋରନଗରରେ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି । ବସୁନ୍ଧରା ଯୋଜନା ୧୦ଜଣ ପାଇଛନ୍ତି । ଏଥିରେ ଜିଲ୍ଲାପାଳ ଅବଦଲ ଏମ ଅଖତର, ଗ୍କ ରାହୁଲ ଜୈନ, ଉପ ଜିଲ୍ଲାପାଳ ଦିଲ୍ଲୀପ କୁମାର ବେହେରା, ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ,ବ୍ଲଡ ହେମନ୍ତ କୁମାର ସିଂ, ଅଉକ୍ତ ଉଦୟ କୁମାର ମହାପାତ୍ର, କିଶୋରନଗର ତହସିଲଦାର ମନୋଜ ପ୍ରଧାନ, ଇଉକ୍ସ ବିନୋଦ ବିହାରୀ ବେହେରା, କିଶୋରନଗର ବ୍ଲକ ଅଧକ୍ଷା ସୈରେନ୍ଦ୍ରି ପ୍ରଧାନ, ବ୍ଲକ ଉପାଧକ୍ଷ ଲବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେଡି ସଦସ୍ୟତା ଅଭିଯାନ ଓ ପ୍ରତିଷ୍ଠା ଦିବସ ପାଳନ ଉପରେ ଆଲୋଚନା

ଅନୁଗୋଳ, (ସବ୍ୟୁ) : ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆଜି ଅନୁଗୋଳ ସଦର ମହକୁମା ଠାରେ ୪ଗୋଟି ନିର୍ବାଚନ ମଣ୍ଡଳୀର ଯଥା ଅନୁଗୋଳ, ତାଳଚେର, ଛେଣ୍ଡିପଦା ଓ ଆଠମଲ୍ଲିକ ସଦସ୍ୟତା ଅଭିଯାନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ରାଜ୍ୟ ବିଜେଡି ସଦସ୍ୟତା ଅଭିଯାନ ଆବାହକ ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ବିଜେଡି ନେତା 1 ବିଜୟ ନାୟକ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ଜିଲ୍ଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ରାଜ୍ୟ ବିଜେଡି ଆବାହକ ଦୀପକ ମହାପାତ୍ର, ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ ପ୍ରଧାନ, ଅରୁଣାଭ ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଏଥି ସହିତ ଆସନ୍ତା ୨୬ ତାରିଖ ଦିନ ଦଳର ୨୮ତମ ପ୍ରତିଷ୍ଠା ଦିବସ ପ୍ରତି ନିର୍ବାଚନ ମଣ୍ଡଳୀରେ ପାଳନ ହେବା ନେଇ ଆଲୋଚନା ହୋଇଥିଲା । ବିଭିନ୍ନ ବ୍ଲକର ବିଜେଡି ସଭାପତି, ବ୍ଲକ ଅଧକ୍ଷ/ଅଧକ୍ଷା, ଜିଲ୍ଲା ପରିଷଦ ସଭ୍ୟ, ଡିଜିଟାଲ ସଦସ୍ୟତା ଅଭିଯାନ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ଏନଟିପିସି ପ୍ଲାଣ୍ଟରେ ଠିକା କର୍ମଚାରୀଙ୍କ ମୃତ୍ୟୁ

କଣିହାଁ,(ସବ୍ୟୁ): ଅନୁଗୋଳ ଜିଲା କଣିହାଁସ୍ଥ ଏନଟିପିସି ପ୍ଲାଣ୍ଟର ମେଣ୍ଟନାନସ ରେ କାର୍ଯ୍ୟରତ ଜୁନିଅର ଅପରେଟର ପ୍ରଶାନ୍ତ ମହାକୁଡ (୪୮) ଙ୍କ ମୃତ୍ୟୁ ହୋଇଛି । ତାଙ୍କର ଘର ଢ଼େଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଅନ୍ତର୍ଗତ କଣ୍ଟାପାଳ ଗ୍ରାମରେ । ସେ ଏନଟିପିସି ପ୍ଲାଣ୍ଟ ସିଏଚପି ଟିପି-୨ ରେ ରବିବାର ରାତ୍ରି ଡ୍ୟୁଟିରେ ଥିଲେ । ସୋମବାର ସକାଳ ୬ଘଟିକା ସମୟରେ ଡ୍ୟୁଟି ସ୍ଥାନରେ ସ୍ୱାଭାବିକ ଭାବରେ ମରି ପଡ଼ିଥିଲେ । ଘଟଣା ସ୍ଥଳରେ ବିଭିନ୍ନ ଶ୍ରମିକ ସଂଗଠନ ର କର୍ମକର୍ତ୍ତା, ସଂପୃକ୍ତ ଠିକା ସଂସ୍ଥା, ଏନଟିପିସି ମ୍ୟାନେଜମେଣ୍ଟ, ପୁଲିସ ପହଞ୍ଚି ଆଲୋଚନା ହେବା ସହ ତ୍ରିପାକ୍ଷିକ ଚୁକ୍ତିନାମା ଅନୁଯାୟୀ ମୃତକ ପରିବାରକୁ ସଂସ୍କାର ଓ ସୁଧକ୍ରିୟା ପାଇଁ ୧ଲକ୍ଷ ଟଙ୍କା ପ୍ରଦାନ କରିବା ସହ ଉତ୍ତରାଧିକାରି ପ୍ରମାଣ ପତ୍ର ପାଇବା ପରେ ୧୨ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ସହ ପରିବାରର ଜଣକୁ ମେଣ୍ଟନାନସରେ ନିଯୁକ୍ତି ପ୍ରଦାନ ପାଇଁ ଲିଖିତ ପ୍ରତିଶ୍ରୁତି ପ୍ରଦାନ ପରେ ଦିନ ୧୧ଘଟିକା ସମୟରେ ଶବ ବ୍ୟବଚ୍ଛେଦ ପାଇଁ ଉଠିଥିଲା । ଏନଟିପିସି ପୋଲିସ ଏକ ମୋକଦ୍ଦମା କରି ତଦନ୍ତ ଚଳାଇଛି । ଘଟଣା ସ୍ଥଳରେ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ସାଧାରଣ ସଂପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଟୁନା ନାଏକ, ଗନ୍ଧର୍ବ ନାଏକ, ପ୍ରତାପ ପ୍ରଧାନ, ସନ୍ତୋଷ ସାହୁ, ଚରଣ ସାହୁ ପ୍ରମୁଖ ପହଞ୍ଚି ତ୍ରିପାକ୍ଷିକ ଚୁକ୍ତିର ନବୀକରଣ ପାଇଁ ଦାବି କରିଛନ୍ତି । ଏପଟେ ଏନଟିପିସି ପକ୍ଷରୁ କର୍ମଚାରୀଙ୍କ ସ୍ୱାଭାବିକ ମୃତ୍ୟୁ ପାଇଁ ଦୁଃଖ ପ୍ରକାଶ କରିବା ସହ ମୃତକ ପରିବାରକୁ ସମେବଦନା ଜଣାଇଛି ।

## ଧାନ ମଣ୍ଡି ଯାଞ୍ଚ କଲେ ଜିଲ୍ଲାପାଳ

ଠାକୁରଗଡ଼ ,(ସବ୍ୟୁ) : କିଶୋରନଗର ବ୍ଲକ ହିମିତିରା ସୋସାଇଟ କୁ ସୋମବାର ଦିନ ଅନୁଗୋଳ ଜିଲପାଳ ଗସ୍ତ କରି ଧାନ ମଣ୍ଡି ଯାଞ୍ଚ କରିଛନ୍ତି । ଜିଲ୍ଲାପାଳ ଉଜନ ମାପ ଜନ୍ତ୍ର କୁ ଯାଞ୍ଚ କରିବା ସହ କିଭଳି ଚାଷୀ ମାନେ ସେମାନ ଙ୍କ ଧାନ ବିକ୍ରି କରି ପାରିବେ ସେ ନେଇ ଅଧିକ ଧାନ ଦେବାକୁ ପରାମର୍ଶ ଦେଇଥିଲେ ।ଏଥିରେ ଆଠମଲ୍ଲିକ ଉପଜିଲ୍ଲାପାଳ ଦିଲ୍ଲୀପ କୁମାର ବେହେରା , ଆଠମଲ୍ଲିକ ଉପଖଣ୍ଡ ଯୋଗାଣ ଅଧିକାରୀ ଶିବାଶିସ ଜେନା , କିଶୋରନଗର ଯୋଗାଣ ଅଧିକାରୀ ଋଷଭ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରାଚୀନ ଲୋକ ନୃତ୍ୟ ସଂଘ ପକ୍ଷରୁ ବାର୍ଷିକ ଉତ୍ସବ

ସାଉଥବଲଣ୍ଡା ,(ସବ୍ୟୁ) : ତାଳଚେର ବ୍ଲକରେ ବ୍ଲକ କଳା ସଂସ୍କୃତି ସଂଘ ଅଧୀନରେ ପଞ୍ଜୀକୃତ ହୋଇଥିବା ପ୍ରାଚୀନ ଲୋକନୃତ୍ୟ ସଂଘ ପକ୍ଷରୁ ତାଳଚେର ପଂଚାୟତ ସମିତି ସଭାଗୃହରେ ବାର୍ଷିକ ଉତ୍ସବ ବଡ଼ ଧୁମଧାମରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସଭାଗୃହ ସମ୍ମୁଖରେ ଥିବା ସହିଦ୍ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ମହେଶ ସାହୁ ,ସମ୍ମାନୀୟ ଅତିଥି ଭାବେ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ସବିତା ସିଂ, ସମାଜସେବୀ ସବିତା ନାୟକ, ଡେଭଲପ ଇଣ୍ଡିଆର ଅଧକ୍ଷା ସରୋଜିନି ନାୟକ ,ଆଇନଜୀବୀ ସୁଶିଲ ମିଶ୍ର, ସାମ୍ବାଦିକ ଧୀର ମୋହନ ରାୟ,ମୁଖ୍ୟବକ୍ତା ଭାବେ ତାଳଚେର ବ୍ଲକର ବି.ଏସ୍.ଏସ. ଓ ବୀଣାଶିନୀ ନାୟକ ପ୍ରମୁଖ ମଂଚାସିନ ଥିଲେ । ସଂଘ ପକ୍ଷରୁ ବିଭିନ୍ନ ବର୍ଗର କଳାକାରମାନଙ୍କୁ ମାନପତ୍ର ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମଂଚ ପରିଚାଳନାରେ ସଂଘର ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ କରିଥିବା ବେଳେ ଉପସଭାପତି ନିରଞ୍ଜନ ସାମଲ, କୋଷାଧ୍ୟକ୍ଷ ମନୋଜ ବାରିକ, ବରିଷ୍ଠ ସଭ୍ୟ ପ୍ରଦୀପ ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀଜଗନ୍ନାଥ ବିଦ୍ୟାପୀଠରେ ଆସ୍ ପାୟର ଏ -୧ ଶିବିର ଉଦ୍ଯାପିତ

ରାସୋଳ,(ସବ୍ୟୁ) : ଢ଼େଙ୍କାନାଳ ଜିଲ୍ଲାରେ ଆଗାମୀ ମାଟ୍ରିକ ବୋର୍ଡ ପରୀକ୍ଷା ୨୦୨୫ ରେ ଏ -୧ ଗ୍ରେଡ ରେ ଅଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେବାର ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନର ପରାମର୍ଶ ତଥା ଜିଲ୍ଲା ଶିକ୍ଷା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଞ୍ଚ ଦିନିଆ ବ୍ଲକ ସ୍ତରୀୟ ଆସ୍ ପାୟାର ଏ -୧ ଆବାସିକ ପ୍ରଶିକ୍ଷଣ ଶିବିର ହିନ୍ଦୋଳ ବ୍ଲକ୍

ଗଣ୍ଡାନାଳୀ ପଞ୍ଚାୟତ ଶ୍ରୀ ଜଗନ୍ନାଥ ବିଦ୍ୟାପୀଠ ଓ ଖଲିବୋରେଇ ପଞ୍ଚାୟତ ଉତ୍କଳ ଭାରତୀ ବିଦ୍ୟାପୀଠ ଠାରେ ଉଦଯାପିତ ହୋଇଯାଇଛି ।ି ଶିବିରରେ ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟରୁ ୮୧ ଜଣ ମେଧାବୀ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଛାତ୍ର ମାନେ ଶ୍ରୀ ଜଗନ୍ନାଥ ବିଦ୍ୟା ପୀଠରେ ଓ ଛାତ୍ରୀ ମାନେ ଉତ୍କଳ ଭାରତୀ ବିଦ୍ୟାପୀଠ ଠାରେ ଦକ୍ଷ ଶିକ୍ଷକ/ ଶିକ୍ଷୟତ୍ରୀ ମାନଙ୍କ ଠାରୁ ସ୍ୱତନ୍ତ୍ର କୋଚିଂ ନେଇ ଥିଲେ । ବ୍ଲକ୍ ନୋଡାଲ ଅଧିକାରୀ ତଥା ରାସୋଳ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅନାଦି ଚରଣ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେଶିବିର ପରିଚାଳିତ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରିଣୀ ବିନିତା ସେନାପତି ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରିଣୀ ସସ୍ମିତା ସାହୁ, ବିଜ୍ଞାନ ସୁପର ଭାଇଜର ଲକ୍ଷ୍ମୀଧର ମହନ୍ତ, ଓଷ୍ଟା ର ରାଜ୍ୟ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ ଓ ଓଷ୍ଟ । ର ହିନ୍ଦୋଳ ବ୍ଲକ୍ ସମ୍ପାଦକ ତପନ କୁମାର ସାମଲ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଅବସରରେ ଓଷ୍ଟ ତରଫରୁ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଟେଷ୍ଟ ପେପର ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶ୍ରୀ ଜଗନ୍ନାଥ ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ଗୌର ଚନ୍ଦ୍ର ଜେନା , ସମସ୍ତ ଶିକ୍ଷକ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

## କାମାକ୍ଷାନଗରରେ ମହୁମାଛି ଆତଙ୍କ


କାମାକ୍ଷାନଗର, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସହରରେ ମହୁମାଛି ଆତଙ୍କ ଦେଖାଦେଇଥିବା ବେଳ ଦୁଇ ଦିନରେ୧୦ ରୁ ଉର୍ଦ୍ଧ ଲୋକ ଆହତ ହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି। ସହରର ଗୋପବନ୍ଧୁ ପାର୍କ ସାମ୍ନାରେ ଥିବା ଉପଜିଲ୍ଲାପାଳଙ୍କ ସରକାରୀ କାର୍ଯ୍ୟାଳୟ ନିକଟରେ ଗତ ଦୁଇ ଦିନରେ ମହୁମାଛି ଆକ୍ରମଣ ରେ ୧୦ ଜଣରୁ ଉର୍ଦ୍ଧ ଲୋକ ଆହତ ହୋଇ ମେଡିକାଲ ର ଭର୍ତ୍ତି ହୋଇଛନ୍ତି ।ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କାମାକ୍ଷାନଗର ମହାବିଦ୍ୟାଳୟ, ଷ୍ଟାଡିୟମ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଅନେକ ଗାଁକୁ ରାସ୍ତା ରହିଥିବା ବେଳେ ସେହିବାଟରେ ଯାଉଥିବା ଅନେକ ଲୋକ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି । ଆଜି ଗନ୍ଦିଆ ବ୍ଲକ ଦଲାର ଗ୍ରାମର ଚିତ୍ତବାରିକ ଓ କାମାକ୍ଷାନଗର ସହରର ଶକ୍ତିସ୍ୱର ନାୟକ ସେହି ରାସ୍ତାରେ ଯାଉଥିବା ବେଳେ ମହୁମାଛି ଆକ୍ରମଣର ଶିକାର ହୋଇ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ସେହିପରି ଆଜି ଦ୍ୱିପ୍ରହର ସମୟରେ ସେହି ରାସ୍ତାରେ ଯିବାବେଳେ ଅନେକ ଲୋକଙ୍କୁ ମହୁମାଛି ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିବା ଜଣାପଡିଛି ।ତେବେ ବାରମ୍ବାର କାମାକ୍ଷାନଗର ସହରରେ ଗତଦୁଇ ଦିନ ଧରି ମହୁମାଛି ଆକ୍ରମଣ ବୃଦ୍ଧି ପାଉଥିବା ବେଳେ ଅନେକ ଆହତ ହେଉଛନ୍ତି ।ତେଣୁ ତୁରନ୍ତ କିପରି ମହୁମାଛି ଆକ୍ରମଣରୁ ସହରବାସୀ ତଥା ଜନସାଧାରଣଙ୍କୁ ମୁକ୍ତି ମିଳିବ ସେନେଇ ତୁରନ୍ତ ପ୍ରଶାସନ ତରଫରୁ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ସେଣ୍ଟ୍ରାଲ ରେଲୱେ ଓ କେଏସଇବି କେରଳ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଷ୍ଟାଡିୟମ ଠାରେ ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଜିଲ୍ଲା କ୍ରୀଡା ସଙ୍ଘ ଏବଂ ଓଡିଶା ସରକାରଙ୍କ କ୍ରୀଡା ଯୁବ ବ୍ୟାପାର ଓ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଚାଲିଥିବା ଫୁଟବଲ ଟୁର୍ଣ୍ଣମେଣ୍ଟଆଜି କେଏସଇବି କେରଳ ଏବଂ ସନରାଇଜ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଏହି ମ୍ୟାଚରେକେଏସଇବି କେରଳ ୩-୧ଗୋଲରେ ସନରାଇଜ କ୍ଲବ କଟକକୁ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।ଆଜିର ଖେଳକୁ ରେଫରୀ ଭାବରେ ଦେବରାଜ ସ୍ୱାଇଁ,ଆଶିର୍ବାଦ କାନୁନୋଗୋ ,ଅରୁଣ ନାୟକ,ସୁବ୍ରତ ପୁରୋହିତ ପରିଚାଳନା କରିଥିବା ବେଳେ ମ୍ୟାଚ କମିଶନର ଭାବରେ ମାୟାଧର ସାହୁ ଯୋଗଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ ଜିଇଓ ଏଲଇଡି ଟ୍ରେଣ୍ଡସ ଓଡିଶର ଆୟୁଷ୍ମାନ ରାୟ ଯୋଗଦେଇଥିବା ବେଳେ ଟ୍ରେଣ୍ଡସର ରିଜିଓନାଲ ମାର୍କେଟିଂ ମ୍ୟାନେଜର ସଚ୍ଚିଦାନନ୍ଦ ସାହୁ,କ୍ଲଷ୍ଟର ମାର୍କେଟିଂ ମ୍ୟାନେଜର ଶାଶାଙ୍କ କୁମାର ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ଘୋଷକ ଭାବରେ ପ୍ରେମାନନ୍ଦ ମହାନ୍ତି, ସୁଶାନ୍ତ ପାଣି, ଆଡଭୋକେଟ ସରୋଜ ପାଢୀ ଯୋଗ ଦେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ସମ୍ପାଦକ ନଳିନି କୁମାର ଦାସ,ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଉପସଭାପତି ପ୍ରେମାନନ୍ଦ ବିହାରୀ, ସୌଭାଗ୍ୟ ସାହୁ,ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର,ଯୁଗ୍ମ ସମ୍ପାଦକ ଗୌରାଙ୍ଗ ସେଠି ଓ ମନୋଜ ପଟ୍ଟନାୟକ,ପ୍ରତାପ ମହାନ୍ତି,ବାବୁ ପାଢୀ,ସୁନିଲ ପଣ୍ଡା ,ବସନ୍ତ ବେହେରା, ସନ୍ତୋଷ କାନୁନଗୋ, ଶିବ ପ୍ରସାଦ ଦାସ,ଶିବରାମ ଦେହୁରୀ ଙ୍କ ସହିତ ଅନ୍ୟମାନେ ଯୋଗଦେଇଥିଲେ। ଆସନ୍ତା କାଲି ଫାଇନାଲ ମ୍ୟାଚ ସେଣ୍ଟ୍ରାଲ ରେଲୱେ ଏବଂ କେଏସଇବିକେରଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ରୀଡା ସମ୍ପାଦକ ନଳିନୀ କୁମାରଦାସ ଜଣାଇଛନ୍ତି।

# ପୂର୍ବତନ ନଗରପାଳ ଯୁଧିଷ୍ଠିର ସାହୁଙ୍କ ପରଲୋକ

ଭୁବନ,(ସବ୍ୟୁ) : ଭୁବନ ଏନ ଏ ସି ର ପୂର୍ବତନ ନଗରପାଳ ଯୁଧିଷ୍ଠିର ସାହୁ (୭୮) ଙ୍କର ରବିବାର ସଂଧ୍ୟାରେ ତାଙ୍କ ଲତବିଲ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ଗତ କିଛି ଦିନ ହେଲା ଅସୁସ୍ଥ ଥିଲେ । ତାଙ୍କ ପରଲୋକ ଖବର ପାଇ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ,ନଗରପାଳ ଶୁଭେନ୍ଦୁ ସାହୁ , ୧ ନମ୍ବର ୱାର୍ଡ କାଉନସିଲର ଗିରିଧାରୀ ସାହୁଙ୍କ ସମେତ ବ୍ଲକ ଏନ୍ ଏ ସି ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ସେ ୧୯୭୪ ମସିହାରେ ପ୍ରଥମେ କାଉନସିଲର ଏବଂ ପରେ ୧୯୮୪ ମସିହାରେ ଭୁବନ ସେଏନ୍ଏ ସି ର ନଗରପାଳ ହୋଇ ବହୁ ବିକାଶ ମୂଳକ କାର୍ଯ୍ୟ କରିଥିଲେ । ଭୁବନରେ ସାଇ ଟକିଜ ( ସିନେମା ହଲ ) ପ୍ରତିଷ୍ଠା କରିଥିଲେ । ସେ ଭାରତୀୟ ଜାତୀୟ କଂଗ୍ରେସର ଆଜୀବନ ସଦସ୍ୟ, ଭୁବନ ତଥା ଢେଙ୍କାନାଳ ଜିଲ୍ଲାରେ କଂଗ୍ରେସ ଦଳର ଜଣେ ଆଗ ଧାଡ଼ିର ନେତା ଭାବେ ପରିଚିତ ଥିଲେ । ଢେଙ୍କାନାଳ ରାଜା ସାହେବ କେ ପି ସିଂଦେଓ ଙ୍କ ଅତ୍ୟନ୍ତ ଘନିଷ୍ଠ ତଥା ପରିବାର ସଦସ୍ୟ ଭଳି ଥିଲେ । ଅତ୍ୟନ୍ତ ଶାନ୍ତ ସରଳ ଭଦ୍ର ନମ୍ର ସ୍ୱଭାବର ବ୍ୟକ୍ତି ହୋଇ ଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।



## ବିଭିନ୍ନ ଦାବି ନେଇ ବିଦ୍ୟୁତ କର୍ମଚାରୀଙ୍କ ଦିନିକିଆ ଧାରଣା

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ ବିଦ୍ୟୁତ୍ ବଣ୍ଟନ ଦାୟୀତ୍ୱ ନେଇଥିବା ଓପିଟିସିଲ ବିରୁଦ୍ଧରେ କର୍ମଚାରୀମାନେ ବିଭିନ୍ନ ଦାବୀ ନେଇ ଗଣଧାରଣା ଦେଇଥିବାର ଜଣାପଡିଛି। ଗ୍ରୀଡ୍‌କୋ ପରେ ଟାଟା ପାୱାର ବିଦ୍ୟୁତ୍ ବଣ୍ଟନ ଦାୟୀତ୍ୱ ନେଥିବା ବେଳେ କର୍ମଚାରୀଙ୍କ ଚାକିରୀ ସର୍ତ୍ତାବଳୀ, କ୍ୟାଡର ରୁଲ୍ ଅବରିବର୍ତ୍ତିତ ରଖିବାରେ ଟାଟ ପାୱାରଦ୍ୱାରା ନିଯୁକ୍ତ ଅନଭିଜ୍ଞ ପରିଚାଳକଙ୍କ ପାଇଁ ଶ୍ରମିକ ମାରଣ ନିତୀ ଚାଲିଛି। ଚାରିଟି ବିଦ୍ୟୁତ୍ ବଣ୍ଟନ ବିଭାଗରେ ବକେୟା ଦରମା,କ୍ୟାଡର ରିଆରେଞ୍ଜମେଣ୍ଟ ସୁବିଧାରୁ ବୈଷୟୀକ ତାଲିକରୁ ବଞ୍ଚିତ ହେବା,ଛୋଟ ଛୋଟ କାରଣରୁ ତଳିଆ କର୍ମଚାରୀଙ୍କୁ ଛଟେଇ କରିବା ବନ୍ଦ ,ଛଟେଇ କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି,ଖାଲି ପଦବୀରେ ନୂତନ ନିଯୁକ୍ତି ସହିତ ମଜୁରୀନିର୍ଦ୍ଧାରଣକୁ ନେଇ ଏହି ଗଣଧାରଣାକୁ ଓହ୍ଲାଇଚନ୍ତି। ଏହି ଗଣବିକ୍ଷୋଭ ସମୟରେ ଉପସଭାପତି ପଙ୍କଜ କୁମାର ତ୍ରିପାଠୀଙ୍କ କହିବା ଅନୁସାରେ ୫ବର୍ଷ ହେବ ଦରମା ନିର୍ଦ୍ଧାରଣ ନହେବା,ଛୋଟ ଛୋଟ ଭୁଲ ପାଇଁଛଟେଇ କରିବା ଏବଂ ବଡ ଅଫିସର ମାନଙ୍କୁ ଘଣ୍ଟଘୋଡାଇବା, ନୂତନ ନିଯୁକ୍ତି ନସେବା ଏଭଳି ବିଭିନ୍ନ ବାଦୀ ନେଇ ଏହି ଗଣଧାରଣା ଦିଆଯାଇଛି।ସେହପରି ସମ୍ପାଦକ ବିକାଶ ସାହୁଙ୍କ କହିବା ଅନୁସାରେ ୫ଶହ କର୍ମଚାରୀ ନିଜର ହକ ପୁରଣ ପାଇଁଗଣଧାରଣାରେ ବସିରହିଛନ୍ତି।ଏହାକୁ ନେଇ ଟାଟା ପାୱାରର ଅତିରିକ୍ତ ଯନ୍ତ୍ରୀ କହିଛନ୍ତି ଯେ ତାଙ୍କ ଦାବୀ ବିଷୟରେ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ,ସେମାନେ ଯାହା ନିଷ୍ପତି ନେବେ ବୋଲି କହିଛନ୍ତି। ଏହି ଗଣଧାରଣାରେ ସୁରେନ୍ଦ୍ର ଦାସ,ମୃତ୍ୟୁଞ୍ଜୟ ପ୍ରଧାନ,ଶିଶିର ସାହୁ,ମହେଶ୍ୱର ପରିଡା,ସଞ୍ଜିତ ଶତପଥୀ,ଶୀବାନୀ ପାଣି,ସଞ୍ଜୟ କୁମାର ପାଣିଙ୍କ ସହିତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଠାକୁରଗଡ଼ ,(ସବ୍ୟୁ) :କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ର ହିଞ୍ଜିରିଡା ଗ୍ରାମର କିଶୋର ଚନ୍ଦ୍ର ପ୍ରଧାନ ରବିବାର ଦିନ ଭାଲୁ ଆକ୍ରମଣ ରେ ଗୁରୁତର ଆହାତ ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥା ତାଙ୍କ ପରିବାର ଲୋକେ ଉଦ୍ଧାର କରି ଚିକିସା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଛନ୍ତି । ଘଟଣାରୁ ଜଣା ପଡିଛି ଯେ କିଶୋର ନିକଟସ୍ଥ ଜଙ୍ଗଲ କୁ ଯାଇଥିବା ବେଳେ ଲଟି ବୁଦା ରେ ଲୁଚି ରହିଥିବା ଏକ ଭାଲୁ ତାଙ୍କ ମୁଣ୍ଡ କୁ ଆକ୍ରମଣ କରିଥିଲା । ଭାଲୁ ଆକ୍ରମଣ ରେ କିଶୋର ଙ୍କ ମୁଣ୍ଡ ରେ ଆହାତ ଲାଗିଥିବା ବେଳେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣ ରେ ଦାବି ହୋଇଛି ।

# ଟାଟା ଷ୍ଟିଲ ପକ୍ଷରୁ ମନ୍ଥନ ଯାତ୍ରା



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ମେରାମଣ୍ଡଳୀ ସ୍ଥିତ ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ ରିସ୍ତା ପ୍ରକଳ୍ପ ଅଧିନରେ ମନ୍ଥନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଓଡାପଡା ବ୍ଲକ ବାଙ୍ଗୁରସିଂହ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୮୦ରୁ ଅଧିକ ଯୁବକ ଯୁବତୀ ଅଂଶ ଗ୍ରହଣ କରିଥିଲେ। ଯୁବଗୋଷ୍ଠୀଙ୍କୁ ପ୍ରେରଣା ଦେବା, ସଶକ୍ତ କରିବା ଫଳରେ ସେମାନେ ନିଜେ ନେତୃତ୍ୱ ନେବା ସହିତ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିବେ । ଅଂଶଗ୍ରହଣକାରୀମାନେ ପଥପ୍ରାନ୍ତ ନାଟକ, ନୃତ୍ୟ ମାଧ୍ୟମରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଅନୁରାଧା ଗୋସ୍ୱାମୀ, ଡିଏସଡିଇଓ କେ ରୋଜା,ଓଡାପଡା ଏମଓଆଇସି ଅନନ୍ତ କୁମାର ରାଉଳ, ଦିବ୍ୟଜ୍ୟୋତି ମହାପାତ୍ର, ଗ୍ରାମ ସଭାପତି ଜଗବନ୍ଧୁ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବଗୋଷ୍ଠୀ ବିଶେଷ କରି ଝିଅମାନଙ୍କୁ ଏକ ସୁସ୍ଥ ଜୀବନ ଯାପନ କରିବାକୁ ସଚେତନ କରାଯାଇଥିଲା। ରିସ୍ତା ଜରିଆରେ ବ୍ଲକର ୧୫ ହଜାର କିଶୋର କିଶୋରୀ ଏବଂ ସେମାନଙ୍କର ଅଭିଭାବକଙ୍କ ସହିତ କାମ କରୁଥିବାର ଜଣାପଡିଛି।

# ଦୀପଶିଖା ଏସଏସଭିଏମ୍‌ର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ

## ସରସ୍ୱତୀ ବିଦ୍ୟାମନ୍ଦିରର ନୈତିକ ଓ ଆଧାତ୍ମିକ ଶିକ୍ଷା ଛାତ୍ରଛାତ୍ରୀଙ୍କ ଉତ୍ତମ ଭବିଷ୍ୟତ ଗଠନ କରେ

କଣିହାଁ,(ସବ୍ୟୁ) : ଅନୁଗୁଳ ଜିଲ୍ଲା କଣିହାଁ ଏନଟିପିସି ସ୍ଥିତ ଦୀପଶିଖା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ରୂପେ ଏନଟିପିସି ବିଦ୍ୟୁତ ପ୍ରକଳ୍ପର ସତ୍ୟରାମ କ୍ରିଷ୍ଣା ଯୋଗଦେଇ ଶିଶୁମନ୍ଦିର ଦ୍ୱାରା ଦିଆଯାଉଥିବା ନୈତିକ ଓ ଆଧାତ୍ମିକ ଶିକ୍ଷାକୁ ଗ୍ରହଣ କଲେ ଛାତ୍ର ଛାତ୍ରୀଙ୍କ ଉତ୍ତମ ଭବିଷ୍ୟତ ଗଠନ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାର ପୂର୍ବତନ ସହପ୍ରାନ୍ତ ନିରୀକ୍ଷକ ହେମନ୍ତ କୁମାର ଧର ଯୋଗଦେଇ ମା ମାନଙ୍କୁ ଦେଶର ଭବିଷ୍ୟତ ନାଗରିକ ତିଆରିରେ ପ୍ରମୁଖ ଭାବେ ସେମାନଙ୍କ ଦାୟିତ୍ୱ ବିଷୟରେ ଅବଗତ କରାଇଥିଲେ ଏବଂ ଶିଶୁଙ୍କୁ ଦେଶ ଗଠନରେ ଭାରତୀୟତାର ମନୋଭାବ ରଖି କାର୍ଯ୍ୟ କରିବାର ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଭିଆଇ ଅନୁରାଧା, ଏନଟିପିସି ମାନବ ସଂସାଧାନର ମୁଖ୍ୟ ନବନୀତ କୁମାର ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ ସଭାପତିତ୍ୱ , ସମ୍ପାଦକ ବିଶ୍ୱନାଥ ପ୍ରଧାନ , ପ୍ରଧାନ ଆଚାର୍ଯ୍ୟ, ସୁଶାନ୍ତ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପଠନ କରିଥିଲେ । ବିଦ୍ୟାଳୟର ସମସ୍ତ ପରିଚାଳନା ସମିତିର ୧୦ ଜଣ ସଦସ୍ୟ ସଦସ୍ୟା ଓ ୨୦ ଜଣ ମାତୃ ଭାରତୀ ସଦସ୍ୟା, ୨୩ ଜଣ ଗୁରୁଜୀ, ଗୁରୁମାଙ୍କ ଓ ଶିଶୁ ଭାରତୀର ସହଯୋଗରେ ଉତ୍ସବ ପରିଚାଳିତ ହୋଇଥିଲା । ବାର୍ଷିକ ଉତ୍ସବରେ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି, ପ୍ରାଥମିକ ସ୍ତରର ମେଧାବୃତ୍ତି, ପ୍ରଦେଶ ଓ ଜାତୀୟ ସ୍ତରରେ ଅଂଶ ଗ୍ରହଣ କରି କୃତକାର୍ଯ୍ୟ ହାସଲ କରିଥିବା ୨୩ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇ ଯାଇଥିଲା। ଚଳିତ ବର୍ଷ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସଂସ୍କୃତି ବଞ୍ଚିଲେ ଦେଶ ବଞ୍ଚିବ ଶୀର୍ଷକ ଆଧାରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା ।



# ହନୁମାନଙ୍କ ମୂର୍ତ୍ତିଭଙ୍ଗା ନେଇ ଉତ୍ତେଜନା : ରାସ୍ତାରୋକ

କେନ୍ଦୁଝର , (ସ୍ୱପ୍ର) : ରବିବାର ବିଳମ୍ବିତ ରାତିରେ ବଡ଼ବିଲ ନିଉ ମାର୍କେଟ ଅଞ୍ଚଳରେ ଥିବା ହନୁମାନ ମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିଲେ।ଖବର ପାଇ ସୋମବାର ସକାଳୁ ସ୍ଥାନୀୟ ହିନ୍ଦୁ ସଂଗଠନ ଏବଂ ବିଜେପି ପକ୍ଷରୁ ବଡ଼ବିଲ ସହରର ସମସ୍ତ ଛକ ସ୍ଥାନରେ, ଫିଲ୍ମହଲ ଛକ, ବାଟାଛକ, ବଙ୍ଗଳା ଛକ, କିରିବୁରୁ ଛକ, ବିସାମୁଣ୍ଡା ଛକ, ଓଏମସି ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି।ଦୋକାନ ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନକୁ ବନ୍ଦ କରିଛନ୍ତି ଆନ୍ଦୋଳନକାରୀ। ତେବେ ଘଟଣା ସ୍ଥଳରୁ ପୁଲିସ ଭଙ୍ଗାଯାଇଥିବା ହନୁମାନ ମୂର୍ତ୍ତିକୁ ଥାନାକୁ ନେଇଯାଇଥିବାରୁ, ହିନ୍ଦୁମାନଙ୍କ ପ୍ରତି ଏହା ଘୋର ଅପମାନ କହି ଆନ୍ଦୋଳନକାରୀ ଆନ୍ଦୋଳନକୁ ବ୍ୟାପକ କରିଥିବା ଜଣାଯାଇଛି। ବଡ଼ବିଲ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜଣେ ମାନସିକ ରୋଗୀକୁ ଏହି ମୂର୍ତ୍ତିଭଙ୍ଗା ଘଟଣାରେ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।ଏଣେ, ଦୋକାନ ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନକୁ ବନ୍ଦ କରିଛନ୍ତି ଆନ୍ଦୋଳନକାରୀ। ତେବେ ଘଟଣା ସ୍ଥଳରୁ ପୁଲିସ ଭଙ୍ଗାଯାଇଥିବା ହନୁମାନ ମୂର୍ତ୍ତିକୁ ଥାନାକୁ ନେଇଯାଇଥିବାରୁ, ହିନ୍ଦୁମାନଙ୍କ ପ୍ରତି ଏହା ଘୋର ଅପମାନ କହି ଆନ୍ଦୋଳନକାରୀ ଆନ୍ଦୋଳନକୁ ବ୍ୟାପକ କରିଥିବା ଜଣାଯାଇଛି। ବଡ଼ବିଲ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜଣେ ମାନସିକ ରୋଗୀକୁ ଏହି ମୂର୍ତ୍ତିଭଙ୍ଗା ଘଟଣାରେ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି। ଜିଲ୍ଲା ମୁଖ୍ୟାଳୟରୁ ଏକ ସ୍ୱତନ୍ତ୍ର ଦଳ ବଡ଼ବିଲରେ ପହଞ୍ଚି ତଦନ୍ତକୁ ତ୍ୱରାନ୍ୱିତକରିଥିବା ଜଣାଯାଇଛି। ଖବର ଲେଖାହେବା ଯାଏ କୌଣସି ହିଂସା ହୋଇନଥିବାବେଳେ, ଦୁଇ ପ୍ଲାଟୁନ ଫୋର୍ସ ପରିସ୍ଥିତି ଉପରେ ନଜର ରଖିଛନ୍ତି। ବିଭିନ୍ନ ଆଖଡ଼ା ଦଳ ପକ୍ଷରୁ ବଡ଼ବିଲର ବିଭିନ୍ନ ୱାର୍ଡରେ ଜୟ ଶ୍ରୀରାମ ଧ୍ୱନି ଦିଆଯାଇ ଶୋଭାଯାତ୍ରା କରାଯାଉଥିବା ଦେଖିବାକୁ ମିଳିଛି।

# ଅଙ୍ଗନବାଡ଼ି ପିଲା ହୀନସ୍ତା

ଆଗରପଡ଼ା,(ସବ୍ୟୁ): ପାଠପଢ଼ାର ମୂଳଦୁଆ ଅଙ୍ଗନବାଡ଼ି କେନ୍ଦ୍ରରୁ ପଡ଼ିଥାଏ। ଏହାକୁ ଲକ୍ଷ୍ୟ ରଖି ସରକାରୀ ସ୍ତରରେ କୋମଳମତି ପିଲାମାନଙ୍କ ପାଇଁ ନାନାଦି ସୁବିଧା କରାଯାଇଛି। ମାତ୍ର ଅନେକ ଅଙ୍ଗନବାଡ଼ି କେନ୍ଦ୍ରରେ ନିଜସ୍ୱ ଗୃହ ନଥିବାରୁ ପିଲାମାନେ ନାନାଦି ହୀନସ୍ତା ହେଉଥିବାର ଅଭିଯୋଗ ହେଉଛି। ପ୍ରାପ୍ତ ସୂଚନାନୁଯାୟୀ–ବନ୍ତ ବ୍ଲକରେ ଥିବା ୨୫ ଗୋଟି ପଞ୍ଚାୟତରେ ଥିବା ୨୩୮ଗୋଟି କେନ୍ଦ୍ର ମଧ୍ୟରୁ ୧୬୪ କେନ୍ଦ୍ରରେ ନିଜସ୍ୱ ଗୃହ ରହିଛି ଓ ୨୧ ଗୋଟି କେନ୍ଦ୍ର ନିର୍ମାଣାଧିନ ରହିଛି।୫୩ ଗୋଟି କେନ୍ଦ୍ରରେ ନିଜସ୍ୱ ଗୃହ ନାହିଁ । ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀମାନେ ଦୃଷ୍ଟିଦେବାକୁ ଅଭିଭାବକମାନଙ୍କ ପକ୍ଷରୁ ଦାବି ହେଉଛି।

# ଅବକାରୀ ଚଢ଼ାଉ ବେଳେ ଧସ୍ତାଧସ୍ତି : କନଷ୍ଟେବଳ ଆହତ,୧୦ ଗିରଫ



ଭୋଗରାଇ,(ସବ୍ୟୁ) : ବାଲେଶ୍ୱରଜିଲ୍ଲା। କମର୍ଦ୍ଦା ଥାନା ଅଧୀନ କମର୍ଦ୍ଦା ବଜାର ରେ ଜନୈକ ବ୍ୟକ୍ତି ଙ୍କ ଘରେ ବ୍ରାଉନସୁଗାର ବିକ୍ରି ହେଉଥିବାର ଅଭିଯୋଗ ପାଇ ସୋମବାର ସକାଳେ ଅବକାରୀ ବିଭାଗ ଅଚାନକ ଚଢ଼ାଉକରି ଥିଲେ । ଚଢ଼ାଉବେଳେ ସନ୍ଦେହ ଜନକ ସାମଗ୍ରୀ ଜବତ କରିବା ସହିତ ଜଣେ ମହିଳାଙ୍କୁ କାବୁ କରି ଗାଡ଼ିକୁ ନେଉଥିବାବେଳ ପରିବାର ଲୋକେ ସଂଘବଦ୍ଧ ହୋଇ ବିଭାଗୀୟ ଗାଡ଼ିରୁ ଚାବି ଛଡାଇ ନେବାସହିତ ମହିଳାଙ୍କୁ ଛାଡିବା ଦାବିରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅବକାରୀ କର୍ମଚାରୀଙ୍କ ସହିତ ମହିଳାଙ୍କ ପରିବାର କଥା କଟାକଟି ଓ ପରେ ଉଭୟଙ୍କ ମଧ୍ୟରେ ଠେଲାପେଲା ଓ ଧସ୍ତା ଧସ୍ତି ହୋଇଥିଲା। ଦୀର୍ଘ ସମୟ ଧରି ଉଭୟ ପକ୍ଷର ଏଭଳି ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଥିବା ବେଳେ ଏଥିରେ ଜଣେ ଅବକାରୀ ବିଭାଗର କନେଷ୍ଟବଳଙ୍କ ଡାହାଣ ହାତ କାଟିଯାଇଥିବାର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ କମର୍ଦ୍ଦା ବଜାରରେ ଲମ୍ବୋଦର ଦାସ ଓ ତାଙ୍କ ପଡୋଶୀ ଘରେ ଦୀର୍ଘଦିନ ଧରି ନିଶା କାରବାର ହେଉଥିବାର ଅଭିଯୋଗ ହୋଇ ଆସୁଥିଲା । ସୋମବାର ଅବକାରୀ ବିଭାଗ ଚଢ଼ାଉବେଳେ ଲମ୍ବୋଦର ସ୍ତ୍ରୀ ଗୀତାଞ୍ଜଳି ଦାସଙ୍କୁ ତାଙ୍କ ଘରେ କାବୁ କରି ଥିବାବେଳେ ମହିଳାଙ୍କ ୨ ପରିବାର ମିଳିତ ଭାବେ ଅବକାରୀ ବିଭାଗ କର୍ମଚାରୀଙ୍କୁ ବାଧା ଦେବାରୁ ସ୍ଥିତି ଅଣାୟତ୍ତ ହୋଇଥିଲା। ଘଟଣା ଜଟିଳ ହେଉଥିବାରୁ କମର୍ଦ୍ଦା ଥାନାରୁ ଅତିରିକ୍ତ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଏହି ଘଟଣାରେ କମର୍ଦ୍ଦା ପୋଲିସ ପକ୍ଷରୁ କେଶ୍ ନମ୍ବର ୧୭୯ / ୨୪ରେ ସଙ୍ଗୀନ ଦଫାରେ ମାମଲା ରୁଜୁକରି ୭ ମହିଳା ସମେତ ୩ ପୁରୁଷକୁ ଗିରଫ କରିଛନ୍ତି । ଗିରଫ ହୋଇଥିବା ବ୍ୟକ୍ତିମାନେ ପୋଲିସ ମଦ୍ୟପାନ କରି ମହିଳାଙ୍କୁ ଅସଦାଚରଣ କରିଥିବାର ଅଭିଯୋଗ କରିଥିବାବେଳେ ଅବକାରୀ ବିଭାଗ ତାଙ୍କ ଘରୁ ମୁଲତାନ ମାଟି( ମୁହଁ ଫେସ ପାଇଁ ଉଦ୍ଦିଷ୍ଟ ) କୁ ନେଇଥିବାର କହିଥିଲେ। ଅବକାରୀ ବିଭାଗ ପକ୍ଷରୁ ଅଭିଯୁକ୍ତଙ୍କ ବୟାନକୁ ଖଣ୍ଡନ କରାଯାଇଥିବାବେଳେ ୨ ୭ ଗ୍ରାମ ବ୍ରାଉନସୁଗାର ଜବତ ହେବା ସହିତ ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୭୦ ହଜାର ଟଙ୍କା ହେବ ବୋଲି ସୂଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନୀଳଗିରି,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ନୀଳଗିରି ଷ୍ଟାଡିୟମ ପରିସରରେ ରାଜ୍ୟସ୍ତରୀୟ ଡିଉଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଦିନ ଉଦ୍ଘାଟନ ହୋଇଛି।ଏହା ୨୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ । ମୋଟ ୮ ଟି ଟିମ୍‌କୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମମ୍ୟାଚ ବାଲେଶ୍ୱର ୟୁଏଣ୍ଡମିଙ୍କ ସହିତ ଭଦ୍ରକ ସୂର୍ଯ୍ୟଶିଖା ସହିତ ଅନୁଷ୍ଠିତ ହୋଇଥିଲା ଉଦ୍ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ଏନଏସି ଅଧକ୍ଷ ମହେନ୍ଦ୍ରନାଥ ବେହେରା,ସମ୍ମାନୀତ ଅତିଥିଭାବେ ରଞ୍ଜନା ଦେବୀ ଓ କଳ୍ପନା ଦେବୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଉଦ୍ଘାଟନ ମ୍ୟାଚରେ ପ୍ରଥମେ ଟସ ଜିଣି ସୂର୍ଯ୍ୟସିଖା ପ୍ରତିପକ୍ଷ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା।ବାଲେଶ୍ୱର ୟୁଏଣ୍ଡମି ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ ରନ କରିବାରେ ସଫଳ ହୋଇଥିଲେ। ପ୍ରତି ବଦଳରେ ସୂର୍ଯ୍ୟଶିଖା ଦଳ ୧୮.୩ ବଲରେ ୧୪୩ ରନ୍ କରି ବିଜୟୀ ହୋଇଥିଲା।ସୂର୍ଯ୍ୟଶିଖା ଦଳ ତରଫରୁ ୯ ଟି ଚୌକା, ୪ ଟି ଛକାମାରି ୫୦ ବଲରୁ ଅପରାଜିତ ରହି ଦ୍ରୁତ ୮୨ ରନ୍ କରି ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଓ ଆକାଶ ମହାପାତ୍ରଙ୍କୁ ମ୍ୟାନ ଅଫ ମ୍ୟାଚ ଘୋଷଣା କରାଯାଇଥିଲା।।


## ସର୍ବସାଧାରଣ ନୋଟିସ୍

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ସମୂହ ଭାବେ ଜଣାଇ ଦିଆଯାଉଛି କି, ଜିଲ୍ଲା: ବାଲେଶ୍ୱର, ଥାନା: ବସ୍ତା, ଖାତା ନଂ.: ୩୧୩/୬୪, ମୌଜା: ଗହିରସିମୁଳିଆ, ପ୍ଲଟ୍ ନଂ.: ୪୩୧/୬୫୮, କ୍ଷେତ୍ର: ଏକର୦.୦୫ ଡିସିମିଲି, ବିକ୍ରୟ ଦଲିଲ ନଂ.:୩୦୬, ଏସ୍ଆରଓ: ବସ୍ତାରେ ଥିବା ସମ୍ପତ୍ତିକୁ ମୁଁ ତା୧୨.୦୨.୨୦୦୮ରିଖରେ **ଶ୍ରୀ ନୀଳାମ୍ବର ରାମ**ଙ୍କ ଠାରୁ କ୍ରୟ କରିଥିଲି। ପୁନଶ୍ଚ ଘୋଷଣା କରୁଛି କି, ଏ ପର୍ଯ୍ୟନ୍ତ ମୁଁ ଏହାର ଦଖଲକାର ଅଛି। ମୁଁ ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ ନଂ.:୩୦୬କୁ କୌଣସି ପ୍ରକାର କ୍ଷୟକ୍ଷତି,ନଷ୍ଟରୁ ରକ୍ଷା କରିବା ନିମନ୍ତେ ଲାମିନେସନ କରିଛି ଏବଂ କଥିତ ସମ୍ପତ୍ତିର ଲାମିନେସନ ବିକ୍ରୟ ଦଲିଲକୁ **ଭାରତୀୟ ଷ୍ଟେଟ ବ୍ୟାଙ୍କ, ଏସ୍ଏମ୍ଇ ଶାଖା, ବାଲେଶ୍ୱର**ରେ ବନ୍ଧକ ରଖିଛି। ଯଦି କୌଣସି ବ୍ୟକ୍ତିଙ୍କର / ପକ୍ଷଙ୍କର ଏହି ସମ୍ପତ୍ତି ବିଷୟରେ କୌଣସି ଦାବୀ ଅଛି ସେ **ଭାରତୀୟ ଷ୍ଟେଟ ବ୍ୟାଙ୍କ**ର ଉପର ଲିଖିତ ଶାଖାରେ ଏହି ନୋଟିସ୍ ପ୍ରକାଶନର **୧୫ଦିନ** ମଧ୍ୟରେ ତାଙ୍କର ଅଭିଯୋଗ ଦାଖଲ କରିପାରିବେ।

**ସ୍ୱା/- ଶ୍ରୀ ରବିନ୍ଦ୍ର କୁମାର ମହାନ୍ତି,** ପିତା: ଶ୍ରୀ ରଜନୀକାନ୍ତ ମହାନ୍ତି, ସା: ମାଦୁରକୁଳା, ବସ୍ତା, ବାଲେଶ୍ୱର-୭୫୬୦୨୯


# ବୃନ୍ଦାବନ କଳାକେନ୍ଦ୍ରର ୨୦୨୪ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଭଦ୍ରକ, (ସବ୍ୟୁ): ଭଦ୍ରକ ର ଅନ୍ୟତମ ପ୍ରତିଷ୍ଠାନ ବୃନ୍ଦାବନ କଳାକେନ୍ଦ୍ର ତାର ୨୦୨୪ ବର୍ଷ ପାଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ତିହିଡ଼ି ସ୍ଥିତ ଶାନ୍ତି ଆଶ୍ରମ ପରିସରେର ଅୟୋଜିତ କରିଅଛି। ଏହି ଅବସରେର ଉକ୍ତ ଆଶ୍ରମ ପରିସରେର ଏକ ଦିବସ ବ୍ୟାପି କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମେର ଆଶ୍ରମର ଛାତ୍ରୀ ମାନଙ୍କ ମଧ୍ୟେର ସଙ୍ଗୀତ, ନୃତ୍ୟ ଏବଂ ଚିତ୍ରକଳା ପ୍ରତଯୋଗୀତା ଅୋୟାଜନ କରାଯାଇଥିଲା। ଆଶ୍ରମର ସଂପାଦକ ଅପୂର୍ବ କୁମାର ଦାସଙ୍କ ସଭାପତିତ୍ୱେର ଅନୁଷ୍ଠିତ ସଭୋର ତିହିଡ଼ି ତଥା ଭଦ୍ରକ ଅଂଚଳର ସୁନାମ ଧନ୍ୟ ସାମ୍ବାଦିକ ରାମନାରାୟଣ ନାୟକ ମୁଖ୍ୟ ଅତିଥି ଭାବେର ଯୋଗ ଦେଇ ବୃନ୍ଦାବନ କଳୋକନ୍ଦ୍ରର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିବା ସହ ନିଜର ପ୍ରତିଭା ଅଭିବୃଦ୍ଧି ପାଇଁ ନିୟମିତ ସାଧନାରତ ରହିବା ପାଇଁ କହିଥେ୍ଲ। ଆଶ୍ରମର ସଂପାଦକ ଶ୍ରୀ ଦାସ ଛାତ୍ରୀ ମାନଙ୍କୁ ତୁଳନାତ୍ମକ ଦୃଷ୍ଟି କୋଣ ରଖି ନିଜର କଳାତ୍ମକ ଗୁଣର ଅଭିବୃଦ୍ଧି ଘଟାଇବା ଉଚିତ ବୋଲି କହିଥେ୍ଲ। ବିଭିନ ପ୍ରତଯୋଗିତୋର କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ କଳୋକନ୍ଦ୍ର ତରଫରୁ ପ୍ରମାଣପତ୍ର ତଥା ପୁରସ୍କାର ବଂଟନ କରାଯାଇଥିଲା। ଏହି ଉତ୍ସବେର ଛାତ୍ରୀ ମୋନ ସୁଲଳିତ କଣ୍ଠରେ ବେନ୍ଦ ଉକ୍ଳ ଜନନୀ ସଂଗୀତ ପରବେଶଣ କରିଥେ୍ଲ। କୃତି ପ୍ରତଯୋଗୀଙ୍କ ବ୍ୟତିତ ଆଶ୍ରମର ସମସ୍ତ ଛାତ୍ରୀଙ୍କୁ କଳୋକନ୍ଦ୍ର ତରଫରୁ ଚିତ୍ରାଙ୍କନ ସାମଗ୍ରୀ, ବଂଟନ କରାଯାଇଥିଲା। ଉକ୍ତ ଦିବସ ବ୍ୟାପି କାର୍ଯ୍ୟକ୍ରମକୁ କଳୋକନ୍ଦ୍ରର ନର୍ଦ୍ଦେଶକ ସୌରଶ ଚନ୍ଦ୍ର ମହାନ୍ତି ସଂଚାଳନ କରିଥେ୍ଲ। ଛାତ୍ରୀଙ୍କ ମଧ୍ୟେର ଥିବା ବହୁମୁଖି ପ୍ରତିଭାକୁ ଅନ୍ୱେଷଣ କରି ତାର ଉପଯୁକ୍ତ ବିନିଯୋଗ କରାଯାଇ ପାରିଲେ ସେହି ଛାତ୍ରୀ ମୋନ ରାଜ୍ୟ ପ୍ରଗତି କ୍ଷେତ୍ରେର ସଫଳ ଯୋଗଦାନ ଏହି ଉତ୍ସବର ଉଦ୍ଦେଶ୍ୟ ବୋଲି ଉପସ୍ଥିତ ବୁଦ୍ଧିଜୀବୀ ମୋନ ମତ ପ୍ରକାଶ କରିଥେ୍ଲ। ଉକ୍ତ ଉତ୍ସବେର ସମାଜ ସେବୀ ଅରୁଣ କୁମାର ଦାସ, ବରିଷ୍ଠ ସାମ୍ବାଦିକ ନାରାୟଣ କର, ଯୁବ ସମାଜ ସେବୀ ନିରଞ୍ଜନ ସାମଲ, ଅଧ୍ୟାପକ ଶକଂରଶଣ ଦାସ, ଅଧ୍ୟାପକ ନିରାକାର ନାୟକ, ଶକଂରଶଣ ମହାନ୍ତି, ଅଧ୍ୟାପିକା ସରିତା ସାମଲ, ପ୍ରଭାଶ କୁମାର ବାରିକ, ପ୍ରଦିପ୍ତ ନାୟକ, ପ୍ରତିମା ବଳ, ପ୍ରମୁଖ ଉକ୍ତ ଉତ୍ସବେର ଉପସ୍ଥିତ ରହି ଉତ୍ସବଟିକୁ ସଫଳ କରାଇବୋର ସହେଯାକ କରାଇଥେ୍ଲ।

# ଭିନ୍ନକ୍ଷମଙ୍କୁ ଇ-ଅଟୋରିକ୍ସା ବଣ୍ଟନ

କରଞ୍ଜିଆ,(ସବ୍ୟୁ) : ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଏମସିଏଲ କମ୍ପାନୀ ଓ ସମ୍ବଲପୁର ଜିଲ୍ଲା ପ୍ରଶାସନ ସହଯୋଗରେ ଓଡ଼ିଶାର ଭିନ୍ନକ୍ଷମ ଜନସାଧାରଣଙ୍କ ସଶକ୍ତିକରଣ ପାଇଁ ରାଜ୍ୟର ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ ଇ ଅଟୋରିକ୍ସା (ଟଟୋରିକ୍ସା)ବଣ୍ଟନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାର ୨୭ ଜଣଙ୍କୁ ଏହା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉତ୍ତମ ଚେତନ ମୁନିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। କରଞ୍ଜିଆ ଠାରେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ଦ୍ୱାରା କରଞ୍ଜିଆର ୫ ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ ଅଟୋ ରିକ୍ସା ବଣ୍ଟନ କରାଯାଇଥିଲା। କରଞ୍ଜିଆ ବ୍ଲକ କେନ୍ଦୁମୁଣ୍ଡିର ହେମନ୍ତ କୁମାର ସେଠୀ,ଡେଣୁଆ ମହୁଲଡିହାର ମନୁଓ୍ୱର ହେମ୍ବ୍ରମ,ରରୁଆଁ ବ୍ଲକ ସରଧାର ଦିନବନ୍ଧୁ ନାୟକ, ଠାକୁରମୁଣ୍ଡା ବ୍ଲକ ତାଳପଦାର ଭୀମସେନ ବାରିକ ଓ ଯଶିପୁର ବ୍ଲକ ଧୋବାଡିହାର ମିଣ୍ଟୁ ଭାଟିଆଙ୍କୁ ଅଟୋ ରିକ୍ସା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଶୁକୁଳି ବ୍ଲକ ଡେଣୁଆ ମହୁଲଡିହାର ମନୁଓ୍ୱର ହେମ୍ବ୍ରମଙ୍କ ଛଡ଼ା ଅନ୍ୟ ମାନଙ୍କୁ ବଣ୍ଟନ କରାଯାଇଥିଲା। ମନୁଓ୍ୱର ହେମ୍ବ୍ରମ ଙ୍କୁ ବାରିପଦା ଠାରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଗୋପିନାଥ ସୋଏ,ଏସିଏସଓ ହିମାଂଶୁ ଶେଖର ଦତ୍ତ,୨ ଜଣ ସେକ୍ସନ ଅଧିକାରୀ ଦିନେଶ କୁମାର ସାହୁ ଓ ଧିରେନ କୁମାର ଭୋଇ, ରରୁଆଁ , ଠାକୁରମୁଣ୍ଡା, କରଞ୍ଜିଆ ଓ ଯଶିପୁର ବ୍ଲକ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ତଥା ଉପଜିଲ୍ଲାପାଳ କାର୍ଯ୍ୟାଳୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।।

# ୨୫ରୁ ଧୂଷୁରୀ ପ୍ରିମିୟର ଲିଗ କ୍ରିକେଟ

ଅସୁରାଳି,(ସବ୍ୟୁ) : ଆସନ୍ତା ଚଳିତ ୨୫ ତାରିଖରୁ ଧୂଷୁରୀ ପ୍ରିମିୟର ଲିଗ କ୍ରିକେଟ ଆରମ୍ଭ ହେବାର କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି।ଏନେଇ ଏକ ପ୍ରସ୍ତୁତି ବୈଠକ ଧାମନଗର ବ୍ଲକର ଧୂଷୁରୀ ଠାରେ ସରୋଜ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୫ ତାରିଖ ଠାରୁ ଆରମ୍ଭ ହୋଇ ଏହି ପ୍ରତିଯୋଗିତା ୩୦ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।ଏଥିରେ ଭଦ୍ରକ ସମେତ ଯାଜପୁର,କେନ୍ଦ୍ରାପଡା ଜିଲ୍ଲାର ୧୬ ଗୋଟି କ୍ରିକେଟ ଟିମ ଭାଗ ନେବାକୁ ଥିବା ବେଳେ ଚମ୍ପିୟାନ ଟିମକୁ ୨୦ ହଜାର ଏବଂ ରନର୍ସ ଅଫ ଟିମକୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ।ପ୍ରସ୍ତୁତି ବୈଠକରେ ସିଦ୍ଧାଥ ସ୍ୱାଇଁ, ନିର୍ମାଲ୍ୟ ତରାଇ,ଜ୍ଞାନ ରଂଜନ ସ୍ୱାଇଁ,ସୁଶାନ୍ତ କୁମାର ମଲ୍ଲିକ, ସୁଶାନ୍ତ କୁମାର ନାୟକ, ଆଶୁତୋଷ ନାୟକ, ଶୁଭମ ଗୁପ୍ତା,ଦିବ୍ୟ ରଞ୍ଜନ ସାହୁ ପ୍ରମୁଖଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ବୈଶିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ

ବେତନଟୀ ,(ସବ୍ୟୁ) : ବେତନଟୀ ବ୍ଲକ ବୈଶିଙ୍ଗା ଉପକଣ୍ଠ ବରଦାବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୂଖ୍ୟ ବକ୍ତା ଭାବେ ପାୟନିୟର ଇଂରାଜୀ ଖବରକାଗଜର ଜିଲ୍ଲା ପ୍ରତିନିଧି ତଥା ସ୍ୱୟଂ ସେବକ ସଂଘର ବରିଷ୍ଠ ସଦସ୍ୟ କବି ବିଷ୍ଣୁ ଶତପଥୀ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ କ୍ଷେତ୍ରମୋହନ ପଣ୍ଡା , ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସଭାପତି ପୁରୁଷୋତ୍ତମ ପଣ୍ଡା , ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ , ପ୍ରଧାନ ଆଚାର୍ଯ୍ୟା କଳ୍ପଲତା ହାଜରା ଅତିଥି ପ୍ରମୁଖ ମଞ୍ଚାସୀନ ହୋଇଥିଲେ ।ସମ୍ପାଦକ ଶ୍ରୀଯୁକ୍ତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏବଂ ପ୍ରଧାନ ଆଚାର୍ଯ୍ୟା କଳ୍ପଲତା ହାଜରା ବାର୍ଷିକ ବିବରଣୀ ପାଠ କରିଥିଲେ । ମଞ୍ଚାସୀନ ଅତିଥିଗଣ ସରକାରୀ ଏବଂ ବିଦ୍ୟାଳୟ ସ୍ତରର ବିଭିନ୍ନ ବିଭାଗରେ କୃତିତ୍ୱ ପାଇଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି , ସାର୍ଟିଫିକେଟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟର କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ସହ ବିଧାୟକଙ୍କ ନିଜସ୍ ହାତପାଣ୍ଠିରେ ନିର୍ମିତ ଅତିରିକ୍ତ ଶ୍ରେଣୀ ଗୃହକୁ ନିଜେ ମୂଖ୍ୟ ଅତିଥି ବିଧାୟକ ସନାତନ ବିଜୁଳି ଏବଂ ଅନ୍ୟ ଅତିଥି, ପରିଚାଳନା କମିଟିର ସଦସ୍ୟ/ସଦସ୍ୟା ଙ୍କ ଉପସ୍ଥିତିରେ ଶୁଭ ଉଦଘାଟନ କରିଥିଲେ ଏବଂ ଏହି ବିଦ୍ୟା ମନ୍ଦିର ର ଉନ୍ନତି କଳ୍ପେ ସେ ସଦାସର୍ବଦା ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ । ପରିଶେଷରେ ପରିଚାଳନା କମିଟିର କୋଷାଧକ୍ଷ ସରୋଜ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନମଣ୍ଡି ଶୁଭାରମ୍ଭ

ପାଟଣା,(ସବ୍ୟୁ) :କେନ୍ଦୁଝର ଜିଲ୍ଲା ପାଟଣା ଧାନମଣ୍ଡି ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ଧାନମଣ୍ଡି ଉଦଘାଟନ କରିଛନ୍ତି ।ଏହି କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ ଦଣ୍ଡପାତ ଙ୍କ ସହ ପାଟଣା ବ୍ଲକ ଯୋଗାଣ ନିରୀକ୍ଷିକ ଅଧିକାରୀଣୀ ସୁନିତା ମାରାଣ୍ଡି ପାଟଣା ଲ୍ୟାମ୍ପ ଏମ୍.ଡି ହରମୋନ ମହାନ୍ତ,ଲ୍ୟାମ୍ପ ସଭାପତି ରାମଚନ୍ଦ୍ର ନାଏକ,ଉପସଭାପତି କନକ ଲତା ନାଏକ,ମୂଷାଖୋରୀ ସରପଞ୍ଚ ଭାମାମଣି ନାଏକ ଉପସ୍ଥିତ ଥିଲେ ।ପ୍ରଥମ ଦିନ ଧାନମଣ୍ଡିରେ ନୂଆପଡା,ଟାଙ୍ଗରପଡା, ମଙ୍ଗଳପୁର,ସରାସକୋଲା, ଭାଲୁଘୋର ଅଞ୍ଚଳରୁ ୫ଣ ଚାଷୀ ଙ୍କ ଠାରୁ ଶହେ କୁଇଣ୍ଟାଲ ଧାନ କିଣା ଯାଇଛି। ଏହି ଧାନମଣ୍ଡି ସପ୍ତାହରେ ତିନିଦିନ ସୋମବାର,ଶୁକ୍ରବାର ଓ ଶନିବାର ଖୋଲା ଯିବ ବୋଲି ବ୍ଲକ ଯୋଗାଣ ନିରୀକ୍ଷିକ ଅଧିକାରୀ ସୂଚନା ଦେଇଛନ୍ତି।

# ଇମାମି ପେପରକୁ କଳିଙ୍ଗ ରାଜ୍ୟ ସୁରକ୍ଷା ସ୍ୱର୍ଣ୍ଣ ପୁରସ୍କାର




ବାଲେଶ୍ୱର,(ସବ୍ୟୁ) :ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ସ୍ଥିତ ଇମାମି ପେପର ମିଲସ୍ ଲିମିଟେଡକୁ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଭୁବନେଶ୍ୱର ହୋଟେଲ ନିଉ ମେରିଆୟାନ ଠାରେ ଇନଷ୍ଟିଚ୍ୟୁଟ ଅଫ କ୍ୱାଲିଟୀ ଏଣ୍ଡ ଏନଭାୟାରମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସ୍ (ଆଇକ୍ୟୁଇଏମଏସ) ପକ୍ଷରୁ ଆୟୋଜିତ ଉତ୍ସବରେ ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥିଙ୍କ ଠାରୁ ଏହି ଗୌରବମୟ ସର୍ବଶ୍ରେଷ୍ଠ କଳିଙ୍ଗ ସୁରକ୍ଷା ସ୍ୱର୍ଣ୍ଣ ପୁରସ୍କାରକୁ ଇମାମି ପେପର ମିଲସର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା ଗ୍ରହଣ କରିଛନ୍ତି । ଏହି ଉତ୍ସବରେ ବରିଷ୍ଠ ଲୋକସମ୍ପର୍କ ତଥା ମାନବସମ୍ବଳ ବିଭାଗର ଏଜିଏମ ମନୋଜ କୁମାର ପାଢ଼ୀ,ସୁରକ୍ଷା ବିଭାଗର ବରିଷ୍ଠ ମ୍ୟାନେଜର ରଞ୍ଜିତ କୁମାର ଦାସ ଉପସ୍ଥିତ ଥିଲେ।

# ୨୮ରୁ ଜାନୁଆରୀ ୪ ଐତିହାସିକ ଚନ୍ଦ୍ରଭାଗୋତ୍ସବ

ବାଲେଶ୍ୱର,(ସବ୍ୟୁ) : ୩୫ତମ ଚନ୍ଦ୍ରଭାଗୋତ୍ସବ ପାଳନ କରିବା ପାଇଁ ରବିବାର ସ୍ଥାନୀୟ ଷ୍ଟେସନ କ୍ଲବ୍ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଚନ୍ଦ୍ରଭାଗାର ଉପଦେଷ୍ଟା ସମାଜସେବୀ ନିରଞ୍ଜନ ଖୁଣ୍ଟିଆ ଓ ନାଟ୍ୟକାର ଆଶିଷ ଚକ୍ରବର୍ତ୍ତୀଙ୍କ ଯୁଗ୍ମ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡିସେମ୍ବର ମାସ ୨୮ ତାରିଖରେ ଉଦ୍ଘାଟନ ହୋଇ ୩୫ ବର୍ଷର ଉତ୍ସବ ୨୦୨୪ ମସିହା ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ପାଳନ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ସହଭାଗୀ ଅନୁଷ୍ଠାନ ନାଚର ମିଳିତ ଆନୁକୂଲ୍ୟରେ ରୋନାଲିସା ପଣ୍ଡାଙ୍କ ତତ୍ତ୍ୱାବଧାନ ଦ୍ୱାରା ଶିଶୁ କଳାକାର ମାନଙ୍କର ପ୍ରତିଭା ଚୟନ କାର୍ଯ୍ୟ ସମ୍ପାଦନା ହେବା ସଙ୍ଗେ ସଙ୍ଗେ ୟଙ୍ଗହାଟ୍ ତରଫରୁ ମରୁତ ରାଉତଙ୍କ ନେତୃତ୍ୱରେ ଜାତୀୟ ସ୍ତରୀୟ ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ବର୍ଷଶେଷ ୩୧ଡିସେମ୍ବର ଦିବସବ୍ୟାପି ସାହିତ୍ୟ ଚର୍ଚ୍ଚା ଏବଂ ଡକ୍ଟର ଶଶୀକାନ୍ତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତଦାରଖରେ ସପ୍ତାହ ବ୍ୟାପୀ ବାଲେଶ୍ୱର ବହିମେଳା ଦିନ ୨ଟାରୁ ରାତା ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ସୂଚନା ଦିଆଯାଇଛି। ଏହି ଅବସରରେ ଅନୁଗ୍ରାହି ଜନସାଧାରଣଙ୍କ ବିପୁଳ ସହଯୋଗ କାମନା କରା ଯାଇଛି। ବୈଦ୍ୟୁତିକ ଗଣମାଧ୍ୟମ ଓ ପ୍ରିଣ୍ଟମିଡିଆ ଉଭୟଙ୍କର ପ୍ରଭୂତ ଉପସ୍ଥିତି ଏ କାର୍ଯ୍ୟକ୍ରମରେ ଚନ୍ଦ୍ରଭାଗାର କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଅନ୍ୟବର୍ଷମାନଙ୍କ ଭଳି ଗାମ୍ଭିର୍ଯ୍ୟପୂର୍ଣ୍ଣ କରିବା ପାଇଁ ପ୍ରଚେଷ୍ଟା ରହୁ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା କବି ଶ୍ରୀଦେବ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ରେମୁଣାର ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଯୋଗଦାନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀର ସଞ୍ଚାଳନ କରିଥିଲେ ଚନ୍ଦ୍ରଭାଗାର ସକ୍ରିୟ ସଦସ୍ୟ ଆଡ୍ ପର୍ଶୁରାମ ପ୍ରଧାନ ଏବଂ ଶେଷ ଶବ୍ଦ ରଖିଥିଲେ ଚନ୍ଦ୍ରଭାଗାର ମିଡିଆ ସଂଯୋଜିକା ଜ୍ୟୋତିର୍ମୟୀ ଶତପଥୀ। ଚନ୍ଦ୍ରଭାଗାର ଅନ୍ୟତମ ଉପଦେଷ୍ଟା ଦିଲ୍ଲୀପ ନାଏକ, ଆଇନଜୀବୀ ଅଶୋକ ସେନାପତି, କାର୍ଯ୍ୟକାରୀ ସଦସ୍ୟ ଅରୁଣାଂଶୁ ପାଣିଗ୍ରାହୀ, ଅବନୀ ଜେନା,ପିତାମ୍ବର ଦାସ, ବିନୋଦ ନାୟକ, ହିରାଲାଲ୍ ମହାପାତ୍ର ଏବଂ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ଆଇନଜୀବୀ ପ୍ରିୟବ୍ରତ ନାୟକ ପ୍ରମୁଖଙ୍କ ସହଯୋଗ ସାମ୍ବାଦିକ ସମ୍ମିଳନୀକୁ ସାଫଲ୍ୟ ମଣ୍ଡିତ କରିଥିଲା। ଏହି ଅବସରରେ ଓଟିଭି ସିଟିଜେନ୍ ଆଓ୍ୱାଡ୍ ଆଚିବର ନିରଞ୍ଜନ ଖୁଣ୍ଟିଆଙ୍କୁ ଚନ୍ଦ୍ରଭାଗା ପରିବାର ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ ଆଇଡି: sbi.05174@sbi.co.in

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ ।**

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୩୧.୦୧.୨୦୨୫ରିଖ ଦିନ ଇ-ନିଲାମ** ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୩୧.୦୧.୨୦୨୫ ରିଖ ଅପରାହ୍ନ ୦୨.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀମତୀ ଉଷାରାଣୀ ମହାନ୍ତି,** ସ୍ୱାମୀ: ଶ୍ରୀ ସୁରେଶ ମହାନ୍ତି, ଫ୍ଲାଟ୍ ନଂ.: ୧୦୬, ଭ୍ରମର ଏନକ୍ଲେଭ, ଡମଣା ହାଇସ୍କୁଲ ନିକଟ, ଡମଣା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୧ | **ଶ୍ରୀମତୀ ଉଷାରାଣୀ ମହାନ୍ତିଙ୍କ** ନାମରେ "ବୈଷ୍ଣୋଦେବୀ ଏନକ୍ଲେଭ" ନାମକ ୨ ବ୍ଲକ (ବ୍ଲକ-ଏ ଏବଂ ବ୍ଲକ-ବି) ବିଶିଷ୍ଟ ଆପାର୍ଟମେଣ୍ଟରେ ଥିବା ୨ବେଡରୁମ ବିଶିଷ୍ଟ ଫ୍ଲାଟ ନଂ.: ୬୦୯ର ସମସ୍ତ ଅଂଶବିଶେଷ ଯାହାକି ୬ଷ୍ଠ ମହଲାରେ ଅବସ୍ଥିତ, ଏହାର କାର୍ପେଟ ଏରିଆ: ୮୫୭ ବର୍ଗଫୁଟ, ବିଲ୍ଟ ଅପ ଏରିଆ: ୧୦୧୦ବର୍ଗଫୁଟ, ଏସବିଏ-୧୩୦୦ବର୍ଗଫୁଟ, ଜମିର ଅବିଭକ୍ତ ଆନୁପାତିକ ଅଂଶ ଏ୦.୦୦୯.୫୦ ବା ୪୧୪ ବର୍ଗଫୁଟ ସହିତ ୧ଟି କାର ଏବଂ ୨ଚକିଆ ଯାନ ପାର୍କିଂ ସ୍ଥାନ । ଏହା ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଜଟଣୀ, ଏସଆରଓ: ଜଟଣୀ, ମୌଜା: ପାଞ୍ଚଗାଁ, ମ୍ୟୁଟେସନ ଏବଂ ଖାତା ନଂ.: ୬୪୯/୪୦୯, ସତ୍ତ୍ୱ: ସ୍ଥିତିବାନ, ପ୍ଲଟ୍ ନଂ.: ୩୯୦, କ୍ଷେତ୍ର: ଏ୦.୫୫୫ଡିସିମିଲି, କିସମ: ଘରବାରି, ଅନୁରୂପ ଖାତା ନଂ.: ୨୦ ଏବଂ ମ୍ୟୁଟେସନ ଏବଂ କନଭର୍ସନ ଖାତା ନଂ.: ୪୬୯/୪୦୮, ସତ୍ତ୍ୱ: ସ୍ଥିତିବାନ, ପ୍ଲଟ୍ ନଂ.: ୩୯୨, କ୍ଷେତ୍ର: ଏକର୦.୧୧୫ଡିସିମିଲି, କିସମ: ଘରବାରି, ଅନୁରୂପ ଖାତା ନଂ.: ୧୮, ୨ଟି ଖାତା, ୨ଟି ପ୍ଲଟ ଏବଂ କ୍ଷେତ୍ର: ଏ୦.୬୭୦ଡିସିମିଲିରେ ଅବସ୍ଥିତ । | ୨୮.୧୧.୨୦୨୨ ସୁଦ୍ଧା ଟ.୪୫,୮୫,୫୦୭/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୨୯.୧୧.୨୦୨୨ | ଟ.୨୪,୧୭,୦୦୦/- / ଟ.୨,୪୧,୭୦୦/- / ଟ.୫୦,୦୦୦/- |

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୯.୦୧.୨୦୨୫, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।**

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
**www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://baanknet.com**

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ କିଶୋର ଚନ୍ଦ୍ର ସେଠୀ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୨୪୯୦୧୦୩୭୩, ସିସିଓ: ଶ୍ରୀ ନିଗମାନନ୍ଦ ବେହେରା, ମୋ.: ୭୯୭୮୯୦୨୯୧୩

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୩.୧୨.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



## पंजाब एण्ड सिंध बैंक / Punjab & Sind Bank — ଇ-ନିଲାମ (କେବଳ ଇ-ନିଲାମ ମାଧ୍ୟମରେ ବିକ୍ରୟ)

(भारत सरकार का उपक्रम) (A Govt. of India Undertaking)
Where service is a way of life

**ଆଞ୍ଚଳିକ କାର୍ଯ୍ୟାଳୟ: ହାଉସ୍ ନଂ.: ୫୪-୧୫-୪ସି, ଚତୁର୍ଥ ମହଲା, ଆରକେ ଗ୍ୟାଲେରିଆ, ରିଙ୍ଗ୍ ରୋଡ, ଶ୍ରୀନିବାସନଗର ବ୍ୟାଙ୍କ କଲୋନୀ, ହେଲଥ୍ ୟୁନିଭରସିଟି ନିକଟ, ବିଜୟୱାଡ଼ା - ୫୨୦୦୦୮**

**ତା.୩୦.୦୧.୨୦୨୫ରିଖ (ଅପରାହ୍ନ ୨.୦୦ଘଟିକାରୁ ଅପରାହ୍ନ ୪.୦୦ ଘଟିକା)ରେ ସ୍ଥାବର ସମ୍ପତ୍ତିର ଇ-ନିଲାମ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି**

**[ ପରିଶିଷ୍ଟ-୪-ଏ ] ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍**
**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬) ର ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ମାଧ୍ୟମରେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନଦର୍ଶିତ ସମ୍ପତ୍ତି ବନ୍ଧକ ରହିଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉକ୍ତ ସମ୍ପତ୍ତିକୁ ଭୌତିକ/ସାଙ୍କେତିକ ଦଖଲ ନିଆଯାଇ ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସେଗୁଡ଼ିକ **'ଯେଉଁଠାରେ ଯେପରି ଅଛି' "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରାଯିବ।

| | |
|---|---|
| ବନ୍ଧକପ୍ରାପ୍ତ ସମ୍ପତ୍ତିର ତନଖି ତାରିଖ ଏବଂ ସମୟ | ୨୮.୦୧.୨୦୨୫, ପୂର୍ବାହ୍ନ ୧୧:୦୦ ଘଟିକାରୁ ଅପରାହ୍ନ ୪:୦୦ ଘଟିକା ମଧ୍ୟରେ |
| EMD (ଅମାନତ ରାଶି) ଏବଂ କାଗଜ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ | ୨୯.୦୧.୨୦୨୫, ଅପରାହ୍ନ ୪:୦୦ ଘଟିକା ପର୍ଯ୍ୟନ୍ତ । |
| ଇ-ନିଲାମ/ବିକ୍ରୟ ତାରିଖ ଏବଂ ସମୟ | ୩୦.୦୧.୨୦୨୫, ଅପରାହ୍ନ ୨:୦୦ ଘଟିକାରୁ ଅପରାହ୍ନ ୪:୦୦ ଘଟିକା ମଧ୍ୟରେ |

### ସ୍ଥାବର ସମ୍ପତ୍ତିର ବିବରଣୀ

| କ୍ର. ନଂ.: | ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ / ଦଖଲର ପ୍ରକାର | ଡିମାଣ୍ଡ ତାରିଖ/ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମାରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଜୟଦେବ ବିହାର ଶାଖା / ଋଣଗ୍ରହୀତା: ଶ୍ରୀ ବିସ୍ମୟ ପରିଜା,** ପିତା: ଶ୍ରୀ ହୃଷିକେଶ ପରିଜା / **ସହ-ଋଣଗ୍ରହୀତା: ଶ୍ରୀ ତନ୍ମୟ ପରିଜା,** ପିତା: ଶ୍ରୀ ହୃଷିକେଶ ପରିଜା / **ଗ୍ୟାରେଣ୍ଟିଦାତା: ଶ୍ରୀ ହୃଷିକେଶ ପରିଜା,** ପିତା: ଚୈତନ୍ୟ ପରିଜା, ସମସ୍ତଙ୍କ ଠିକଣା- ସା: ୧୦ ରାମଗଡ଼, କନିକା ଛକ, କଟକ ସଦର, କଟକ, ଓଡ଼ିଶା-୭୫୩୦୦୮ | **ଶ୍ରୀ ହୃଷିକେଶ ପରିଜା,** ପିତା: ଚୈତନ୍ୟ ପରିଜାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା/ଏସ୍ଆରଓ: କଟକ, ତହସିଲ: କଟକ ସଦର (ତହସିଲ ନଂ.: ୨୦୨), ଥାନା: ଲାଲବାଗ (ଥାନା ନଂ.: ୧), ମୌଜା: କଟକ ସହର ୟୁନିଟ୍ ନଂ.: ୧୩ ଚାନ୍ଦିନି ଚୌକ, ଖାତା ନଂ.: ୧୫୬, ପ୍ଲଟ୍ ନଂ.: ୩୮୦, କ୍ଷେତ୍ର: ଏକର୦.୦୨୬ ଡିସିମିଲି, ଅନୁରୂପ ସାବିକ ଖାତା ନଂ.: ୪୪୨, ପ୍ଲଟ୍ ନଂ.: ୧୩ ଏବଂ ୧୪ / **ସାଙ୍କେତିକ** | ୦୨.୦୭.୨୦୨୪ / ୩୦.୧୧.୨୦୨୪ ସୁଦ୍ଧା ଟ.୧୫,୪୧,୫୩୮.୧୭ + ସେବାବଦ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ. ୫୫,୧୨,୦୦୦/- / ଟ. ୫,୫୧,୨୦୦/- / ଟ.୧୦,୦୦୦/- |

**ଅମାନତ ରାଶି ଦାଖଲ ଆକାଉଣ୍ଟ ବିବରଣୀ :**
ଅମାନତ ରାଶି ଆକାଉଣ୍ଟ ନଂ: **80305040070003**, ହିତାଧିକାରୀ : ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ, **IFSC Code - PSIB0008030**, ଆଞ୍ଚଳିକ କାର୍ଯ୍ୟାଳୟ, ବିଜୟୱାଡ଼ା, ଇ-ମେଲ: **zo.vijayawada@psb.co.in**, ଯୋଗାଯୋଗ ନଂ ଏବଂ ଶାଖାର ନାମ : ଜୟଦେବ ବିହାର ଶାଖା, ମୋ: **7606002616**, ଇ-ମେଲ: **b0789@psb.co.in**

ବକେୟା ସରକାରୀ ଦେୟ ଯଦି କିଛି ଥାଏ : ବ୍ୟାଙ୍କକୁ ଜଣା ନାହିଁ।

୧. ଇ-ନିଲାମ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତ୍ତିରେ ଅନୁଷ୍ଠିତ ହେବ।
୨. କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତିରେ ଉପର ବର୍ଣ୍ଣିତ ତଥ୍ୟ ବ୍ୟତିତ ଅନ୍ୟ କୌଣସି ଏନକମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନ ଭାବେ ସମ୍ପତ୍ତିର ଇ.ସି. ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ / ଅଧିକାର /ଦେୟ ବିଷୟରେ ଯାଞ୍ଚ କରିବା ଉଚିତ୍ । ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନକମ୍ବ୍ରାନ୍ସ ସହିତ ବିକ୍ରି ହେବ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ ।
୩. ବିଡ ଦାଖଲ ପୂର୍ବରୁ ବିଡରମାନଙ୍କର ଏହା ଦାୟିତ୍ୱ କି ସେମାନେ ସମ୍ପତ୍ତିକୁ ଯାଞ୍ଚ କରି ସମସ୍ତ ବିଷୟରେ ସନ୍ତୁଷ୍ଟ ହେବା ଉଚିତ୍।
୪. ଇଚ୍ଛୁକ ନିଲାମଧାରୀ ମାନେ ଅମାନତ ରାଶି ଦାଖଲ, ଲଗ୍ ଇନ୍ ଆଇଡି ଏବଂ ପାସ ୱାର୍ଡ ତିଆରି, ଡାଟା ଅପଲୋଡିଂ, ବିଡ୍ ଦାଖଲ, ଇ-ନିଲାମ ପକ୍ରିୟାର ତାଲିମ୍ ଇତ୍ୟାଦି ନିମନ୍ତେ ସହାୟତା ପାଇଁ ଯୋଗାଯୋଗ କରନ୍ତୁ : **+୯୧-୮୨୯୧୨୨୦୨୨୦, ସହାୟତା ଇ-ମେଲ ଆଇଡି- support.baanknet@psballiance.com** ଏବଂ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଅନୁସନ୍ଧାନ ନିମନ୍ତେ ଯେ କୌଣସି କାର୍ଯ୍ୟ ଦିବସରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିପାରନ୍ତି।
୫. କେବଳ ବୈଧ ୟୁଜର ଆଇଡି ଏବଂ ପାସୱାର୍ଡଧାରୀ କ୍ରେତା NEFT/RTGS ମାଧ୍ୟମରେ ଅମାନତ ରାଶି ଦାଖଲ ସୁନିଶ୍ଚିତ କରିଥିଲେ, ଇ-ନିଲାମ ପକ୍ରିୟାରେ ଅଂଶ ଗ୍ରହଣ କରିପାରିବେ।
୬. ଆଗ୍ରହୀ ବିଡ୍‌ର ମାନେ ଯେଉଁମାନେ କି **ତା.୨୯.୦୧.୨୦୨୫ ଅପରାହ୍ନ ୪.୦୦ ଘଟିକା** ସୁଦ୍ଧା ଅନଲାଇନ୍ ମାଧ୍ୟମରେ ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି ଦାଖଲ କରିଥିବେ ସେହିମାନେ ଇ-ନିଲାମ ପକ୍ରିୟାରେ ଅଂଶଗ୍ରହଣ କରିବାପାଇଁ ଯୋଗ୍ୟ ହୋଇ ପାରିବେ। ଉପରୋକ୍ତ ସମ୍ପତ୍ତିର ଇ-ନିଲାମ ସମ୍ପତ୍ତି ସମ୍ବନ୍ଧିତ ସ୍ତମ୍ଭରେ ଦର୍ଶାଯାଇଥିବା ଧାର୍ଯ୍ୟ ତାରିଖ ଓ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ମାଧ୍ୟମରେ ଅନୁଷ୍ଠିତ ହେବ। ସେମାନେ ପ୍ରତ୍ୟେକ ସମ୍ପତ୍ତି ପାଇଁ ବର୍ଣ୍ଣିତ "ବିଡ୍ ବର୍ଦ୍ଧିତ ରାଶି" ର ଗୁଣିତକ ଭାବେ ସେମାନଙ୍କର ବିଡ୍ ର ମୂଲ୍ୟ ବୃଦ୍ଧି କରିପାରିବେ। ଯଦି ଇ-ନିଲାମ ସମାପ୍ତିର ଶେଷ ୫ ମିନିଟ୍ ମଧ୍ୟରେ ବିଡ୍ ଦାଖଲ କରାଯାଏ। ତେବେ ନିଲାମ ସମାପ୍ତି ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧିପାଇବ (ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମୀତ ବୃଦ୍ଧି) ଇ-ନିଲାମ ପକ୍ରିୟାର ସମାପ୍ତି ସମୟରେ ଯେଉଁ ବିଡର ମାନେ ସର୍ବୋଚ୍ଚ ବିଡ୍ (ସଂରକ୍ଷିତ ମୂଲ୍ୟରୁ କମ୍ ନୁହେଁ) ଦାଖଲ କରିଥିବେ। ତାଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ପଦ୍ଧତି ମାଧ୍ୟମରେ ଏ ବାବଦରେ ଯୋଗାଯୋଗ କରାଯିବ । ଏହା ସୁରକ୍ଷିତ ଋଣଦାତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅନୁମୋଦନ ସାପେକ୍ଷ।
୭. ସମ୍ଭାବ୍ୟ ଯୋଗ୍ୟ ବିଡରମାନେ **https://baanknet.com** ଙ୍କ ଠାରୁ ନିଲାମ ତାରିଖ ପୂର୍ବରୁ ଅନ୍ ଲାଇନ୍ ଇ-ନିଲାମ ତାଲିମ୍ ନେଇପାରନ୍ତି। କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ କିମ୍ବା **https://baanknet.com** କୌଣସି ଇଣ୍ଟରନେଟ୍ ସମସ୍ୟା ନିମନ୍ତେ ଦାୟୀ ନୁହନ୍ତି। ଏବଂ ଆଗ୍ରହୀ ବିଡ୍‌ର ମାନେ ଇ-ନିଲାମରେ ଅଂଶଗ୍ରହଣ କରିବାପାଇଁ ସମ୍ପୂର୍ଣ୍ଣ ଭାବେ ସକ୍ଷମ ଏବଂ ବୈଷୟିକ ଭାବେ ସୁନିଶ୍ଚିତ ହେବା ଆବଶ୍ୟକ।
୮. କ୍ରେତା କୌଣସି ବ୍ୟକ୍ତିଙ୍କୁ ପୂର୍ବର ଏବଂ ଭବିଷ୍ୟତର ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି/ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି/ଟ୍ରାନ୍ସଫର ଦେୟ ଫିସ୍ ଇତ୍ୟାଦି ଏବଂ ବୈଧାନିକ/ଅଣ-ବୈଧାନିକ ଦେୟ, ଟିକସ୍, ରେଟ୍ସ, ଆସେସମେଣ୍ଟ ଦେୟ, ଫିସ୍ ଇତ୍ୟାଦି ବହନ କରିବେ।
୯. କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ପ୍ରସ୍ତାବକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନ ଦର୍ଶାଇ କୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ବାତିଲ୍ କିମ୍ବା ଇ-ନିଲାମକୁ ସ୍ଥଗିତ ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି।
୧୦.ବିଡ୍‌ର ମାନେ ସେମାନଙ୍କର ବିଡ୍ ଦାଖଲ କାରିବା ପୂର୍ବରୁ ଏବଂ ଇ-ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଇ-ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବସାଇଟ୍ **https://baanknet.com** ଦେଖନ୍ତୁ।
୧୧.କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ବିଡ୍‌ର ମୂଲ୍ୟ ଗ୍ରହଣ ହେବା ପରେ ଅମାନତ ରାଶି ଦାଖଲ ଅନ୍ତର୍ଭୁକ୍ତ କରି ବିକ୍ରୟ ମୂଲ୍ୟର ୨୫% ଉକ୍ତ ଦିନ ସଙ୍ଗେ ସଙ୍ଗେ ଦାଖଲ କରିବେ, ପରବର୍ତ୍ତୀ କାର୍ଯ୍ୟ ଦିବସରେ ନୁହେଁ। ଏଥିରେ ଅସଫଳ ହେଲେ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ।
୧୨.ସ୍ଥାବର ସମ୍ପତ୍ତି ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ ବିକ୍ରୟ ମୂଲ୍ୟ ୭୫% ପୈଠ କରାଯିବ। ଉପରୋକ୍ତ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅର୍ଥରାଶି ପୈଠ କରିବାରେ ବିଫଳ ହେଲେ ଜମା କରିଥିବା ଅର୍ଥରାଶି ବାଜ୍ୟାପ୍ତି କରାଯିବ ଏବଂ ସମ୍ପତ୍ତିକୁ ପୁନଃ ବିକ୍ରୟ କରାଯିବ ଏବଂ ବିଫଳ କେତାଙ୍କ ସମ୍ପତ୍ତି ସମ୍ବନ୍ଧୀୟ ସମସ୍ତ ଦାବୀ କିମ୍ବା ଆଂଶିକ ଅର୍ଥଦାବୀ ଯେଉଁଥିପାଇଁ ସମ୍ପତ୍ତି ପୁନଃ ବିକ୍ରୟ ହେବ ସେଥି ନିମନ୍ତେ କୌଣସି ଦାବୀ ରହିବ ନାହିଁ।

**ଏହି ନୋଟିସ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮(୬) ଅନୁଯାୟୀ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଭାବେ ବିବେଚନା କରାଯିବ।**

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୩.୧୨.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ, ମୋ.: ୭୦୧୫୩୫୬୪୮୪

(ଶ୍ରୀମଦ୍ଭଗବଦ୍ ଗୀତା ୧୧/୩୪)
–ବିଶ୍ୱରୂପଦର୍ଶନଯୋଗଃ–
(ଶ୍ରୀଭଗବାନୁବାଚ )

**ଦ୍ରୋଣଞ୍ଚ ଭୀଷ୍ମଞ୍ଚ ଜୟଦ୍ରଥଞ୍ଚ**
**କର୍ଣ୍ଣଂ ତଥାନ୍ୟାନପି ଯୋଧବୀରାନ୍ ।**
**ମୟାହତାଂସ୍ତ୍ୱଂ ଜହି ମା ବ୍ୟଥିଷ୍ଠା**
**ଯୁଧ୍ୟସ୍ୱ ଜେତାସି ରଣେ ସପତ୍ନାନ୍ ।।୩୪।।**

(ଦ୍ୱିତୀୟ ଅଧ୍ୟାୟରେ ଅର୍ଜ୍ଜୁନ ଯେ ଆଶଙ୍କା କରିଥିଲେ, ତାହା ନିବାରଣ ନିମିତ୍ତ କହୁଛନ୍ତି)– ମୋ ଦ୍ୱାରା (ପୂର୍ବରୁ ହତପ୍ରାୟ ଦ୍ରୋଣ, ଭୀଷ୍ମ, ଜୟଦ୍ରଥ, କର୍ଣ୍ଣ ଏବଂ ଅନ୍ୟାନ୍ୟ ବୀରଯୋଦ୍ଧାମାନଙ୍କୁ ତୁମେ ବଧ କର, ଶୋକ କର ନାହିଁ, ଯୁଦ୍ଧରେ ଶତ୍ରୁମାନଙ୍କୁ ନିଶ୍ଚୟ ପରାସ୍ତ କରିପାରିବ । ଅତଏବ ଯୁଦ୍ଧ କର । ।।୩୪ ।।

# ନିର୍ବାଚନ ପ୍ରତିଶ୍ରୁତିର ବ୍ୟାଖ୍ୟା ବଦଳୁଛି

**ସମ୍ପାଦକୀୟ**

ନିର୍ବାଚନ ରଙ୍ଗ ବଦଳିବାରେ ଲାଗିଛି । କ୍ଷମତାକୁ ଆସିବା ହିଁ ସବୁ ରାଜନୈତିକ ଦଳର ମୁଖ୍ୟ ଲକ୍ଷ୍ୟ, ସେଥିପାଇଁ ନିର୍ବାଚନର ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହେଇଯାଉଛି ରଣନୀତି, ରଣକୌଶଳ ଏବଂ ବାକ୍‌ବିତଣ୍ଡା । ଯଦିଓ ସବୁବେଳେ ନିର୍ବାଚନ ରଣନୀତି ନିର୍ବାଚନ ପ୍ରତିଶ୍ରୁତି ଉପରେ ନିର୍ଭର କରେ, ଏବେ ପ୍ରତିଶ୍ରୁତି ସଂଖ୍ୟା ଏବଂ ବ୍ୟାଖ୍ୟା ବଦଳିବାରେ ଲାଗିଛି । ବିଗତ କିଛି ବର୍ଷ ମଧ୍ୟରେ ଫ୍ରୀବିଜ ବା ମାଗଣା ଜଣ କଲ୍ୟାଣକାରୀ ଯୋଜନାଗୁଡିକର ଗୁରୁତ୍ୱ ବଢ଼ିବାରେ ଲାଗିଛି । ହିତାଧିକାରୀଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟକୁ ନଗଦ ପଠାଇବା, ଜନ କଲ୍ୟାଣ ଯୋଜନାର ଏକ ବଡ ମାଧ୍ୟମ ହେବାରେ ଲାଗିଛି । ଏହା ହିଁ ବିକାଶକୁ ତ୍ୱରାନ୍ୱିତ କରିପାରିବ ଏବଂ ସମାଜରେ ଅସମାନତାକୁ ଦୂର କରିପାରିବ ବୋଲି ରାଜନୈତିକ ଦଳଗୁଡିକ ମଧ୍ୟରେ ବିଶ୍ୱାସ ଦୃଢ ହେବାରେ ଲାଗିଛି । ବିଶେଷ ଭାବରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ, ବିଭିନ୍ନ ଯୋଜନା ମାଧ୍ୟମରେ ନଗଦ ଟଙ୍କା ଦେବା, ମହିଳା ମତଦାତାଙ୍କୁ ବେଶ ଆକୃଷ୍ଟ କରିପାରୁଛି ଯାହା ବିଗତ ନିର୍ବାଚନଗୁଡିକରେ ପ୍ରମାଣ ହେଇସାରିଛି । ମହାରାଷ୍ଟ୍ର ଓ ଝାରଖଣ୍ଡ ନିର୍ବାଚନରେ ସମାନ କଥା ପ୍ରମାଣିତ ହେଇଛି, ଯଦିଓ ଅନ୍ୟାନ୍ୟ ଅନେକ ଦିଗ ନିର୍ବାଚନ ହାରିବା ଓ ଜିତିବା ଉପରେ ନିର୍ଭର କରୁଛି । ମୁଣ୍ଡ ଉପରେ ଦିଲ୍ଲୀ ନିର୍ବାଚନ । ପ୍ରସ୍ତୁତି ଜୋର ଧରିଲାଣି । ଗଦା ଗଦା ପ୍ରତିଶ୍ରୁତି ଲୋକଙ୍କ ପାଇଁ । ମୁଖ୍ୟ କଥା ହେଉଛି, ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ନଗଦ ଟ୍ରାନ୍ସଫର । ଦିନ ଆମ୍ ଆଦମୀ ପାର୍ଟି (ଏଏପି) ଜାତୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲ କହିଛନ୍ତି ଯେ' ମହିଳା ସମ୍ମାନ ଯୋଜନା ଅଧୀନରେ ୧୮ ବର୍ଷରୁ ଅଧିକ ବୟସର ମହିଳାଙ୍କୁ ମାସିକ ୨୧୦୦ ଟଙ୍କା ସହାୟତା ଯୋଗାଇ ଦିଆଯିବ । ଏହି ପଦକ୍ଷେପ ମହିଳାମାନଙ୍କର ଘରୋଇ ଖର୍ଚ୍ଚ ପରିଚାଳନା ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ସହାୟତା କରିବାକୁ ଲକ୍ଷ୍ୟ ରଖିଛି । ଏହି ୨୧୦୦ ଟଙ୍କା ଝିଅମାନଙ୍କୁ କଲେଜ ଶିକ୍ଷା ସମାପ୍ତ କରିବାରେ ସାହାଯ୍ୟ କରିବ ଏବଂ ଘରର ଖର୍ଚ୍ଚ ପରିଚାଳନା କରିବାରେ ଗୃହିଣୀମାନଙ୍କୁ ସାହାଯ୍ୟ କରିବ । ସେହିପରି କେଜ୍ରିୱାଲ ସଞ୍ଜୀବନୀ ଯୋଜନା ଘୋଷଣା କରିଛନ୍ତି । ଏହି ଯୋଜନା ଅଧୀନରେ, ୬୦ ରୁ ଅଧିକ ବୟସର ବୟସ୍କ ନାଗରିକଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ । ଏହି ଯୋଜନା ଅଧୀନରେ ଦିଲ୍ଲୀ ସରକାର ଆୟ ସ୍ତର ନିର୍ବିଶେଷରେ ଉଭୟ ସରକାରୀ ଏବଂ ବେସରକାରୀ ଡାକ୍ତରଖାନାରେ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ । ୨୦୨୫ରେ ବିହାର ବିଧାନସଭା ନିର୍ବାଚନ ମଧ୍ୟ ହେବ । ରାଜନୈତିକ ଦଳଗୁଡିକ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହେଇଗଲାଣି । ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟ ସରକାରଙ୍କ ଗ୍ରାମୀଣ ବିକାଶ ବିଭାଗ ଦ୍ୱାରା ଆୟୋଜିତ ଏକ ମହିଳା କୈନ୍ଦ୍ରିକ ଯାତ୍ରା 'ମହିଳା ସମ୍ବାଦ ଯାତ୍ରା' ଆରମ୍ଭ କରିବାର ଗୋଟିଏ ଦିନ ପୂର୍ବରୁ, ତାଙ୍କର ପୂର୍ବତନ ଡେପୁଟି ଆରଜେଡି (ରାଷ୍ଟ୍ରିୟ ଜନତା ଦଳ) ନେତା ତେଜସ୍ୱୀ ଯାଦବ ମହିଳାମାନଙ୍କ ପାଇଁ ନୂଆ ଯୋଜନା ଘୋଷଣା କରିଛନ୍ତି । ନୀତିଶ କୁମାରଙ୍କ ପ୍ରସ୍ତାବିତ ଯାତ୍ରାର ଗୋଟିଏ ଦିନ ପୂର୍ବରୁ ତେଜସ୍ୱୀ ମହିଳାମାନଙ୍କ ପାଇଁ ଆରଜେଡିର ନଗଦ ସ୍ଥାନାନ୍ତର ଯୋଜନା ଘୋଷଣା କରିଛନ୍ତି, ଯେଉଁ ଯୋଜନା ଅନୁସାରେ, ମହିଳା ଓ ଝିଅମାନେ ପ୍ରତ୍ୟେକ ମାସ ୨୫୦୦ ଟଙ୍କା ପାଇବେ ବୋଲି କୁହାଯାଇଛି । ଏହି ଘୋଷଣା ଦେଖି ନୀତିଶ କୁମାର ମହିଳାମାନଙ୍କ ପାଇଁ ଆଉ କିଛି ବଡ ଯୋଜନା ଘୋଷଣା କରିପାରନ୍ତି । ଏହା ସ୍ପଷ୍ଟ କରୁଛି ଯେ' ଉଭୟ ଦଳ ଓ ନେତା, ପରସ୍ପରର ରଣନୀତିକୁ ଆଖି ଆଗରେ ରଖି, ନିଜର ନୂଆ ନୀତି ଓ ଯୋଜନା ଘୋଷଣା କରୁଛନ୍ତି । ବିଗତ କିଛି ନିର୍ବାଚନରେ ବିଜେପି ଏବଂ ଜେଏମଏମ୍‌ର ସଫଳତା ପଛର କାହାଣୀକୁ ନେଇ ଆରଜେଡି ନିଜର ରଣନୀତିକୁ ଶାଣିତ କରିବାକୁ ଚାହୁଁଛି, ଯେଉଁଥିପାଇଁ ଆରଜେଡି ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ନଗଦ ଟ୍ରାନ୍ସଫର ନେଇ ପ୍ରତିଶ୍ରୁତି ଦେଉଛି । ନଭେମ୍ବର ନିର୍ବାଚନରେ ଝାରଖଣ୍ଡ ଏବଂ ମହାରାଷ୍ଟ୍ରରେ କଲ୍ୟାଣମୂଳକ ଯୋଜନା ଆଧାରରେ ସରକାରୀ ଦଳ ନିର୍ବାଚନ ଜିତିଛନ୍ତି । ପଡୋଶୀ ଝାରଖଣ୍ଡରେ ବିଜେତା 'ମୈୟା ସମ୍ମାନ ଯୋଜନା' ଏବଂ ମହାରାଷ୍ଟ୍ରର 'ମୁଖମନ୍ତ୍ରୀ– 'ମାଝି ଲଡକି ବହିନ ଯୋଜନା' ଉଭୟ ଅନ୍ୟମାନଙ୍କ ପାଇଁ ଉଦାହରଣ ହେଇଯାଇଛି । ସେହିପରି ନିର୍ବାଚନ ପୂର୍ବରୁ ବିଭିନ୍ନ ନାଁ ରେ 'ଯାତ୍ରା' ଆରମ୍ଭ କରିବା ବା ଲୋକମାନଙ୍କ ପାଖକୁ ଯିବା, ଗୋଟିଏ ପରମ୍ପରା ହେଇଗଲାଣି ଏବଂ ଏହା ଦଳର ପ୍ରଚାର ପାଇଁ ଅନେକ ସାହାଯ୍ୟ କରୁଛି ବୋଲି ରାଜନୈତିକ ଦଳଗୁଡିକ ଅନୁଭବ କରୁଛନ୍ତି । ଆସନ୍ତା ବର୍ଷ ବିହାର ମତଦାନ ପୂର୍ବରୁ ନୀତିଶ ପଶ୍ଚିମ ଚମ୍ପାରାନ ଜିଲ୍ଲାର ଭାଲମିକିନଗରରୁ ରାଜ୍ୟବ୍ୟାପୀ ଯାତ୍ରା ଆରମ୍ଭ କରିବେ ଏବଂ ପୂର୍ବ ପରି ମହିଳା ଭୋଟରଙ୍କ ସହ ଯୋଗାଯୋଗ କରିବାର ଯୋଜନା କରିଛନ୍ତି । ତାଙ୍କ ଶାସନ ସମୟରେ, ମହିଳା ସଶକ୍ତିକରଣ ବା ମହିଳାଙ୍କ କଲ୍ୟାଣ ପାଇଁ ସରକାର ଯାହା ସବୁ କାର୍ଯ୍ୟକ୍ରମ ସଫଳତାର ସହ କରିଛନ୍ତି ତାହାର ହିସାବ ସେ ରାଜ୍ୟର ମହିଳାମାନଙ୍କୁ ଦେବା ପାଇଁ ଏହି ଯାତ୍ରାର ଆୟୋଜନ କରିଛନ୍ତି । ରାଜ୍ୟ କ୍ୟାବିନେଟ ଏହି କାର୍ଯ୍ୟକ୍ରମ ପାଇଁ ୨୨୫.୭୮ କୋଟି ବଜେଟ୍ ଆବଣ୍ଟନ କରିଛି, ଯାହାକୁ ବିରୋଧୀ ସମାଲୋଚନା କରିଛନ୍ତି ମଧ୍ୟ । କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ 'ନ୍ୟାୟ ଯାତ୍ରା' ର ସଫଳତା ପରେ, ଲୋକ ସମ୍ପର୍କ ପାଇଁ ଏବଂ ଲୋକଙ୍କ ପାଖରେ ଦଳର ବା ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରିବା ପାଇଁ, ଦଳଗୁଡିକ ଭିନ୍ନ ଭିନ୍ନ ନାଁ'ରେ ଯାତ୍ରା ଆୟୋଜନ କରୁଛନ୍ତି । ଅତୀତର ଅଭିଜ୍ଞତାରୁ ଦେଖାଯାଇଛି, ଯାତ୍ରା ଅନେକ ସମୟରେ ରାଜନୈତିକ ଦଳଗୁଡିକୁ ଜନତାଙ୍କ ସହ ନିକଟତର ହେବାରେ ସାହାଯ୍ୟ କରିଥାଏ ଏବଂ ଜନତାଙ୍କ ସହ ସମ୍ପର୍କ ବୃଦ୍ଧି କରିବାରେ ସହାୟକ ହେଇଥାଏ । ନୀତିଶ କୁମାରଙ୍କ ପରି ତେଜସ୍ୱୀ ମଧ୍ୟ 'କାର୍ଯ୍ୟକର୍ତ୍ତା ସମ୍ବାଦ କାର୍ଯ୍ୟକ୍ରମ' ନାଁରେ ଜନସାଧାରଣ ଏବଂ ଦଳୀୟ କର୍ମୀଙ୍କ ସହ ସିଧାସଳଖ ଯୋଗାଯୋଗ କରିବାକୁ ଯୋଜନା କରିଛନ୍ତି । ତେଜସ୍ୱୀଙ୍କ ପାଇଁ ଏହି ଯାତ୍ରା ଖୁବ ଗୁରୁତ୍ୱପୂର୍ଣ୍ଣ କାରଣ, ଗତ ଲୋକସଭା ନିର୍ବାଚନରେ ଏବଂ ନଭେମ୍ବର ଉପ–ନିର୍ବାଚନରେ ଆରଜେଡି ନେତୃତ୍ୱାଧୀନ ମହାଗଠବନ୍ଧନ ଭଲ ଫଳାଫଳ କରି ନ ଥିଲା । ତେଣୁ ଏହି ଯାତ୍ରା ତାଙ୍କୁ ସୁଯୋଗ ଦେବ ଜନତାଙ୍କ ସହ ନିକଟତର ହେବାପାଇଁ । ରାଜନୈତିକ ଦଳଗୁଡିକ ଗୋଟିଏ ପରେ ଗୋଟିଏ ଯାତ୍ରାର ଆୟୋଜନ କରୁଛନ୍ତି । ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂ ମାତ୍ର କିଛି ସପ୍ତାହ ପୂର୍ବରୁ 'ହିନ୍ଦୁ ସ୍ୱାଭିମାନ ଯାତ୍ରା' ବାହାର କରିଥିଲେ । କିଛି ମାସ ପୂର୍ବେ ସିପିଆଇ–ଏମଏଲ୍‌ର 'ବଦଲୋ ବିହାର ନ୍ୟାୟ ଯାତ୍ରା ଏବଂ ବିକାଶଶୀଳ ଇନସାନ ପାର୍ଟି (ଭିଆଇପି) ମୁଖ୍ୟ ମୁକେଶ ସାହାଣୀଙ୍କ ନିଶାଦ ସଂକଳ୍ପ ଯାତ୍ରା' ମଧ୍ୟ ଦେଖିବାକୁ ମିଳିଥିଲା । ଏହା ହିଁ ନିର୍ବାଚନ ପ୍ରସ୍ତୁତିର ସୂଚନା ଦିଏ । ଯାତ୍ରା, ନଗଦ ଟ୍ରାନ୍ସଫର ପରି ରଣନୀତି ଓ ଯୋଜନାର ଗୁରୁତ୍ୱ ବଢି ଚାଲିଥିବାବେଳେ, ବିକାଶ , ରୋଜଗାର ସୃଷ୍ଟି, ଶିଳ୍ପାୟନ, କୃଷି ସଂସ୍କାର ପରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପଛରେ ପଡିଯାଉଛି, ନିର୍ବାଚନ ସମୟରେ ଆଲୋଚିତ ହେଉନାହିଁ, ଯାହା ହୁଏତ ରାଜ୍ୟ ଓ ଦେଶ ପାଇଁ ଶୁଭ ସୂଚନା ନୁହେଁ ।

# ମା'ଲକ୍ଷ୍ମୀଙ୍କ ସନ୍ତୁଷ୍ଟି ପାଇଁ କ୍ଷେତବଢ଼ା ପୂଜା

ମାର୍ଗଶିର ମାସ ଶେଷ ସମୟ ଓ ପୌଷ ମାସର ଆରମ୍ଭ ସମୟ ବେଳକୁ ସାଧାରଣତଃ ଧାନକଟା ଆରମ୍ଭ ହେଇଥାଏ । ଧାନକଟା ପରେ କ୍ଷେତରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିବାକୁ ବିଭିନ୍ନ ଅଞ୍ଚଳରେ ଏକ ପର୍ବ ପାଳନ କରାଯାଏ ଯାହାକୁ କ୍ଷେତବଢ଼ା ପର୍ବ କୁହାଯାଇଥାଏ । ଧାନ ଫସଲ କଟା ସମୟରେ କ୍ଷେତରେ ୨ ରୁ ୪ ବୁଦା ଧାନଗଛ ଛାଡି ଦିଆଯାଏ କ୍ଷେତବଢା ପୂଜା ପାଇଁ । ଧାନ କଟା ଯିବା ପରେ ଖଳାରେ ଆସି ଗଦା ମରାଯାଏ । ଆମେ ସମସ୍ତେ ଜାଣୁ ଧନୁ ସଂକ୍ରାନ୍ତିରେ ଧନୁମୁଆଁ ବିଭିନ୍ନ ଦେବଦେବୀମାନଙ୍କୁ ଭୋଗ ଲାଗି ହୁଏ କିନ୍ତୁ କ୍ଷେତବଢା ପୂଜା ପାଇଁ ମଧ୍ୟ ମୁଆଁ ଭୋଗ ଲାଗି କରାଯାଏ । ପ୍ରଥମେ କ୍ଷେତରୁ ଖଳାକୁ ଆସିଥିବା ନୂଆ ଧାନକୁ ଆଣି ଗୃହନାରୀମାନେ ମାଟିହାଣ୍ଡିରେ ଲିଆ ଭାଜନ୍ତି, ତା'ପରେ ଗୁଡ ପକାଇ ପାଗକରି ଉଖୁଡା ତିଆରି ହୁଏ । ଏହାପରେ ଛୋଟ, ବଡ଼ ଆକାରରେ ମୁଆଁ କରାଯାଏ ।ଚାଷୀମାନେ ଚାଙ୍гୁଡିରେ ମୁଆଁ, ଫୁଲ, ଚନ୍ଦନ, ଧୂପ, ଦୀପ, ନେଇ ବିଲକୁ ଯାଆନ୍ତି । ବିଲରେ କଟା ବେଳେ ଛଡ଼ା ଯାଇଥିବା ଧାନ ଗଛ ମୂଳରେ ପଞ୍ଚୋପଚାରରେ ପୂଜା କରାଯାଏ । ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟରେ ଫଳନ୍ତି ଧାନ ଗଛକୁ ମୁଆଁ ଭୋଗ କରାଯାଏ । ଧାନକୁ ଆମ ଓଡ଼ିଆ ମାନେ ମହାଲକ୍ଷ୍ମୀ ବୋଲି ବିବେଚନା କରୁଥିବାରୁ ଭଲ ଧାନ ଫସଲ ଅମଳ ହେବାକୁ ଓ ପରିବାରକୁ ଆର୍ଥିକ ଅନାଟନରୁ ରକ୍ଷା କରିବାକୁ ଚାଷୀମାନେ ଏହି ପୂଜା କରିଥାନ୍ତି ବୋଲି ବିଶ୍ୱାସ ରହିଛି । ପୂଜା ପରେ ସେହିଠାରେ ବିଲରେ କାମ କରୁଥିବା ଚାଷୀ ଓ ବାଟରେ ଯାଉଥିବା ବାଟୋଇମାନଙ୍କୁ ପୂଜା ହୋଇଥିବା ମୁଆଁ ବଣ୍ଟାଯାଏ । ଓଡ଼ିଆ ଚାଷୀଙ୍କ ଘରେ ଏହା ଏକ ସୁନ୍ଦର ପରମ୍ପରା ଯାହା ଧୀରେ ଧୀରେ ହଜିଯିବାକୁ ବସିଲାଣି ଆଉ ଆଗଭଳି କ୍ଷେତବଢା ଦେଖିବାକୁ ମିଳୁନାହିଁ । ଆଧୁନିକ ଚାଷ ହେବା କାରଣରୁ ଆମ ପରମ୍ପରା ଲୋପ ହେବାକୁ ବସିଲାଣି ତଥାପି କିଛି ଲୋକଙ୍କ ପାଇଁ ଏ ପ୍ରଥାଟି ବଞ୍ଚିଛି । ସତରେ କୃଷି ତଥା କୃଷକର ଏ ପର୍ବଟି ଅତି ସୁନ୍ଦର ।

**ସନ୍ତୋଷ କୁମାର ଦାଶ,ତୁଳସୀପୁର, ପୁରୀ**

# ଏସିଆର ସ୍ଥିରତା ପାଇଁ ପୁଟିନଙ୍କ ଯୋଜନା

**ସୌମେନ୍ଦ୍ର ଜେନା**

ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପାଇଁ ଏସିଆର ସ୍ଥିରତା ଏବେ ବଡ ବିଷୟ ହୋଇଛି । ଦୀର୍ଘ ବର୍ଷ ଧରି ନିଜକୁ ୟୁରୋପର ରାଷ୍ଟ୍ର ଭାବେ ମନେକରି ଆସିଥିବା ରୁଷିଆ ଏବେ ୟୁରୋପରୁ ଦୂରେଇଯାଇ ଏସିଆର ନିକଟବର୍ତ୍ତୀ ହୋଇଛି । ୟୁକ୍ରେନ ସହ ପାଖାପାଖି ତିନିବର୍ଷର ଯୁଦ୍ଧ କାଳରେ ରୁଷିଆକୁ ଧ୍ୱଂସ କରିବା ପାଇଁ ପଡୋଶୀ ୟୁରୋପୀୟ ରାଷ୍ଟ୍ରଗୁଡିକ ୟୁକ୍ରେନକୁ ହାତଖୋଲା ଅସ୍ତ୍ରଶସ୍ତ୍ର ଯୋଗାଣ ଜାରି ରଖିଥିଲାବେଳେ କେବଳ ଏସିଆର ରାଷ୍ଟ୍ରଗୁଡିକ ବିଶ୍ୱର ଅନେକ ମଞ୍ଚରେ ରୁଷିଆକୁ ସମର୍ଥନ କରିବା ସହିତ ରୁଷିଆର ଅର୍ଥନୀତି ଯେପରି ଭାଙ୍ଗି ନ ଯାଏ ସେଥିପାଇଁ ପାହାଡ ସଦୃଶ ଛିଡା ହୋଇ ଗୋଟିଏ ପଟେ ୟୁରୋପୀୟ ରାଷ୍ଟ୍ରଗୁଡିକର କଟକଣା, ସମାଲୋଚନାକୁ ସାମ୍ନା କରିବାବେଳେ ଅପରପକ୍ଷେ ରୁଷିଆକୁ ଆର୍ଥିକ ଦୃଷ୍ଟିରୁ ସହଯୋଗ କରିଆସିଥିଲେ । ପେଟ୍ରୋଲ ଓ ଗ୍ୟାସ ଯୋଗାଣ ୟୁରୋପକୁ ପ୍ରାୟ ବନ୍ଦ ହୋଇପଡିଥିଲାବେଳେ ଏସିଆର ଦୁଇ ପ୍ରମୁଖ ରାଷ୍ଟ୍ର ଭାରତ ଓ ଚୀନ ରୁଷିଆଠାରୁ ସର୍ବାଧିକ ପରିମାଣର ତୈଳ ଓ ଗ୍ୟାସ କ୍ରୟ କରି ରୁଷିଆ ସାହସକୁ ଶକ୍ତିଶାଳୀ କରିଥିଲେ ।

ଇରାନ ପରି ରାଷ୍ଟ୍ର ନିଜେ ଡ୍ରୋନ୍ ଯୋଗାଣ ଦ୍ୱାରା ରୁଷିଆର ଆକ୍ରମଣକୁ ଶକ୍ତି ଯୋଗାଇ ଆସିଛି । ବିଶ୍ୱର ଅନେକ ରାଷ୍ଟ୍ରଙ୍କ ଦୃଷ୍ଟିରେ ଶତ୍ରୁ ପାଲଟିଥିବା ଉତ୍ତର କୋରିଆର ରାଷ୍ଟ୍ରପତି ପୁଟିନଙ୍କ ପାଇଁ କେବଳ ଭଲ ପଡୋଶୀ ନୁହେଁ, ଭଲ ବନ୍ଧୁ ମଧ୍ୟ ହୋଇଛନ୍ତି । ଉତ୍ତର କୋରିଆ ନିଜର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ନାଟୋଶକ୍ତିକୁ ଅନେକାଂଶରେ ଭୟଭୀତ କରି ରଖିବାକୁ ସକ୍ଷମ ମଧ୍ୟ ହୋଇଛନ୍ତି । ସିରିଆର ସରକାର କେବେହେଲେ ରୁଷିଆକୁ ସମର୍ଥନ କରିବାଠାରୁ ଦୂରେଇଯାଇ ନାହାନ୍ତି । ଏପରିକି ଅତୀତରେ ରୁଷିଆ ବିରୋଧରେ ଲଢିଆସିଥିବା ଆଫଗାନ ସରକାର ମଧ୍ୟ ଏହି ସମୟରେ ରୁଷିଆର ନିକଟବର୍ତ୍ତୀ ହୋଇଛନ୍ତି । ମଧ୍ୟ ଏସିଆର ରାଷ୍ଟ୍ରଗୁଡିକ ପାଶ୍ଚାତ୍ୟ ଗୋଷ୍ଠୀର ଚାପ ସତ୍ତ୍ୱେ ରୁଷିଆକୁ ଛାଡିନାହାନ୍ତି । ଇଣ୍ଡୋନେସିଆ ଓ ଭିଏତନାମ ପରି ରାଷ୍ଟ୍ର ଆମେରିକାର ଲୋଭ ପ୍ରଦର୍ଶନ ସତ୍ତ୍ୱେ ରୁଷିଆର ସହଯୋଗୀ ହୋଇ ରହିଛନ୍ତି ।

ଗୋଟିଏ ପଟେ ଆମେରିକାର ଜୋ ବାଇଡେନଙ୍କ ସରକାର ଏସିଆ ଓ ରୁଷିଆକୁ ଅସ୍ତବ୍ୟସ୍ତ କରିବା ଉଦ୍ଦେଶ୍ୟରେ କଠୋର କଟକଣା ଜାରି ରଖିଥିଲାବେଳେ ଏସିଆର ରାଷ୍ଟ୍ରଗୁଡିକ ଲଢୁଆ ମନୋବୃତ୍ତି ନେଇ ସେ ସବୁକୁ ସାମ୍ନା କରିଆସିଛନ୍ତି । ଶୀତଳଯୁଦ୍ଧ କାଳରେ ରୁଷିଆ ଆମେରିକାକୁ ଏକାକୀ ବିରୋଧ କରିବାକୁ ସକ୍ଷମ ଥିଲାବେଳେ ଏବେ ଏସିଆର ଅନେକ ରାଷ୍ଟ୍ର ସେହି ସ୍ଥିତିକୁ ଆସିଗଲେଣି । ଚୀନ, ଭାରତ, ଉତ୍ତର କୋରିଆ ଓ ଇରାନ ପରି ରାଷ୍ଟ୍ର ବିଗତ ଦିନରେ ଅନେକ ମଞ୍ଚରେ ଆମେରିକା ଏବଂ ତା'ର ବନ୍ଧୁ ରାଷ୍ଟ୍ର ୟୁରୋପର ଗୋଷ୍ଠୀଙ୍କୁ କଡା ଶବ୍ଦରେ ଜବାବ ଦେଇଛନ୍ତି । ତେଣୁ ରୁଷିଆର ସ୍ଥାୟିତ୍ୱ ଏସିଆର ସ୍ଥିରତା ଏବଂ ସୁଦୃଢତା ଉପରେ ଅଧିକ ନିର୍ଭର କରୁଥିବା ହେତୁ ପୁଟିନ ଏସିଆର ରାଷ୍ଟ୍ରଗୁଡିକ ମଧ୍ୟରେ ଉତ୍ତମ ସମ୍ପର୍କ ଏବଂ ସହଯୋଗ ପାଇଁ ଧ୍ୟାନ ଦେଉଥିବା ଲକ୍ଷ୍ୟ କରାଯାଇଛି । ଆମେରିକାର କଠୋର କଟକଣା ମଧ୍ୟରେ ସେହିସବୁ ରାଷ୍ଟ୍ରଗୁଡିକୁ କିପରି ସାହାଯ୍ୟ କରାଯାଇପାରିବ, ସେଥିପ୍ରତି ଦୃଷ୍ଟି ଦେଉଛନ୍ତି । ଉତ୍ତର କୋରିଆ ସହ ରୁଷିଆର ବୁଝାମଣା ତା'ର ପ୍ରମାଣ । ପୁଟିନଙ୍କ ଦୃଷ୍ଟିରେ ଭାରତ–ଚୀନ ମଧ୍ୟରେ ସମ୍ପର୍କକୁ ନେଇ ତିକ୍ତତା ବ୍ରିକ୍ସ ପାଇଁ ପ୍ରତିବନ୍ଧକ ହୋଇଥିବା ହେତୁ ଏହି ସମସ୍ୟାର ସମାଧାନ ପାଇଁ ସେ ଦୁଇଦେଶ ଉପରେ ଦୀର୍ଘଦିନ ହେବ ଚାପ ପ୍ରୟୋଗ କରି ଆସୁଥିଲେ । ଗତ ବ୍ରିକ୍ସ ବୈଠକ ପୂର୍ବରୁ ପୁଟିନ ମଧ୍ୟ ସେ ଦିଗରେ ସଂକେତ ପ୍ରଦାନ କରିଥିଲେ ।

ଭାରତ ଏବଂ ଚୀନ ପରସ୍ପରର ବିରୋଧୀ ହୋଇ ଲଢିବା ବେଳେ ବ୍ରିକ୍ସ ସଂଗଠନରେ ଥିଲେ ମଧ୍ୟ ଅନେକ ନିଷ୍ପତ୍ତିରେ ଭିନ୍ନତା ରହିବ ବୋଲି ଆଶା କରାଯାଉଥିଲା । ଏହି ବିଭେଦରୁ ଆମେରିକା ଲାଭ ନେବାକୁ ପ୍ରୟାସ କରୁଥିବା ଲକ୍ଷ୍ୟ କରିଥିଲେ । ଗୋଟିଏ ପଟେ ଆମେରିକା ଭାରତ ସହ ବନ୍ଧୁତା ଓ ପ୍ରତିରକ୍ଷା ସହଯୋଗ ଚୁକ୍ତି କରିଥିଲାବେଳେ ଅନ୍ୟ ପକ୍ଷରେ ସମ୍ଭାବ୍ୟ ଚୀନ ଆକ୍ରମଣ ସମୟରେ ଭାରତକୁ ସହଯୋଗ ନ କରିବାର ଧମକ ଦେବା ଚିନ୍ତାର ବିଷୟ । ତେଣୁ ପୁଟିନ ବ୍ରିକ୍ସ ଆଲୋଚନା କାଳରେ ଗତ ପାଞ୍ଚବର୍ଷ ଧରି ସୀମାନ୍ତରେ ଯୁଦ୍ଧପାଇଁ ପ୍ରସ୍ତୁତ ରହିଥିବା ଭାରତ ଓ ଚୀନର ନେତୃବୃନ୍ଦଙ୍କୁ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ଚାପ ପ୍ରୟୋଗ କରିଥିଲେ, ଯାହା ଏବେ ସଫଳ ହୋଇଛି । ସେହିପରି ଭାରତର ଅନ୍ୟ ଏକ ଶତ୍ରୁରାଷ୍ଟ୍ର ପାକିସ୍ତାନ ମଧ୍ୟ ଆମେରିକାର କଟକଣା ଏବଂ ଚୀନ ଉପରେ ଅଧିକ ନିର୍ଭରତା ମଧ୍ୟରେ ପେଷି ହେଇ ଯାଇଥିବା ସମୟରେ ପୁଟିନ ପାକ୍‌ର ଶକ୍ତି ସଂକଟ ଦୂର କରିବାକୁ ହାତ ବଢାଇଛନ୍ତି । ଗୋଟିଏ ପଟେ ଚୀନ ଉପରେ ଅଧିକ ନିର୍ଭର କରୁଥିବା ରାଷ୍ଟ୍ର ଉତ୍ତର କୋରିଆ ଏବଂ ପାକିସ୍ତାନର ଚାପକୁ ହ୍ରାସ କରିବାଲାଗି ପୁଟିନ ପ୍ରୟାସ ଜାରି ରଖିଛନ୍ତି ।

ସେଥିପାଇଁ ପାକ୍‌ରେ ଶକ୍ତି ସଙ୍କଟ ଦୂର କରିବାକୁ ପୁଟିନ ସହାୟତା ଦେଇ ଏହି ରାଷ୍ଟ୍ରକୁ ସ୍ଥିରତା ଆଡକୁ ନେବାଲାଗି ଲକ୍ଷ୍ୟ ରଖିଛନ୍ତି । କାରଣ ପାକ୍‌ରେ ଜାଳେଣି ସଙ୍କଟ, ବିଦ୍ୟୁତ ସଙ୍କଟ ଏବେ ଚରମସୀମାରେ ପହଞ୍ଚିଛି । ଶସ୍ତା ତୈଳ ଏବଂ ବିଦ୍ୟୁତ ଯୋଗାଣ ଦ୍ୱାରା ପାକ୍‌ର ଆର୍ଥିକସ୍ଥିତିକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରିଲେ ପାକ୍‌କୁ ଚୀନ, ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରର ଚାପକୁ ହ୍ରାସ କରାଯାଇପାରିବ । କାରଣ ଆମେରିକା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ରାଷ୍ଟ୍ରଗୁଡିକୁ ସବୁବେଳେ କ୍ଷତି ପହୁଞ୍ଚାଇଆସିଛି । ଆଫଗାନିସ୍ତାନ, ପାକିସ୍ତାନ, ସିରିଆ, ବଙ୍ଗଳାଦେଶ ଆଦି ରାଷ୍ଟ୍ର ଏହାର ସ୍ପଷ୍ଟ ପ୍ରମାଣ ।

ବ୍ରିକ୍ସ ମାଧ୍ୟମରେ ଏସିଆ ଏବଂ ଆଫ୍ରିକାର ଦୁର୍ବଳ ରାଷ୍ଟ୍ରଗୁଡିକୁ ସହାୟତା ଯୋଗାଇ ଦେବାଲାଗି ପୁଟିନ ଯୋଜନା କରିଛନ୍ତି । ଡଲାରମୁକ୍ତ ବାଣିଜ୍ୟ, ବସ୍ତୁ ବିନିମୟ ବାଣିଜ୍ୟ ଏବଂ ବ୍ରିକ୍ସ ମୁଦ୍ରାର ବାଣିଜ୍ୟ ପାଇଁ ପୁଟିନ ଜୋର ଦେଉଛନ୍ତି । ଏହାଦ୍ୱାରା ଏସବୁ ରାଷ୍ଟ୍ରଗୁଡିକରେ ଆମେରିକା ଓ ୟୁରୋପ ଉପରେ ନିର୍ଭରତା ହ୍ରାସ ପାଇବ । ଆବଶ୍ୟକ ସମୟରେ ଏହିସବୁ ରାଷ୍ଟ୍ରଗୁଡିକ ପରସ୍ପର ମଧ୍ୟରେ ବାଣିଜ୍ୟ ସମ୍ପର୍କ ଜାରି ରଖିବାକୁ ସକ୍ଷମ ହୋଇପାରିବେ । ପ୍ରତ୍ୟେକ କାର୍ଯ୍ୟ ପାଇଁ ଆମେରିକାର ଡଲାର ଆବଶ୍ୟକ ହେବନାହିଁ ।

ଏହା ସମ୍ଭବ ହେଲେ ରୁଷିଆ ୟୁରୋପକୁ ବାଦ୍‌ଦେଇ ଏସିଆର ରାଷ୍ଟ୍ର ସମୂହକୁ ସାଙ୍ଗରେ ନେଇ ଚାଲିଲେ ଅନେକ ସମସ୍ୟାର ସମାଧାନ କରିପାରିବ । ଶକ୍ତିଶାଳୀ ରୁଷିଆ ପାଇଁ ସୁଦୃଢ ଏସିଆ ଗଠନ ପୁଟିନଙ୍କ ପାଇଁ ଏବେ ପ୍ରାଥମିକତା ପାଲଟିଛି । ବିଗତ ଦିନମାନଙ୍କରେ ଭାରତର ପ୍ରତିରକ୍ଷା ଯୋଗାଣ କ୍ଷେତ୍ରରେ ଆମେରିକା ରୁଷିଆର ଅନେକ ଅଂଶ କାଟିବାକୁ ସକ୍ଷମ ହେବାପରେ ପୁଟିନ ଏବେ ଭାରତକୁ ନିଜ ସପକ୍ଷରେ ନେବାଲାଗି ପ୍ରୟାସ ଆରମ୍ଭ କରିଦେଇଛନ୍ତି । ନିଜ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସାମଗ୍ରୀ ଭାରତକୁ ଦେବାଲାଗି ସେ ଆଗେଇ ଆସିଛନ୍ତି । ଯେମିତି ସୁଖୋଇ –୫୭ ଏବଂ ରାଡାର ବ୍ୟବସ୍ଥା, ତନ୍ମଧ୍ୟରେ ସୁଖୋଇ – ୩୦ ସ୍ଥାନରେ ସୁଖୋଇ ୫୭ ପଞ୍ଚମପିଢିର ଯୁଦ୍ଧବିମାନ ଭାରତରେ ନିର୍ମାଣ କରିବାକୁ ଟେକ୍‌ନୋଲୋଜି ହସ୍ତାନ୍ତର କରିବାକୁ ପୁଟିନ ରାଜି ହୋଇଛନ୍ତି । ଗତ ଦିନରେ ଭାରତକୁ ଏହି ପ୍ରସ୍ତାବ ସେ ଦେଇସାରିଛନ୍ତି । ଯଦି ପୁଟିନଙ୍କ ପ୍ରୟାସ ସଫଳତା ଲାଭ କରେ ତେବେ ଆଗାମୀ ଅର୍ଦ୍ଧଶତାବ୍ଦୀ ପର୍ଯ୍ୟନ୍ତ ଭାରତର ବାୟୁସେନାରେ ରୁଷିଆର ସହଯୋଗ ବିଗତ ଦିନମାନଙ୍କ ପରି ବଳବତ୍ତର ରହିବ । ଏଥିରୁ ରୁଷିଆ ଲାଭାନ୍ୱିତ ହେବା ସହ ଭାରତକୁ ମଧ୍ୟ ନିଜ ସପକ୍ଷରେ ରଖିପାରିବ ।

ସେହିପରି ଏକପ୍ରକାର ଏକାକୀ ହୋଇପଡିଥିବା ଉତ୍ତର କୋରିଆ ସହ ଏସିଆର ଅନ୍ୟ ରାଷ୍ଟ୍ରଗୁଡିକର ସାହାଯ୍ୟ ଓ ସହଯୋଗ ବୃଦ୍ଧିପାଇଁ ପୁଟିନ ଜୋର୍ ଦେଉଛନ୍ତି । ଦୀର୍ଘ ଦିନଧରି ଉତ୍ତର କୋରିଆରେ ଭାରତର କୂଟନୀତିକ କାର୍ଯ୍ୟାଳୟ ବନ୍ଦ ପଡିଥିଲାବେଳେ ଏବେ ଆକସ୍ମିକ ପୁନର୍ବାର ପୂରାଦମ୍‌ରେ ଖୋଲାଯାଇଛି ।

ପୁଟିନଙ୍କ ପରାମର୍ଶକ୍ରମେ ଭାରତ ଏହି ପଦକ୍ଷେପ ନେଇଥିବା କଥା କୁହାଯାଉଛି । କାରଣ ପୁଟିନ ଉତ୍ତର କୋରିଆ ଚୀନ ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ଚାହୁଁଥିବାବେଳେ ଭାରତ ସେ କ୍ଷେତ୍ରରେ ଅଧିକ ସହଯୋଗ କରିପାରିବ ବୋଲି ମନେ କରୁଛନ୍ତି । ଉତ୍ତର କୋରିଆର ବିକାଶ କ୍ଷେତ୍ରରେ ପୁଞ୍ଜିନିବେଶ ଆବଶ୍ୟକ ହେଉଥିବାରୁ ଭାରତ ସରକାର ଏ କ୍ଷେତ୍ରରେ ଅଧିକ ସହଯୋଗ କରିପାରିବେ ବୋଲି ପୁଟିନଙ୍କର ଆଶା ରହିଛି । ଭାରତୀୟ କମ୍ପାନୀମାନେ ଏବେ ଭାରତ ବାହାରେ ଅଧିକ ପୁଞ୍ଜିନିବେଶ କରିବାକୁ ଚାହୁଁଥିବା ହେତୁ ଏହାର ସୁବିଧା ଉତ୍ତର କୋରିଆକୁ ପ୍ରଦାନ କରିବା ପୁଟିନଙ୍କ ଲକ୍ଷ୍ୟ ରହିଛି । ଏହାଦ୍ୱାରା ସେ ଉତ୍ତର କୋରିଆର ସରକାରଙ୍କୁ ନିଜ ସପକ୍ଷରେ ନେବାକୁ ସକ୍ଷମ ହେବେ ଏବଂ ସେ ଦେଶର ଲୋକଙ୍କ ମନରେ ସକାରାତ୍ମକ ପ୍ରଭାବ ପକାଇପାରିବେ ।

ଆମେରିକାରେ ଜାନୁଆରୀ ୨୦୨୫ରେ ଟ୍ରମ୍ପ ସରକାର ଶାସନକୁ ଆସିବାପରେ ରୁଷିଆ ଏବଂ ଏସିଆର ଅନେକ ରାଷ୍ଟ୍ରଗୁଡିକ ସହ ଆମେରିକାର ନୀତିରେ ପରିବର୍ତ୍ତନ ହେବ । ୟୁରୋପଠାରୁ ଆମେରିକା ସରକାର ଦୂରକୁ ଯିବା, ନାଟୋ ରାଷ୍ଟ୍ରଗୁଡିକ ଉପରେ ଅଧିକ ଅର୍ଥ ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବାକୁ ଟ୍ରମ୍ପଙ୍କ ଚାପ ରହିବାର ସମ୍ଭାବନା ଦେଖାଦେଇଛି । ସେ କ୍ଷେତ୍ରରେ ଏସିଆର ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ନେଇ ପୁଟିନ ରୁଷିଆର ବାଣିଜ୍ୟ ପାଇଁ ବିକଳ୍ପ ବଜାର ଏବଂ ଆମଦାନୀର ଉତ୍ସଗୁଡିକ ଖୋଜିବାରେ ଲାଗିଛନ୍ତି ।

ଆଗାମୀ ଦିନରେ ୟୁରୋପ ଏବଂ ଆମେରିକାର ପ୍ରଭାବରୁ ମୁକ୍ତରଖି କିପରି ରୁଷିଆକୁ ସଶକ୍ତ, ସୁଦୃଢ ଏବଂ ବିକାଶଶୀଳ କରାଯାଇପାରିବ, ସେଥିପ୍ରତି ଅଧିକ ଦୃଷ୍ଟିଦେଉଛନ୍ତି ପୁଟିନ । ଗୋଟିଏ ପଟେ ରୁଷିଆର ଉତ୍ପାଦକୁ ବାହାରେ ବିକ୍ରି କରିବା ଏବଂ ରୁଷିଆ ପାଇଁ ଆବଶ୍ୟକ ବସ୍ତୁ ବାହାରୁ କିଣିବା ପାଇଁ ସେ ନୂଆ ନୂଆ ସହଯୋଗୀ ରାଷ୍ଟ୍ରମାନଙ୍କୁ ଖୋଜିବାରେ ଲାଗିଛନ୍ତି । ଏଥିପାଇଁ ଏସିଆରେ ସ୍ଥିରତା ଆବଶ୍ୟକ । ତେଣୁ ପୁଟିନ ଭାରତ–ଚୀନ, ଭାରତ–ଉତ୍ତର କୋରିଆ, ରୁଷିଆ– ପାକିସ୍ତାନ, ଇରାନ– ରୁଷିଆ ସହଯୋଗ ଉପରେ ଜୋର ଦେଇଛନ୍ତି ।

ଏହାଛଡା ମଧ୍ୟ ପ୍ରାଚ୍ୟର ଅନେକଗୁଡିଏ ରାଷ୍ଟ୍ରସହ ଉତ୍ତମ ସମ୍ପର୍କ ରକ୍ଷାକରି ପ୍ରତିରକ୍ଷା ସହଯୋଗ ମାଧ୍ୟମରେ ସେ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ସ୍ଥାପନ ପାଇଁ ପୁଟିନ ପ୍ରୟାସ ଚଳାଇଛନ୍ତି । ଏକଥା ସତ ଯେ ୨୦ବର୍ଷରୁ ଅଧିକକାଳ କ୍ଷମତାରେ ଥିବା କଟକଣା ଓ ଯୁଦ୍ଧକୁ ସାମ୍ନା କରୁଥିବା ପୁଟିନ ଏବେ ମଧ୍ୟ ନିଜ ଦେଶରେ ଲୋକପ୍ରିୟ, ଦେଶ ବାହାରେ ଶକ୍ତିଶାଳୀ ବିଶ୍ୱନେତା । ତେଣୁ ଏସିଆ ପାଇଁ ତାଙ୍କ ସକାରାତ୍ମକ ପ୍ରୟାସ ସଫଳ ହେବା ଆଶା କରାଯାଏ ।

**ଭୁବନେଶ୍ୱର**

# ଓଡ଼ିଆ ଜାତିର ସାହିତ୍ୟାକାଶରେ ସମ୍ପାଦକ ବିଶ୍ୱନାଥ କର

**ଭାବଗ୍ରାହୀ ରାଉତ**

**ବିଶ୍ୱନାଥ କର ଓଡ଼ିଆ ପ୍ରବନ୍ଧ ସାହିତ୍ୟ କ୍ଷେତ୍ରରେ ଜଣେ ସ୍ମରଣୀୟ ପ୍ରତିଭା । ୧୮୯୬ ମସିହାରେ କଟକ ରାୟ ପ୍ରେସରେ ମୁଦ୍ରିତ ହୋଇ ଆତ୍ମପ୍ରକାଶ ପାଇଥିଲା ୨୦ଟି ପ୍ରବନ୍ଧ ସମ୍ବଳିତ ପ୍ରବନ୍ଧମାଳା 'ବିବିଧ ପ୍ରବନ୍ଧ' ନାମରେ । ଏଥିରେ ପ୍ରାବନ୍ଧିକଙ୍କ ମୌଳିକ ଚିନ୍ତା ପ୍ରକଟିତ ହୋଇଛି। ଏହି ପ୍ରବନ୍ଧ ଓଡ଼ିଆ ପ୍ରବନ୍ଧ ଜଗତରେ ବିରଳ । ସେ ନାରୀ ସ୍ୱାଧୀନତା ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରିଥିଲେ ।**

ବର୍ତ୍ତମାନ ଓଡ଼ିଶାରେ ଏକାଧିକ ସମ୍ବାଦପତ୍ର ଓ ସାହିତ୍ୟପତ୍ର ଦେଖିବାକୁ ମିଳେ । ଦିନଥିଲା ଯେତେବେଳେ ଓଡ଼ିଆମାନେ କେତୋଟି ହାତଗଣତି ସମ୍ବାଦପତ୍ର ଓ ସାହିତ୍ୟପତ୍ର ଦେଖିବାକୁ ପାଉଥିଲେ ସେଥିମଧ୍ୟରୁ ସମ୍ବାଦପତ୍ର 'ଆଶା' (ବ୍ରହ୍ମପୁରରୁ) ଓ ସାହିତ୍ୟ ପତ୍ର 'ଉତ୍କଳ ସାହିତ୍ୟ' (କଟକ)କୁ ଲୋକମାନେ ବୁଝୁଥିଲେ । ବିଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଯେଉଁ କେତେଜଣ ଉତ୍କଳମାତାର ସୁଯୋଗ୍ୟ ସନ୍ତାନ ଦେଶ, ଜାତି, ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରିବାରେ ନିଜର ଜୀବନକୁ ବାଜି ଲଗାଇଥିଲେ ସେମାନଙ୍କ ମଧ୍ୟରୁ ବିଶ୍ୱନାଥ କର ଅନ୍ୟତମ । ସେଥିପାଇଁ ବିଶ୍ୱନାଥ କର ଓଡ଼ିଶାର ତିନିପୁରୁଷର ସାହିତ୍ୟିକଙ୍କର ବନ୍ଧୁ, ଦିଗ୍‌ଦର୍ଶକ ଓ ପ୍ରଚାରକ ଅଟନ୍ତି ।

ଆଜି ମଧ୍ୟ ସମ୍ବାଦପତ୍ର ସମ୍ପାଦକ ଭାବରେ ଶଶୀଭୂଷଣ ରଥ ଓ ସାହିତ୍ୟପତ୍ର ସମ୍ପାଦକ ଭାବରେ ନୀଳମଣି ବିଦ୍ୟାରତ୍ନ ଓ ବିଶ୍ୱନାଥ କରଙ୍କୁ ଓଡ଼ିଆ ଜାତି ସ୍ମରଣ କରୁଛି। ପତ୍ରିକା ସମ୍ପାଦନ ହେଉଛି ବାଗ୍ମୀଙ୍କ କର୍ମମୟ ଜୀବନର ଅନ୍ୟତମ ଶ୍ରେଷ୍ଠାଂଶ । ବିଶ୍ୱନାଥ କରଙ୍କ ସମ୍ପାଦିତ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ ପାଉଥିଲା, ମଧୁସୂଦନ, ଫକୀରମୋହନ, ରାଧାନାଥ ପ୍ରମୁଖଙ୍କ ଅନେକ ଲେଖା । ଏପରିକି ବହୁ ନବୀନ ଲେଖକଙ୍କ ରଚନାକୁ ପ୍ରକାଶ ଉପଯୋଗୀ କରାଇ ସେମାନଙ୍କୁ ସମାଜରେ ପ୍ରତିଷ୍ଠା କରାଇବାରେ ସେ ସାଜିଥିଲେ ସାହିତ୍ୟର ପୁରୋଧା ।

ଭକ୍ତକବି ମଧୁସୂଦନ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାହିତ୍ୟ ଓ ଧର୍ମ କ୍ଷେତ୍ର ପ୍ରତି ପ୍ରଭାବିତ ହୋଇଥିଲେ । ବ୍ରାହ୍ମଧର୍ମ ଗ୍ରହଣ କରିବା ଦ୍ୱାର ସେ ସେତେବେଳେ ମଧ୍ୟ ସାମାଜିକ ବାସନ୍ଦ ହୋଇଥିଲେ । ଧୁରୀଣ ବକ୍ତା ଭାବରେ ଓଜସ୍ୱିନୀ ଭାଷଣ ପୂର୍ବକ ବିରାମହୀନ ବକ୍ତବ୍ୟ ଦ୍ୱାରା ସେ ଜନତାଙ୍କ ନିକଟରେ ଆଦୃତ ହୋଇଥିଲେ । ସମାଜର କୁସଂସ୍କାର ଓ ରକ୍ଷଣଶୀଳତା ବିରୁଦ୍ଧରେ ସଂଗ୍ରାମ କରି ନିଜର ବିଚାର ଶକ୍ତିବଳରେ ସତ୍ୟକୁ ଉଦ୍‌ଘାଟନ କରିବାକୁ ପଛାଉନଥିଲେ ।

ପାଠପଢ଼ା ଛାଡ଼ିଲା ପରେ କଟକରେ ରହଣି କାଳରେ 'ସେବକ ଓ ସଂସ୍କାରକ' ନାମରେ ଦୁଇଟି ପତ୍ରିକାର ସମ୍ପାଦନା ଦାୟିତ୍ୱ ବହନ କରି ନିଜର ସାହିତ୍ୟ ପ୍ରତିଭାକୁ ପରିପ୍ରକାଶ କରିଥିଲେ । ୧୯୦୦ ଖ୍ରୀଷ୍ଟାବ୍ଦରେ ଉତ୍କଳ ସାହିତ୍ୟ ପ୍ରେସ୍ ସ୍ଥାପନ କରିଥିଲେ । ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାରେ ପତିତ ଜାତିମାନଙ୍କ ପ୍ରତିନିଧି ଭାବେ ମନୋନୀତ ହୋଇ ସଭାଗୃହରେ ଓଡ଼ିଆରେ ଦୀକ୍ଷାନ୍ତ ଭାଷଣ ଦେଇ ଚର୍ଚ୍ଚିତ ହୋଇଥିଲେ ।

ବିଶ୍ୱନାଥ କର ଓଡ଼ିଆ ପ୍ରବନ୍ଧ ସାହିତ୍ୟ କ୍ଷେତ୍ରରେ ଜଣେ ସ୍ମରଣୀୟ ପ୍ରତିଭା । ୧୮୯୬ ମସିହାରେ କଟକ ରାୟ ପ୍ରେସରେ ମୁଦ୍ରିତ ହୋଇ ଆତ୍ମପ୍ରକାଶ ପାଇଥିଲା ୨୦ଟି ପ୍ରବନ୍ଧ ସମ୍ବଳିତ ପ୍ରବନ୍ଧମାଳା 'ବିବିଧ ପ୍ରବନ୍ଧ' ନାମରେ । ଏଥିରେ ପ୍ରାବନ୍ଧିକଙ୍କ ମୌଳିକ ଚିନ୍ତା ପ୍ରକଟିତ ହୋଇଛି। ଏହି ପ୍ରବନ୍ଧ ଓଡ଼ିଆ ପ୍ରବନ୍ଧ ଜଗତରେ ବିରଳ । ସେ ନାରୀ ସ୍ୱାଧୀନତା ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରିଥିଲେ । ତାଙ୍କର ଉପର ବର୍ଣ୍ଣିତ ପ୍ରତିଭାକୁ ସମ୍ମାନ ଜଣାଇ ତତ୍କାଳୀନ ଇଂରେଜ ସରକାର ତାଙ୍କୁ 'ରାୟବାହାଦୂର' ଉପାଧି ପ୍ରଦାନ କରିଥିଲେ । କିନ୍ତୁ ସ୍ୱାଭିମାନ ଦୃଷ୍ଟିରୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ଓଡ଼ିଆ ଜାତିର ସାହିତ୍ୟାକାଶରେ ବିଶ୍ୱନାଥ କର ଥିଲେ ଏକାଧାରାରେ ଜଣେ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ପ୍ରାବନ୍ଧିକ, ନିର୍ଭିକ ସମାଲୋଚକ, 'ଉତ୍କଳ ସାହିତ୍ୟ' ପତ୍ରିକାର' ସମ୍ପାଦକ, ସମାଜ ସଂସ୍କାରକ ଓ ବାଗ୍ମୀ ।

ଉତ୍କଳର ବରପୁତ୍ର ବାଗ୍ମୀ ବିଶ୍ୱନାଥ କର ୧୮୬୪ ମସିହା ଡିସେମ୍ବର ୨୪ତାରିଖରେ ପୂଣ୍ୟତୋୟା ବିରୂପା ନଦୀ ତଟସ୍ଥ ମୂଳବସନ୍ତ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଉତ୍କଳ ସାହିତ୍ୟ ସମାଜର ସେ ଜଣେ ନିଷ୍ଠାପର କର୍ମୀ ଭାବରେ ଓଡ଼ିଆ ସାହିତ୍ୟ ନିମନ୍ତେ ବିକାଶରେ ଯେଉଁ ଉଦ୍ୟମ କରିଛନ୍ତି, ସେଥିପାଇଁ ଓଡ଼ିଆ ଜାତି ତାଙ୍କୁ ଚିରଦିନ ମନେରଖିବ, ଏହା ନିଃସନ୍ଦେହ ।

**ସଭାପତି ମାହାଙ୍ଗା, ସାରସ୍ୱତ ସେବାମଞ୍ଚ**
**ମୋ– ୯୬୬୮୦୭୬୦୨୪**

# ସମାଲୋଚନା ବି ପ୍ରେରଣାଦାୟୀ

ଥରେ ଜଣେ ବ୍ୟକ୍ତି ମଲ୍ଲ ଯୋଦ୍ଧାଟିଏ ହେବା ପାଇଁ ଚେଷ୍ଟା କଲା । ତେଣୁ ସେ ଅଭିଜ୍ଞ ତାଲିମ ଦାତାଙ୍କ ଠାରୁ କିଛି ଦିନ ତାଲିମ ନେଲା । ତା'ର ଆର୍ଥିକ ଅଭାବ ହେତୁ ତାଲିମ ଅସମ୍ପୂର୍ଣ୍ଣ ରହିଗଲା । ଅଳ୍ପ କିଛି ଯାହା ସେ ତାଲିମରୁ ଶିଖିଥିଲା,ତାକୁ ଆହୁରି ନିଜେ ବାରମ୍ବାର ଅଭ୍ୟାସ କଲା ।

ଅନେକ ପ୍ରତିଯୋଗିତାରେ ଭାଗନେଲା । କିନ୍ତୁ କେବେ ବି ସେ ବିଜେତା ହୋଇ ପାରୁ ନ ଥାଏ । ତା' ସତ୍ତ୍ୱେ ବି ସେ ତା'ର ପରିଶ୍ରମ ଏବଂ ପ୍ରୟାସକୁ ଜାରି ରଖିଥାଏ । ତା'ର କିଛି ବନ୍ଧୁ ତାକୁ ଅନେକ ସମାଲୋଚନା କରି କହୁଥାଆନ୍ତି– 'ତୁ ତ ବିଜେତା ହୋଇ ପାରୁନା । ତ' ଠୁ ବଡ଼, ତା' ଠୁ ବଡ଼, ଆହୁରି ବଡ଼... ଅନେକ ଅଛନ୍ତି । ତୁ କେମିତି ତାଙ୍କ ସହ ସମାନ ହେଇ ପାରିବୁ ? ସେମାନଙ୍କୁ ତୁଳନା କଲେ ତୁ ବହୁତ ପଛରେ ଅଛୁ । ଏମିତି ଅନେକ ସମାଲୋଚନା ସେ ଶୁଣୁଥିଲା । ସେ ସବୁ ସମାଲୋଚନା ତାକୁ ବିରକ୍ତି ବା ଅର୍ଧୈଯ୍ୟ କରି ପାରୁ ନ ଥିଲା । ବରଂ ସେ ନିଜର ପ୍ରୟାସ ଜାରି ରଖିଥିଲା ।

ସେ ମନେ ମନେ ଦୃଢ଼ତାର ସହ ଭାବୁଥିଲା କି ଅନ୍ୟ କେହି ଯଦି ସମାଲୋଚନା କରେ ତା'ର ମାନେ ନୁହେଁ ଯେ ଆମେ ଆମର ପ୍ରୟାସକୁ ବନ୍ଦ କରିଦେବା । ପ୍ରତିଯୋଗିତାରେ ହାରିଯିବା ବା ଅନ୍ୟର ସମାଲୋଚନା ତାକୁ ସେ ଦିଗରେ ପ୍ରେରଣା ଯୋଗାଉଥିଲା । କିଛି ଦିନ ପରେ ସେ ସଫଳତାର ସ୍ୱାଦ ଚାଖିଲା ।

କ୍ରମଶଃ ସେ ଜଣେ ଜଣାଶୁଣା ମଲ୍ଲ ଯୋଦ୍ଧା ହୋଇ ଅନେକ ପ୍ରତିଯୋଗିତାରେ ବିଜେତା ହେଲା । ସମାଲୋଚନା ଯେତେବେଳେ ପ୍ରେରଣାର ଉତ୍ସ ହୋଇଯାଏ, ସେତେବେଳେ 'ହାରିବା' ଶବ୍ଦଟି ବ୍ୟକ୍ତିର ଭାଷାକୋଷରୁ ଉଭାନ ହୋଇଯାଏ ।

**ସନ୍ତୋଷ କୁମାର ଅଦାବର**
**ବୀରମହାରାଜପୁର,ସୁବର୍ଣ୍ଣପୁର,ମୋ–୯୭୭୭୯୧୦୭୨୮**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com


**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶ୍ୟାମ...

ଲୋକ । ସେ ଫଟୋଗ୍ରାଫର ଭାବେ କାର୍ଯ୍ୟ କରୁଥିଲେ, ଯାହା ଶ୍ୟାମଙ୍କୁ ଚଳଚ୍ଚିତ୍ର ନିର୍ମାଣ ପାଇଁ ଆକୃଷ୍ଟ କରିଥିଲା । ୧୨ ବର୍ଷ ବୟସରେ ତାଙ୍କ ବାପାଙ୍କ ଦ୍ୱାରା ତାଙ୍କୁ ଦିଆଯାଇଥିବା ଏକ କ୍ୟାମେରାରେ ପ୍ରଥମ ଚଳଚ୍ଚିତ୍ର ସୃଷ୍ଟି କରିଥିଲେ । ୧୯୭୬ରେ ତାଙ୍କୁ ପଦ୍ମଶ୍ରୀ ଓ ୧୯୯୧ରେ ପଦ୍ମଭୂଷଣ ପୁରସ୍କାର ଦିଆଯାଇଥିଲା । ଶାମ ବେଙ୍ଗଲଙ୍କ ଚଳଚ୍ଚିତ୍ର ୮ ଜାତୀୟ ପୁରସ୍କାର ଜିତିଥିଲା । ଜୁବେଇଦା, ଦ ମେକିଂ ଅଫ୍ ଦି ମହାତ୍ମା, ନେତାଜୀ ସୁଭାସ ଚନ୍ଦ୍ର ବୋଷ: ଦ ଫରଗଟନ୍ ହିରୋ, ମଣ୍ଡି, ଅରୋହନ, ୱେଲକମ୍ ଟୁ ସଜ୍ଜନପୁର ଭଳି ଅନେକ ଭଲ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ।

## ଗୋଦାମରେ...

ନିଆଁଲିଭା କମାଣ୍ଡୋ ଭୟଭୀତ ହୋଇଯାଉଛନ୍ତି । ତଥାପି ୧୫ଟି ଗାଡିରେ ପାଣି ନେଇ ନିଆଁକୁ ଲିଭାଇବା ପାଇଁ ଅକ୍ଲାନ୍ତ ପରିଶ୍ରମ ଜାରି ରହିଛି । ସନ୍ଧ୍ୟା ସାଢେ ୭ରୁ ନିଆଁ ଲାଗିଥିବା ବେଳେ ଲିଭାଇବା ପାଇଁ ସାଢେ ୯ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଲା । ଗୋଟିଏ ପରେ ଗୋଟିଏ ଅଗ୍ନିଶମ ଗାଡି ପାଣି ନେଇ ଘଟଣାସ୍ଥଳରେ ପହଞ୍ଚିବା ପରେ ୧୫ଟି ଗାଡି ନିଆଁ ଉପରେ ପାଣି ଢାଳିବାରେ ବ୍ୟସ୍ତ ରହିଛନ୍ତି । ଗୋଦାମରେ କେତେ ଟଙ୍କାର ସାମଗ୍ରୀ ଥିଲା ମାଲିକଙ୍କୁ ପଚାରିବାରୁ ତାହା ସେ ସ୍ପଷ୍ଟ କରିନଥିଲେ । କୋଟି କୋଟି ଟଙ୍କାର ସାମଗ୍ରୀ ଥିବା ଅଗ୍ନିଶମ ବାହିନୀ ଅନୁମାନ କରିଛନ୍ତି ।

## ହାସିନାଙ୍କୁ...

ଟ୍ରିବ୍ୟୁନାଲ (ଆଇସିଟି) ଶେଖ୍ ହାସିନା ଓ ତାଙ୍କ ମନ୍ତ୍ରୀମାନଙ୍କ ନାମରେ ଗିରଫଦାରୀ ପରୱାନା ଜାରି କରିଛନ୍ତି । ଗିରଫଦାରୀ ପରୱାନା ଜାରି ହୋଇଥିବାଙ୍କ ମଧ୍ୟରେ ପୂର୍ବ ସରକାରଙ୍କ ଉପଦେଷ୍ଟା, ପୂର୍ବତନ ସାମରିକ କର୍ମଚାରୀ, ପ୍ରଶାସନିକ ଅଧିକାରୀ ଅଛନ୍ତି । ଏମାନଙ୍କ ବିରୋଧରେ ମାନବିକତା ଓ ଗଣହତ୍ୟା ଆଦି ଅପରାଧ ଲାଗିଛି । ଅନ୍ତରୀଣ ସରକାରଙ୍କର ବୈଦେଶିକ ବ୍ୟାପାର ଉପଦେଷ୍ଟା ଟି ହୋସେନ ଗଣମାଧ୍ୟମକୁ କହିଛନ୍ତି ଯେ ଆମେ ବିଧିବଦ୍ଧ ଭାବେ ଭାରତ ସରକାରଙ୍କୁ ପ୍ରତ୍ୟାବର୍ତ୍ତନ ପାଇଁ ଚିଠି ଲେଖିଛୁ । କାରଣ ବାଂଲାଦେଶ ଚାହୁଁଛୁ ତାଙ୍କ ବିରୋଧରେ ବିଚାର ବିଭାଗୀୟ ପ୍ରକ୍ରିୟା ଆରମ୍ଭ କରାଯିବ । ତାଙ୍କୁ ତୁରନ୍ତ ବାଂଲାଦେଶକୁ ପଠାଯାଉ । ପୂର୍ବରୁ ସ୍ୱରାଷ୍ଟ୍ର ଉପଦେଷ୍ଟା ଜାହାଙ୍ଗିର ଆଲାମ୍ କହିଥିଲେ ଯେ ବିଧିବଦ୍ଧ ଭାବେ ବୈଦେଶିକ ମନ୍ତ୍ରଣାଳୟକୁ ଶେଖ୍ ହାସିନାଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଚିଠି ଲେଖାଯାଇଥିଲା । ହାସିନାଙ୍କ ପ୍ରତ୍ୟାର୍ପଣ ସମ୍ପର୍କରେ ଚିଠି ଲେଖିସାରିଛୁ । ପ୍ରତ୍ୟାର୍ପଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଭାରତକୁ ଶେଖ୍ ହାସିନା ଆସିବା ପରେ ଏକ ବିବାଦ ସୃଷ୍ଟି ହୋଇଛି । ବୈଦେଶିକ ସଚିବ ବିକ୍ରମ ମିଶ୍ରି ବାଂଲାଦେଶ ଗସ୍ତ କରି ଅନ୍ତରୀଣ ସରକାଣଙ୍କ ମୁଖ୍ୟ ଉପଦେଷ୍ଟାଙ୍କ ସହ ଆଲୋଚନା କରିଥିଲେ । ନୋବେଲ ବିଜେତା ମହମ୍ମଦ ୟୁନୁସ୍ ଅନ୍ତରୀଣ ସରକାରଙ୍କ ମୁଖ୍ୟ ଅଛନ୍ତି । ଶ୍ରୀ ମିଶ୍ରି କହିଥିଲେ ଯେ ଅନ୍ତରୀଣ ସରକାର ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଗୁରୁତ୍ୱ ଦିଆଯାଉଛି । ଆଲୋଚନା ସମୟରେ ବାଂଲାଦେଶରେ ରହୁଥିବା ସଂଖ୍ୟାଲଘୁ, ହିନ୍ଦୁ ଓ ଅନ୍ୟ ବାଂଲାଦେଶୀ ନେତାଙ୍କ ଉପରେ ହୋଇଥିବା ଆକ୍ରମଣ ଉପରେ ପ୍ରସଙ୍ଗ ଉଠାଯାଇଛି । ଅନ୍ତରୀଣ ସରକାରଙ୍କର ମୁଖ୍ୟ ଉପଦେଷ୍ଟା କହିଛନ୍ତି ଯେ ଆମ ଲୋକମାନେ ସଚେତନ ଅଛନ୍ତି । ମାତ୍ର ଶେଖ୍ ହାସିନା ଭାରତରେ ରହି ବିବୃତ୍ତି ଦେଉଥିବାରୁ ଏହା ଏଠାରେ ଉତ୍ତେଜନା ସୃଷ୍ଟି କରୁଛି ।

## ୪ ଯୁବକଙ୍କୁ...

ବାନ୍ଧି ଲୁହାରଡ଼ରେ ନିସ୍ଥୁକ ମାଡ଼ ମାରିଥିଲେ। ନିସ୍ଥୁକ ମାଡ଼ ଖାଇବା ଦ୍ୱାରା ତ୍ରିଲୋଚନଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇ ଯାଇଥିବା ବେଳେ ସତୀଶ, ତପୁଆ ଓ ତପନ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ତ୍ରିଲୋଚନଙ୍କୁ ଉଦ୍ଧାର କରି ସିଂଲା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ପରିବାର ଲୋକ ଗୁରୁତର ସତୀଶ, ତପୁଆ ଓ ତପନଙ୍କୁ ଉଦ୍ଧାର କରି ପ୍ରଥମେ ବସ୍ତା ଏବଂ ପରେ ବାଲେଶ୍ୱର ଡାକ୍ତରଖାନା ନେଇଥିଲେ। ଏବେ ସେମାନଙ୍କର ଚିକିତ୍ସା ଜରି ରହିଛି। ଏପରି ସମୟରେ ଦୋକାନୀ ଅଜୟ ଚୋରି ବାବଦ ସିଂଲା ଥାନାରେ ଏତଲା ଦେଇଛନ୍ତି। ଅନ୍ୟପଟେ ମୃତକ ତ୍ରିଲୋଚନଙ୍କ ପରିବାର ଲୋକ ଦୋକାନୀ ଅଜୟ ଓ ତାଙ୍କ ସହଯୋଗୀଙ୍କ ନାମରେ ହତ୍ୟା ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ସିଂଲା ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବାରୁ ଅଭିଯୁକ୍ତ ଅଜୟ ଦାସ ଏବଂ ତାଙ୍କ ପୁଅକୁ ପୁଲିସ ଅଟକ ରଖିଛି । ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ସମସ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସମ୍ପର୍କୀୟ ।

## ଆଜିଠୁ...

୨୪ ଓ ୨୫ ତାରିଖରେ ବର୍ଷା ନେଇ ଚାଷୀଙ୍କୁ ସତର୍କ କରାଇଛି ପାଣିପାଗ ବିଭାଗ । ଆଗାମୀ ୨ ଦିନ ଓଡ଼ିଶାରେ ବର୍ଷା ହୋଇପାରେ । ଆସନ୍ତାକାଲି ଉପକୂଳ ଓଡ଼ିଶା ସମେତ ଗଞ୍ଜାମ, ଗଜପତି, ରାୟଗଡ଼ା, ପୁରୀ, କଟକ, ଜଗତସିଂହପୁର, ମାଲକାନାଗିରି ଓ କୋରାପୁଟ ଜିଲ୍ଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ୨୫ ତାରିଖରେ ବର୍ଷାର ପରିମାଣ କମିବ । ଉପକୂଳ ଓଡ଼ିଶାରେ ଅର୍ଥାତ ଗଞ୍ଜାମ, ଗଜପତିରେ ହାଲୁକା ବର୍ଷା ହୋଇପାରେ । ବର୍ତ୍ତମାନ ରାଜ୍ୟରେ ଶୀତ ଜାରି ରହିଛ । ଆଗାମୀ ୩ ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ କମିବ । ଏନେଇ ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି ।

## ଲୋକଲୋଚନରେ...

ଶ୍ରୀ ମାଝୀ କହିଛନ୍ତି । ନିର୍ବାଚନ ସରିବାର ୬ମାସ ପରେ ବିଜେଡି ଆଜି ଅଭିଯୋଗ କରିବା କେବଳ ମାତ୍ର ପ୍ରଳାପ ସଦୃଶ । ନିର୍ବାଚନରେ ହାରିଯିବା ଏବଂ କ୍ଷମତାରୁ ହଟିଯିବା ଦୁଃଖକୁ ବିଜେଡି ଦଳ ସହ୍ୟ କରିପାରୁନାହାନ୍ତି । କେବଳ ଲୋକଲୋଚନରେ ରହିବା ପାଇଁ ତାଙ୍କର ବ୍ୟର୍ଥ ପ୍ରୟାସ ଜାରୀ ରଖିଛନ୍ତି । ଅନ୍ୟର ସମୟ ଅଯଥାରେ ନଷ୍ଟ ନକରି ବିଜେଡି ନେତୃବୃନ୍ଦ ନିଜ ହାରିବାର ଆତ୍ମସମୀକ୍ଷା କରିବା ଆବଶ୍ୟକ ବୋଲି ସାଂସଦ ଶ୍ରୀ ମାଝୀ କହିଛନ୍ତି ।

# ଗଡ଼ିଲା ପାଣିପଞ୍ଚାୟତ ସଚେତନତା ରଥ

ଭଦ୍ରକ ,(ସବ୍ୟୁ) : ଚଳିତ ଡିସେମ୍ବର ୨୨ ରୁ ଆଗାମୀ ଜାନୁୟାରୀ ୫ ପର୍ଯ୍ୟନ୍ତ ପାଳନ କରାଯାଉଥିବା ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସାଳନ୍ଦୀ କେନାଲ ଡିଭିଜନ ଭଦ୍ରକ ଜରିଆରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବାଇପାସ୍ ଜଗନ୍ନାଥ ମନ୍ଦିର ପରିସରରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ବରେଣ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜିବ କୁମାର ମଲ୍ଲିକ୍, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନଡ଼ିଆ ଭାଙ୍ଗି ଓ ପତାକା ପ୍ରଦର୍ଶନ କରି ପାଣି ପଞ୍ଚାୟତ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ସାଳନ୍ଦୀ କେନାଲ ଡିଭିଜନ୍, ଭଦ୍ରକର ଅଧିକ୍ଷଣ ଯନ୍ତ୍ରୀ ଇଂ ରତ୍ନାକର ଦଳାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବାବୁଲାଲ ବେହେରା ପାଣି ପଞ୍ଚାୟତର କର୍ମକର୍ତ୍ତା ଅନ୍ତର୍ଯ୍ୟାମୀ ଉପାଧ୍ୟାୟ, ପ୍ରଭାତ ତ୍ରିପାଠୀ, ନବଘନ ସାମଲ ପ୍ରମୁଖ ଯୋଗଦେଇ ପାଣି ପଞ୍ଚାୟତ ଗୁଡ଼ିକରେ ସୁଦୃଢ଼ିକରଣ କ୍ରୀୟାଶୀଳତା ତଥା ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରି ଅଧିକ ଉତ୍ପାଦନରେ ସହାୟକ ହେବା ନେଇ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। କେନାଲ ଗୁଡ଼ିକରେ ଅତ୍ୟଧିକ ଘାସ, ଗଛ, ଆଦି ସମସ୍ୟା ଦୂର କରାଯିବା ନେଇ କଂକ୍ରିଟ୍ ଲାଇନିଂ ପାଇଁ ପଦକ୍ଷେପ ନିଆଯାଇଥିବା ଏବଂ ଏ ବର୍ଷ ପାଇଁ ୭ଟି ପ୍ରକଳ୍ପ ନିର୍ମାଣ ପାଇଁ ହାତକୁ ନିଆଯାଇଥିବା କଥା ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଶ୍ରୀଯୁକ୍ତ ବେହେରା ପ୍ରକାଶ କରିଥିଲେ। ସାଳନ୍ଦୀ କେନାଲର ଏସ୍.ଡ଼ି.ଓ. ରାଇକାନ ବେସ୍ରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ ଯନ୍ତ୍ରୀ ସୁସ୍ମିତା ନାୟକ ଆନୁସଙ୍ଗିକ ସହଯୋଗ କରିଥିଲେ। ବିଭିନ୍ନ ପାଣିପଞ୍ଚାୟତର ସଦସ୍ୟ, ସଭାପତି, ସମ୍ପାଦକ, କୃଷକ, ସାମ୍ବାଦିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 18.09.2024, I, Smt. Santana Priyadarshy, aged about 24 years, W/o- Rahul Priyadarshy, D/o- Sankar Kallat, resident of At: Ajangechha, PO: Ganjanarayanpur, PS: Tamluk, Dist.: Purba Medinipur, West Bengal, PIN-751648, at present House No. 3, Metro Cottage, Chintamaniswar, PO: Budheswari, PS: Laxmi Sagar, Bhubaneswar, Dist.: Khordha, PIN-751006, Odisha, declare that I have changed my name from Santana Kallat to Santana Priyadarshy. Henceforth, I shall be known as Santana Priyadarshy for all purposes.

Santana Priyadarshy

**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO III BHUBANESWAR**
bbsrrandb03@yahoo.com
60Estg.No - 7782 Date : 20.12.2024
B-790
Government of Odisha "e"-Procurement Notice No (34) of 2024-25
Bid Identification No: - C.C. (R&B) 03

| | | | |
|---|---|---|---|
| 1. | Name of the Work | : | Road Work |
| 2. | Total No of works | : | 1 no. work |
| 3. | Estimated Cost | : | Rs. 36,97,410.00 |
| 4. | Class of Contractor | : | "C" & "B" Class Contractors |
| 5. | Period of Completion | : | 2 (Two ) Calendar Months |
| 6. | Type of Tender | : | Single Cover System (Online) |
| 7. | Date & time of availability of bid document in the portal | : | From 24/12/2024 at 10.00 A.M. to 03/01/2025 at 5.30 P.M. |
| 8. | Last Date & Time for Receipt of bids in the Portal | : | 03/01/2025, upto 5.30 P.M. |
| 9. | Name & Address of the Officer inviting Bid | : | Dr. Gayatri Patel, Superintending Engineer, Bhubaneswar (R&B) Division, No.III, Bhubaneswar |

Further details can be seen from the e-procurement portal https://tendersorissa.gov.in
N.B: Subsequent corrigendum / addendum if required shall be available in the website as indicated above.
Sd/- Superintending Engineer
BBSR (R&B) Division No.III, BBSR
OIPR : 34089/11/0016/2425

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**
Letter No5928 / Date : 20.12.2024
1st Corrigendum to Bid Identification No. Tender Online 08 JJPT of 2024-25
invited this office Letter No. 5654, Dtd. 07.12.2024.
O-986 : The Change as detailed below are hereby made in the above N.I.T

| Procure ment Officer | Bid Identifi cation No. | Availability of Tender on-line for bidding: From | | To | | Last date & time of seeking tender clarification | | Date & Time of opening of Technical Bid | | Fina ncial Bid |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| | | As earlier | Modified | As earlier | Modified | As earlier | Modified | As earlier | Modified | |
| Superintending Engineer, Rural Works Division, Jajpur. | Tender Online 08 JJPTof 2024-25 | 18.12.2024 at 10.00 AM | 26.12.24 at 10.00 AM | 30.12..2024 up to 5.00 PM | 06.01.2025 up to 5.00 PM | 30.12..2024upt 0 1.00PM | 04.01.2025 up to 2.00 PM | 31.12.2024 at 11.30 AM | 07.01.2025 at 11.30 AM | To be Intimated later |

OIPR : 25047/11/0017/2425
Sd/- Superintending Engineer, R.W. Division, Jajpur

**DISTRICT OFFICE: SUNDARGARH**
(Social Welfare Section)
No 4092/Dt. 18.12.2024
**SHORT-TENDER CALL NOTICE**

g-137 : Sealed Tenders in the prescribed format are invited from interested Firms/agents for Supply of design of packaging material for Take Home Ration (THR) provided under MSPY in Sundargarh District.

The Short-Tender notice along with Terms and conditions and other details for the above purpose can be downloaded from District Website "https://sundargarh.odisha.gov.in" or can be seen in the tender notice displayed in the notice board of DSWO, Sundargarh.

Sd/-
District Social Welfare Officer
Sundargarh
OIPR : 24400/11/0005/2425

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELETRIC PROJECT**
AT/PO: BARINIPUT - DIST. KORAPUT - 764006, ODISHA
PHONE: - 242001 (O), FAX: - (06854)242038, e-mail: sgmel_ukhep@ohpcltd.com
CIN: U40101OR1995SGC003963
TENDER CALL NOTICE NO.25/2024-25 Dated: 19/12/2024

CAD-1958 : Sealed Tenders are invited in Single PART bid in sealed envelopes from the reputed firms/agencies for the following works of UKHE Project, Bariniput.

| Sl. No. | Name of the works to be executed under UKHEP, Bariniput | Cost of Tender Paper (in Rs.) (Non-Refundable) | E.M.D. (in Rs.) (Refundable) |
|---|---|---|---|
| | Rewinding & complete repair of 1 No. 185kW (250 HP) old Cooling Water motor for Unit 1, Pump-B and Make up pump motor No.1 of Firefighting system" of UKHE Project, Bariniput | 2360/- (2000+GST @ 18%) | 01% of quoted value |

Sale of tender paper : From 27.12.2024 to 11.00 Hrs. of 10.01.2025
Last date of submission of tender : Up to 12.00 Hrs. of 10.01.2025
Date & Time of opening of tender : At 12.30 Hrs. of 10.01.2025
For details of the tender documents, terms and conditions please visit our website www.ohpcltd.com
If the date of opening of Tender happens to be a holiday, the next working day will be the corresponding effective date.
Sd/- C&P HEAD
Upper Kolab HE Project, Bariniput
OIPR : 04002/11/0044/2425

**Sambalpur Municipal Corporation**
**Sambalpur**
Email id: sambalpurm.hud@nic.in
'e' Procurement Notice
Bid reference No: 20/SMC_SBP/2024-25
Tender ID No. 2024_ORULB_108403

C-1313 : The Municipal Commissioner on behalf of Municipal Corporation, Sambalpur invites tenders in double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

| | | | |
|---|---|---|---|
| 1. | Number of Civil works | : | 1 (One) number |
| 2. | Estimated Costs | : | 60.67 lakhs |
| 3. | Period of completion | : | As per NIT |
| 4. | Date and time of availability of the bid documents in the portal | : | From 11.00 A.M. of 20.12.2024 to 05.00 PM of 30.12.2024 |
| 5. | Last Date/Time for receipt of bids in the portal | : | 05.00 PM of 30.12.2024 |
| 6. | Bids will be opened on | : | 11.00 AM of Dt. 31.12.2024 |
| 7. | Name and address of the officer inviting bid | : | Municipal Commissioner, Sambalpur Municipal Corporation, Sambalpur |

Sd/- Commissioner
Sambalpur Municipal Corporation
OIPR : 13122/11/0055/2425

**OFFICE OF THE SUPERINTENDING ENGINEER**
**RW S&S DIVISION, JAGATSINGHPUR**
mail-rwssjspur@gmail.com
e - Procurement Notice
Bid identification No. 27 of 2024-25

O-911 : The Superintending Engineer, RWS&S Division, Jagatsinghpur on behalf of Governor of Odisha invites Percentage bids in Single Cover system in online mode for reputed Firms/Electrical contractor's having valid HT Electrical License GST Redg.No/PAN Card to execute electrical installation for H.T work in different PWS Projects.

| | | | |
|---|---|---|---|
| 1. | Name of work | : | External Electrical works. |
| 2. | No. of work | : | "06 Nos |
| 3. | Estimated Cost | : | Rs.4.32,516/- to Rs.7.95,879/- |
| 4 | Cost of Tender paper | : | Rs.2000/- & Rs.4000/- |
| 5. | Class of contractor | : | HT License |
| 6. | Availability of Tender in website | : | 27.12.2024 to 04.01.2025 |
| 7. | Submission of Bid in online | : | 27.12.2024 to 04.01.2025 |
| 8 | Date of seeking clarification | : | 27.12.2024 to 02.01.2025 |
| 9. | Date of opening of bids | : | 06.01.2024 (11.00 A.M) |
| 10. | Name and address of O.I.T. | : | Superintending Engineer, RWS&S Division, Jagatsinghpur |
| 11 | All other details can be seen from the web site | : | www.tendersorissa.gov.in |

12 Bid cost and Bid security should be submitted in online mode.
13. Subsequent corrigendum/addendum if required shall only be appeared in above website.
Sd/- Superintending Engineer
RWS&S Divn. Jagatsinghpur
OIPR : 25024/11/0010/2425

# ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ୨୦୨୪



ଆନନ୍ଦପୁର,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବଡିଭିଜନ ଘଷିପୁରା ବ୍ଲକ ଅଧିନସ୍ଥ ଗୋହିରା ଠାରେ ଥିବା ଏକମାତ୍ର ସିବିଏସଇ ମାନ୍ୟତା ପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ୨୦୨୪ ଉଦ୍ଘାଟିତ ହୋଇଯାଇଛି।ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ମ୍ୟାନେଜିଂ ଟ୍ରଷ୍ଟି ବିଶିଷ୍ଟ କବି ଡ.ଅଶୋକ କୁମାର ପୁହାଣ କ୍ରୀଡା ଉତ୍ସବକୁ ମଶାଲ ଦେଖାଇ ଉଦ୍ଘାଟନ କରିଥିଲେ।ବିଶିଷ୍ଟ ଅତିଥି ଭାବେ ଆର୍ଟ ଅଫ୍ ଲିଭିଙ୍ଗ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଙ୍କ ଶିଷ୍ୟ ତଥା ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ଅନ୍ୟତମ ସଦସ୍ୟ ଅନ୍ନଦାଶଙ୍କର ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ କ୍ରୀଡାର ମହତ୍ତ୍ୱ ସଂପର୍କରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଉଦ୍ଘାଟନ ଉତ୍ସବରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆରବିକ ଡ୍ୟାନ୍ସ ପ୍ରଦର୍ଶନ କରାଯାଇ ଥିଲା ।ପରେ ପରେ ଶହେ ମିଟର ରେସ୍ ଦୁଇ ଶହ ମିଟର ରେସ୍, ଲଙ୍ଗ ଜମ୍ପ ,ହାଇ ଜମ୍ପ ,ଫ୍ରଗ୍ ଜମ୍ପ, ମ୍ୟାଥ୍ ରେସ୍,ସ୍ୟାକ୍ ରେସ୍, ସଟପୁଟ୍ ଆଦି ଖେଳ ଆରମ୍ଭ କରାଯାଇଥିଲା।ଏଇ ଉଦ୍ଘାଟନ କ୍ରୀଡା ଉତ୍ସବରେ ସବୁଠାରୁ ଆକର୍ଷଣୀୟ ଥିଲା ଅଭିଭାବକ ମାନଙ୍କ ଦ୍ୱାରା ମ୍ୟୁଜିକ ଚେୟାର ଖେଳ। ।ଛ ସ୍କୁଲର ଅଧକ୍ଷା ଡ. ସୁଜାତା ଘୋଷ ସ୍ୱାଗତ ସମ୍ଭାଷଣ ଦେବା ସହିତ ଛାତ୍ର ଛାତ୍ରୀମାନେ ପାଠ ପଢିବା ସହିତ ନିଜର ସ୍ୱାସ୍ଥ୍ୟର ଯତ୍ନ ଏଇ କ୍ରୀଡା ମାଧ୍ୟମ ରେ ନେଇ ପାରିବେ ବୋଲି ନିଜର ମତାମତ ରଖିଥିଲେ । । ସ୍କୁଲର ଭାଇସ୍ ପ୍ରିନ୍ସିପାଲ ଶ୍ରୀମତି ରଞ୍ଜିତା ଜେନା ପାଟ୍ଟଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନଂ-୩,**
**ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଧିନେ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ୪ର୍ଥ ମହଲା,**
**ୟୁନିଟ-୫, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା**
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ
ଓ.ଏସ.ଏସ. ମୋକଦ୍ଦମା ନମ୍ବର-୯୦୭/୨୦୨୩
ସତ୍ୟସୁନ୍ଦର ମିଶ୍ର ........................ ବାଦୀ
ବନାମ
ବୁଧି ବିଶ୍ୱାଳ ଏବଂ ଅନ୍ୟମାନେ ................ ପ୍ରତିବାଦୀମାନେ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା :
୧. ପ୍ରତିବାଦୀ ନଂ-୧, ବୁଧି ବିଶ୍ୱାଳ, ପିତା- ସ୍ୱର୍ଗତ ରଘୁ ବିଶ୍ୱାଳ, ସା-ଆଇଗିଣିଆ, ପୋ/ଥା-ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା ।
୨. ପ୍ରତିବାଦୀ ନଂ-୨, ରାଜ କିଶୋର ମାହାପାତ୍ର, ପିତା- ରାମଚନ୍ଦ୍ର ମାହାପାତ୍ର, ସା/ପୋ-ଗୋବିନ୍ଦପୁର, ଜିଲ୍ଲା-କଟକ ।
୩. ପ୍ରତିବାଦୀ ନଂ-୩, ନବକିଶୋର ମାହାପାତ୍ର, ପିତ- ରାମଚନ୍ଦ୍ର ମାହାପାତ୍ର, ସା/ପୋ-ଗୋବିନ୍ଦପୁର, ଜିଲ୍ଲା-କଟକ ।
୪. ପ୍ରତିବାଦୀ ନଂ-୪, ଏକୁଡାସି ବିଲ୍ଡର ଏଣ୍ଡ ଡେଭଲପର୍ସ ପ୍ରାଇଭେଟ୍ ଲିଃ, କ୍ଷମତା ତରଫ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଗ୍ରାମ ସାହୁ, ଠିକଣା-ୟୁନିଟ-ଏ-୧୨୮, ବିଡିଏ କଲୋନି, ବରମୁଣ୍ଡା, ଭୁବନେଶ୍ୱର, ଥାନା-ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା ।

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ବୃତ୍ତାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଦାଲତରେ ଦାଖଲ କରିଛନ୍ତି । ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ପ୍ରତିବାଦୀ ନଂ-୧,୨,୩ ଏବଂ ୪ଙ୍କର ବିଭିନ୍ନ କାରଣ ଦର୍ଶାଇ ନୋଟିସ ଫେରସ୍ତ ଆସିଅଛି । ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନଂ-୩, ୟୁନିଟ-୫, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା. ୦୪.୦୨.୨୦୨୫ ରିଖ ଦିବା ୧୦.୩୦ ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

**ଜମିର ବିବରଣୀ**
ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା-ଚନ୍ଦକା ନଂ.୫୫, ମୌଜା-ଶଙ୍କରପୁର
**ସାବକ**

| ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ରକବା | ସତ୍ୱ |
|---|---|---|---|---|
| ୨୧୦ | ୧୨୧୫ | ଶାରଦ-୩ | ଏ. ୦.୧୬୫ ଡି. ସ୍ଥ. ଧରୁ ଏ ୦.୦୨୭ ଡି. | ସ୍ଥିତିବାନ |

**ହାଲ**
ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା-ଚନ୍ଦକା ନଂ.୫୫, ମୌଜା-ଶଙ୍କରପୁର

| ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ରକବା | ସତ୍ୱ |
|---|---|---|---|---|
| ୧୪୨୨ | ୩୦୫୧ | ଶା.ଅ.ସେ-୩ | ଏ. ୦.୦୩୫ ଡି. ସ୍ଥ. ଧରୁ ଏ ୦.୦୨୭ ଡି. | ସ୍ଥିତିବାନ |

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା. ୧୦.୧୨.୨୦୨୪ — ସ୍ୱା/-ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର — ସ୍ୱା/- କୋର୍ଟ ଅଫିସର

E-mail:- eerw_kuchinda@yahoo.com
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION. KUCHINDA**
O-973
"e" Procurement Notice for Road and CD Works
Identification No Online Tender /07 / RWD, Kuchinda / 2024-25.

| | | | |
|---|---|---|---|
| 1. | Name of the work | : | Road and CD Works |
| 2. | Total Number of Works | : | 06 Nos. |
| 3. | Class of Contractor | : | B,C &D Class of Contractor |
| 4. | Period of Completion | : | 01 & 02 calendar month |
| 5. | Availability of Tender online For bidding | : | Dt. 23.12.2024 to Dt. 05.01.2025 |
| 6. | Last date & time of seeking tender clarification | : | Dt. 04.01.2025 at 5.00A.M |
| 7. | Date & time of opening of tender | : | Dt. 06.01.2025 at 11.00 A.M |

- Other details can be seen from Detailed notice inviting Tenders, available in website www.tenderodisha.gov.in
- Corrigendum if any shall only be published in the above website.

Sd/- Superintending Engineer,
Rural Works Division,
Kuchinda
OIPR : 25151/11/0012/2425

**ଜଗତସିଂହପୁର ପୌରପରିଷଦ, ଜଗତସିଂହପୁର**
**OFFICE OF THE JAGATSINGHPUR MUNICIPALITY**
**JAGATSINGHPUR**
C-1311
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା
Jagatsinghpur Municipality, Jagatsinghpur-754103, Tel No-(06724) 220008,
E-mail: - jspur-municipality@gov.in
Website: - jspurmunicipality.odisha@gov.in
**e-Tender Notice**

| | | |
|---|---|---|
| Tender Call Notice No | : | No. 4438 / dt. 20.12.2024 |
| Bid Identification No | : | EO/JSPURM/W_02/ 2024-25 |
| Tender Id. | : | 2024_ORULB_108561 |
| Nature of Work | : | Civil works |
| Number of Works | : | 01 (One) Nos |
| Pre-Proposal Meeting | : | Dt. 02.01.2025 at 11.00 hours |
| Available Period | : | Dt. 06.01.2025 from 16.00 hours to dt. 22.01.2025 by 16.00 hours |
| Technical Opening Date | : | Dt. 27.01.2025 at 16.00 hours |

Bidders are requested read the NIT & DTCN and Participate with their DSC before closing date at www.tendersodisha.gov.in
Sd/- Executive Officer,
Jagatsinghpur Municipality
OIPR : 13087/11/0009/2425

**OFFICE OF THE EXECUTIVE ENGINEER (AGRIL),**
**KANDHAMAL DIVISION, PHULBANI**
Email Id: eeagrilkandhamal@gmail.com
Govt, of Odisha "e" procurement Notice
Bid Identification No.: E.E (A)- KANDHAMAL DIVISION -04/2024-25

L-117 : The Executive Engineer (Agril.), Kandhamal Division, Phulbani, Odisha on behalf of Governor of Odisha invites **Percentage** Rate bids in **Single cover** system for the works in **ONLINE MODE** only.

1. Estimated cost: Ranging from - **Rs. 33,33,946/- (Excluding GST)**
2. Bid Cost : **Rs. 6000/- Mentioned in Column - 04**
3. Period of completion : **Mentioned against each work. (Column - 06)**
4. No. of works (Tender) : **01 (one)**
5. Class of Contractor : **B & C Mentioned in Column - 05**
6. Date & Time of availability of bid document in the portal : **26.12.2024** at **10.00 AM** up **to 5.30 PM of 06.01.2025**
7. Last date / Time for receipt of bids in the portal : **5.30 PM of 06.01.2025**
8. Date of submission of original documents : **26.12.2024 at 10.30 AM to 09.01.2025** up to **5.30 PM.** (working days only)
9. Date & time of opening of online bids : **10.01.2025 at 11.00 A.M. onwards**
10. Name and address of the officer inviting bid: **The Executive Engineer (Agril.), Kandhamal Division, Phulbani, Odisha**

Further details can be seen from the e-procurement portal **http://tendersodisha.gov.in**

A. All the volumes / documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender).
B. The Tender documents published by the Tender inviting Officer (Procurement Officer Publisher) in the website **"http://tendersodisha.gov.in"** will appear in the Latest.
C. The Bidders have to participate in ONLINE bidding only. Further details can be seen from the website **"http://tendersodisha.gov.in"**. Any addendum / corrigendum / cancellation of tender can also be seen in the said website.

Sd/- Executive Engineer (Agril.)
Kandhamal Division, Phulbani
OIPR : 01468/11/0005/2425

**OFFICE OF THE SUPERINTENDING ENGINEER,**
**SALANDI CANAL DIVISION,BHADRAK**
HIRING OF VEHICLE FOR OFFICE USE
NOTICE INVITING QUOTATION NO.1 OF 2024-25. 20.12.2024

A-773 : Sealed Quotations are invited from the registered travel agencies/vehicle owners(commercial)having valid GST registration for providing services as mentioned below. The details of quotations, terms and conditions can be obtained from the office of the undersigned by paying the cost of paper Rs.1000/- in shape of D/D in favour of the Superintending Engineer, Salandi Canal Division,Bhadrak payable at Bhadrak. The same documents can also be obtained by registered post but the cost of paper in shape of D/D as mentioned above alongwith self addressed stamped envelope (required stamp) may be sent to this office within the period mentioned below. Quotations are to be dropped in the tender box available in the office of the undersigned or can be sent through registered post in the address given below. But the authority is not responsible for postal delays. The authority has absolute right to modify/cancel the quotations partially or fully without assigning any reason thereof.

| Description of Services | Cost of quotation document paper (Non-refundable in Rs.) | EMD in shape of DD/Banker's Cheque only (Refundable) in Rs. | Period of sale of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Hiring of five nos of new light vehicle i.e. (Bolero/ Sumo gold/ TUV 300 or its equivalent vehicle) for General duty office of the Superintending Engineer, Salandi Canal Division, Bhadrak. | 1000/- (inclusive of GST) | 1% of quoted price | From 26.12.2024 to 06.01.2025 upto 12.00 Hrs. | 06.01.2025 (Upto 4.00 Hrs.) | 06.01.2025 at 4.30 PM. |

Sd/- Superintending Engineer
Salandi Canal Division
Bhadrak
OIPR : 32005/11/0002/2425

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

ସମୟ

## ଆଇଆଇଟି ଭୁବନେଶ୍ୱରରେ ଡିଜାଇନ୍ ଚିନ୍ତାଧାରା

# ନବସୃଜନ ଉପରେ ଏଆଇସିଟିଇର ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଡିଜାଇନ୍ ଚିନ୍ତାଧାରା ଏବଂ ନବସୃଜନ ଉପରେ ଏଆଇସିଟିଇ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ (ଏଫ୍‌ଡିପି) ଆୟୋଜିତ ହେଉଛି ଯାହା ୨୩ ଡିସେମ୍ବର ୨୦୨୪ ରେ ଉଦ୍ଘାଟିତ ହୋଇଯାଇଛି । ଏହି ୫-ଦିନିଆ କାର୍ଯ୍ୟକ୍ରମକୁ ଆଜି ଆଇଆଇଟି ଭୁବନେଶ୍ୱରରଡିନ୍ (ନିରନ୍ତର ଶିକ୍ଷା)ପ୍ରଫେସର ଭି. ପାଣ୍ଡୁ ରଙ୍ଗା ଉଦ୍‌ଘାଟନ କରିଥିଲେ । ଏହି ଅବସରରେ, କାର୍ଯ୍ୟକ୍ରମର ସଂଯୋଜକଡକ୍ଟର ପୁଣ୍ୟଶ୍ରୀ ପଣ୍ଡା, ଆସୋସିଏଟ୍ ପ୍ରଫେସର, ମାନବିକତା, ସାମାଜିକ ବିଜ୍ଞାନ ଏବଂ ପରିଚାଳନା ସ୍କୁଲତଥା ସହ-ସଂଯୋଜକଡକ୍ଟର ଦୁଖବନ୍ଧୁ ସାହୁ, ମାନବିକତା, ସାମାଜିକ ବିଜ୍ଞାନ ଏବଂ ପରିଚାଳନା ସ୍କୁଲର ମୁଖ୍ୟଉପସ୍ଥିତ ଥିଲେ । ବ୍ୟବସାୟିକ ଚିନ୍ତାଧାରା ସହିତ ଡିଜାଇନ୍ ଚିନ୍ତାଧାରା ଏବଂ ନବସୃଜନକୁ ଏକତ୍ର କରିବାର ଜଟିଳତା ବିଷୟରେ ଶିକ୍ଷାବିତ୍ ଏବଂ ଅଂଶଗ୍ରହଣକାରୀମାନଙ୍କୁ ତାଲିମ ଦେବା ପାଇଁ ଏହି ଏଫ୍‌ଡିପିର ଉଦ୍ଦେଶ୍ୟ, ଯାହା ବଜାର ସହ ଜଡିତ ଉପଭୋକ୍ତା-କେନ୍ଦ୍ରିତ ସମାଧାନଗୁଡିକ ହାସଲ କରିବାରେ ଏବଂ ସଫଳତା ଆଣିବାରେ ଛାତ୍ରମାନଙ୍କ ମନକୁ ଅଧିକ ଚ୍ୟାନେଲ କରିବାରେ ସହାୟକ ହେବ । ଡକ୍ଟର ପୁଣ୍ୟଶ୍ରୀ ପଣ୍ଡା ସ୍ୱାଗତ ଭାଷଣରେ କହିଛନ୍ତି ଯେ ଏହି ପ୍ରକ୍ରିୟାରେ ଜ୍ଞାନର ଜିଜ୍ଞାସା ଏବଂ ଡିଜାଇନ୍ ଚିନ୍ତାଧାରାର ଗୁରୁତ୍ୱକୁ ନିରନ୍ତର ବିକାଶ କରିବାର ଆବଶ୍ୟକତା ରହିଛି । ପ୍ରଫେସର ଭି. ପାଣ୍ଡୁ ରଙ୍ଗା ତାଙ୍କ ସମ୍ବୋଧନରେ ଅନୁଷ୍ଠାନ ବିଷୟରେ ସୂଚନା ଦେଇ କହିଥିଲେ ଯେ ଶିକ୍ଷା ହେଉଛି ଏକ ନିରନ୍ତର ଯାତ୍ରା ଯାହା ବ୍ୟକ୍ତିଗତ ଅଭିବୃଦ୍ଧି, ବୃତ୍ତିଗତ ନେଟୱାର୍କିଂ ଏବଂ ସାମାଜିକ ଅଗ୍ରଗତି ପାଇଁ ଉଦ୍ଦିଷ୍ଟ । ଏହି ଅବସରରେ ଉଦ୍‌ଘାଟନୀ ଅଧିବେଶନର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଏକ୍ସଆଇଏମବିର ଆସୋସିଏଟ୍ ପ୍ରଫେସର ଡକ୍ଟର ଅଜିତ କୁମାର, ଏହି ଫଡିପିର ଗୁରୁତ୍ୱ ଉପରେ ଧ୍ୟାନ ଦେଇଥିଲେ ଯାହା ଅଂଶଗ୍ରହଣକାରୀମାନଙ୍କୁ ସୂଚନା ଓଭରଲୋଡରୁ ସଠିକ୍ ସୂଚନା ଜାଣିବା ପାଇଁ ପ୍ରସ୍ତୁତ କରିବ । ଡକ୍ଟର ଦୁଃଖବନ୍ଧୁ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ଏଫ୍‌ଡିପି ସମଗ୍ର ଦେଶରେ ଅଂଶଗ୍ରହଣକାରୀଙ୍କ ପାଇଁ ଡିଜାଇନ୍ ଚିନ୍ତାଧାରା ଏବଂ ନବସୃଜନର ବିଭିନ୍ନ ଦିଗକୁ ଆବୃତ କରିବ, ଯେଉଁଠାରେ ବିଶେଷଜ୍ଞମାନେ ଡିଜାଇନ୍ ଥିଙ୍କିଂ ଏବଂ ଇନୋଭେସନର ପ୍ରୟୋଗ, ବିକାଶ ଏବଂ କାର୍ଯ୍ୟକାରିତା ଉପରେ ଆଲୋଚନା କରିବେ ଏବଂ ବିଚାର କରିବେ ।




### କିଆ ସାଇରସ ୱାର୍ଲ୍ଡ ପ୍ରିମିୟର ଉନ୍ନତମାନର ସୁରକ୍ଷା ବୈଶିଷ୍ଟ୍ୟ ଗୁଡ଼ିକୁ ନେଇ ଏକ ବୈପ୍ଳବାତ୍ମିକ ଏସୟୁଭି ଅଫର

ଭୁବନେଶ୍ୱର, (ସବ୍ୟୁ) : କିଆ ଇଣ୍ଡିଆ ଶୁଭାରମ୍ଭ କରିଛି, ବହୁ ପ୍ରତିକ୍ଷୀତ କିଆ ସାଇରସ, ଏକ ବୈପ୍ଳବାତ୍ମିକ ଏସୟୁଭି, ଯାହାକି ଦୃଢ଼ତାର ସହିତ ଏକ ନୂତନ ମାନକକୁ ବ୍ୟବସ୍ଥିତ କରିବାକୁ ଯାଉଛି ଯେଉଁଥିରେ ରହିଛି ଗଠନ, କୌଶଳ ତଥା ସ୍ଥାନ। ରିଇନଫୋରସଡ଼ କେଆଇ ପ୍ଲାଟଫର୍ମରେ ଗଠିତ ଏହି ସାଇରସ ସହରୀ ଚାଳକମାନଙ୍କ ଆବଶ୍ୟକତା ପୂରଣ ପାଇଁ ପ୍ରସ୍ତୁତ ତଥା ଏଥିରେ ଭରି ରହିଛି କୁଶଳୀ - ଅଭିଜ୍ଞ ସାହସିକତା, ବହୁମୁଖୀ ମିଶ୍ରଣ ସହିତ ଅତ୍ୟାଧୁନିକ ଜ୍ଞାନ କୌଶଳତା। ଏହି ମଡ଼େଲ ପ୍ରଥମ ଥର ପାଇଁ ଏହାର ସବୁ ବିଭାଗ ମଧ୍ୟରୁ ଉପସ୍ଥାପନ କରୁଛି ପଛପାର୍ଶ୍ୱ ସିଟ୍ ସ୍ଲାଇଡ଼ ସହିତ ଢ଼ଳି ରହିବା ଅବସ୍ଥାରେ ବାୟୁ ଚଳାଚଳ ସୁବିଧା ବ୍ୟବସ୍ଥା ଏଥିସହିତ ଅନ୍ୟ ଯେଉଁ ଲୁକ୍କାୟିତ ବିଶେଷତ୍ୱ ଏଥିରେ ରହିଛି ସେଗୁଡ଼ିକ ହେଲା- ଦୁଇଟି ପ୍ୟାନେଲ ଯୁକ୍ତ ଅତି ସୁନ୍ଦର ଭାବରେ ଦୃଶ୍ୟମାନ ସନରୁଫ, ସ୍ତର୨ ଏଡ଼ିଏଏସ ସହିତ ୧୬ଟି ସ୍ୱୟଂଚାଳିତ ସୁରକ୍ଷା ବୈଶିଷ୍ଟ୍ୟ, ଏଥିସହିତ ବିସ୍ତାରିତ ସମ୍ପନ୍ନ ୨୦ ବିଶାଳ ଉଚ୍ଚ ମାନର ସୁରକ୍ଷା ପ୍ୟାକେଜ।

## ଜୟଦେବ ଅଞ୍ଚଳର ଭାଗ୍ୟ ବଦଳାଇବ 'କଲରଟୋନ'

# ୨୫୦ କୋଟିର ଗାରମେଣ୍ଟ କମ୍ପାନୀର ଶିଳାନ୍ୟାସ

ଭୁବନେଶ୍ୱର (ସବ୍ୟୁ): ଜୟଦେବ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଜଗନ୍ନାଥପୁର ଠାରେ ମହିଳା ସଶକ୍ତିକରଣ ଏବଂ ସ୍ୱରୋଜଗାର ନିମନ୍ତେ ଏକ ବଡ଼ ଗାରମେଣ୍ଟ କମ୍ପାନୀର ଭିତ୍ତି ପ୍ରସ୍ତର ହୋଇଯାଇଛି । ଭୁବନେଶ୍ୱର ଲୋକସଭା କ୍ଷେତ୍ରର ସାଂସଦ ଶ୍ରୀମତି ଅପରାଜିତା ଷଡ଼ଙ୍ଗୀଙ୍କ ଏହାର ଶିଳାନ୍ୟାସ କରିଛନ୍ତି । କର କମଳରେ କଲରଟୋନ୍ ନାମକ ମେଗା ଗାରମେଣ୍ଟ କମ୍ପାନୀର ଶିଳାନ୍ୟାସ କାର୍ଯ୍ୟକ୍ରମ ହୋଇଯାଇଛି । ଏହି ଅସବରରେ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଜୟଦେବ ବିଧାନସଭା ମଣ୍ଡଳୀର ଆଖପାଖ ଲୋକ ଏହାଦ୍ୱାରା ଉପକୃତ ହେବେ । ବିଶେଷ କରି ଏହି ଗାରମେଣ୍ଟ କମ୍ପାନୀ ବଡ଼ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ୨୫୦ କୋଟି ଟଙ୍କାର ବ୍ୟୟ ଅଟକଳରେ ଏହି ଗାରମେଣ୍ଟ କମ୍ପାନୀ ସ୍ଥାପନ ହେବ । କଲରଟୋନ୍ ନାମକ ଗାରମେଣ୍ଟ କମ୍ପାନୀ, ସ୍ଥାନୀୟ ଅଂଚଳର ଆର୍ଥିକ ବିକାଶରେ ସହାୟକ ହେବ ବୋଲି ସେ କହିଥିଲେ । କଲରଟୋନ୍ ମେଗା ଗାରମେଣ୍ଟ କମ୍ପାନୀ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସହିତ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ସିଂ ରାଣା, କଲରଟୋନ୍ ଗାରମେଣ୍ଟ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ମନୀଷ ପାଠୀ, କମ୍ପାନୀ ଜିଏମ, ଏଚଆର ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ । ଜୟଦେବ ନିର୍ବାଚନମଣ୍ଡଳୀରେ ଏହି ମେଗା ଗାରମେଣ୍ଟ କମ୍ପାନୀ ସମସ୍ତଙ୍କ ମୁହଁରେ ହସ ଫୁଟାଇ, ମହିଳାଙ୍କୁ ବିଶେଷ ଭାବରେ ରୋଜଗାରକ୍ଷମ କରିବ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ । ଏହି ମେଗା ଗାରମେଣ୍ଟ କମ୍ପାନୀ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବ ବୋଲି ଶିଳାନ୍ୟାସ ଉତ୍ସବ ଅବସରରେ ଘୋଷଣା କରିଛନ୍ତି ଭୁବନେଶ୍ୱରର ମାନନୀୟା ସାଂସଦ ଅପରାଜିତା ଷଡ଼ଙ୍ଗୀ । ନିର୍ବାଚନରେ ବିଜୟୀ କରାଇଥିବାରୁ ଏହା ଜୟଦେବ ଅଂଚଳର ଲୋକଙ୍କୁ ଏକ ଉପହାର ବୋଲି ସମ୍ବୋଧନରେ କହିଛନ୍ତି ଭୁବନେଶ୍ୱରର ସାଂସଦ ।



### ବିଦ୍ୟାଳୟ ନିଶାଖୋରଙ୍କ ଆଡ୍ଡାସ୍ଥଳୀ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ବ୍ଲକ ଅଧିନ କୁମ୍ଭାରପଡା ଗ୍ରାମସ୍ଥିତ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନଥିବାରୁ ସଂଜ ନଇଁଲେ ବିଦ୍ୟାଳୟ ପରିସରରେ ଅସାମାଜିକ ବ୍ୟକ୍ତି ବିଶେଷ ଓ ନିଶାଖୋରଙ୍କ ଭିଡ ଜମୁଛି। ଦୈନିକ ବିଦ୍ୟାଳୟର ବାରଣ୍ଡା ସମେତ ପରିସର ମଧ୍ୟରେ ମଦ ବୋତଲ, ପ୍ଲାଷ୍ଟିକ ଗ୍ଲାସ, ପାଣି ପାଉଚ ଜରି ଆଦି ସବୁକିଛି ପଡୁଥିବାରୁ ଏହା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିବା ବେଳେ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ଏହାର କୁପ୍ରଭାବ ପଡୁଛି । ବିଦ୍ୟାଳୟ ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ ନେଇ ଖଣ୍ଡପଡା ବ୍ଲକ କର୍ତ୍ତୃପକ୍ଷ ଓ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳି ନଥିବା ଜଣାପଡିଛି । ଉକ୍ତ ବିଦ୍ୟାଳୟ ପ୍ରତି ନୟାଗଡ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି

## ପ୍ରତିଧ୍ୱନୀ ନୃତ୍ୟୋତ୍ସବ ୨୦୨୪

# ଦର୍ଶକଙ୍କ ମନ ମୋହିଲା ବୃନ୍ଦା

ଭୁବନେଶ୍ୱର(ସବ୍ୟୁ), ଗୁରୁ ଦେବପ୍ରସାଦ ନୃତ୍ୟ ଧାରା, ସିଙ୍ଗାପୁର ପକ୍ଷରୁ ପ୍ରଥମ ଥର ପାଇଁ ଭୁବନେଶ୍ୱର ସ୍ଥିତ ଜିକେସିଏମ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନର ଉତ୍କଳ ରଙ୍ଗମଞ୍ଚରେ ନୃତ୍ୟୋତ୍ସବ ପ୍ରତିଧ୍ୱନି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁ ଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି ଉଦଘାଟନ କରିଥିଲେ । ଅନ୍ୟ ଅତିଥି ଭାବେ ଗୁରୁ ରତିକାନ୍ତ ମହାପାତ୍ର, ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ଚଳଚ୍ଚିତ୍ର ଅଭିନେତା ଅନୁଭବ ମହାନ୍ତି ଯୋଗ ଦେଇଥିଲେ । ବର୍ଷାଭିଜା ଶୀତୁଆ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ପୋରାଣିକ କଥାବସ୍ତୁ ଆଧାରିତ ଗ୍ରୁପ୍ ନୃତ୍ୟ ନାଟିକା ବୃନ୍ଦା । ଗୁରୁ ଦେବପ୍ରସାଦ ଦାସ ନୃତ୍ୟ ଧାରା, ସିଙ୍ଗାପୁରର ଛାତ୍ରୀମାନଙ୍କ ଦ୍ୱାରା ଅତି ନିଖୁଣ ଭାବରେ ପରିବେଷିତ ଓଡ଼ିଶୀ ନୃତ୍ୟ ନାଟିକା ବୃନ୍ଦା ଦର୍ଶକଙ୍କ ମନ ମୋହି ଥିଲା । ଏହି ନୃତ୍ୟ ନାଟିକାର ନିର୍ଦ୍ଦେଶନା ଦେଇଥିଲେ ସିଙ୍ଗାପୁର ସ୍ଥିତ ଉକ୍ତ ଅନୁଷ୍ଠାନର ଗୁରୁ ସସ୍ମିତା ପାଳ । ନୃତ୍ୟ କୋରିଓଗ୍ରାଫି ଓ ଗୀତ ଗୁରୁ ବିଜନ କୁମାର ପିଲାଇ କରିଥିଲେଛ ଛନ୍ଦ ରଚନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ସଙ୍ଗୀତ ରଚନା ଗୁରୁ ସୁକାନ୍ତ କୁମାର କୁଣ୍ଡୁ କରିଥିଲେ । ଲିତାଲି ମହାପାତ୍ର, କୃତ୍ତିକା ତ୍ରିପାଠୀ, ପ୍ରିୟା ଦାଶ, ପ୍ରୀତି ଦାଶ, ସ୍ମୃତି ପ୍ରଜ୍ଞା ମହାନ୍ତି, ଆୟୁଷୀ ପ୍ରଧାନ, ରାମେଶ୍ୱରୀ ମହାନ୍ତି, ବି.ବାରିକ,ଅନୁସ୍ମିତା ସାବତ, ଶ୍ରେୟାଶି ପ୍ରଧାନ, ପୂଜା ପ୍ରିୟା ମହାନ୍ତି,ଶିଳ୍ପୀ ମହାପାତ୍ର ନୃତ୍ୟ ପରିବେଷଣ କରିଥିଲେ । ସିଙ୍ଗାପୁର ର ପିକୋଟେକ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ ପ୍ରାୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରାରମ୍ଭ ରେ ଗୁରୁ ପ୍ରଭାତ କୁମାର ସ୍ୱାଇଁ ଙ୍କ ଦ୍ୱାରା ବରବଧୂ ସୋଲୋ ପ୍ରଦର୍ଶନ ହୋଇଥିଲା । ଏହାପରେ ପ୍ରକୃତି ପୁରୁଷ ନୃତ୍ୟ ରେ ଯୁଗଳ ପ୍ରଦର୍ଶନ କରିଥିଲେ ଦିପ୍ତିରଞ୍ଜନ ବାରାଲ ଓ ହିମାଂଶୁ ରାୟ । ଏହି ଅବସରରେ ପ୍ରସିଦ୍ଧ ନୃତ୍ୟ ଓ ସଙ୍ଗୀତ ଗୁରୁ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଶୀ ଡ୍ୟାନ୍ସ ଏକାଡେମୀ ଓ ନୃତ୍ୟ ନୈବେଦ୍ୟ ସହଯୋଗ ରେ ଓଡ଼ିଶୀ ନୃତ୍ୟ ଉତ୍ସବ ଆୟୋଜିତ ହୋଇଥିଲା ।



# ଶ୍ରୀଜଗନ୍ନାଥଙ୍କ ଉପରେ କୁଇଜ୍ ପ୍ରତିଯୋଗିତା



ଭୁବନେଶ୍ୱର(ସବ୍ୟୁ): ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବୁଦ୍ଧ ମନ୍ଦିରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ବହୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଶ୍ରୀମନ୍ଦିର, ଶ୍ରୀଜଗନ୍ନାଥ ସଂସ୍କୃତି, ମହାପ୍ରଭୁଙ୍କ ବେଶ, ରଥ, ଲୀଳା ଆଦି ସଂକ୍ରାନ୍ତରେ କୁନିକୁନି ପିଲାମାନେ ସଠିକ୍ ଉତ୍ତର ଦେଇ ପୁରସ୍କାର ମଧ୍ୟ ଗ୍ରହଣ କରିଛନ୍ତି । ଏହି ଅବସରରେ ଅନୁଷ୍ଠାନର ସଭାପତି ମହନ୍ତ ରାମକୃଷ୍ଣ ଦାସ ମହାପାତ୍ର, ସୁଦର୍ଶନ ନାୟକ, ଡକ୍ଟର କରୁଣାକର ପ୍ରଧାନ, ପ୍ରଦୀପ ସାହୁ, ଶ୍ରୀହର୍ଷ ମହାପାତ୍ର, ଅସିତ ମହାନ୍ତି, ଡକ୍ଟର ଭଗବାନ ମିଶ୍ର, ରାଧେଶ୍ୟାମ ପଣ୍ଡା, ଚିନ୍ତାମଣି ଦାସ ଓ ରାମଚଣ୍ଡୀ ପ୍ରସାଦ ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ । କୁଇଜ୍ ପ୍ରତିଯୋଗିତା ପରେ ଆସନ୍ତା ଜାନୁଆରୀରେ ହେବାକୁ ଥିବା ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ଚେତନା ମହୋତ୍ସବ ସଂକ୍ରାନ୍ତରେ ସମୀକ୍ଷା ହୋଇଥିଲା । ୨୦୨୫ ଜାନୁଆରୀ ୬ରୁ ୮ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଏହି ଅନ୍ତର୍ଜାତୀୟ ମହୋତ୍ସବ ଆୟୋଜନ ହେବ ।

# ଏସ୍‌ବିଆଇ କାର୍ଡ ୨ କୋଟି କାର୍ଡ-ଇନ୍-ଫୋର୍ସ ମାର୍କ ଅତିକ୍ରମ କଲା

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ପିୟୋର-ପ୍ଲେ କ୍ରେଡିଟ କାର୍ଡ ଯୋଗାଣକାରୀ ଏସ୍‌ବିଆଇ କାର୍ଡ ୨ କୋଟି କାର୍ଡ-ଇନ୍-ଫୋର୍ସ ମାଇଲଖୁଣ୍ଟକୁ ଅତିକ୍ରମ କରିଛି, ଯାହା ସମଗ୍ର ରାଷ୍ଟ୍ରରେ ନବୋନ୍ମେଷୀ ସମାଧାନ ଯୋଗାଣ ଏବଂ ଗ୍ରାହକ ଅନୁଭୂତିକୁ ପରିବର୍ଦ୍ଧିତ କରିବା ନିମନ୍ତେ ଏହାର ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରୁଛି । ଏହି ସଫଳତା ମଧ୍ୟ ଭାରତର କ୍ରେଡିଟ କାର୍ଡ ଦୃଶ୍ୟପଟ୍ଟରେ ରୂପାନ୍ତରଣ ଆଣିବା ଏବଂ କରେନ୍ସି ଅଫ ଡିଜିଟାଲ ଇଣ୍ଡିଆ ନିମନ୍ତେ ଏହାର ପ୍ରତିଶୃତି କ୍ଷେତ୍ରରେ ଏସ୍‌ବିଆଇ କାର୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଉଲ୍ଲେଖ କରୁଛି । ୧୯୯୮ରେ ଏହା ଆରମ୍ଭ ହେବା ଦିନଠାରୁ ଏସ୍‌ବିଆଇ କାର୍ଡ ବିବିଧ ଗ୍ରାହକ ଆବଶ୍ୟକତା ପୂରଣ ନିମନ୍ତେ ବହୁ ପ୍ରକାରର ଉତ୍ପାଦ ଡିଜାଇନ କରିବାରେ ଅଗ୍ରଣୀ ସ୍ଥାନରେ ରହିଆସିଛି। ଚିନ୍ତାଶୀଳ ମୂଳ କାର୍ଡଗୁଡିକ ସହିତ ପ୍ରିମିୟମ ବ୍ରାଣ୍ଡଗୁଡିକ ସହିତ ମିଳିତ ଭାବରେ କୋ-ବ୍ରାଣ୍ଡିଂ କରାଯାଉଥିବା କାର୍ଡଠାରୁ ନେଇ ରିୱାର୍ଡ-ଚାଳିତ ଏବଂ ଜୀବନଶୈଳୀ-କୈନ୍ଦ୍ରିକ ଉତ୍ପାଦସମୂହ ଆଦି ଯୋଗାଇବାରେ ଏସ୍‌ବିଆଇ କାର୍ଡ ଭାରତର କ୍ରେଡିଟ କାର୍ଡ ଶିଳ୍ପରେ ଗ୍ରାହକ ଆଧାରିତ ନବସୃଜନ ନିମନ୍ତେ ନୂତନ ମାନଦଣ୍ଡ ନିରନ୍ତର ସ୍ଥାପନ କରୁଛି । ଆର୍ଥିକ ବର୍ଷ ୧୯ରୁ ଆର୍ଥିକ ବର୍ଷ ୨୪ ମଧ୍ୟରେ ପ୍ରଚଳିତ ଥିବା କାର୍ଡସମୂହରେ ଏସ୍‌ବିଆଇ କାର୍ଡ ପ୍ରାୟ ୨୫% ସିଏଜିଆର୍‌ର ମଜଭୁତ ଅଭିବୃଦ୍ଧି ହାସଲ କରିଛି ଏବଂ ବ୍ୟୟ କ୍ଷେତ୍ରରେ ଏହା ୨୬% ସିଏଜିଆର୍ ଅଭିବୃଦ୍ଧି ଲାଭ କରିଛି । ଏହି ସଫଳତା ସମ୍ପର୍କରେ ପ୍ରକାଶ କରି ଅଭିଜିତ ଚକ୍ରବର୍ତ୍ତୀ, ଏମ୍‌ଡି ଓ ସିଇଓ, ଏସ୍‌ବିଆଇ କାର୍ଡ କହିଛନ୍ତି, ଏସ୍‌ବିଆଇ କାର୍ଡ ବ୍ରାଣ୍ଡ ମେକ୍ ଲାଇଫ ସିମ୍ପଲ (ଜୀବନକୁ ସରଳ କରିବା) ମୂଲ୍ୟବୋଧ ଉପରେ ଆଧାରିତ। ଏହା ୨ କୋଟି କାର୍ଯ୍ୟକ୍ଷମ ଥିବା କାର୍ଡସମୂହର ମାଇଲଖୁଣ୍ଟକୁ ଅତିକ୍ରମ କରିବା ଆମର ଗ୍ରାହକମାନେ ଆମ ଉପରେ ରଖୁଥିବା ବିଶ୍ୱାସ ଓ ଆସ୍ଥାର ଏକ ନିଦର୍ଶନ ହୋଇଛି।



# ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ ୨୦୨୪, ନବସୃଜନ ଓ ଉଦ୍ୟୋଗକୁ ପ୍ରୋତ୍ସାହନ

ଭୁବନେଶ୍ୱର, (ସବ୍ୟୁ) : ନବସୃଜନ ଓ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏଆଇସି-ନାଳନ୍ଦା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ୍-୨୧ ତାରିଖରେ ଉଦଯାପିତ ହୋଇଯାଇଛି । ୩୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ଏକ ସମୁଦାୟକୁ ଏକାଠି କରିଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବୃଦ୍ଧି ପାଉଥିବା ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରଦର୍ଶିତ କରିବା ସହ ସହଯୋଗ, ନବସୃଜନ ଓ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଅଟଳ ଇନୋଭେସନ ମିଶନ, ଷ୍ଟାର୍ଟଅପ୍ ଓଡ଼ିଶା, ଫ୍ଲୁଇଡ୍ ଭେଂଚର୍ସ, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିଆଇଏଲ୍) ଏବଂ କାନାରା ବ୍ୟାଙ୍କ ସମେତ ପ୍ରମୁଖ ଅଂଶୀଦାରଙ୍କ ସହଯୋଗରେ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ୍ ୨୦୨୪ ଆୟୋଜନ କରାଯାଇଥିଲା । ୧୫ ଦିନ ମଧ୍ୟରେ କାର୍ନିଭାଲରେ ଉଦ୍ୟୋଗୀ, ନିବେଶକ, ସରକାରୀ ପ୍ରତିନିଧି ଓ ଅନ୍ୟାନ୍ୟ ଅଂଶୀଦାରଙ୍କୁ ନେଇଏକାଧିକ କାର୍ଯ୍ୟକ୍ରମ ଏବଂ ଆକର୍ଷଣୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଯାହା ସଂଯୋଗ, ଜ୍ଞାନ ବିନିମୟ ଏବଂ ରଣନୀତିକ ସୁଗମ କରିବା ପାଇଁ ଡିଜାଇନ୍ କରାଯାଇଥିଲା।

ଏହି ସମାପନ ସମାରୋହରେ ଓଡ଼ିଶାର ଉଦ୍ୟୋଗୀ ମନୋଭାବ ଏବଂ ଅଭିନବତାର କେନ୍ଦ୍ର ଭାବରେ ଏହାର ବଢୁଥିବା ପ୍ରାଧାନ୍ୟକୁ ପାଳନ କରାଯାଇଥିଲା । ପ୍ରତିଷ୍ଠାତା, ଉଦ୍ୟୋଗୀ, ନିବେଶକ, ଉଭାବକ, ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିନିଧି ଏବଂ ସରକାରୀ ପ୍ରତିନିଧିଙ୍କ ବିବିଧ ଦର୍ଶକମାନେ ଓଡ଼ିଶାର ଷ୍ଟାର୍ଟଅପ୍ ବ୍ୟବସ୍ଥାରର ଶକ୍ତି ଓ ଅନ୍ତର୍ଭୁକ୍ତିକରଣକୁ ପ୍ରଦର୍ଶିତ କରିଥିଲେ। ଲାଇଭଲିହୁଡ ଅଲଟନେଟିଭ୍ସର ପ୍ରତିଷ୍ଠାତା ସମ୍ବିତ ତ୍ରିପାଠୀ, ୟୁସିସିଆଇଏଲର ସମ୍ମାନିତ ସମ୍ପାଦକ ସଞ୍ଜୀବ ମହାପାତ୍ର, ଲୁମିନସ୍ ଇନଫୋୱେଜର ସଭାପତି ଜୟଶ୍ରୀ ମହାନ୍ତି, ବି-ୱାନ୍ ବିଜନେସ୍ ନିର୍ଦ୍ଦେଶକ ରାଜେନ୍ ପାଢ଼ୀ ୟୁଏନଡିପି, ଓଡ଼ିଶାମୁଖ୍ୟ ଶ୍ରୀମତୀ ଆଭା ମିଶ୍ର, ଫ୍ଲୁଇଡ୍ ଭେଞ୍ଚର୍ସର ପାର୍ଟନର ଅମିତ ସିଙ୍ଗଲ, ସୁଶ୍ରୁତ ଟ୍ରମା କେୟାରର ନିର୍ଦ୍ଦେଶିକା ଚିଦାତ୍ମିକା ଖଟୁଆଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ନିଜ ଉପସ୍ଥିତିରେ କାର୍ଯ୍ୟକ୍ରମକୁ ସମୃଦ୍ଧ କରିଥିଲେ । ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଏବଂ ବୁଝାମଣା ଓଡ଼ିଶାରେ ଏକ ସୁଦୃଢ଼ ଏବଂ ଅନ୍ତର୍ଭୁକ୍ତ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଗଠନର ଲକ୍ଷ୍ୟକୁ ଆଗକୁ ବଢ଼ାଇଥିଲା। ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ଷ୍ଟାର୍ଟଅପ୍ ପ୍ରଡକ୍ଟ ସୋକେସ୍ ଏବଂ ଷ୍ଟାର୍ଟଅପ୍ ଶାଭର, ଯେଉଁଠାରେ ଓଡ଼ିଶାର ସମୃଦ୍ଧ ଷ୍ଟାର୍ଟଅପ୍ ଇକୋସିଷ୍ଟମର ଉଦ୍ୟୋଗୀମାନେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଉତ୍ପାଦ ପ୍ରଦର୍ଶନ କରିଥିଲେ ।



### ଚୈତନ୍ୟ ପ୍ରୋଜେକ୍ଟ କନସଲଟାନସି ଲିମିଟେଡ ଭାରତମାଳା ପରିଯୋଜନା ଅନ୍ତର୍ଗତ ଚିଲିକା କନେକ୍ଟିଭିଟି ପାଇଁ ଡିପିଆର ବିକଶିତ କରିବ

ଭୁବନେଶ୍ୱର, (ସବ୍ୟୁ): ସାରା ଭାରତରେ ସମନ୍ୱିତ ଭିତ୍ତିଭୂମି ପରାମର୍ଶଦାତା କ୍ଷେତ୍ରରେ ଚୈତନ୍ୟ ପ୍ରୋଜେକ୍ଟସ କନସଲଟାନ୍ସି ଦୁଇଟି ସ୍ୱାକ୍ଷର ସେତୁ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରଦାନ କରିଛି ଯାହା ଭାରତମାଳା ଅନ୍ତର୍ଗତ ଚିଲିକା ମଧ୍ୟରେ ସଂଯୋଗ ବ୍ୟବସ୍ଥାରେ ପରିର୍ତନ ଆଣିବ। ଦୀର୍ଘଦିନ ଧରି ଚାଲିଆସୁଥିବା ପରିବହନ ଆହ୍ୱାନର ମୁକାବିଲା ପାଇଁ ଏହି ସେତୁ ସାତପଡ଼ା ଓ ଜହ୍ନିକୁଦା ମଧ୍ୟରେ ସଂଯୋଗ ସ୍ଥାପନ କରିବ । ଚିଲିକା ହ୍ରଦ, ଭାରତର ବୃହତମ ଉପକୂଳବର୍ତୀ ଲାଗୁନ ଭାବେ ଜଣାଶୁଣା, ଦୀର୍ଘଦିନ ଧରି ଅବଶ୍ୱସନୀୟ ପରିବହନ ବ୍ୟବସ୍ଥା ପାଇଁ ସଂଗ୍ରାମ କରି ସ୍ଥାନୀୟ ଗୋଷ୍ଠୀ ତଥା ପର୍ଯ୍ୟଟକଙ୍କୁ ପ୍ରଭାବିତ କରି ଆସିଛି। ପ୍ରସ୍ତାବିତ ସେତୁ ଗୁଡ଼ିକର ଆଧୁନିକ ଭିତିଭୂମିକୁ ପରିବେଶ ସଂରକ୍ଷଣ ସହ ସମନ୍ୱିତ କରି ବର୍ଷ ସାରା ନିର୍ଭରଯୋଗ୍ୟ ଚଳାଚଳ ସୁନିଶ୍ଚିତ କରିବ। ଚୈତନ୍ୟ ପ୍ରୋଜେକ୍ଟ କନସଲଟାଂଟର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୟ କୁମାର ସିହ୍ନା କହିଛିଁ ଯେ ଏହିପରି ପରିବର୍ତନଶୀଳ ସାମର୍ଥ୍ୟ ପ୍ରକଳ୍ପରେ ଯୋଗଦାନ କରି ଆମେ ଗର୍ବିତ। ଏହି ସ୍ୱାକ୍ଷରିତ ସେତୁଗୁଡ଼ିକ ଲାଗି ଡିଆରପି ସ୍ଥାୟୀ ପ୍ରଗତି, ଗୋଷ୍ଠୀକୁ ସଂଯୋଗ କରିବା, ଅର୍ଥନୈତିକ ସୁଯୋଗ ଖୋଲିବା ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପଥ ପରିଷ୍କାର କରିବ। ଏହି ପଦକ୍ଷେପ ପ୍ରଭାବଶାଳୀ ଭିତିଭୂମି ବିତରଣ ଲାଗି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ ଯାହା ଏହାର ପରିବେଶ ସହିତ ସୁସଂଗତ ଓ ଭବିଷ୍ୟତକୁ ସଶକ୍ତ କରିବ।

# ଅଗ୍ନି ନିରାପତ୍ତା ତାଲିମ ସହିତ ଗୋଷ୍ଠୀ ନିରାପତ୍ତାକୁ ସୁଦୃଢ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର (ସବ୍ୟୁ): ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ଫ୍ଲାଗସିପ ଅଗ୍ନି ଜାଗରୁକତା ପଦକ୍ଷେପ ଅଧିନରେ ଝାରସୁଗୁଡ଼ାଠାରେ ଅଗ୍ନି ନରାପତା ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଛାତ୍ର ତଥା କର୍ମଚାରୀମାନଙ୍କୁ ଅତ୍ୟାବଶ୍ୟକ ଅଗ୍ନି ନିରାପତା ଉପରେ ଜ୍ଞାନ ଓ ବ୍ୟବହାରିକ କୌଶଳ ଉପରେ ଦିଗଦର୍ଶନ ଦେଇ ଗୋଷ୍ଠୀର ସୁରକ୍ଷା ଓ ସ୍ଥିରତା ବୃଦ୍ଧି ଲାଗି ଏହାର ପ୍ରତିବଦ୍ଧତାକୁ ଅଧିକ ସୁଦୃଢ କରିବା ପ୍ରୟାସ କରିଥିଲା । ଏହି ପ୍ରଶିକ୍ଷଣକୁ ବେଦାନ୍ତର ସୁରକ୍ଷାବଳ ପରିଚାଳନା କରିଥିଲେ ଓ ଏଥିରେ ଛାତ୍ର, ଶିକ୍ଷକ ଏବଂ ସହାୟକ କର୍ମଚାରୀଙ୍କ ସହ ୩୦୦ରୁ ଅଧିକ ଉତ୍ସାହୀ ଅଂଶଗ୍ରହଣ କରିଥିଲେ । ଏହି ଅଧିବେଶନରେ ଜରୁରୀକାଳୀନ ପ୍ରତିକ୍ରିୟା ପ୍ରୋଟୋକଲ, ନିରାପଦ ସୁରକ୍ଷା ପ୍ରଣାଳୀ, ଅଗ୍ନି ନିର୍ବାପକ କୌଶଳର ବ୍ୟବହାରିକ ପ୍ରଦର୍ଶନ ଓ ପ୍ରଣାଳୀ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଏହି ପଦକ୍ଷେପ ସଂପର୍କରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଥିଲେ ଯେ ବେଦାନ୍ତରେ ଆମେ ସମସ୍ତଙ୍କ ପାଇଁ ନିରାପଦ ପରିବେଶ ଚାହୁଁ। ଏଥିପାଇଁ ଆବଶ୍ୟକ ହେଉଛି ଉପଯୁକ୍ତ ଜ୍ଞାନ କୌଶଳ ବିଷୟରେ ଅଭଗତ ହେବା ଓ ଗୋଷ୍ଠୀକୁ ସଶକ୍ତ କରିବା । ଅଗ୍ନି ନିରାପତା କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ଆମ ସଚେତନତା ସଂସ୍କୃତିର ପରିଚୟ । ଏଥିପାଇଁ ଛାତ୍ର ଓ ଶିକ୍ଷକମାନଙ୍କ ଉତ୍ସାହ ଏବଂ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ପ୍ରକୃତରେ ପ୍ରେରଣାଦାୟକ । ଗୋଷ୍ଠୀକୁ ଅଧିକ ସ୍ଥିର କରିବାରେ ଏହି ପଦକ୍ଷେପ ଗୁଡ଼ିକର ପ୍ରଭାବକୁ ପ୍ରତିଫଳିତ କରିଥାଏ । ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର କୁମାର ପଟେଲ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବାରୁ ଆମେ ବେଦାନ୍ତ ଆଲୁମିନିୟମକୁ ଧନ୍ୟବାଦ ଜଣାଉଛୁ । ଏହା ଆମର ଛାତ୍ର ଓ କର୍ମଚାରୀଙ୍କୁ ବ୍ୟବହାରିକ ଜ୍ଞାନକୌଶଳ ଓ ଅଗ୍ନିକାଣ୍ଡ ସମୟର ପରିସ୍ଥିତିକୁ ପରିଚାଳନା କରିବା ସଂପର୍କରେ ଆତ୍ମବିଶ୍ୱାସ ପ୍ରଦାନ କରିଛି । ଜୀବନ ରକ୍ଷା ପ୍ରଣାଳୀ ଉପରେ ସୁରକ୍ଷିତ ପ୍ରଶିକ୍ଷଣ ମଧ୍ୟ ପରିବେଶର ସୁରକ୍ଷା ପଦକ୍ଷେପ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଅଂଶଗ୍ରହଣକାରୀମାନେ ସକ୍ରିୟ ଭାବରେ ଆଲୋଚନା ଓ ପ୍ରଦର୍ଶନରେ ଭାଗ ନେଇଥିଲେ । ବେଦାନ୍ତ ଆଲୁମିନିୟମର ସାମାଜିକ ପଦକ୍ଷେପରେ ବହୁତ ଗୁଡ଼ିଏ ପଦକ୍ଷେପ ଯଥା ଜୀବିକା ନିର୍ବାହ, ଗୁଣମାନର ଶିକ୍ଷା, ମହିଳା ସଶକ୍ତିକରଣ, ଜୈବ ବିକାଶ ଓ ଗୋଷ୍ଠୀ ଭିତିଭୂମି ନିର୍ମାଣ ପରି କାର୍ଯ୍ୟ ହାତକୁ ନିଆଯାଉଛି । ଏହା ଦ୍ୱାରା ଝାରସୁଗୁଡ଼ାର ୮୦ଟି ଗ୍ରାମର ପ୍ରାୟ ୩ଲକ୍ଷରୁ ଅଧିକ ଲୋକ ଉପକୃତ ହେଉଛନ୍ତି ।



# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୪ ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, (ସବ୍ୟୁ) : ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ୧୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ମୁଖ୍ୟ ପ୍ରବନ୍ଧକ ବି.କେ. ସ୍ୱାଇଁ, ମୁଖ୍ୟ ପ୍ରବନ୍ଧକ ଏମ୍. କେ. କର୍ଣ୍ଣଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କର ପ୍ରତିଷ୍ଠାତା ସୋରାବଜୀ ପଚଖନୱାଲାଙ୍କର ବ୍ୟାଙ୍କ ପ୍ରତି ଥିବା ଅନନ୍ୟ ଅବଦାନ ପାଇଁ ତାଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା ।୧୧୪ତମ ପ୍ରତିଷ୍ଠା ଦିବସ ବ୍ୟାଙ୍କର ସମୃଦ୍ଧ ଐତିହ୍ୟ, ନିରନ୍ତର ନବୀକରଣ ଏବଂ ବ୍ୟାଙ୍କିଙ୍ଗରେ ଉତ୍କର୍ଷତା ସହିତ ସମାଜ ପ୍ରତି ଥିବା ଏହାର ଉତ୍ସର୍ଗୀକୃତତାର ପ୍ରତିବଦ୍ଧତାକୁ ଦର୍ଶାଇଥାଏ। ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର କ୍ଷେତ୍ରର କର୍ମଚାରୀ ଏବଂ ସେମାନଙ୍କର ପରିବାର ସଦସ୍ୟ ଆଡଭେଞ୍ଚର କନ୍‌ଭେନ୍‌ସନ ଆଣ୍ଡ୍ ରିସୋର୍ଟସରେ ଏକାଠି ହୋଇଥିଲେ ।

# ଜଷ୍ଟିସ୍ ଭି ରାମ ସୁବ୍ରମଣ୍ୟମ୍ ଏନ୍ଏଚ୍ଆର୍ସିର ନୂଆ ଅଧ୍ୟକ୍ଷ




**ନୂଆଦିଲ୍ଲୀ:** ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଭି ରାମ ସୁବ୍ରମଣ୍ୟମ୍‌ଙ୍କୁ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)ର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହାଛଡା ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ପ୍ରିୟଙ୍କ କାନୁନ୍‌ଗୋଙ୍କୁ କମିଶନ ସଦସ୍ୟ ନିଯୁକ୍ତ କରାଯାଇଛି । କମିଶନ ଅଧ୍ୟକ୍ଷଙ୍କ ନିଯୁକ୍ତି ପାଇଁ ୬ ସଦସ୍ୟ ବିଶିଷ୍ଟ କମିଟି ଜଷ୍ଟିସ୍ ଭି ରାମସୁବ୍ରମଣ୍ୟମ୍‌ଙ୍କ ନାମ ସୁପାରିଶ କରିବା ପରେ ରାଷ୍ଟ୍ରପତି ତାଙ୍କୁ ନିଯୁକ୍ତି ଦେଇଛନ୍ତି । ଏନ୍ଏଚ୍ଆର୍ସିର ଅଧ୍ୟକ୍ଷ ଥିବା ଜଷ୍ଟିସ୍ ଅରୁଣ କୁମାର ମିଶ୍ର ଜୁନ୍ ୧ରୁ ଅବସର ନେଇଥିଲେ । ତାଙ୍କ ଅବସରରେ ପରେ ବିଜୟ ଭାରତୀ ସାଇନି କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିଲେ । ପୂର୍ବତନ ପ୍ରଧାନ ବିଚାରପତି ବା ସୁପ୍ରିମ୍‌କୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ଏନ୍ଏଚ୍ଆର୍ସିର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଏ । ଯାହା ଚୟନ କମିଟିର ସୁପାରିଶ ଅନୁଯାୟୀ କରାଯାଇଥାଏ । ପୂର୍ବରୁ ଏନ୍ଏଚ୍ଆର୍ସିରେ ମୁଖ୍ୟ ପୂର୍ବତନ ମୁଖ୍ୟ ବିଚାରପତି ଏଚ୍ଏଲ୍ ଡାଟୁ ଓ କେଜି ବାଲକ୍ରିଷ୍ଣନ୍ କାର୍ଯ୍ୟ କରିଛନ୍ତି । ଡିସେମ୍ବର ୨୦ରେ ପୂର୍ବତନ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ ସେ ପରବର୍ତ୍ତୀ ଏନ୍ଏଚ୍ଆର୍ସିର ମୁଖ୍ୟ ହେବା ସମ୍ବାଦକୁ ଖଣ୍ଡନ କରିଥିଲେ । ଏହି ମାସରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନେ ଖଡ଼ଗେ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସଦସ୍ୟ ଭାବେ ଯୋଗ ଦେଇଥିଲେ । ଏହାପରେ ଆଜି ରିପୋର୍ଟ ପ୍ରକାଶ ପାଇଛି ।

# ସୀମାପାର ଆତଙ୍କବାଦକୁ ଭାରତ ଓ କୁଏତର ନିନ୍ଦା



**ନୂଆଦିଲ୍ଲୀ:** ଆତଙ୍କବାଦର ମୂଳୋତ୍ପାଟନ ପାଇଁ ହାତ ମିଳାଇଲେ ଭାରତ ଓ କୁଏତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଏତ ଗସ୍ତ ଅବସରରେ ଉଭୟ ଦେଶ, ସୀମାପାର୍ ସମେତ ସବୁପ୍ରକାର ଆତଙ୍କବାଦଙ୍କୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି । ଏଥିସହ ଆତଙ୍କୀଙ୍କ ଭୂସ୍ୱର୍ଗ ଓ ଟେରର୍ ଫଣ୍ଡିଂ ନେଟୱର୍କ ବ୍ୟାହତ ହେବା ଦରକାର ବୋଲି ଆହ୍ୱାନ ଦେଇଛନ୍ତି ଉଭୟ ଦେଶ । ଏନେଇ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ମିଳିତ ବିବୃତି ଜାରି ହୋଇଛି । ଏଥିସହ ଆତଙ୍କବାଦ ନିରୋଧୀ ଅପରେସନରେ ସହଯୋଗ, ସୂଚନା ଓ ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ, ଆତଙ୍କବାଦ ରୋକିବା ପାଇଁ ଟେକ୍ନୋଲଜି, ସାଇବର୍ ସିକ୍ୟୁରିଟି ଆଦି କ୍ଷେତ୍ରରେ ଉଭୟ ଦେଶ ହାତ ମିଳାଇବାକୁ ସହମତି ପ୍ରକାଶ କରିଥିବା ସୂଚନା ଦିଆଯାଇଛି । ଦୁଇ ଦିନିଆ କୁଏତ ଗସ୍ତ ସାରି ଗତକାଲି ଦିଲ୍ଲୀ ଫେରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । କୁଏତରେ ଗତକାଲି ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ପ୍ରଧାନମନ୍ତ୍ରୀ । କୁଏତ ଆମିର ଶେଖ ମେଶଲ ଅଲ ଶବାହ ଓ ମୋଦିଙ୍କ ଉପସ୍ଥିତିରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ଆଲୋଚନା ସଫଳ ହୋଇଥିବା ସୋସିଆଲ୍ ମିଡିଆ ଏକ୍ସରେ ସୂଚନା ଦେଇଛନ୍ତି ପ୍ରଧାନମନ୍ତ୍ରୀ । ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ବାଣିଜ୍ୟ, ବ୍ୟବସାୟ, ଆଇଟି, ଭିତ୍ତିଭୂମି, ସୁରକ୍ଷା ସମେତ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହେଲା । ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ନେଇ ଏମଓୟୁ ବି ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୁଏତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଦ ଅର୍ଡର ଅଫ୍ ମୁବାରକ୍ ଅଲ୍ -କବୀର'ରେ ସମ୍ମାନିତ କରାଯାଇଛି । କୁଏତ୍ ଆମିର ଶେଖ ମେଶଲ ଅଲ ଶବାହ ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି ।

# ବ୍ରାଜିଲରେ ବିମାନ ଦୁର୍ଘଟଣା: ୧୦ ମୃତ



**ବ୍ରାସିଲିଆ:** ବଡ଼ଦିନ ପୂର୍ବରୁ ବ୍ରାଜିଲରେ ଘଟିଛି ବଡ଼ ଅଘଟଣଛ ଏକ ବିମାନ ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି । ମୃତକମାନେ ଏକ ପରିବାରର ବୋଲି ସୂଚନା ମିଳିଛି । ଏହି ଦୁର୍ଘଟଣାରେ ୧୭ରୁ ଅଧିକ ଜଣ ଆହତ ହୋଇଛନ୍ତି । ବ୍ରାଜିଲର ଜଣେ ୬୧ ବର୍ଷୀୟ ବିଜନେସମ୍ୟାନ୍ ନିଜ ପରିବାର ସହ ବୁଲିବାକୁ ଏକ ଛୋଟ ବିମାନରେ ଯାଉଥିଲେ । ସେ ନିଜେ ହିଁ ବିମାନଟିକୁ ଉଡ଼ାଉଥିଲେ । ବିମାନଟି ରିଓ ଗ୍ରାଣ୍ଡେ ଡୋ ସୁଲ୍ ନାମକ ପର୍ଯ୍ୟଟନ ସ୍ଥଳୀ ଅଭିମୁଖେ ଯାଉଥିଲା । ମାତ୍ର ବିମାନଟି ଦକ୍ଷିଣ ବ୍ରାଜିଲ୍ ଗ୍ରାମାଡ଼ୋରେ ଉଡୁଥିବା ବେଳେ ପ୍ରଥମେ ଏକ ଘରର ଚିମିନିରେ ଧକ୍କା ହୋଇଥିଲା । ଏହାପରେ ଭାରସାମ୍ୟ ହରାଇ ତାହା ଅନ୍ୟ ଏକ ବିଲ୍ଡିଂର ଦ୍ୱିତୀୟ ମହଲାରେ ପିଟି ହୋଇ ଏକ ରେସ୍ତୁରାଁ ଉପରେ ପଡ଼ି ଯାଇଥିଲା । ଏହି ଦୁର୍ଘଟଣାରେ ବିମାନରେ ଥିବା ୧୦ ଜଣଙ୍କ ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରେ ବିଜନେସମ୍ୟାନ୍, ତାଙ୍କ ପତ୍ନୀ, ୩ ଝିଅଙ୍କ ସମେତ ଆଉ କିଛି ପରିବାର ସଦସ୍ୟ ଥିବା ଜଣାଯାଇଛି । ଏଥିସହ ବିମାନଟି ଜନବସତି ଅଞ୍ଚଳରେ ଖସି ପଡ଼ିବାରୁ ପ୍ରାୟ ୧୭ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ କିଛି ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି । ଦୁର୍ଘଟଣା ସୂଚନା ପାଇ ଉଦ୍ଧାରକାରୀ ଦଳ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି ।

# ୩ ଜଣଙ୍କୁ ଗୁଳି କରି ହତ୍ୟା



**ନୂଆଦିଲ୍ଲୀ:** ହୋଟେଲ ପାର୍କିଂରେ ଫୁଟିଲା ଗୁଳି । ଦୁଇ ଜଣ ଯୁବକ ଓ ଜଣେ ଯୁବତୀଙ୍କୁ ଗୁଳି କରି କରାଯାଇଛି ହତ୍ୟା । ହରିୟାଣାର ପଞ୍ଚକୁଲାରେ ଥିବା ଗୋଟିଏ ହୋଟେଲର ପାର୍କିଂରେ ଅଜଣା ଦୁର୍ବୃତ୍ତମାନେ ୩ ଜଣଙ୍କୁ କରିଛନ୍ତି ହତ୍ୟା । ରବିବାର ବିଳମ୍ବିତ ରାତିରେ ଘଟଣା ଘଟିଥିବା ବେଳେ ଆଜି ପୁଲିସ୍ ଏ ସମ୍ପର୍କରେ ସୂଚନା ଦେଇଛି ।

ଗୁଳିମାଡ଼ରେ ଦିଲ୍ଲୀର ଭିକ୍କି ଓ ବିପିନଙ୍କ ସମେତ ହିର୍ସାର ନିଆଙ୍କ ମୃତ୍ୟୁ ହୋଇଛି । ହୋଟେଲର ପାର୍କିଂରେ ଏମାନେ ଛିଡ଼ା ହୋଇଥିବା ବେଳେ କିଛି ଦୁର୍ବୃତ୍ତ ସେଠାରେ ପହଞ୍ଚି ୩ ଜଣଙ୍କୁ ହତ୍ୟା କରିଛନ୍ତି । ଏମାନେ ଗୋଟିଏ ଜନ୍ମଦିନ ପାର୍ଟିରେ ଯୋଗ ଦେବାକୁ ହୋଟେଲକୁ ଆସିଥିଲେ । ପାର୍ଟି ପରେ ସେମାନେ ଏକାଠି ପାର୍କିଂକୁ ଆସିଥିଲେ । ସମସ୍ତେ ସେମାନଙ୍କ ଗାଡ଼ି ନିକଟରେ ଛଡ଼ା ହୋଇଥିବା ବେଳେ କିଛି ମୁଖାପିନ୍ଧା ଯୁବକ ସେଠାରେ ପହଞ୍ଚିଥିଲେ । କେହି କିଛି ବୁଝିବା ଆଗରୁ ସେମାନେ ଭିକ୍କି, ବିପିନ ଓ ନିଆଙ୍କ ଉପରକୁ ଗୁଳି କରିଥିଲେ । ଘଟଣା ସ୍ଥଳରେ ହିଁ ୩ ଜଣ ଟଳି ପଡ଼ିଥିଲା । ଏହାପରେ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଛନ୍ତି । ଭିକ୍କିଙ୍କ ବୟସ ପ୍ରାୟ ୩୦ ବର୍ଷ ହେବ । ତାଙ୍କ ନାଁରେ ଏକାଧିକ ମାମଲା ରହିଛି ।

ତେଣୁ ପୂର୍ବ ଶତ୍ରୁତାରୁ କେହି ଏପରି କରିଥିବା ଆଶଙ୍କା କରାଯାଉଛି । ତଥାପି ପୁଲିସ୍ ସିସିଟିଭି ଫୁଟେଜକୁ ଯାଞ୍ଚ କରି ହତ୍ୟାକାରୀଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରୁଛି ।

# ୟୁପିଏସସି ଠକେଇ ମାମଲା: ଗିରଫ ହେବେ ପୂଜା ଖେଡକର



**ନୂଆଦିଲ୍ଲୀ:** ପୂର୍ବତନ ଟ୍ରେନି ଆଇଏଏସ୍ ଅଫିସର ପୂଜା ଖେଡକରଙ୍କ ଅଡୁଆ ବିଢ଼ିଛି । ୟୁପିଏସସି ଠକେଇ ମାମଲାରେ ଫସି ଆଇଏଏସ୍ ହେବାରୁ ବଞ୍ଚିତ ହୋଇଥିବା ପୂଜାଙ୍କ ଆଗୁଆ ଜାମିନ ଆବେଦନକୁ ଆଜି ଦିଲ୍ଲୀ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ସେହିପରି ତାଙ୍କୁ ପୂର୍ବରୁ ଗିରଫଦାରୀରୁ ମିଳିଥିବା ସୁରକ୍ଷାକୁ ମଧ୍ୟ କୋର୍ଟ ହଟାଇ ଦେଇଛନ୍ତି । ତେଣୁ ୟୁପିଏସ୍ସି ପରୀକ୍ଷାରେ ଜାଲିଆତି କରିଥିବା ଅଭିଯୋଗରେ ଫସିଥିବା ପୂଜା ଗିରଫ ହେବାର ଆଶଙ୍କା ପ୍ରକାଶ ପାଇଛି ।

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ଚନ୍ଦ୍ରଧାରୀ ସିଂହ ଆଜି ପୂଜାଙ୍କ ଆବେଦନକୁ ଖାରଜ କରି କହିଛନ୍ତି ଯେ ୟୁପିଏସସି ହେଉଛି ଗୋଟିଏ ପ୍ରତିଷ୍ଠିତ ପରୀକ୍ଷା । ଉଭୟ ସମାଜ ଓ ସଂଗଠନ ଉପରେ ଠକେଇର ପ୍ରଭାବ ପଡ଼ିଛି । ଏହା ପଛରେ ଥିବା ଷଡ଼ଯନ୍ତ୍ରକୁ ଉଜାଗର କରିବା ପାଇଁ ଜେରାର ଆବଶ୍ୟକତା ରହିଛି । ଏହି ମାମଲାରେ ପ୍ରଦର୍ଶିତ କରାଯାଇଥିବା ଆଚରଣରୁ ପ୍ରାଥମିକ ଭାବେ ଜଣାପଡୁଛି ଯେ ସଂଗଠନ ସହ ଛଳନା କରାଯାଇଛି । ନକଲି ଦସ୍ତାବିଜ ଦ୍ୱାରା ଫାଇଦା ହାସଲ କରିବାକୁ କେହି ବି ହକଦାର ନୁହନ୍ତି ବୋଲି ଜଷ୍ଟିସ ସିଂହ ମତ ରଖିଛନ୍ତି । ପୂଜା ଓବିସି ଓ ଦିବ୍ୟାଙ୍ଗ ସଂରକ୍ଷଣର ଅପବ୍ୟବହାର କରି ପ୍ରଶାସନିକ ସେବା ପରୀକ୍ଷାରେ ଫାଇଦା ହାସଲ କରିଥିବା ଅଭିଯୋଗ ହୋଇଥିଲା । ଏହି କାରଣରୁ କେନ୍ଦ୍ର ସରକାର ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ସେପ୍ଟେମ୍ବର ୬ ତାରିଖରେ ପୂଜାଙ୍କୁ ଆଇଏସ ନିୟମ ୧୯୫୪ର ଧାରା ୧୨ ଅଧୀନରେ କେନ୍ଦ୍ର ସରକାର କାର୍ଯ୍ୟାନ୍ତର ନିର୍ଦ୍ଦେଶ ଦେଇଥିଲେ ।

ପୂଜା ବେଆଇନ ଭାବେ ଆଇଏଏସ୍ ପଦ ହାତେଇଥିବା ଜଣାପଡ଼ିବା ପରେ ପ୍ରଥମେ ୟୁପିଏସସି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଜୁଲାଇ ୩୧ରେ ୟୁପିଏସସି ପୂଜା ଖେଡକରଙ୍କ ପ୍ରୋଭିଜନାଲ ପ୍ରାର୍ଥିତ୍ୱକୁ ବାତିଲ କରିଥିଲା ଓ ତାଙ୍କୁ ଭବିଷ୍ୟତରେ ପ୍ରଶାସନିକ ସେବାର ପରୀକ୍ଷା ଦେବାରୁ ବଞ୍ଚିତ କରିଥିଲା । ପୂଜା ଖେଡକର ପ୍ରଶାସନିକ ସେବା ପରୀକ୍ଷା ନିୟମ ୨୦୨୨କୁ ଉଲ୍ଲଙ୍ଘନ କରିଥିବାରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ସେ ନିଜର ନକଲି ପରିଚୟ ଦେଇ ୟୁପିଏସସିରେ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି ।

**ପୁଷ୍ପା-୨ ଟ୍ରାଜେଡି**

# ୫୦ ଲକ୍ଷ କ୍ଷତିପୂରଣ ଦେଲେ ଚିତ୍ର ନିର୍ମାତା




**ହାଇଦ୍ରାବାଦ:** ହାଇଦ୍ରାବାଦ ସନ୍ଧ୍ୟାର ଥିଏଟରରେ ଦଳାଚକଟାରେ ଜଣେ ମହିଳା ପ୍ରାଣ ହରାଇବା ଘଟଣା ଏବେ ସାରା ଦେଶରେ ଆଲୋଚନାର ପ୍ରମୁଖ ପ୍ରସଙ୍ଗ ପାଲଟିଛି । ପୁଷ୍ପା-୨ ଚଳଚ୍ଚିତ୍ର ନିର୍ମାତା କମ୍ପାନୀ ଆଜି ପୀଡ଼ିତ ପରିବାରକୁ ୫୦ ଲକ୍ଷ ଟଙ୍କା ସହାୟତା ରାଶି ଦେଇଛନ୍ତି । ସେପଟେ ଏହି ଘଟଣା ପାଇଁ ଅଭିନେତା ଅଲ୍ଲୁ ଅର୍ଜୁନ ଦାୟୀ ନୁହନ୍ତି ବୋଲି କହିଛନ୍ତି ମୃତକଙ୍କ ସ୍ୱାମୀ । ଏପରିକି ଥାନାରେ କରିଥିବା ଅଭିଯୋଗ ମଧ୍ୟ ଉଠାଇନେବାକୁ ପ୍ରସ୍ତୁତ ଥିବା ସେ କହିଛନ୍ତି ।

ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ମୃତ ମହିଳାଙ୍କ ସ୍ୱାମୀ ଭାସ୍କର କହିଛନ୍ତି ଯେ ଏହି ଦୁର୍ଘଟଣା ପାଇଁ ଆମେ କାହାକୁ ଦୋଷ ଦେଉନାହୁଁ । ଆମ ଭାଗ୍ୟ ଖରାପ ଥିବାରୁ ଏଭଳି ଘଟଣା ଆମ ସହ ଘଟିଲା । ଅଲ୍ଲୁ ଅର୍ଜୁନଙ୍କ ଗିରଫ ପାଇଁ ଆମକୁ ଦାୟୀ କରାଯାଉଛି । କିନ୍ତୁ ତାଙ୍କ ବିରୋଧରେ ଲିବା ପାଇଁ ଆମର ଶକ୍ତି ନାହିଁ । ଦୁର୍ଘଟଣା ପରଦିନଠାରୁ ଆମକୁ ଅଭିନେତା ସହଯୋଗ କରୁଛନ୍ତି । ତେବେ ତାଙ୍କ ପୁଅ ଶ୍ରୀ ତେଜ ଅଲ୍ଲୁ ଅର୍ଜୁନଙ୍କର ଜଣେ ବହୁତ ବଡ଼ ପ୍ରଶଂସକ ହୋଇଥିବାରୁ ପୁଅର ଇଚ୍ଛାରେ ସେ ପରିବାରକୁ ନେଇ ସେଠାକୁ ଯାଇଥିଲେ ବୋଲି କହିଛନ୍ତି ମୃତ ମହିଳାଙ୍କ ସ୍ୱାମୀ । ଘଟଣାକୁ ୨୦ ଦିନ ପୂରିଥିବାବେଳେ ତାଙ୍କର ୮ ବର୍ଷର ପୁଅ ଏବେ ମଧ୍ୟ କୋମାରେ ଅଛି । ବେଳେବେଳେ ଆଖି ଖୋଲୁଥିଲେ ମଧ୍ୟ ସେ କିଛି ଜାଣିପାରୁନଥିବା ଭାସ୍କର କହିଛନ୍ତି । ପୁଅ ଠିକ ହେବାକୁ ଆଉ କେତେଦିନ ଲାଗିବ କିଛି ଜଣାନାହିଁ ବୋଲି କୋହଭରା କଣ୍ଠରେ ସେ କହିଛନ୍ତି ।

ପ୍ରକାଶ ଯୋଗ୍ୟ, ପୁଷ୍ପା-୨ ଚଳଚ୍ଚିତ୍ର ନିର୍ମାତା କମ୍ପାନୀ ଆଜି ହାଇଦ୍ରାବାଦ କିମ୍ସ ହସ୍ପିଟାଲରେ ପହଞ୍ଚି ମୃତ ମହିଳାଙ୍କ ସ୍ୱାମୀ ଭାସ୍କରଙ୍କୁ ୫୦ ଲକ୍ଷ ଟଙ୍କାର ସହାୟତାମୂଳକ ଚେକ ପ୍ରଦାନ କରିଛନ୍ତି । ଏହା ପୂର୍ବରୁ ନିଜେ ଅଲ୍ଲୁ ଅର୍ଜୁନ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଦେଇଥିଲେ । ଲୋକପ୍ରିୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁକୁମାର ଓ ତାଙ୍କ ପତ୍ନୀ ତବିତା ଭାସ୍କରଙ୍କୁ ଭେଟି ୫ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଥିଲେ । ଡିସେମ୍ବର ୪ ତାରିଖରେ ପୁଷ୍ପା-୨ ପ୍ରିମିୟର ଶୋ ସମୟରେ ହାଇଦ୍ରାବାଦର ସନ୍ଧ୍ୟାର ଥିଏଟରରେ ଘଟିଥିଲା ଏହି ଦଳାଚକଟା ଘଟଣା । ଥିଏଟରକୁ ଅଲ୍ଲୁ ଅର୍ଜୁନ ଆସିବେ ବୋଲି ପୂର୍ବରୁ କୌଣସି ସୂଚନା ଦିଆଯାଇନଥିଲା ବୋଲି ପୁଲିସ ଅଭିଯୋଗ କରିବା ପରେ ଏହି ଘଟଣା ପାଇଁ ଅନେକ ଅଭିନେତାଙ୍କୁ ଦାୟୀ କରୁଛନ୍ତି । ଘଟଣାରେ ଅଲ୍ଲୁଙ୍କୁ ହାଇଦ୍ରାବାଦ ପୁଲିସ ଗିରଫ କରିଥିବାବେଳେ ସେ ୪ ସପ୍ତାହ ପାଇଁ ବେଲ ପାଇ ବାହାରକୁ ଆସିଛନ୍ତି ।

# ୧୩ କୋଟିର ଘଣ୍ଟା ଆଣି ଫସିଲେ ଦମ୍ପତି



**ଦୁବାଇ:** ଘଣ୍ଟା ପିନ୍ଧିବା ପ୍ରାୟ ସମସ୍ତଙ୍କ ସଉକ । କିଏ କେଉଁ ପ୍ରକାରର ଘଣ୍ଟା ପିନ୍ଧନ୍ତି । ଦାମୀ ଘଣ୍ଟା ପିନ୍ଧିବାକୁ ଅନେକ ପସନ୍ଦ କରନ୍ତି । ହେଲେ ଦାମୀ ଘଣ୍ଟା ଆଣିବା ଏବେ ଜଣେ ସ୍ୱାମୀ ସ୍ତ୍ରୀଙ୍କୁ ମହଙ୍ଗା ପଡିଛି । ୧୩ କୋଟିର ଘଣ୍ଟା ଆଣି ଫଶିଛନ୍ତି ଦମ୍ପତି । ତାଙ୍କୁ ପୁଲିସ ଗିରଫ କରିଛି । ଦୁବାଇରୁ ପ୍ରାୟ ୧୩ କୋଟି ଟଙ୍କା ମୂଲ୍ୟର ଦୁଇଟି ଦାମୀ ଘଣ୍ଟା ଚୋରା ଚାଲାଣ କରିବା ଅଭିଯୋଗରେ ରାଜସ୍ଥାନର ଜଣେ ସ୍ୱାମୀ-ସ୍ତ୍ରୀଙ୍କୁ ଅହମ୍ମଦାବାଦ ବିମାନବନ୍ଦରରୁ ଶୁକ୍ରବାର ପୁଲିସ ଗିରଫ କରିଥିଲ । ଏମାନଙ୍କ ପାଖରୁ ଘଣ୍ଟା ଜବତ ହୋଇଛି । ଏହି ଘଣ୍ଟାକୁ ପ୍ରାୟତଃ ବିଲିୟନେୟାର କିମ୍ବା ସେଲିବ୍ରିଟିଙ୍କ ହାତରେ ଦେଖାଯାଏ । ଦୁବାଇରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ପୃଥକ ଭାବରେ ପହଞ୍ଚିଥିବା ଦମ୍ପତିଙ୍କ ଠାରୁ ଏହି ଦୁଇଟି ଘଣ୍ଟା ଜବତ କରାଯାଇଥିଲା । ଅଧିକାରୀଙ୍କ କହିବା ଅନୁସାରେ ଦୁବାଇରୁ ଫେରିବା ପରେ ଜଣେ ମହିଳାଙ୍କ ହାତରେ ଦାମୀ ଘଣ୍ଟା ଦେଖିବାକୁ ମିଳିଥିଲା । ପଚରାଉଚରା କରିବା ପରେ ସେ କହିଥିଲେ ଯେ, ତାଙ୍କୁ ତାଙ୍କ ସ୍ୱାମୀ ଏହି ଘଣ୍ଟା ଗିଫ୍ଟ କରିଛନ୍ତି । ସ୍ୱାମୀ କେଉଁଠି ଅଛନ୍ତି ପଚାରିବାରୁ ସେ କହିଥିଲେ ଅନ୍ୟ ଏକ ଫ୍ଲାଇଟରେ ଆସୁଛନ୍ତି । ଏହାପରେ ବିମାନ ବନ୍ଦରରେ ଅବତରଣ କରିବା ପରେ ତାଙ୍କ ସ୍ୱାମୀ ଧରାପଡିଥିଲେ । ଅଧିକାରୀ କହିବା ମୁତାବକ, ସ୍ୱାମୀ ଏବଂ ସ୍ତ୍ରୀ ପ୍ରଥମେ ଦାବି କରିଥିଲେ ଯେ ଏହି ଘଣ୍ଟାଟି ସେମାନଙ୍କର ଏବଂ ଏହାର ମୂଲ୍ୟ ପ୍ରାୟ ୧୦୦୦ ଟଙ୍କା । ଯେତେବେଳେ ତାଙ୍କୁ ଏକ ଏହାର ବିଲ୍ ଦେଖାଇବାକୁ କୁହାଗଲା ସେତେବେଳେ ତାଙ୍କ ପାଖରେ ଏହାର କୌଣସି ବିଲ୍ ନଥିବା କହିଥିଲେ । ପରେ ଉଭୟଙ୍କ ଜିନିଷପତ୍ର ଯାଞ୍ଚ ପରେ ୱାଚ୍ କେସ୍ ମିଳିଥିଲା । ପଚରାଉଚରା ପରେ ଦମ୍ପତି ଦାମୀ ଘଣ୍ଟାଗୁଡିକୁ ଚୋରା ଚାଲାଣ କରିଥିବା ସ୍ୱୀକାର କରିଥିଲେ । ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ପୁଲିସ ଅଟକ ରଖି ଏହି ମାମଲାରେ ଆଉ କେଉଁ ଗ୍ୟାଙ୍ଗର ହାତ ଅଛି ସେ ନେଇ ତଦନ୍ତ ଜାରି ରଖିଛି । ଉଭୟ ରାଜସ୍ଥାନର ବାସିନ୍ଦା ବୋଲି ଜଣାପଡିଛି ।

# ବନ୍ଦେ ଭାରତ ଏକ୍ସପ୍ରେସ୍ ବାଟବଣା



**ମୁମ୍ବାଇ:** ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନାସ୍ (ସିଏସ୍ଏମଟି)ରୁ ଗୋଆର ମଡଗାଓଁ ଅଭିମୁଖେ ବାହାରିଥିବା ଦେଶର ଅତ୍ୟାଧୁନିକ ଟ୍ରେନ୍ ବନ୍ଦେ ଭାରତ ଏକ୍ସପ୍ରେସ୍ ବାଟ ଭୁଲିଯାଇଛି । ମହାରାଷ୍ଟ୍ରର ଦିବା ଷ୍ଟେସନରୁ ଟ୍ରେନଟି ପନଭେଲ୍ ଆଡ଼କୁ ଯିବା ପରିବର୍ତ୍ତେ କଲ୍ୟାଣ ଆଡ଼କୁ ମୁହାଁଇଥିଲା । ଏହି ଖବର ଜଣାପଡ଼ିବା ପରେ ରେଳବାଇ ଅଧିକାରୀଙ୍କ ମଧ୍ୟରେ ହଇଚଇ ସୃଷ୍ଟି କରିଥିଲା । ତରବରିଆ ଭାବେ ଟ୍ରେନକୁ କଲ୍ୟାଣ ଷ୍ଟେସନକୁ ନିଆଯାଇଥିଲା । କିଛି ସମୟ ପରେ ଟ୍ରେନ୍ ଟି ଦିବା ଷ୍ଟେସନକୁ ଫେରିଥିଲା ଏବଂ ପରେ ନିଜ ଗନ୍ତବ୍ୟ ଅଭିମୁଖେ ଯାତ୍ରା କରିଥିଲା । ଏହି ବିଶୃଙ୍ଖଳା ଯୋଗୁଁ ଟ୍ରେନ୍ ୯୦ ମିନିଟ୍ ବିଳମ୍ବରେ ଗନ୍ତବ୍ୟସ୍ଥଳରେ ପହଞ୍ଚିଥିଲା । ଏହି ଟ୍ରେନ୍ କୋଙ୍କଣକୁ ଯାଉଥିବା ଟ୍ରେନର ନିର୍ଦ୍ଧାରିତ ମାର୍ଗ ଦିବା-ପନଭେଲ ରୁଟରେ ଯିବାର ଥିଲା । ତେବେ ସକାଳ ୬ଟା ୧୦ରେ ଟ୍ରେନଟି ଦିବା ଷ୍ଟେସନରୁ କଲ୍ୟାଣ ଅଭିମୁଖେ ମୁହାଁଇଥିଲା । ସିଗନାଲ ତ୍ରୁଟି ଯୋଗୁଁ ଏହି ବିଭ୍ରାଟ ଘଟିଥିଲା । ରେଳ ଅଧିକାରୀଙ୍କ କହିବା ଅନୁସାରେ, ଏହି ଟ୍ରେନ୍ କୋଙ୍କଣକୁ ଯାଉଥିବା ଟ୍ରେନର ନିର୍ଦ୍ଧାରିତ ମାର୍ଗ ଦିବା-ପନଭେଲ ରୁଟରେ ଯିବାର ଥିଲା । ତେବେ ସକାଳ ୬ଟା ୧୦ରେ ଟ୍ରେନଟି ଦିବା ଷ୍ଟେସନରୁ କଲ୍ୟାଣ ଅଭିମୁଖେ ମୁହାଁଇଥିଲା । କେନ୍ଦ୍ରୀୟ ରେଳବାଇର ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ସ୍ୱପ୍ନିଲ ନୀଳାଙ୍କ କହିବାନୁଯାୟୀ, ସିଗନାଲ ତ୍ରୁଟି ଯୋଗୁଁ ଏହି ବିଭ୍ରାଟ ଘଟିଥିଲା । ଡିଭା ଜଙ୍କସନରେ ଡାଉନ ଫାଷ୍ଟ ଲାଇନ ଏବଂ ପଞ୍ଚମ ଲାଇନ ମଧ୍ୟରେ ୧୦୩ ନମ୍ବର ପଏଣ୍ଟରେ ସିଗନାଲିଂ ଓ ଟେଲିକମ୍ୟୁନିକେସନ ବ୍ୟବସ୍ଥାରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା । ଏହି କାରଣରୁ ଟ୍ରେନଟି ବାଟ ଭୁଲି ଯାଇଥିଲା ।

# ବିବାହ କଲେ ପିଭି ସିନ୍ଧୁ



ମୁମ୍ବାଇ,୨୩।୧୨ (ଏଜେନ୍ସି): ରାଜସ୍ଥାନର ଉଦୟପୁରରେ ହିନ୍ଦୁ ରୀତିନୀତି ଅନୁଯାୟୀ ବ୍ୟାଡମିଣ୍ଟନ ଷ୍ଟାର ପିଭି ସିନ୍ଧୁ ହାଇଦ୍ରାବର ଭେଙ୍କଟ ଦତ୍ତା ସାଇଙ୍କ ସହ ବିବାହ କରିଛନ୍ତି । ଭେଙ୍କଟ ପେସାରେ ଜଣେ ବିଜନେସ୍ ମ୍ୟାନ୍ । ସେ ପ୍ରୋସାଇଡେକ୍ସ ଟେକ୍ନୋଲଜିର ଏଗ୍ଜିକ୍ୟୁଟିଭ ଡାଇରେକ୍ଟର ଅଟନ୍ତି । ପିଭି ସିନ୍ଧୁ ଓ ଭେଙ୍କଟଙ୍କ ବିବାହ ବେଳର ଫଟୋ ଏବେ ସାମ୍ନାକୁ ଆସିଛି । ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ବିବାହରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱାତ ମଧ୍ୟ ସିନ୍ଧୁଙ୍କ ବିବାହକୁ ଆସିଥିଲେ । ଘନିଷ୍ଠ ବନ୍ଧୁବାନ୍ଧବଙ୍କ ସହ କିଛି ସେଲିବ୍ରିଟିଙ୍କୁ ପିଭି ସିନ୍ଧୁଙ୍କ ବିବାହକୁ ନିମନ୍ତ୍ରଣ କରାଯାଇଥିଲା । କେବଳ ସୀମିତ ଲୋକଙ୍କ ଉପସ୍ଥିତିରେ ଏହି ବିବାହ ସମ୍ପନ୍ନ ହୋଇଥିଲା । ମଙ୍ଗଳବାର ତାଙ୍କ ରିସେପ୍ସନ୍ ଅଛି । ଏଥିରେ ଅନେକ ସେଲେବ୍ରିଟି ସାମିଲ ହେବେ । ସିନ୍ଧୁ ମହାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ । ସେ ନିଜେ ଭେଙ୍କଟଙ୍କ ସହ ସଚିନଙ୍କ ଘରକୁ ଯାଇଥିଲେ । ସିନ୍ଧୁ ଏବଂ ଭେଙ୍କଟ ଉଦୟପୁରର ହୋଟେଲ ରାଫେଲରେ ବିବାହ କରିଥିଲେ । ବିବାହ ସମୟରେ ସିନ୍ଧୁ ଏକ ଗୋଲ୍ଡେନ୍ ଓ କ୍ରିମ୍ କଲରର ସ୍ୱତନ୍ତ୍ର ଶାଢ଼ି ପିନ୍ଧିଥିଲେ ।

## ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ୍

# ଅଶ୍ୱିନଙ୍କ ବଦଳରେ ତନୁସ କୋଟିଆନ




ମୁମ୍ବାଇ,୨୩।୧୨ (ଏଜେନ୍ସି): ତାଲିକାରେ ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ୟୁଜଭେନ୍ଦର ଚହଲ ରହିଥିଲେ ହେଁ ସମସ୍ତଙ୍କୁ ଚକିତ କରି ଜଣେ ଯୁବ ତାରକାଙ୍କୁ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଚୟନ କରାଯାଇଛି । ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ ଅଧାରୁ ଅବସର ଘୋଷଣା କରିଥିବା ରବିଚନ୍ଦ୍ରନ ଅଶ୍ୱିନ ସ୍ୱଦେଶ ଫେରି ଆସିଛନ୍ତି । ଏବେ ଅଷ୍ଟ୍ରେଲିଆ ବିପକ୍ଷ ବାକି ୨ଟି ଟେଷ୍ଟ ମ୍ୟାଚ୍ ପାଇଁ ଅଶ୍ୱିନଙ୍କ ବଦଳ ଖେଳାଳିଙ୍କୁ ଚୟନ କରାଯାଇଛି । ଅଶ୍ୱିନଙ୍କ ବଦଳରେ ଜଣେ ସ୍ପିନରଙ୍କୁ ଭାରତୀୟ ସ୍କ୍ୱାଡରେ ସାମିଲ କରାଯାଇଛି । ତାଲିକାରେ ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ୟୁଜଭେନ୍ଦର ଚହଲ ରହିଥିଲେ ହେଁ ସମସ୍ତଙ୍କୁ ଚକିତ କରି ଜଣେ ଯୁବ ତାରକାଙ୍କୁ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଚୟନ କରାଯାଇଛି । ରିପୋର୍ଟ ଅନୁସାରେ, ମୁମ୍ବାଇର ଯୁବ ଅଫ ସ୍ପିନର ତନୁଶ କୋଟିଆନଙ୍କୁ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଚୟନ କରାଯାଇଛି । ସେ ମଙ୍ଗଳବାର ଭାରତରୁ ଅଷ୍ଟ୍ରେଲିଆ ଉଡ଼ାଣ ଭରିବେ । ତନୁଶ ଏଯାଏ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନାହାନ୍ତି । ପ୍ରଥମ ଥର ପାଇଁ ତାଙ୍କୁ ଭାରତୀୟ ଟିମର ସ୍କ୍ୱାଡରେ ସାମିଲ କରାଯାଇଛି । ୨୬ ବର୍ଷୀୟ ତନୁଶ ୩୩ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୧୦୧ ୱିକେଟ ନେଇଛି । ୨୦ଟି ଲିଷ୍ଟ ଏ ମ୍ୟାଚରେ ତାଙ୍କର ୨୦ଟି ୱିକେଟ ରହିଛନ୍ତି । ଟି-୨୦ରେ ସେ ୩୩ଟି ମ୍ୟାଚ୍ରେ ୩୩ଟି ୱିକେଟ ନେଇଛନ୍ତି । ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ସେ ଭାରତୀୟ ଏ ଦଳ ସହ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଖେଳିଥିଲେ । ମେଲବର୍ଣ୍ଣରେ ସେ ୮ନଂରେ ବ୍ୟାଟିଂ କରି ୪୮ ରନ କରିଥିଲେ । ବିସିସିଆଇର ଜଣେ ଅଧିକାରୀ କହିଛନ୍ତି, ତନୁଶ କୋଟିଆନଙ୍କୁ ସ୍କ୍ୱାଡରେ ସାମିଲ କରାଯାଇଛି । ଯଦି ୱାଶିଂଟନ ସୁନ୍ଦର କିମ୍ବା ରବୀନ୍ଦ୍ର ଜାଡେଜା ଆହତ ହୁଅନ୍ତି, ତା'ହେଲେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିବ । ସୋମବାର ମୁମ୍ବାଇର ବିଜୟ ହଜାରେ ଟ୍ରଫି ଖେଳିଥିବା ବୋଲିଂ ଅଲରାଉଣ୍ଡର ତନୁଶ ହାଇଦ୍ରାବାଦ ବିପକ୍ଷରେ ୨ଟି ୱିକେଟ ନେବା ସହ ଅପରାଜିତ ୩୯ ରନର ଇନିଂସ ଖେଳିଛନ୍ତି ।

# ଅଷ୍ଟ୍ରେଲିଆ ଗସ୍ତରେ ଯିବେନି ସାମି




ମୁମ୍ବାଇ,୨୩।୧୨ (ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଅଭିଜ୍ଞ ବୋଲର ମହମ୍ମଦ ସାମିଙ୍କ ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରିଥିବା ପ୍ରଶଂସକଙ୍କ ପାଇଁ ଖରାପ ଖବର ସାମ୍ନାକୁ ଆସିଛି । ସାମି ଅଷ୍ଟ୍ରେଲିଆ ଗସ୍ତରେ ଯିବେ ନାହିଁ ।

ବିସିସିଆଇ ନିକଟରେ ଏହି ଦ୍ରୁତ ବୋଲରଙ୍କ ଫିଟନେସ୍ କୁ ନେଇ ଏକ ବଡ଼ ଅପଡେଟ୍ ସେୟାର କରିଛି, ଯେଉଁଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ସାମି ବର୍ଡର-ଗାଭାସ୍କର ଶୃଙ୍ଖଳାର ଶେଷ ଦୁଇଟି ମ୍ୟାଚ୍ ଖେଳିପାରିବେ ନାହିଁ ଏବଂ ତାଙ୍କ ପାଇଁ ଦଳରେ ଯୋଗ ଦେବାର କୌଣସି ସୁଯୋଗ ନାହିଁ । ୨୦୨୩ ବିଶ୍ୱକପ୍ ପରଠାରୁ ମହମ୍ମଦ ସାମି ଦଳବାହାରେ ଅଛନ୍ତି ଏବଂ ଏହା ପରେ ତାଙ୍କ ଗୋଡ଼ର ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା । ସାମି ଘରୋଇ କ୍ରିକେଟକୁ ଫେରିଛନ୍ତି କିନ୍ତୁ ବିସିସିଆଇ ଡାକ୍ତରୀ ଦଳ ତାଙ୍କ ଫିଟନେସରେ ସନ୍ତୁଷ୍ଟ ନୁହଁନ୍ତି । ବିସିସିଆଇ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସାମି ଏହି ଗୋଇଠି ସମସ୍ୟାରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତିଛ ନଭେମ୍ବରରେ ମଧ୍ୟପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ସାମି ୪୩ ଓଭର ବୋଲିଂ କରିଥିଲେ । ଏହାପରେ ସେ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି (ଏସଏମଏଟି)ର ସମସ୍ତ ୯ଟି ମ୍ୟାଚ୍ ଖେଳିଥିଲେ, ଯେଉଁଠାରେ ସେ ଅତିରିକ୍ତ ବୋଲିଂ ଅଧିବେଶନରେ ଅଂଶଗ୍ରହଣ କରି ନିଜର ବୋଲିଂ ଦକ୍ଷତା ବୃଦ୍ଧି କରିଥିଲେ । ତେବେ ତାଙ୍କ ବାମ ଆଣ୍ଠୁରେ ପୁଣିଥରେ ସାମାନ୍ୟ ଫୁଲା ଦେଖିବାକୁ ମିଳିଛି ।

# ସୋସାଇଟି ପ୍ରିମିୟର ଲିଗ୍: ଟ୍ରାଇଡେଣ୍ଟ୍ ଗାଲାକ୍ସି ବିଜେତା




ଭୁବନେଶ୍ୱର,୨୩।୧୨ (ସବ୍ୟୁ): କ୍ଷ୍ମଙ୍ଗର ଟୁଗେଦର ଚାରିଟେବଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ସୋସାଇଟି ପ୍ରିମିୟର୍ ଲିଗ୍ (ଏସ୍ପିଏଲ୍)ର ପଞ୍ଚମ ସଂସ୍କରଣରେ ଟ୍ରାଇଡେଣ୍ଟ୍ ଗାଲାକ୍ସି ବିଜେତା ହୋଇଛି । ଫାଇନାଲରେ ଏହି ଦଳ ୪ ୱିକେଟରେ ବିପୁଲ ଗାର୍ଡେନ୍ସକୁ ପରାସ୍ତ କରିଛି । ବିପୁଲ ଗାର୍ଡେନ୍ସ ନିର୍ଦ୍ଧାରିତ ୧୦ ଓଭରରେ ୮୯/୮ କରିଥିଲା । ଜବାବରେ ଟ୍ରାଇଡେଣ୍ଟ୍ ଗାଲାକ୍ସି ୯.୧ ଓଭରରେ ୬ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା । ବିଜେତା ଦଳର ତନ୍ମୟ ପରିଡ଼ା ଫାଇନାଲର ଏବଂ ପ୍ରିୟବ୍ରତ ଗୌତମ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଉଦ୍ଯାପନୀ ଉତ୍ସବରେ ଅତିଥି ଭାବେ ସମାଜସେବୀ ବିମଳେନ୍ଦୁ ପ୍ରଧାନ, ଭିଜିଆର୍ଡବ୍ଲ୍ୟୁଏ ସଭାପତି ଅଭିରାମ ଶତପଥୀ, ସନସାଇନ୍ ହସ୍ପିଟାଲ ନିର୍ଦ୍ଦେଶକ ଅୟଶକାନ୍ତ ମହାନ୍ତି, ଫାଇଭ୍ପୋଲ୍ଡ ରିନିୱାବେଲ ପ୍ରାଇଭେଟ୍ ଲିମିଟେଡ୍ ନିର୍ଦ୍ଦେଶକ ପଦ୍ମଲୋଚନ ସାହୁ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ପତ୍ରପଡ଼ା ଚାମ୍ପିଅନ

ଠାକୁରମୁଣ୍ଡା,୨୩।୧୨ (ସବ୍ୟୁ): ଠାକୁରମୁଣ୍ଡା ବ୍ଲକ ମୁଗପାଳ ଗ୍ରାମରେ ବାବା ବାରଖଣ୍ଡା ୟୁଥ କ୍ଲବ ଆନୁକୂଲ୍ୟରେ ୩ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୩୨ ଟି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ପତ୍ରପଡା ଏଫସି ଏବଂ ଦ୍ୱାରଶୁଣୀ ଏଫ ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିବାରୁ ପେନାଲଟି ସୁଟର ଉପଯୋବ କରାଯଇଥିଲା । ଏଥିରେ ପତ୍ରପଡା ବିଜୟ ଲାଭ କରି ଚାମ୍ପିଅନ ହୋଇଥିଲା। ଦ୍ୱାରଶୁଣୀ ରନର୍ସ ଅପ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ବଡ ପୁରୁଣାପାଣି ଏବଂ ଡ୍ରାଗନ ୨୧ ଏଫ ସି ଯଥାକ୍ରମେ ତୃତୀୟ ଓ ଚତୁର୍ଥ ହୋଇ ପୁରସ୍କାର ରାଶି ଗ୍ରହଣ କରିଥିଲେ । ୨୨ ସନ୍ଧ୍ୟାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ବିଜେତା ଦଳକୁ ପୁରସ୍କୃତ କରିବା ସହ ଉଦବୋଧନ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ, ମହୁଲଡିହା ଥାନାଧିକାରୀ ଅଶୋକ କୁମାର ପହି, ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ, ଡ଼ଃ.ଧୀରେନ୍ଦ୍ରାଚାର୍ଯ୍ୟ, ଚିଦାନନ୍ଦ ମହାରାଜ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ । ସମସ୍ତ ଅତିଥିଙ୍କୁ କ୍ଲବ ପକ୍ଷରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମା ଡୋକରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ



ଜୟପାଟଣା,୨୩।୧୨ (ସବ୍ୟୁ): ମର୍ଣିଂ କ୍ଲବ ଜୟପାଟଣା ପକ୍ଷରୁ ସ୍ଥାନୀୟ ଉମାଶଙ୍କର ହାଇସ୍କୁଲ ଖେଳପଡ଼ିଆରେ ଆୟୋଜିତ ମା ଡୋକରୀ ଫୁଟବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ଅବକାରୀ ବିଭାଗ ଅଧିକାରୀ ନରେନ୍ଦ୍ର ମିଞ୍ଜ, ମୁଖ୍ୟ ବକ୍ତା କ୍ରୀଡ଼ାବିତ୍ ପ୍ରକାଶ ଦୁରିଆ, ପୂର୍ବତନ କ୍ରୀଡାବିତ୍ ଜଗମୋହନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିବା ବେଳେ ବିକାଶ ସାହୁ ମଞ୍ଚ ପରିଚାଳନା କରିଥିଲେ । ମନୋଜ ରାଉତ ଖେଳର ଧାରା ବିବରଣୀ ସହ ଧନ୍ୟବାଦ୍ ଅର୍ପଣ କରିଥିଲେ । ଫାଇନାଲ ଖେଳରେ ବାନେର ଫୁଟବଲ୍ ଦଳ ୩-୦ ଗୋଲରେ ସୋଲବନ୍ଦ୍‌କୁ ହରାଇ ଚାମ୍ପିଅନ ହୋଇଥିଲା । ବଳଭଦ୍ର ପାତ୍ର,ଚକ୍ରଧର ଲେକ୍ରା ଟିମ୍ପୁ କୈବର୍ତ୍ତ ଟିମ୍ପୁ କୈବର୍ତ୍ତ ,ଖେଳ ପରିଚାଳନା କରିଥିଲେ । ଅନୁଷ୍ଠାନର କୃଷ୍ଣ ରାଉତ, ମାଗୁଣି ନିଆଲ,ଆଲୋକ କୈବର୍ତ୍ତ, ପିଣ୍ଟୁ କୈବର୍ତ୍ତ,ଆଶିଷ କୈବର୍ତ୍ତ ପ୍ରମୁଖ ସହଯୋଗ କରିଥିଲେ ।

## ବିନୋଦ କାମ୍ବଲି ଅସୁସ୍ଥ

ନୂଆଦିଲ୍ଲୀ,୨୩।୧୨ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର ବିନୋଦ କାମ୍ବଲି ଗତ କିଛି ଦିନ ହେବ ସ୍ୱାସ୍ଥ୍ୟ ଜନିତ ସମସ୍ୟା ନେଇ ସଂଘର୍ଷ କରୁଛନ୍ତି । ଆଜି କାମ୍ବଲିଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ଥରେ ବିଗିଡ଼ିଯାଇଛି । ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ତାଙ୍କୁ ଥାନେର ଆକୃତି ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେ ଚିକିତ୍ସିତ ହେଉଛନ୍ତି । ଡାକ୍ତରମାନଙ୍କ ଏକ ଟିମ ଏବେ ତାଙ୍କର ଚିକିତ୍ସା କରୁଛନ୍ତି । ନିକଟରେ ବିନୋଦ କାମ୍ବଲିଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏହି ଭିଡିଓରେ ସେ ସଚିନ ତେନ୍ଦୁଲକରଙ୍କ ସହ ନଜର ଆସିଥିଲେ, ଯେଉଁଥିରେ ସେ ବହୁତ ଅସୁସ୍ଥ ଦେଖାଯାଉଥିଲେ । ସେବେଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଅନେକ ଚିନ୍ତା ବଢ଼ିବାରେ ଲାଗିଛି । ସ୍ୱାସ୍ଥ୍ୟ ସମସ୍ୟା ସହ ବିନୋଦ କାମ୍ବଲିଙ୍କ ଆର୍ଥିକ ସ୍ଥିତି ମଧ୍ୟ ଭଲ ନାହିଁ । ନିକଟରେ ଜଣେ ପ୍ରଶଂସକ ବିନୋଦ କାମ୍ବଲିଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ସେୟାର କରିଥିଲେ ।

## ବେତନଟୀ ପ୍ରିମିୟର ଲିଗ୍

# ୧୧ ଷ୍ଟାର ମୋରଡା, ମା ଦୁର୍ଗା ଫାଇଟର ବିଜୟ

ବେତନଟୀ,୨୩।୧୨ (ସବ୍ୟୁ): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୧ ର ଷଷ୍ଠ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ ଟି ବାହାନଡା ଟାଇଗର ଓ ୧୧ ଷ୍ଟାର ମୋରଡା ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ଦାନି -୧୧ ଚିତ୍ରଡା ଓ ମା ଦୁର୍ଗା ଫାଇଟର ମଧ୍ୟରେ ହୋଇଥିଲା । ପ୍ରଥମ ମ୍ୟାଚରେ ୧୧ ଷ୍ଟାର ମୋରଡା ୧୯.୧ ଓଭରରେ ସମସ୍ତ ୱିକେଟ ହରାଇ ୧୩୯ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ଜବାବରେ ବାହାନଡା ଟାଇଗର ୧୭.୩ ଓଭରେରେ ସମସ୍ତ ୱିକେଟ ହରାଇ ୧୨୦ ରନ କରି ପରାଜୟ ବରଣ କରିଥିଲା । ୧୧ ଷ୍ଟାର ମୋରଡାର ରାଜେଶ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚରେ ଦାନି -୧୧ ନିର୍ଦ୍ଧାରିତ ୧୯.୧ ଓଭର ରେ ସମସ୍ତ ୱିକେଟ ହରାଇ ୧୧୦ ରନ ସଂଗ୍ରହ କରଥିଲା । ଜବାବରେ ମା ଦୁର୍ଗା ଫାଇଟର ୧୮.୪ ଓଭରରେ ୮ ୱିକେଟ ହରାଇ ୧୧୪ ରନ କରି ବିଜୟ ଲାଭ କରିଥିଲା । ଏଥିରେ ମା ଦୁର୍ଗା ଫାଇଟରର ଖେଳାଳି ରିଙ୍କୁ ପରିଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ଉଭୟ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚଙ୍କୁ ଶିକ୍ଷକ ହୃଷିକେଶ ମହାନ୍ତି ଓ ସମାଜସେବୀ ନିରଞ୍ଜନ ମହାନ୍ତି ପୁରସ୍କୃତ କରିଥିଲେ ।

# ଦେବେନ୍ଦ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ




ଢେଙ୍କାନାଳ,୨୩।୧୨(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଭୁବନ ହାଇସ୍କୁଲ ଖେଳପଡିଆରେ ୩୩ ତମ ସର୍ବ ଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି । ଆଜିର ଦ୍ୱିତୀୟ ମ୍ୟାଚ ବିଡାନାସୀ କ୍ରିକେଟ କ୍ଲବ କଟକ ବନାମ ୟୁନିକ କ୍ରିକେଟ କ୍ଲବ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୟୁନିକ କ୍ରିକେଟ କ୍ଲବ କେନ୍ଦୁଝର ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ମ୍ୟାଚରେ ୨୪ ଓଭର ଖେଳି ମୂଲ୍ୟବାନ ସମସ୍ତ ୱିକେଟ୍ ହରାଇ ୧୩୮ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସର୍ବାଧିକ ଆଶୁତୋଷ ସାହା ୨୧ଟି ବଲ ଖେଳି ୨୨ ରନ, ଋତୁରାଜ ମହାନ୍ତି ୨୩ ଟି ବଲ ଖେଳି ୨୧ ରନ, କଟକ ଦଳ ପକ୍ଷରୁ ସର୍ବାଧିକ ଚନ୍ଦ୍ରନାଥ ଦତ୍ତ ୪ ଓଭର ବୋଲିଂ କରି ୮ ରନ ଦେଇ ମୂଲ୍ୟବାନ ୩ ଟି ବିକେଟ ଅକ୍ତିଆର କରିଥିଲେ । ଜବାବରେ କଟକ ୧୩୮ ରନର ବିଜୟ ଲକ୍ଷକୁ ପିଛା କରି ନିର୍ଦ୍ଧାରିତ ୧୯ ଓଭର ଖେଳି ଦଳର ମୂଲ୍ୟବାନ ୬ ଟି ୱିକେଟ୍ ହରାଇ ୧୩୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ । ଦଳ ପକ୍ଷରୁ ସର୍ବାଧିକ ଚନ୍ଦ୍ରନାଥ ଦତ୍ତ ୧୩ ଟି ବଲ ଖେଳି ୨୯ ରନ କରିଥିଲେ ସେଥିରେ ୪ ଟି ୪ ଓ ୨ ଟି ବିଶାଳକାୟ ଛକା ସାମିଲ ଥିଲା । କେନ୍ଦୁଝର ପକ୍ଷରୁ ସର୍ବାଧିକ ବିଶ୍ୱଜିତ ଜେନା ୪ ଓଭର ବୋଲିଂ କରି ୨୬ ରନ ବ୍ୟୟରେ ମୂଲ୍ୟବାନ ୨ ଗୋଟି ବିକେଟ ଅକ୍ତିଆର କରିଥିଲେ । ଭୁବନ କପର ଦ୍ୱିତୀୟ ମ୍ୟାଚରେ ବିଡାନାସୀ କଟକ କେନ୍ଦୁଝରକୁ ୪ ୱିକେଟ ରେ ପରାସ୍ତ କରିଥିଲା । ଆଜିର ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଚନ୍ଦ୍ରନାଥ ଦତ୍ତ ବିବେଚିତ ହୋଇଥିଲେ । ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପୁରୀ ଗୋବର୍ଦ୍ଧନ ମଠର ମାତୃପ୍ରସାଦ ମିଶ୍ରଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ରାଜୀବ ଲୋଚନ ବେହେରା, ନିହାର ରଞ୍ଜନ ଧୀର ଯୋଗ ଦେଇଥିଲେ । ଦୁଇ ବରିଷ୍ଠ ଓସିଏ ପ୍ୟାନେଲ ଆମ୍ପାୟାର ସବ୍ୟସାଚୀ ସାହା ଓ ଜ୍ୟୋତି ପ୍ରକାଶ ମଲ୍ଲିକ ଖେଳ ପରିଚାଳନା କରିଥିଲେ । ଭୁବନ କ୍ରିକେଟ କ୍ଲବ ବରିଷ୍ଠ ସଦସ୍ୟ ଅମିତାଭ ସାହୁ ମଞ୍ଚ ପରିଚାଳନା କରିଥିଲେ ଓ ସୂର୍ଯ୍ୟ ପ୍ରକାଶ ରାଉତ ଧାରାବିବରଣୀ, ସ୍କୋରର ସଂଜୀବ କୁମାର ନାୟକ ଓ ପ୍ରଭାତ ମହାରଣା, ରୀକେଶ ପୃଷ୍ଟି, ସରୋଜ, ରାଜକିଶୋର ସ୍କୋରିଂ କରିଥିଲେ । ପ୍ରଥମ ସେମିଫାଇନାଲ ଉତ୍ତରପ୍ରଦେଶ ପ୍ରୟାଗରାଜ କ୍ରିକେଟ କ୍ଲବ ବନାମ ବିଡାନାସୀ କ୍ରିକେଟ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

ସୂଚନା
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି